# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ଶନିବାର, ନଭେମ୍ବର ୮/୨୦୨୫ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, November 8/2025 | Page 16 | ₹ 7.00

୫୧ଶ ଭାଗ ୩୪୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 342 | ମୂଲ୍ୟ ₹୭/-




**ମା' ହେଲେ କ୍ୟାଟ୍ରିନା**

ବଲିଉଡ ଅଭିନେତ୍ରୀ କ୍ୟାଟ୍ରିନା କୈଫ ମା' ହୋଇଛନ୍ତି। ସେ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିବା ସ୍ୱାମୀ ଭିକି କୌଶଳ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି।

୦୫

୧୬

**ରିବାକିନା ଫାଇନାଲରେ**

ଆମେରିକାର ଜେସିକା ପେଗୁଲାଙ୍କୁ ହରାଇ ଡବ୍ଲ୍ୟୁଟିଏ ଫାଇନାଲ୍ସର ଟାଇଟଲ ମ୍ୟାଚକୁ ଉନ୍ନୀତ ହୋଇଛନ୍ତି କାଜାଖସ୍ତାନର ଏଲିନା ରିବାକିନା ।



# ପରିବର୍ତ୍ତନ ପାଇଁ ନୂଆ ପ୍ରୟୋଗ ଜରୁରୀ: ଗଡ଼କରୀ



ଜନତା ମଇଦାନଠାରେ ଶୁକ୍ରବାର ଇଣ୍ଡିଆନ ରୋଡ୍ସ କଂଗ୍ରେସର ୮୪ତମ ବାର୍ଷିକ ଅଧିବେଶନ ଅବସରରେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଚାନ୍ଦି ତାରକସିରେ ନିର୍ମିତ କୋଣାର୍କ ଚକ୍ରର ଉପହାର ପ୍ରଦାନ କରୁଛନ୍ତି। ନିକଟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉନ୍ନୟନ କମିଶନର ଅନୁ ଗର୍ଗ ଉପସ୍ଥିତ ଅଛନ୍ତି। (ଫଟୋ-ବିକାଶ ନାୟକ)

ଭାରତର ସଡ଼କ ପରିବହନ ନେଟ୍‌ୱର୍କ ବିଶ୍ୱର ସବୁଠାରୁ ବୃହତ୍ ଓ ବ୍ୟସ୍ତବହୁଳ। ପ୍ରତିବର୍ଷ ସଡ଼କରେ ୮.୨୨୫ ବିଲିୟନ ଯାତ୍ରୀ ଯିବାଆସିବା କରୁଥିବାବେଳେ ୯୮୦ ମିଲିୟନ ଟନ୍ ମାଲ୍ ପରିବହନ ହୋଇଥାଏ। ଦେଶର ସଡ଼କ ଅତ୍ୟଧିକ ମାତ୍ରାରେ ବ୍ୟବହାର ହେଉଥିବାରୁ ଏହାର ରୋଡ୍ ଇଞ୍ଜିନିୟରିଂ ସର୍ବଦା ଚର୍ଚ୍ଚାରେ ଥାଏ। ଶୁକ୍ରବାର ଭୁବନେଶ୍ୱରସ୍ଥିତ ଜନତା ମଇଦାନଠାରେ ଇଣ୍ଡିଆନ ରୋଡ୍ସ କଂଗ୍ରେସ(ଆଇଆର୍‌ସି)ର ୮୪ତମ ବାର୍ଷିକ ଅଧିବେଶନ ଆରମ୍ଭ ହୋଇଛି। ରାଷ୍ଟ୍ରୀୟ ସଂଯୋଗର ରୂପରେଖ ପ୍ରସ୍ତୁତ କରିବା ପାଇଁ ବିଶେଷଜ୍ଞ, ଯନ୍ତ୍ରୀ ଓ ନୀତି ପ୍ରଣେତାଙ୍କ ଏହି ମହାସମ୍ମେଳନକୁ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରି ଉଦ୍‌ଘାଟନ କରି ପରିବର୍ତ୍ତନ ପାଇଁ ନୂଆ ପ୍ରୟୋଗର ଆବଶ୍ୟକତା ରହିଥିବା କହିଛନ୍ତି।

- **ଡିପିଆର୍‌ରେ ତ୍ରୁଟି କାରଣରୁ ଯାଉଛି ଲକ୍ଷାଧିକ ଜୀବନ**
- **ଭୁବନେଶ୍ୱରରେ ଆଇଆରସିର ୮୪ତମ ଅଧିବେଶନ ଉଦ୍‌ଘାଟିତ**

ଭୁବନେଶ୍ୱର, ୭।୧୧ (ରବିନାରାୟଣ ଜେନା)

ସଡ଼କ ଯୋଗାଯୋଗ ଭିତ୍ତିଭୂମି କ୍ଷେତ୍ରରେ ପ୍ରଯୁକ୍ତି, ଗବେଷଣା ଏବଂ ନବସୃଜନ ଲାଗି ବର୍ତ୍ତମାନ ହିଁ ପ୍ରକୃଷ୍ଟ ସମୟ। ଭାରତ ଏବେ ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥବ୍ୟବସ୍ଥା। ଭାରତର ବିକାଶଧାରାକୁ ତ୍ୱରାନ୍ୱିତ କରିବା ଲାଗି ଆମେ ନୂତନ ପଦ୍ଧତି ଓ ସଫଳ ପ୍ରୟୋଗ କରିବାକୁ ଚାହୁଁଛୁ। ଏଥିପାଇଁ କାର୍ଯ୍ୟଧାରା, ମାର୍ଗଦର୍ଶିକା ଏବଂ ଡିଜାଇନ୍ ପ୍ରଣାଳୀକୁ ପ୍ରୋତ୍ସାହିତ ☞ପୃଷ୍ଠା-୪

## ସମୃଦ୍ଧ ଓଡିଶା ପାଇଁ ହେଉଛି ମାଷ୍ଟର ପ୍ଲାନ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୭।୧୧ (ରବିନାରାୟଣ ଜେନା)

ଆଗାମୀ ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଓଡ଼ିଶାର ଅର୍ଥନୀତିକୁ ମଜଭୁତ୍ କରୁଛୁ। ଏଥିପାଇଁ ଆମ ସରକାର ବନ୍ଦର, ସଡ଼କ, ରେଳ ଏବଂ ବିମାନ ଚଳାଚଳ କ୍ଷେତ୍ରର ବିକାଶ ଦିଗରେ ଉଦ୍ୟମ ଅବ୍ୟାହତ ରଖିଛନ୍ତି। ଓଡ଼ିଶା ଷ୍ଟେଟ୍ ରୋଡ୍ ପଲିସି-୨୦୨୫ ଏବଂ ଓଡ଼ିଶା ଷ୍ଟେଟ୍ ହାଇୱେ ଅଥୋରିଟି ଆକ୍ଟ-୨୦୨୫ ପ୍ରଣୟନ କରାଯାଇଛି। ସମୃଦ୍ଧ ଓଡ଼ିଶା ଗଠନ ପାଇଁ ବିସ୍ତୃତ ଭିତ୍ତିଭୂମିର ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ଶୁକ୍ରବାର ୮୪ତମ ଭାରତୀୟ ସଡ଼କ କଂଗ୍ରେସ ସମାବେଶରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ୨୦୨୫-୨୬ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ସ୍ୱାୟତ୍ତତା ପ୍ରାପ୍ତି**

# ଡିଜିଟାଲ ଆରେଷ୍ଟରେ ଫସିଲେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ

## ଦେଢ଼କୋଟି ଲୁଟିନେଲେ ସାଇବର ଠକ

ଭୁବନେଶ୍ୱର, ୭।୧୧(ସତ୍ୟଜିତ ରାଉତ)

ରାଜଧାନୀରେ ସାଇବର ଅପରାଧର ଏକ ଚାଞ୍ଚଲ୍ୟକର ଘଟଣା ଘଟିଛି। ସାଇବର ଠକମାନେ ଜଣେ ବରିଷ୍ଠ ନାଗରିକଙ୍କୁ ଡିଜିଟାଲ ଆରେଷ୍ଟ କରି ତାଙ୍କଠାରୁ ଦେଢ଼ କୋଟି ଟଙ୍କା ଲୁଟିନେଇଛନ୍ତି। ଠକେଇର ଶିକାର ବ୍ୟକ୍ତି ଜଣକ ହେଲେ ଶହୀଦନଗର ଥାନା ଅନ୍ତର୍ଗତ ଭିଏସ୍‌ଏସ୍‌ନଗର ହାଉସିଂବୋର୍ଡ କଲୋନୀରେ ରହୁଥିବା ବରିଷ୍ଠ ନାଗରିକ ତଥା ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ବିଜୟ କୁମାର ସାହୁ। ଏପରିକି ବିଜୟ ଓ ତାଙ୍କ ସ୍ତ୍ରୀଙ୍କୁ ଡିଜିଟାଲ ଆରେଷ୍ଟ କରାଯାଇଥିବା ଧମକ ଦେଇ ଅପରାଧୀମାନେ ଉଭୟଙ୍କୁ ୧୦ ଦିନ ଧରି ଗୃହବନ୍ଦୀ ରଖିଥିଲେ। ସାଇବର ଅପରାଧୀଙ୍କ ଦ୍ୱାରା ଏଭଳି ମାନସିକ ନିର୍ଯାତନାର ଶିକାର ହୋଇ ଘରେ ବନ୍ଦୀ ଥିବା ଦମ୍ପତିଙ୍କୁ କମିଶନରେଟ୍ ପୋଲିସ ଉଦ୍ଧାର କରିବା ପରେ ଶୁକ୍ରବାର ଘଟଣା

- **୧୦ଦିନ ଧରି ଗୃହବନ୍ଦୀ ଥିବା ଦମ୍ପତିଙ୍କୁ ଉଦ୍ଧାର କଲା ପୋଲିସ**
- **ଭୁବନେଶ୍ୱର ସାଇବର ଥାନାରୁ କ୍ରାଇମବ୍ରାଞ୍ଚକୁ ଗଲା ମାମଲା**

ପଦାକୁ ଆସିଛି। ଗୁରୁବାର ରାତିରେ ବିଜୟ ଏନେଇ ଭୁବନେଶ୍ୱର ସାଇବର କ୍ରାଇମ ଓ ଅର୍ଥନୈତିକ ଅପରାଧ ଥାନାରେ ଅଭିଯୋଗ କରିଥିଲେ। ତେବେ ଠକେଇର ପରିମାଣ ଢ଼େର ଅଧିକ ଥିବାରୁ ସାଇବର ଥାନା ପକ୍ଷରୁ ଏହି ମାମଲାକୁ କ୍ରାଇମବ୍ରାଞ୍ଚକୁ ଟ୍ରାନ୍ସଫର୍ କରିଦିଆଯାଇଛି। କ୍ରାଇମବ୍ରାଞ୍ଚର ସାଇବର ଥାନା ପକ୍ଷରୁ ଏ ସମ୍ପର୍କରେ ମାମଲା ରୁଜୁ କରାଯାଇ ଘଟଣାର ଛାନଭିନ୍ ଆରମ୍ଭ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ☞ପୃଷ୍ଠା-୪

**ଦିଲ୍ଲୀ ଏୟାରପୋର୍ଟ ଏଟିସିରେ ବୈଷୟିକ ତ୍ରୁଟି** | **୮୦୦ ବିମାନ ବିଳମ୍ବିତ, ୨୦ ବାତିଲ** ପୃଷ୍ଠା-୨






ଆମେରିକା ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ସର ପୂର୍ବତନ ସ୍ପିକର ନାନ୍ସି ପେଲୋସି କଂଗ୍ରେସରୁ ଅବସର ନେଇଛନ୍ତି। ସେ ୟୁଏସ୍ ହାଉସ୍‌କୁ ପୁନର୍ବାର ନିର୍ବାଚିତ ହେବାକୁ ଚାହୁଁ ନ ଥିବା ଗୁରୁବାର ଘୋଷଣା କରିଥିଲେ। ପେଲୋସି ହାଉସ୍‌ର କେବଳ ପ୍ରଥମ ମହିଳା ସ୍ପିକର ନୁହନ୍ତି, ଆମେରିକା ରାଜନୀତିରେ ସେ ଅନ୍ୟତମ ପ୍ରଭାବଶାଳୀ ନେତ୍ରୀ। ପାଖାପାଖି ୪୦ ବର୍ଷ ଧରି ସେ ସାନ୍ ଫ୍ରାନ୍ସିସ୍କୋରୁ ପ୍ରତିନିଧିତ୍ୱ କରିଆସୁଥିଲେ।

## ସଂକ୍ଷେପରେ

### ଆସନ୍ତାବର୍ଷ ଭାରତ ଆସିପାରନ୍ତି ଟ୍ରମ୍ପ

ୱାଶିଂଟନ୍,୭।୧୧

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆସନ୍ତାବର୍ଷ ଭାରତ ଗସ୍ତରେ ଆସିପାରନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସେ ବନ୍ଧୁ ଓ ଜଣେ ମହାନ ବ୍ୟକ୍ତି ବୋଲି କହିଛନ୍ତି। ସେ ଭାରତ ଆସିବା ମୋଦି ଚାହାନ୍ତି ବୋଲି ଟ୍ରମ୍ପ ସୂଚନା ଦେଇଛନ୍ତି। ଏଥିପାଇଁ ଆମେ ଏକାଠି ଆଲୋଚନା କରି ସ୍ଥିର କରିବୁ। ମୋଦିଙ୍କ ସହ ଏକ ବଡ଼ ଭ୍ରମଣ ହେବ ବୋଲି ଗୁରୁବାର ଓଭାଲ ଅଫିସ୍‌ରେ ଏକ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଟ୍ରମ୍ପ କହିଛନ୍ତି। ନୂଆଦିଲ୍ଲୀରେ କ୍ୱାଡ୍ ସମିଟ୍ ଆୟୋଜିତ ହେବାକୁ ଯାଉଥିବାବେଳେ ସେଥିରେ ଆମେରିକା, ଅଷ୍ଟ୍ରେଲିଆ ଓ ଜାପାନର ନେତାମାନେ ଯୋଗଦେବେ। ତେବେ ଏହି ସମିଟ୍‌ର ତାରିଖ ଏପର୍ଯ୍ୟନ୍ତ ଘୋଷଣା ହୋଇନାହିଁ। ଭାରତ ରୁଷିଆରୁ ତେଲ କିଣିବା ବନ୍ଦ କରିଦେଇଛି ବୋଲି ଏହି ଅବସରରେ ଟ୍ରମ୍ପ କହିଛନ୍ତି।

### ପୋଲିସ ଏସ୍‌ଆଇଙ୍କୁ ପିଟି ହତ୍ୟା

ଚଣ୍ଡିଗଡ଼,୭।୧୧

ହରିୟାଣା ପୋଲିସରେ ସବ୍‌ଇନ୍ସପେକ୍ଟର ଥିବା ରମେଶ କୁମାରଙ୍କୁ ତାଙ୍କ ହିସାରସ୍ଥିତ ଘର ବାହାରେ କେତେକ ଦୁର୍ବୃତ୍ତ ପିଟି ହତ୍ୟା କରିଛନ୍ତି। ଗୁରୁବାର ମଧ୍ୟରାତ୍ରରେ ଉକ୍ତ ଯୁବକମାନେ ସବ୍‌ଇନ୍ସପେକ୍ଟରଙ୍କ ଘର ପାଖରେ ହୋହଲ୍ଲା କରି ଅଶାନ୍ତିକର ସ୍ଥିତି ସୃଷ୍ଟି କରୁଥିବାରୁ ସେ ସେମାନଙ୍କୁ ଅଟକାଇବାକୁ ଉଦ୍ୟମ କରିଥିଲେ। ଖରାପ ଭାଷା ପ୍ରୟୋଗ ନ କରିବାକୁ ସେ ଯୁବକମାନଙ୍କୁ ପରାମର୍ଶ ଦେଇଥିଲେ। ପ୍ରଥମେ ସେମାନେ ଘଟଣାସ୍ଥଳରୁ ପଳାଇଥିଲେ। କିଛି ସମୟ ପରେ ସେମାନେ କାର୍ ଏବଂ ବାଇକ୍ ଯୋଗେ ଆସି କୁମାରଙ୍କ ଘର ଆଗରେ ପୁଣି ହୋହଲ୍ଲା କରିଥିଲେ। କୁମାର ହସ୍ତକ୍ଷେପ କରିବାରୁ ସେମାନେ ଗାଳିଗୁଲଜ କରିବା ସହ ଇଟା ଓ ଲାଠିରେ ଆକ୍ରମଣ କରିଥିଲେ। ସେମାନଙ୍କ ମାଡ଼ରେ କୁମାରଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ହିସାରର ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ (ଏଡିଜିପି)ଙ୍କ କାର୍ଯ୍ୟାଳୟରେ ପୋଷ୍ଟିଂ ହୋଇଥିବା ୫୭ ବର୍ଷୀୟ କୁମାର ଆସନ୍ତାବର୍ଷ ଜାନୁଆରୀରେ ଅବସର ନେଇଥାନ୍ତେ। ପୋଲିସ ହତ୍ୟା ମାମଲା ରୁଜୁ କରିବା ସହ ଆକ୍ରମଣକାରୀ ବ୍ୟବହାର କରିଥିବା ଗାଡ଼ିକୁ ଜବତ କରିଛି।

### ଇଣ୍ଡୋନେସିଆ ମସ୍‌ଜିଦରେ ବିସ୍ଫୋରଣ: ୫୫ ଆହତ

ଜାକର୍ତ୍ତା,୭।୧୧

ଇଣ୍ଡୋନେସିଆ ରାଜଧାନୀ ଜାକର୍ତ୍ତାର ଏକ ହାଇସ୍କୁଲ୍ ପରିସରରେ ଥିବା ମସ୍‌ଜିଦରେ ଶୁକ୍ରବାର ନମାଜ ପାଠ ବେଳେ ଏକାଧିକ ବିସ୍ଫୋରଣ ହୋଇଛି। ବିସ୍ଫୋରଣରେ ମସ୍‌ଜିଦ ଦୋହଲିଯିବା ସହ ଅନ୍ୟୂନ ୫୫ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଅଧିକାଂଶ ଛାତ୍ର ଥିବା ଜଣାପଡ଼ିଛି। ପୋଲିସ ଘଟଣାର ତଦନ୍ତ ଚଳାଇଥିବାରୁ ଏହାକୁ ଆତଙ୍କବାଦୀ ଆକ୍ରମଣ କହି ଗୁଜବ ପ୍ରଚାର ନ କରିବାକୁ ଲୋକଙ୍କୁ ପରାମର୍ଶ ଦେଇଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ଜାକର୍ତ୍ତାର ଉତ୍ତରଭାଗରେ ଥିବା କେଲାପା ଗେଡିଂସ୍ଥିତ ନୌସେନା କମ୍ପାଉଣ୍ଡ ମଧ୍ୟରେ ଏସ୍‌ଏମ୍‌ଏ ୨୭ ସରକାରୀ ହାଇସ୍କୁଲ୍ ରହିଛି। ଏହା ପରିସରରେ ଥିବା ମସ୍‌ଜିଦରେ ମଧ୍ୟାହ୍ନ ସମୟରେ ପ୍ରବଚନ ଆରମ୍ଭ ହୋଇଥିଲା। ଏହି ସମୟରେ ମସ୍‌ଜିଦ ଭିତରେ ଓ ବାହାରେ ୨ଟି ବଡ଼ ବିସ୍ଫୋରଣର ଶବ୍ଦ ଶୁଭିବା ସହ ଧୂଆଁରେ ମସ୍‌ଜିଦ ଭର୍ତ୍ତି ହୋଇଯାଇଥିଲା। ଛାତ୍ରୀଛାତ୍ର ଓ ଅନ୍ୟମାନେ ଭୟରେ ଧାଁଦୌଡ଼ କରିଥିଲେ। ବିସ୍ଫୋରଣର କାରଣ ତୁରନ୍ତ ଜଣାପଡ଼ି ନ ଥିବାବେଳେ ମସ୍‌ଜିଦରେ ଲାଗିଥିବା ଡାକବାଜି ଯନ୍ତ୍ରରୁ ଏଭଳି ବିସ୍ଫୋରଣ ହୋଇଥାଇପାରେ ବୋଲି ପୋଲିସ କହିଛି। ଆହତମାନଙ୍କ ମଧ୍ୟରୁ ୩୫ ଜଣଙ୍କୁ ଚିକିତ୍ସା ପରେ ଛାଡ଼ିଦିଆଯାଇଥିବାବେଳେ ଗୁରୁତର ଥିବା ୨୦ ଜଣ ଏବେବି ଚିକିତ୍ସିତ ହେଉଛନ୍ତି।



ରାଷ୍ଟ୍ରୀୟ ଗୀତ 'ବନ୍ଦେ ମାତରମ୍'ର ୧୫୦ତମ ବର୍ଷପୂର୍ତ୍ତି ଅବସରରେ କୋଲକାତାରେ ଆୟୋଜିତ ରାଲିରେ କଳାକାରମାନେ।

# ବିବାଦରେ ବନ୍ଦେ ମାତରମ୍

**ଊନବିଂଶ ଶତାବ୍ଦୀରେ ଭାରତର ଅନ୍ୟତମ ସର୍ବାଧିକ ପ୍ରଭାବଶାଳୀ ଚିନ୍ତକ ତଥା ବଙ୍ଗାଳୀ ଲେଖକ ବଙ୍କିମ ଚନ୍ଦ୍ର ଚାଟାର୍ଜୀ ୧୮୭୫ ନଭେମ୍ବର ୭ରେ ଏକ କବିତା ଲେଖିଥିଲେ, ଯାହାକି ପରବର୍ତ୍ତୀ ସମୟରେ ଦେଶମାତୃକାକୁ ବ୍ରିଟିଶ୍ ଉପନିବେଶ ଶାସନରୁ ମୁକ୍ତ କରିବା ସକାଶେ ସ୍ୱାଧୀନତା ସଂଗ୍ରାମୀଙ୍କ ପାଇଁ ଆନ୍ଦୋଳନର ଘୋଷ ପାଲଟିଥିଲା। ସେହି ୬ ପଂକ୍ତିର ଗୀତ ୧୮୮୨ରେ 'ଆନନ୍ଦମଠ' ଉପନ୍ୟାସରେ 'ବନ୍ଦେ ମାତରମ୍' ରୂପେ ଆତ୍ମପ୍ରକାଶ କରିଥିଲା। ବର୍ତ୍ତମାନ ୧୫୦ ବର୍ଷ ପୁରୁଣା ଏହି ରାଷ୍ଟ୍ରଗୀତ ଭାଜପା ଓ କଂଗ୍ରେସ ମଧ୍ୟରେ ବିବାଦର କେନ୍ଦ୍ରବିନ୍ଦୁ ପାଲଟିଯାଇଛି। ୧୯୩୭ରେ କଂଗ୍ରେସର ଫରିଦାବାଦ୍ ଅଧିବେଶନ ବେଳେ 'ବନ୍ଦେ ମାତରମ୍'ରୁ ଗୁରୁତ୍ୱପୂର୍ଣ୍ଣ ପଂକ୍ତିକୁ ହଟାଇ ଦିଆଯାଇଥିଲା ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଅଭିଯୋଗ ଆଣି ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କୁ ଟାର୍ଗେଟ କରିବା ପରେ ଏହି ପ୍ରସଙ୍ଗରେ ଶାସକ ଓ ବିରୋଧୀ ଦଳ ମୁହାଁମୁହିଁ ହୋଇଛନ୍ତି।**



### ୧୯୩୭ରେ କଂଗ୍ରେସ ହଟାଇଥିଲା ଗୁରୁତ୍ୱପୂର୍ଣ୍ଣ ପଂକ୍ତି: ମୋଦି

ନୂଆଦିଲ୍ଲୀ,୭।୧୧

ରାଷ୍ଟ୍ର ଆରାଧନାର ସଙ୍ଗୀତ 'ବନ୍ଦେ ମାତରମ୍'କୁ ୧୫୦ ବର୍ଷ ପୂରିଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ନୂଆଦିଲ୍ଲୀସ୍ଥିତ ଇନ୍ଦିରା ଗାନ୍ଧୀ ଇନ୍‌ଡୋର ଷ୍ଟାଡିୟମ୍‌ରେ ବର୍ଷବ୍ୟାପୀ ସାରା ଦେଶରେ ଚାଲିବାକୁ ଥିବା କାର୍ଯ୍ୟକ୍ରମର ଉଦ୍‌ଘାଟନ କରି ଏକ ସ୍ମରଣିକା ଡାକଟିକଟ ଓ ମୁଦ୍ରା ଉନ୍ମୋଚନ କରିଛନ୍ତି। ପ୍ରଧାନମନ୍ତ୍ରୀ ନିଜ ବକ୍ତବ୍ୟରେ କହିଛନ୍ତି, 'ବନ୍ଦେ ମାତରମ୍' ପ୍ରତ୍ୟେକ ଭାରତୀୟଙ୍କ ଭାବନାକୁ ପ୍ରତିଫଳିତ କରି ସ୍ୱାଧୀନତା ସଂଗ୍ରାମର ସ୍ୱର ପାଲଟିଥିଲା। କିନ୍ତୁ ଦୁର୍ଭାଗ୍ୟବଶତଃ ୧୯୩୭ରେ ରାଷ୍ଟ୍ରଗୀତ 'ବନ୍ଦେ ମାତରମ୍'ରୁ ଗୁରୁତ୍ୱପୂର୍ଣ୍ଣ ପଂକ୍ତିଗୁଡ଼ିକୁ ହଟାଇ ଦିଆଯାଇଥିଲା। ଏହାର ଆତ୍ମାରୁ ଏକ ବିଶେଷ ଅଂଶକୁ କାଟି ଦିଆଯାଇଥିଲା, ଯାହାକି ଦେଶ ବିଭାଜନର ମଞ୍ଜି ବୁଣିଥିଲା। ଏଭଳି ବିଭାଜନବାଦୀ ମାନସିକତା ଆଜି ମଧ୍ୟ ଦେଶ ସମ୍ମୁଖରେ ଏକ ଆହ୍ୱାନ ରୂପେ ଛିଡ଼ା ହୋଇଛି। ରାଷ୍ଟ୍ର ନିର୍ମାଣର ଏହି ମହାମନ୍ତ୍ର ସହ କାହିଁକି ଏପରି ଅନ୍ୟାୟ କରାଯାଇଥିଲା ତାହା ଆଜିର ପିଢ଼ି ଜାଣିବା ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି, 'ବନ୍ଦେ ମାତରମ୍' ପ୍ରତ୍ୟେକ ଯୁଗରେ ପ୍ରାସଙ୍ଗିକ ହୋଇ ରହିବ। 'ଅପରେଶନ୍ ସିନ୍ଦୂର'ର ଅବତାରଣା କରି ମୋଦି କହିଛନ୍ତି, ଯେତେବେଳେ ଶତ୍ରୁପକ୍ଷ ଭାରତର ନିରାପତ୍ତା ଓ ସମ୍ମାନକୁ ଆତଙ୍କବାଦ ଜରିଆରେ ଆକ୍ରମଣର ଦୁଃସାହସ କଲା, ସାରା ବିଶ୍ୱ ଦେଖିଲା ଯେ ମାନବଜାତିର ସେବାରେ ନ୍ୟୁ ଇଣ୍ଡିଆ 'କମଳା ଓ ବିମଳା'ଙ୍କ ପ୍ରାଣଶକ୍ତିକୁ ଧାରଣ କରିଛି। କେବଳ ଏତିକି ନୁହେଁ, ଆତଙ୍କବାଦର ବିନାଶ ପାଇଁ ଭାରତ ଦଶଭୁଜା ଦୁର୍ଗା ପାଲଟି ଅସ୍ତ୍ରରେ ଶତ୍ରୁଙ୍କ ସଂହାର କରିଛି। ଏହି ଗୀତ ଅନେକ ପିଢ଼ିକୁ ଉତ୍ସାହିତ କରିଆସିଛି। ଯୁବପିଢ଼ିକୁ ବିଭ୍ରାନ୍ତ ଉଦ୍ୟମ କରାଯାଉଥିଲେ ମଧ୍ୟ ସେମାନେ ବିକଶିତ ଭାରତ ନିର୍ମାଣ ଉପରେ ଧ୍ୟାନ ଦେବା ଉଚିତ। ନକାରାତ୍ମକ ଦୃଷ୍ଟିଭଙ୍ଗୀର ଲୋକେ ଆମ ମନରେ ସନ୍ଦେହ ସୃଷ୍ଟି ଉଦ୍ୟମ କରିପାରନ୍ତି। ଏଭଳି ସମୟରେ 'ବନ୍ଦେ ମାତରମ୍' ଆମକୁ ଉତ୍ସାହ ଦେବ। ୧୪୦ କୋଟି ପିଲାଙ୍କ ଭାରତମାତା ଦୁର୍ବଳ ହୋଇ ନ ପାରେ। ଭାରତମାତାର ୨୮୦ କୋଟି ହାତ ରହିଛି। ଏହାର ୬୦%ରୁ ଅଧିକ ପିଲା ହେଉଛନ୍ତି ଯୁବତୀଯୁବକ। ଆମ ପାଇଁ କିଛି ଅସମ୍ଭବ ନୁହେଁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏହା ପୂର୍ବରୁ ଭାଜପା ମୁଖପାତ୍ର ସିଆର୍ କେଶବନ୍ 'ବନ୍ଦେ ମାତରମ୍'ରୁ ଦେବୀ ଦୁର୍ଗାଙ୍କ ସମ୍ପର୍କିତ ପଂକ୍ତିକୁ ନେହେରୁ ଓ କଂଗ୍ରେସ ସେମାନଙ୍କ ବିଭାଜନବାଦୀ କାର୍ଯ୍ୟସୂଚୀକୁ ଚରିତାର୍ଥ କରିବା ପାଇଁ ହଟାଇଦେଇଥିବା ଅଭିଯୋଗ ଆଣିଥିଲେ। ତେବେ ଆସନ୍ତା ବର୍ଷ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାରୁ ଭାଜପା ଜାଣିଶୁଣି ଦୁର୍ଗାଙ୍କ କଥା ଉଠାଉଛି ବୋଲି ବିରୋଧୀ ସମାଲୋଚନା କରିଛନ୍ତି।

**୧୯୫୦ ଜାନୁଆରୀ ୨୪ରେ ଭାରତର ସମ୍ବିଧାନ ସଭା ଆନୁଷ୍ଠାନିକ ଭାବେ 'ବନ୍ଦେ ମାତରମ୍'କୁ ଜାତୀୟ ଗୀତ ରୂପେ ଗୃହୀତ କରିଥିଲା। ବିଭିନ୍ନ ସୂତ୍ର ଅନୁଯାୟୀ ବର୍ତ୍ତମାନ ଗାନ କରାଯାଉଥିବା 'ବନ୍ଦେ ମାତରମ୍' ହେଉଛି ଏହାର ମୂଳ ୬ ପଂକ୍ତିର ପ୍ରଥମ ୨ଟି ପଂକ୍ତି। ୧୯୩୭ରେ ମୌଲାନା ଅବୁଲ କାଲାମ ଆଜାଦ, ଜବାହରଲାଲ ନେହେରୁ, ସୁଭାଷ ଚନ୍ଦ୍ର ବୋଷ, ଆଚାର୍ଯ୍ୟ ନରେନ୍ଦ୍ର ଦେବ ଓ ରବୀନ୍ଦ୍ରନାଥ ଟାଗୋରଙ୍କ ସୁପାରିସ କ୍ରମେ ଏହି ପଂକ୍ତିଗୁଡ଼ିକୁ ରଖାଯାଇଥିଲା।**

### ୨ ପଂକ୍ତି ରଖିବାକୁ ଟାଗୋର ପରାମର୍ଶ ଦେଇଥିଲେ: ଖାର୍ଗେ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ବନ୍ଦେ ମାତରମ୍'କୁ ନେଇ କଂଗ୍ରେସକୁ ଟାର୍ଗେଟ କରିବା ପରେ ବିରୋଧୀ ଦଳ ଏହାର ଜବାବ ରଖିଛି। ଗୁରୁଦେବ ରବୀନ୍ଦ୍ରନାଥ ଟାଗୋରଙ୍କ ପରାମର୍ଶ କ୍ରମେ ରାଷ୍ଟ୍ରୀୟ ଗୀତକୁ ୨ଟି ପଂକ୍ତିରେ ସୀମିତ ରଖାଯାଇଥିଲା ବୋଲି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି। ଏଥିସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜ ମନ୍ତବ୍ୟ ପାଇଁ କ୍ଷମା ମାଗନ୍ତୁ ବୋଲି ଖାର୍ଗେ ଦାବି କରିଛନ୍ତି।

ରାଜ୍ୟ ସଭାର ବିରୋଧୀ ଦଳ ନେତା ଖାର୍ଗେ କହିଛନ୍ତି, ଭାଜପା ଓ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) 'ବନ୍ଦେ ମାତରମ୍'ର ୧୫୦ତମ ବର୍ଷପୂର୍ତ୍ତି ପାଳନ କରୁଥିବା କହୁଛନ୍ତି। କିନ୍ତୁ ସେମାନେ କେବେହେଲେ 'ବନ୍ଦେ ମାତରମ୍' ଗାନ କରନ୍ତି ନାହିଁ। ଆର୍‌ଏସ୍‌ଏସ୍ ଏହାର ଶାଖାଗୁଡ଼ିକରେ 'ବନ୍ଦେ ମାତରମ୍' କିମ୍ବା ଆମ ଜାତୀୟ ସଙ୍ଗୀତ 'ଜନ ଗଣ ମନ' ଗାନ କରେନାହିଁ। ଏହା ପରିବର୍ତ୍ତେ ସେମାନେ 'ନମସ୍ତେ ସଦା ବତ୍ସଲେ' ଗାନ କରି ରାଷ୍ଟ୍ରକୁ ନୁହେଁ, ବରଂ ନିଜ ସଙ୍ଗଠନକୁ ମହିମାମଣ୍ଡିତ କରନ୍ତି। ୧୯୨୫ରେ ସଂଘ 'ବନ୍ଦେ ମାତରମ୍' ଗାନ କରିବାକୁ ମନା କରିଦେଇଥିଲା। ଏହାର କୌଣସି ବହିରେ ବି ରାଷ୍ଟ୍ରୀୟ ଗୀତର ଉଲ୍ଲେଖ ନାହିଁ। ଆର୍‌ଏସ୍‌ଏସ୍ ଜାତୀୟ ପ୍ରତୀକକୁ ଅଣଦେଖା କରି ବ୍ରିଟିଶ୍‌ମାନଙ୍କ ସମର୍ଥକ ପାଲଟିଥିଲା ବୋଲି ଖାର୍ଗେ ପାଲଟା ଟାର୍ଗେଟ କରିଛନ୍ତି। ଖାର୍ଗେ ଆହୁରି କହିଛନ୍ତି, ଭାରତୀୟ ଜାତୀୟ କଂଗ୍ରେସ ଗର୍ବର ସହ 'ବନ୍ଦେ ମାତରମ୍'ର ଧ୍ୱଜାବାହକ ହୋଇ ରହିଆସିଛି। ୧୮୯୬ କଲିକତା ଅଧିବେଶନରେ କଂଗ୍ରେସର ତତ୍କାଳୀନ ଅଧ୍ୟକ୍ଷ ରହମାତୁଲ୍ଲା ସୟାନିଙ୍କ ନେତୃତ୍ୱରେ ଗୁରୁଦେବ ରବୀନ୍ଦ୍ରନାଥ ଟାଗୋର ଏହାକୁ ପ୍ରଥମ ଥର ପାଇଁ ସାର୍ବଜନୀନ ଭାବେ ଗାନ କରିଥିଲେ। ସେହି ସମୟରେ ଏହା ସ୍ୱାଧୀନତା ସଂଗ୍ରାମରେ ନୂଆ ପ୍ରାଣ ଭରିଦେଇଥିଲା ବୋଲି ଖାର୍ଗେ କହିଛନ୍ତି।



ବନ୍ଦେ ମାତରମ୍ ରଚୟିତା ବଙ୍କିମଚନ୍ଦ୍ର ଚାଟାର୍ଜୀ



ଜବାହରଲାଲ ନେହେରୁ

### ଦେଶବ୍ୟାପୀ ଏସ୍‌ଆଇଆର୍‌କୁ ବିରୋଧ: ୧୧ରେ ଶୁଣାଣି

ନୂଆଦିଲ୍ଲୀ,୭।୧୧(ପି.ଟି.)



ଦେଶବ୍ୟାପୀ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ନିମନ୍ତେ ନିର୍ବାଚନ କମିଶନ (ଇସି)ଙ୍କ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ଦାଏର ପିଟିଶନ୍‌ଗୁଡ଼ିକର ଶୁଣାଣି ଆସନ୍ତା ୧୧ ତାରିଖରେ କରିବା ପାଇଁ ସୁପ୍ରିମକୋର୍ଟ ଶୁକ୍ରବାର ରାଜି ହୋଇଛନ୍ତି। ଏହି ପ୍ରସଙ୍ଗ ଗଣତନ୍ତ୍ରର ମୂଳ ସହ ଜଡ଼ିତ ବୋଲି ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମସ୍ ପକ୍ଷରୁ ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ କହିବା ପରେ ନଭେମ୍ବର ୧୧ରୁ ଶୁଣାଣି ଆରମ୍ଭ କରିବାକୁ ଜଷ୍ଟିସ ସୂର୍ଯ୍ୟକାନ୍ତ ବଂ ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ ସହମତ ହୋଇଥିଲେ। ବିଭିନ୍ନ ରାଜ୍ୟରେ ଏସ୍‌ଆଇଆର୍ ଆରମ୍ଭ ହୋଇଯାଇଥିବାରୁ ପିଟିଶନଗୁଡ଼ିକର ତ୍ୱରିତ୍ ଶୁଣାଣି ଜରୁରୀ ବୋଲି ପ୍ରଶାନ୍ତ କହିଥିଲେ। ବିହାରରେ ଏସ୍‌ଆଇଆର୍ ପରିଚାଳନା ଲାଗି ନିର୍ବାଚନ କମିଶନଙ୍କ ନିଷ୍ପତ୍ତିର ବୈଧତାକୁ ଚ୍ୟାଲେଞ୍ଜ କରି ଦାଏର ପିଟିଶନଗୁଡ଼ିକର ଶୁଣାଣି ସୁପ୍ରିମକୋର୍ଟରେ ଜାରି ରହିଛି। ବିହାର ଏସ୍‌ଆଇଆର୍ ଠିକ୍ ବୋଲି ଇସି କହିବା ସହ ପିଟିଶନରମାନେ ରାଜନୈତିକ ଦଳ ଓ ଏନ୍‌ଜିଓ ହୋଇଥିବାରୁ ସେମାନେ ଏହି କାର୍ଯ୍ୟକୁ ବଦନାମ କରିବା ପଇଁ ମିଥ୍ୟା ଅଭିଯୋଗ ଆଣୁଛନ୍ତି ବୋଲି ଅଦାଲତଙ୍କୁ ଗତ ମାସ ୧୬ ତାରିଖରେ ଜଣାଇଥିଲେ। ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବା ପରେ ଜଣେ ହେଲେ ବି ଭୋଟର ଅଭିଯୋଗ ଦାଖଲ କରି ନ ଥିବା ନିର୍ବାଚନ କମିଶନ କହିଥିଲେ।

### କଲ୍ୟାଣ ବାନାର୍ଜୀଙ୍କ ଆକାଉଣ୍ଟରୁ ୫୬ ଲକ୍ଷ ଉଠାଇନେଲେ ସାଇବର ଠକ

କୋଲକାତା,୭।୧୧

ତୃଣମୂଳ କଂଗ୍ରେସ ଏମ୍‌ପି କଲ୍ୟାଣ ବାନାର୍ଜୀ ସାଇବର ଠକେଇର ଶିକାର ହୋଇଥିବା ଅଭିଯୋଗ କରିଛନ୍ତି। କଲ୍ୟାଣ ବିଧାୟକ ଥିବା ସମୟରୁ ରହିଥିବା ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ପ୍ରାୟ ୫୬ ଲକ୍ଷ ଟଙ୍କା ଉଠାଇ ନିଆଯାଇଛି। ଏନେଇ ବ୍ୟାଙ୍କ କର୍ତ୍ତୃପକ୍ଷ କୋଲକାତା ପୋଲିସର ସାଇବର କ୍ରାଇମ୍ ବିଭାଗରେ ଅଭିଯୋଗ ଦାଏର କରିଛନ୍ତି। ସୂତ୍ର ଅନୁଯାୟୀ, କଲ୍ୟାଣ ୨୦୦୧ରୁ ୨୦୦୬ ଆସାନସୋଲ୍ ସାଉଥ୍‌ରୁ ବିଧାୟକ ରହିଥିଲେ। ସେହି ସମୟରେ ସେ ଓ ଅନ୍ୟ ବିଧାୟକମାନେ ଏକ ରାଷ୍ଟ୍ରାୟତ୍ତ ବ୍ୟାଙ୍କର ବିଧାନସଭା ଉପଶାଖାରେ ଆକାଉଣ୍ଟ ଖୋଲିଥିଲେ। ବିଧାୟକ ଭାବେ ତାଙ୍କୁ ମିଳୁଥିବା ଭତ୍ତା ଆଦି ଉକ୍ତ ଆକାଉଣ୍ଟରେ ଜମା ହେଉଥିଲା। ଉକ୍ତ ଆକାଉଣ୍ଟରୁ ଦୀର୍ଘଦିନ ହେବ କାରବାର ହୋଇ ନ ଥିବାବେଳେ ଠକମାନେ ଏହାର ଫାଇଦା ଉଠାଉଛନ୍ତି। ଏମ୍‌ପିଙ୍କ ଫଟୋ ଓ ମୋବାଇଲ ନମ୍ବର ବ୍ୟବହାର କରି ଉକ୍ତ ଡର୍ମାଟ ଆକାଉଣ୍ଟ ଜରିଆରେ ସାଇବର ଠକମାନେ ୫୬ ଲକ୍ଷ ଟଙ୍କା ଟ୍ରାନ୍ସଫର କରିଥିଲେ ଓ ପରେ ସମ୍ପୂର୍ଣ୍ଣ ଅର୍ଥକୁ ଉଠାଇ ନେଇଥିଲେ।

### ବର୍ଷୀୟାନ ଅଭିନେତ୍ରୀ ସୁଲକ୍ଷଣା ପଣ୍ଡିତଙ୍କ ପରଲୋକ

ମୁମ୍ବାଇ,୭।୧୧(ପି.ଟି.)

ବର୍ଷୀୟାନ ଅଭିନେତ୍ରୀ ତଥା ପ୍ରଚ୍ଛଦପଟ୍ଟ ଗାୟିକା ସୁଲକ୍ଷଣା ପଣ୍ଡିତଙ୍କର ଗୁରୁବାର ରାତିରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ତାଙ୍କୁ ୭୧ ବର୍ଷ ହୋଇଥିଲା। ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରିବାରୁ ତାଙ୍କୁ ମୁମ୍ବାଇର ନାନାବତୀ ହସ୍ପିଟାଲକୁ ନିଆଯାଇଥିଲା। ତେବେ ସେ ହସ୍ପିଟାଲରେ ପହଞ୍ଚିବା ପୂର୍ବରୁ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ୧୯୭୫ରେ ଚଳଚ୍ଚିତ୍ର ଦୁନିଆରେ ପ୍ରବେଶ କରିବା ସହ ଉଲ୍‌ଝନ ଚଳଚ୍ଚିତ୍ରରେ ସଞ୍ଜୀବ କୁମାରଙ୍କ



ବିପକ୍ଷରେ ଅଭିନୟ କରିଥିଲେ। ରାଜେଶ ଖାନ୍ନା, ଶଶୀ କପୁର ଏବଂ ବିନୋଦ ଖାନ୍ନାଙ୍କ ସମେତ ବହୁ ଶୀର୍ଷ ଅଭିନେତାଙ୍କ ସହ ସେ ଅଭିନୟ କରିଛନ୍ତି। ଉଲ୍‌ଝନେ ସମେତ ଚେହରେ ପେ ଚେହରା, ସଙ୍କୋଚ, ହେରାଫେରି, ଖାନଦାନ ଏବଂ ଧରମ କାଣ୍ଟା ଆଦି ଚଳଚ୍ଚିତ୍ରରେ ଅଭିନୟ ପାଇଁ ସୁଲକ୍ଷଣା ଜଣାଶୁଣା ଥିଲେ। ପ୍ରଚ୍ଛଦପଟ୍ଟ ଗାୟିକା ଭାବେ ସେ ଅନେକ ହିଟ୍ ଗୀତରେ କଣ୍ଠଦାନ କରିଛନ୍ତି। ସେଗୁଡ଼ିକ ମଧ୍ୟରେ ରହିଛି 'ତୁ ହି ସାଗର ତୁ ହି କିନାରା', 'ପରଦେଶିଆ ତେରେ ଦେଶ ମୈଁ', 'ବେକରାର ଦିଲ୍ ଟୁଟ୍ ଗୟା' ଏବଂ 'ବାନ୍ଧିରେ କାହେ ପ୍ରୀତ୍'।

### ୮୦୦ ବିମାନ ବିଳମ୍ବିତ, ୨୦ ବାତିଲ

ନୂଆଦିଲ୍ଲୀ,୭।୧୧(ପି.ଟି.)

ଦେଶର ସବୁଠୁ ବ୍ୟସ୍ତବହୁଳ ଦିଲ୍ଲୀ ଏୟାରପୋର୍ଟରେ ଶୁକ୍ରବାର ଏୟାର ଟ୍ରାଫିକ୍ କଣ୍ଟ୍ରୋଲ (ଏଟିସି)ରେ ବୈଷୟିକ ସମସ୍ୟା ଦେଖାଦେବାରୁ ୮୦୦ରୁ ଊର୍ଦ୍ଧ୍ୱ ଘରୋଇ ଏବଂ ଅନ୍ତର୍ଜାତୀୟ ବିମାନ ଉଡ଼ାଣ ବିଳମ୍ବିତ ହେବା ସହ ଅନ୍ୟୂନ ୨୦ ବିମାନ ବାତିଲ ହୋଇଛି। ଫଳରେ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ରାତିରେ ଉକ୍ତ ସମସ୍ୟାର ସମାଧାନ କରାଯାଇଛି। ତେବେ କେତେକ ବ୍ୟାକ୍‌ଲଗ୍ ଯୋଗୁ ସ୍ୱତଃ ଚଳାଚଳ ବ୍ୟବସ୍ଥା ସ୍ୱାଭାବିକ କାର୍ଯ୍ୟ କରିବାକୁ କିଛି ସମୟ ଲଗିପାରେ। ସ୍ୱାଭାବିକ ସ୍ଥିତି ଖୁବ୍‌ଶୀଘ୍ର ଫେରିବ ବୋଲି ଭାରତର ବିମାନବନ୍ଦର କର୍ତ୍ତୃପକ୍ଷ (ଏଏଆଇ) କହିଛି।

#### ଦିଲ୍ଲୀ ଏୟାରପୋର୍ଟ ଏଟିସିରେ ବୈଷୟିକ ତ୍ରୁଟି

ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଦୈନିକ ୧,୫୦୦ରୁ ଊର୍ଦ୍ଧ୍ୱ ବିମାନ ଚଳାଚଳ କରିଥାଏ। ଏୟାର ଟ୍ରାଫିକ୍ କଣ୍ଟ୍ରୋଲ ଡେଟାକୁ ସପୋର୍ଟ କରୁଥିବା ଅଟୋମେଟିକ୍ ମେସେଜ୍ ସୁଇଚିଂ ସିଷ୍ଟମ୍ (ଏଏମ୍‌ଏସ୍‌ଏସ୍)ରେ ବୈଷୟିକ ସମସ୍ୟା ଦେଖାଦେଇଥିଲା। ବିମାନ ଉଡ଼ାଣ ବିଳମ୍ବିତ ହେଉଥିବାରୁ ବୋର୍ଡିଂ ଗେଟ୍‌ଗୁଡ଼ିକ ନିକଟରେ ଯାତ୍ରୀଙ୍କ ଲମ୍ବା ଲାଇନ ଦେଖିବାକୁ ମିଳିଥିଲା। ଏୟାରପୋର୍ଟ ଟର୍ମିନାଲଗୁଡ଼ିକରେ ଅନେକ ଶହ ଯାତ୍ରୀ ଅପେକ୍ଷା କରି ରହିଥିଲେ।



### ସ୍କୁଲ୍, ହସ୍ପିଟାଲ, ରେଳଷ୍ଟେଶନରୁ ବୁଲାକୁକୁରଙ୍କୁ ହଟାଅ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୭।୧୧(ପି.ଟି.)

ଶିକ୍ଷାନୁଷ୍ଠାନ, ବସ୍‌ଷ୍ଟାଣ୍ଡ, ହସ୍ପିଟାଲ ଏବଂ ରେଳଷ୍ଟେଶନରେ କୁକୁର କାମୁଡ଼ା ଘଟଣା ବଢ଼ିଚାଲିଥିବାରୁ ସୁପ୍ରିମକୋର୍ଟ ଶୁକ୍ରବାର ଏହାକୁ ଗୁରୁତ୍ୱର ସହ ନେଇଛନ୍ତି। ବୁଲା କୁକୁରଙ୍କୁ ଉପରୋକ୍ତ ଅଞ୍ଚଳରୁ ହଟାଇ ସେମାନଙ୍କୁ ନିର୍ଦ୍ଦିଷ୍ଟ ଆଶ୍ରୟସ୍ଥଳରେ ରଖିବାକୁ ଅଦାଲତ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଜାତୀୟ ରାଜପଥ ଏବଂ ଏକ୍ସପ୍ରେସ୍‌ୱେଗୁଡ଼ିକୁ ବୁଲା ପ୍ରାଣୀ ଓ ଗୋରୁଗାଈଙ୍କ କବଳରୁ ମୁକ୍ତ ରଖିବା ପାଇଁ ଭାରତର ଜାତୀୟ ରାଜପଥ ପ୍ରାଧିକରଣ ସମେତ ଅନ୍ୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜଷ୍ଟିସ୍ ବିକ୍ରମ ନାଥ, ସନ୍ଦୀପ୍ ମେହେଟ୍ଟା ଏବଂ ଏନ୍.ଭି. ଅଞ୍ଜାରିଆଙ୍କୁ ନେଇ ଗଠିତ ସ୍ୱତନ୍ତ୍ର ଖଣ୍ଡପୀଠ ଏଭଳି କେତେକ ନିର୍ଦ୍ଦେଶନାମା ଜାରି କରିଛନ୍ତି।

ଜନସାଧାରଣଙ୍କ ସୁରକ୍ଷା, ସ୍ୱାସ୍ଥ୍ୟଗତ ସ୍ୱାର୍ଥ ଦୃଷ୍ଟିରୁ ଉପରୋକ୍ତ ନିର୍ଦ୍ଦେଶନାମା ଜାରି କରିବାକୁ ଅଦାଲତ ଉପଯୁକ୍ତ ମନେ କରୁଥିବା ଖଣ୍ଡପୀଠ କହିଛନ୍ତି। ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ସେମାନଙ୍କ ପୌର କର୍ତ୍ତୃପକ୍ଷଙ୍କ ଜରିଆରେ ୨ ସପ୍ତାହ ମଧ୍ୟରେ ଏଭଳି ଅନୁଷ୍ଠାନଗୁଡ଼ିକୁ ଚିହ୍ନଟ କରିବେ। ଉକ୍ତ ଅନୁଷ୍ଠାନଗୁଡ଼ିକର ପରିସରକୁ ବୁଲାକୁକୁର ଦାଉରୁ ସୁରକ୍ଷିତ ରଖିବା ପାଇଁ ଏହାର ମୁଖ୍ୟମାନେ ପର୍ଯ୍ୟାପ୍ତ ବାଡ଼ବନ୍ଦୀ କରିବା ସହ ପାଚେରି, ଫାଟକ ଆଦି ନିର୍ମାଣ କରିବେ ଏବଂ ଅନ୍ୟାନ୍ୟ ଜରୁରୀ ପଦକ୍ଷେପ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ୮ ସପ୍ତାହ ମଧ୍ୟରେ ଏହିସବୁ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ଆବଶ୍ୟକ ବୋଲି କୁହାଯାଇଛି। କ୍ୟାମ୍ପସ୍ ପରିସରରେ ଯେପରି ବୁଲାକୁକୁର ନ ପଶନ୍ତି ଓ ଆଶ୍ରୟ ନ ନିଅନ୍ତି, ତାହା ସୁନିଶ୍ଚିତ କରିବା ପାଇଁ ସେଗୁଡ଼ିକୁ ସ୍ୱଚ୍ଛ ରଖିବା ନିମନ୍ତେ ଜଣେ ନୋଡାଲ ଅଫିସରଙ୍କୁ ଉତ୍ତରଦାୟୀ ରହିବାକୁ କୁହାଯାଇଛି। ଉପରୋକ୍ତ ଅନୁଷ୍ଠାନ ପରିସରଗୁଡ଼ିକ ଯେପରି ବୁଲାକୁକୁର ଦାଉରୁ ମୁକ୍ତ ରୁହେ, ସେଥିପାଇଁ ସ୍ଥାନୀୟ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ଓ ପଞ୍ଚାୟତ ପ୍ରତି ୩ ମାସରେ ଅନ୍ୟୂନ ଥରେ ସେଗୁଡ଼ିକୁ ନିୟମିତ ତଦାରଖ କରିବେ। ଶିକ୍ଷାନୁଷ୍ଠାନ ସମେତ ଅନ୍ୟାନ୍ୟ ଅନୁଷ୍ଠାନରୁ ପ୍ରତିଟି ବୁଲା କୁକୁରଙ୍କୁ ହଟାଇ ସେଗୁଡ଼ିକୁ ନିର୍ଦ୍ଦିଷ୍ଟ ଆଶ୍ରୟସ୍ଥଳରେ ରଖିବା ସ୍ଥାନୀୟ ପୌରସଂସ୍ଥା ବା କର୍ତ୍ତୃପକ୍ଷଙ୍କ ଦାୟିତ୍ୱ। ପ୍ରାଣୀ ଜନ୍ମ ନିୟନ୍ତ୍ରଣ ଆଇନ ଅନୁଯାୟୀ ସେଗୁଡ଼ିକୁ ଉପଯୁକ୍ତ ବନ୍ଧ୍ୟାକରଣ ଏବଂ ଟିକାକରଣ କରିବାକୁ ଖଣ୍ଡପୀଠ କହିଛନ୍ତି।



# ଆଜିଠୁ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ଫର୍ମ ପୂରଣ

**କଟକ,୭।୧୧(କାର୍ତ୍ତିକ ସାହୁ)**

## ଅଫ୍‌ଲାଇନ୍‌ରେ ମଧ୍ୟମା ଫର୍ମ ପୂରଣ

୨୦୨୬ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ (ରେଗୁଲାର ଓ ଏକ୍ସରେଗୁଲାର) ପରୀକ୍ଷା ପାଇଁ ଫର୍ମ ପୂରଣ ନଭେମ୍ବର ୮ରୁ ଆରମ୍ଭ ହେବ। ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ)ର ୱେବ୍‌ସାଇଟ୍ www.bseodisha.ac.in-ରେ ପ୍ରଦତ୍ତ ଲିଙ୍କ୍ ମାଧ୍ୟମରେ ୨୪ ଘଣ୍ଟିଆ ଅନ୍‌ଲାଇନ ଜରିଆରେ ଫର୍ମ ପୂରଣ କରାଯିବ। ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ/ପ୍ରଧାନଶିକ୍ଷକଙ୍କ ଜରିଆରେ ନଭେମ୍ବର ୮ରୁ ୨୨ ତାରିଖ ରାତି ୧୧.୪୫ ମିନିଟ ପର୍ଯ୍ୟନ୍ତ ଏହି ଫର୍ମ ପୂରଣ କରାଯିବ। ଏଥିପାଇଁ ସମସ୍ତ ସୂଚନା ବୋର୍ଡ ୱେବ୍‌ସାଇଟ୍‌ରେ ଉପଲବ୍ଧ ହୋଇଛି। ଅନୁରୂପ ଭାବେ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ନିମନ୍ତେ ମଧ ଫର୍ମ ପୂରଣ କରାଯିବ। ମାତ୍ର ମଧ୍ୟମା ପରୀକ୍ଷା ପାଇଁ ଫର୍ମ ପୂରଣ ଅଫ୍‌ଲାଇନ ମାଧ୍ୟମରେ ହେବ। ଏଥିପାଇଁ ନଭେମ୍ବର ୧୨ରୁ ୨୨ ତାରିଖ ପର୍ଯ୍ୟନ୍ତ ସମୟସୀମା ଧାର୍ଯ୍ୟ କରାଯାଇଛି। ସଂସ୍କୃତ ଟୋଲ୍‌ର ହେଡ୍ ପଣ୍ଡିତମାନେ ଫର୍ମ ପୂରଣ କରି ବୋର୍ଡ ଶାଖା କାର୍ଯ୍ୟାଳୟରେ ନଭେମ୍ବର ୨୪ ତାରିଖ ସୁଦ୍ଧା ଦାଖଲ କରିବେ।

**ନୂଆପଡ଼ା ଉପନିର୍ବାଚନ**

# ଭୋଟର ନୀରବ

**ନୂଆପଡ଼ା,୭।୧୧(ପୀତାମ୍ବର ସାହୁ)**

ଉପନିର୍ବାଚନ ପାଇଁ ନୂଆପଡ଼ା ଉଠୁଛିପଡୁଛି। ପ୍ରଚାରରେ କମ୍ପୁଛି ଗାଁଠୁ ସହର। ତିନି ପ୍ରମୁଖ ଦଳ ଭାଜପା, ବିଜେଡି ଓ କଂଗ୍ରେସ ସମେତ ଅନ୍ୟ ୧୧ ପ୍ରାର୍ଥୀ ପ୍ରଚାରକୁ ଜୋରଦାର କରିଛନ୍ତି। ଏହା ଭିତରେ ଭାଜପା, ବିଜେଡି ଓ କଂଗ୍ରେସ ଦଳର କର୍ମୀମାନେ ଡୋର ଟୁ ଡୋର କ୍ୟାମ୍ପେନିଂ କରି ନିଜ ଦଳର ପୁସିଂ କାର୍ଡ ଦେଇ ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ନିବେଦନ କରୁଛନ୍ତି। ବିଭିନ୍ନ ଦଳର ଷ୍ଟାର ପ୍ରଚାରକ ଆସି ପ୍ରଚାରକୁ ଶାଣିତ କରିଛନ୍ତି। ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଆସି ଭାଜପା ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି। ଛତିଶଗଡ଼ ମୁଖ୍ୟମନ୍ତ୍ରୀ ପଞ୍ଚମପୁରରେ ଏକ ନିର୍ବାଚନୀ ସଭାରେ ଯୋଗଦେଇ ଦଳର ପ୍ରାର୍ଥୀ ଜୟ ଢୋଲକିଆଙ୍କୁ ଭୋଟ ଦେବାକୁ ନିବେଦନ କରିଥିଲେ। ଏହି ଅଞ୍ଚଳ ଛତିଶଗଡ଼କୁ ଲାଗି ରହିଥିବାରୁ ଏଠାକାର ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ଛତିଶଗଡ଼ର ଅନେକ ବିଧାୟକ, ଏମ୍‌ପି, ପୂର୍ବତନ ବିଧାୟକ ଓ ଏମ୍‌ପି ଛତିଶଗଡ଼ୀ ଲରିଆ ଭାଷାରେ ଭୋଟ ପ୍ରଚାର କରିଥିଲେ। ଏହି ସଭାରେ ଭାଜପା ପ୍ରଭାରୀ ବିଜୟ ପାଲ ସିଂ ତୋମାର, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ସମେତ ଓଡ଼ିଶାର ଅନେକ ବିଧାୟକ ଓ ଏମ୍‌ପି ଯୋଗଦେଇଥିଲେ। ଅପରପକ୍ଷେ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କୋମନା ବ୍ଲକ ଉଦ୍ୟାନବନ୍ଧରେ ରୋଡ୍ ଶୋ କରି ପ୍ରଚାର କରିଥିଲେ।

ସେହିପରି କଂଗ୍ରେସ ପାଇଁ ଆଗକୁ ସଚିନ ପାଇଲଟ, ଅଲକା ଲାମ୍ବା, କହ୍ନେୟା କୁମାର ଆସି ପ୍ରଚାର କରିବା କାର୍ଯ୍ୟକ୍ରମ ରହିଥିବା କଂଗ୍ରେସ ବିଧାୟକ ପ୍ରାର୍ଥୀ ଘାସିରାମ ମାଝୀ କହିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ପୁଣି ଶୁକ୍ରବାର ଏଠାକୁ ଆସି ଖରିଆର ରୋଡ୍ ଓ ନୂଆପଡ଼ାରେ ରୋଡ୍ ଶୋ କରିବା ସହିତ ଅପରାହ୍ଣରେ ପରକୋଡଠାରେ ଏକ ନିର୍ବାଚନୀ ସଭାରେ ଯୋଗଦେଇଥିଲେ। ସଭାରେ ପୁଣି ସେ ବେଇମାନ ପ୍ରସଙ୍ଗ ଉଠାଇବା ସହିତ ଭାଜପା ଲୋକଙ୍କୁ ଡବଲ ଧୋକା ଦେଇଥିବା କହି ଟାର୍ଗେଟ କରିଥିଲେ। ଏହା ସହିତ ସେ ବିଜେଡି ପ୍ରାର୍ଥିନୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ଭୋଟ ଦେଇ ବିଜୟୀ କରାଇବାକୁ ନିବେଦନ କରିଥିଲେ। ପ୍ରଚାରର ଶେଷ ଦିନ ଅର୍ଥାତ୍ ୯ ତାରିଖରେ ଉତ୍ତରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ସମାଜବାଦୀ ପାର୍ଟିର ମୁଖ୍ୟ ଅଖିଳେଶ ଯାଦବ ନୂଆପଡ଼ାକୁ ଆସି ଦଳର ପ୍ରାର୍ଥୀ ରମାକାନ୍ତ ହାତୀଙ୍କ ପାଇଁ ପ୍ରଚାର କରିବେ ବୋଲି ସ୍ଥିର ହୋଇଛି।

ଉପନିର୍ବାଚନରେ ପୁଳାପୁଳା ଟଙ୍କା ଖର୍ଚ୍ଚ ହେଉଛି। ପ୍ରାୟ ସବୁ ଦଳ ଭୋଟରଙ୍କୁ ଟଙ୍କା ଦେଇ ଭୋଟ କିଣିବେ ବୋଲି ସବୁଠି ଆଲୋଚନା ହେଉଛି। ଭୋଟର ପିଛା ପ୍ରାୟ ୧ ହଜାରରୁ ୨ ହଜାର ଟଙ୍କା ଲେଖାଏ ବଣ୍ଟାହେବ ବୋଲି ଚା' ଖଟି କିମ୍ବା ଗାଁ ଗହଳିରେ ଆଲୋଚନା ହେଉଛି। ଆମେ ଶୁକ୍ରବାର ନିର୍ବାଚନୀ ଖବର ସଂଗ୍ରହ ପାଇଁ ପଞ୍ଚମପୁର ଅଞ୍ଚଳକୁ ଯାଇଥିବା ବେଳେ ଭେରାଠାରେ ଲୋକେ ଏହି କଥା ଆଲୋଚନା କରୁଥିବା ଶୁଣିବାକୁ ପାଇଲୁ। ଆଉ ଦିନେ କି ଦୁଇ ଦିନ ମଧ୍ୟରେ ଭୋଟରଙ୍କୁ ଭାଜପା ଓ ବିଜେଡି ଟଙ୍କା ବାଣ୍ଟିପାରନ୍ତି ବୋଲି ନୂଆପଡ଼ା ବ୍ଲକ ଛକର ଏକ ଚା' ଖଟିରେ ଆଲୋଚନା ହେଉଥିବା ଜଣେ ବ୍ୟକ୍ତି ଆମକୁ କହିଛନ୍ତି।

ଭୋଟ ପାଇଁ ଟଙ୍କା ବଣ୍ଟା ହେବ ବୋଲି ଚର୍ଚ୍ଚା ହେବା ପରେ ଭୋଟରମାନେ କୌଣସି ଦଳକୁ ନେଇ କିଏ ଜିତିବ, କିଏ ହାରିବ, କାହାକୁ ସେମାନେ ଭୋଟ ଦେବେ ସେକଥା ଆଉ କହିନାହାନ୍ତି। ଯଦି ଜଣେ କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ଦଳ ଜିତିବ ବା ହାରିବ ବୋଲି କହିବ କିମ୍ବା ସେ ଗୋଟିଏ ନିର୍ଦ୍ଦିଷ୍ଟ ଦଳକୁ ସମର୍ଥନ କରୁଛି ବୋଲି କହିବ ତେବେ ତାଙ୍କୁ ଅନ୍ୟଦଳର ଟଙ୍କା ମିଳିବ ନାହିଁ। ଏହା ଭାବି ଭୋଟର ସମ୍ପୂର୍ଣ୍ଣ ନୀରବ ରହୁଥିବା ସାରାବଙ୍ଗ ଗ୍ରାମର ମନୋଜ ମାଝି ପ୍ରକାଶ କରିଛନ୍ତି। ତେଣୁ ଏବେ ସଭାସମିତି ଓ ରାଲିରେ ଲୋକ ଦେଖି ବିଭିନ୍ନ ଦଳର ନେତା ମଧ୍ୟ ଦଳର ସ୍ଥିତିନେଇ ଉତ୍ସାହିତ ହେଉଥିବା ଦେଖିବାକୁ ମିଳୁନାହିଁ। ତେବେ ନୀରବ ଭୋଟର ସଂଖ୍ୟା ଏବେ ବଢୁଥିବାରୁ ତିନି ଦଳ ପାଇଁ ନିର୍ବାଚନୀ ଆକଳନ କାଠିକର ପାଠ ହୋଇଗଲାଣି ବୋଲି ଚର୍ଚ୍ଚା ହେଉଛି।

ନିର୍ବାଚନ ହେଲେ ନେତାମାନେ ଗାଁକୁ ଆସି ତାଙ୍କ ଦଳକୁ ଭୋଟ ଦେବାକୁ କହୁଛନ୍ତି। ଆମ ଦଳ ଜିତିଲେ ସବୁ ସମସ୍ୟାର ସମାଧାନ କରିଦେବୁ ବୋଲି ପ୍ରତିଶ୍ରୁତି ଦେଉଛନ୍ତି। ମାତ୍ର ନିର୍ବାଚନରେ ଜିତିଗଲା ପରେ ଆଉ କାହାରି ଦେଖା ମିଳୁନାହିଁ। କେହି ବି ଆମ ସମସ୍ୟାର ସମାଧାନ କରିବାକୁ ଆସୁନାହାନ୍ତି। ତେଣୁ ଏବେ ଆମେ କାହାକୁ ବିଶ୍ୱାସ କରିବୁ ବୋଲି ସୁନାବେଡା ପଞ୍ଚାୟତ ଶିବନାରାୟଣପୁର ଗ୍ରାମର ରବି ଭୁଞ୍ଜିଆ ପ୍ରକାଶ କରିଛନ୍ତି।

ନୂଆପଡା ନିର୍ବାଚନମଣ୍ଡଳୀ ନୂଆପଡ଼ା ଓ ଖରିଆର ରୋଡ୍ ଏନ୍‌ଏସି ସହିତ ନୂଆପଡ଼ା ଓ କୋମନା ବ୍ଲକକୁ ନେଇ ଗଠିତ। ନୂଆପଡ଼ା ବ୍ଲକରେ ୩୧ ପଞ୍ଚାୟତ ଓ କୋମନାରେ ୩୨ ପଞ୍ଚାୟତ ରହିଛି। ଏହି ନିର୍ବାଚନମଣ୍ଡଳୀର ଅଧିକାଂଶ ଲୋକ ଗ୍ରାମାଞ୍ଚଳରେ ରହନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ନାମମାତ୍ର ଚାଷୀ। ପ୍ରାୟତଃ ପ୍ରତି ପରିବାରରୁ ଦାଦନ ଯାଇଥାନ୍ତି। ସେମାନଙ୍କ ପରିବାରର ଆର୍ଥିକ ସ୍ଥିତି ସେତେ ସୁଦୃଢ଼ ନୁହେଁ। ତେଣୁ ଏବେ ନିର୍ବାଚନରେ ଭୋଟରଙ୍କୁ ଟଙ୍କା ବଣ୍ଟାଯିବ ବୋଲି ଶୁଣି ଭୋଟରମାନେ ପ୍ରାୟ ନୀରବ ରହୁଥିବା ଜଣେ କଂଗ୍ରେସ ଯୁବନେତା ପ୍ରକାଶ କରିଛନ୍ତି।

ଏବେ ଲୋକଙ୍କୁ ସଭାସମିତି ଓ ରାଲିକୁ ଡାକିଲେ ଖାଦ୍ୟ, ପାନୀୟ, ଗାଡ଼ିରେ ତେଲ ଖର୍ଚ୍ଚ ବାଦ୍ ଦୁଇ ଶହ ଟଙ୍କା ଲେଖାଏ ନ ଦେଲେ ଲୋକେ ସଭାକୁ ଆସୁ ନ ଥିବା ପଶ୍ଚିମ ଓଡ଼ିଶାର ଜଣେ ବିଧାୟକ କହିଛନ୍ତି। ତେବେ ନିର୍ବାଚନ ପାଖେଇ ଆସୁଥିବାରୁ ଓ ଭୋଟର ନୀରବ ରହୁଥିବାରୁ ସବୁ ଦଳର ନେତା ଚିନ୍ତାରେ ପଡିଯାଇଛନ୍ତି।

# ମିଛ ପ୍ରଚାରରେ ବିକାଶ ହୁଏନି: ନବୀନ



ନୂଆପଡ଼ା ପରକୋଟ ପଡ଼ିଆଠାରେ ଶୁକ୍ରବାର ଆୟୋଜିତ ସମାବେଶକୁ ଉଦ୍‌ବୋଧନ ଦେଉଛନ୍ତି ବିଜେଡି ସଭାପତି ନବୀନ ପଟ୍ଟନାୟକ।

**ଭୁବନେଶ୍ୱର/ନୂଆପଡ଼ା,୭।୧୧ (ସୁନିତ୍ ମିଶ୍ର/ମକାରୁ ବେମାଲ)**

## ପୁଣିଥରେ ବେଇମାନ କଥା ଉଠାଇ ଟାର୍ଗେଟ୍ କଲେ

ମିଛ ପ୍ରଚାରରେ ବିକାଶ ହୁଏ ନାହିଁ। ଖାଲି ରଙ୍ଗ ମାରିଦେଲେ ବିକାଶ ହେବନି। ମିଛ ପ୍ରତିଶ୍ରୁତିରେ ସରକାର ଚାଲେନି। ବିଜେଡି ସରକାର ସମୟରେ ଶିକ୍ଷା, ସ୍ୱାସ୍ଥ୍ୟ, ଯୋଗାଯୋଗ, ପାନୀୟ ଜଳ, ଜଳସେଚନ, ଆଦିବାସୀ କଲ୍ୟାଣ ଆଦି ବିଭିନ୍ନ କ୍ଷେତ୍ରରେ ପ୍ରଭୂତ ବିକାଶ ଆସିଥିଲା। ନୂଆପଡ଼ାରେ ବହୁ ହଜାର ଏକର ଜମିକୁ ଜଳସେଚନ ଯୋଗାଇ ଦିଆଯାଇଥିଲା। ପାନୀୟ ଜଳ ଯୋଗାଣ କ୍ଷେତ୍ରରେ ପ୍ରଭୂତ ଉନ୍ନତି ଆସିଥିଲା। ବିଜେଡି ସରକାର ସମୟରେ ହୋଇଥିବା ବିଜୁ ଏକ୍ସପ୍ରେସ ୱେ ବର୍ତ୍ତମାନ ନୂଆପଡ଼ାର ଆର୍ଥିକ ବିକାଶ ପାଇଁ ସୁଯୋଗ ଆଣିଦେଇଛି। ବର୍ତ୍ତମାନ ସାରା ରାଜ୍ୟରେ ବିକାଶ କାମ ପୂରା ବନ୍ଦ ହୋଇଯାଇଛି। ୫୦୦ ଦିନ ପୂରଣ କରିଥିବା ଭାଜପା ସରକାର ଲୋକଙ୍କ ପାଇଁ କ'ଣ କରିଛି ବୋଲି ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଶୁକ୍ରବାର ନୂଆପଡ଼ା ପ୍ରଚାରରେ ଯୋଗଦେବା ଅବସରରେ ପ୍ରଶ୍ନ କରିଛନ୍ତି। ଏହାସହ ପୁଣିଥରେ ବେଇମାନ କଥା ଉଠାଇ ଭାଜପାକୁ ସେ ଟାର୍ଗେଟ୍ କରିଛନ୍ତି।

ପରକୋଟ ପଡ଼ିଆଠାରେ ଶୁକ୍ରବାର ଆୟୋଜିତ ସମାବେଶକୁ ଉଦ୍‌ବୋଧନ ଦେବା ଅବସରରେ ଭାଜପା ସରକାର ଉପରେ ତୀବ୍ର ଆକ୍ରମଣ କରି ନବୀନ କହିଛନ୍ତି, ୩୦୦ ୟୁନିଟ୍ ମାଗଣା ବିଜୁଳି, ୩୫୦୦ ଟଙ୍କା ପେନ୍‌ସନ, ଚାଷୀଙ୍କୁ ଯୁରିଆ ସାର, ଯୁବକଙ୍କୁ ଚାକିରି ଆଦି ପ୍ରତିଶ୍ରୁତି ପୂରଣରେ ରାଜ୍ୟ ସରକାର ବିଫଳ ହୋଇଛି। ମିଶନ ଶକ୍ତି ମା'ମାନଙ୍କୁ ଲୋନ୍ ମିଳୁନି। କଟ୍‌ନୀ ଛଟ୍‌ନୀ ଏଯାଏ ବନ୍ଦ ହୋଇନାହିଁ। ବିଏସ୍‌କେୱାଇ କାର୍ଡରେ ଲୋକଙ୍କୁ ସେବା ମିଳୁଥିଲା। କିନ୍ତୁ ଆୟୁଷ୍ମାନ କାର୍ଡରେ କେବଳ ଟେନ୍‌ସନ ହିଁ ମିଳୁଛି। ଏହି ୫୦୦ ଦିନ ମଧ୍ୟରେ ଲୋକଙ୍କୁ କେବଳ ମିଳିଛି ଧୋକା ଓ ଡବଲ ଧୋକା। ଗତ ୩ ତାରିଖରେ ତାଙ୍କ ସଭାକୁ ଯେପରି ଲୋକ ନ ଆସିପାରିବେ ସେଥିପାଇଁ ଅନେକ ଚେଷ୍ଟା କରାଯାଇଥିଲା। କିନ୍ତୁ କୋମନାରେ ଭୋଟର ଭଉଣୀ, ଭାଇମାନେ ବହୁ ସଂଖ୍ୟାରେ ତାଙ୍କ ସଭାରେ ଯୋଗଦେଲେ। ଏମାନେ ମିଛ କହି ସରକାର କରିବା ସହିତ ପ୍ରାର୍ଥୀ ମଧ ଚୋରି କରିପାରନ୍ତି। କିନ୍ତୁ ସେମାନେ ଲୋକଙ୍କ ହୃଦୟ ଜିତିପାରିବେନି। କୋମନା ସଭାରେ ଲୋକଙ୍କ ମନରେ ଯେଉଁ କ୍ରୋଧ ଓ ଦୁଃଖ ସେ ଦେଖିଥିଲେ ବର୍ତ୍ତମାନ ମଧ୍ୟ ନୂଆପଡ଼ାରେ ଲୋକଙ୍କ ଆଖିରେ ସମାନ କଥା ରହିଛି। ଜନସାଧାରଣ, ବିଜେଡି ଓ ତାଙ୍କ ସହିତ କିପରି ବେଇମାନ କରାଗଲା ନୂଆପଡ଼ାବାସୀ ତାହା ଭଲ ଭାବେ ଜାଣନ୍ତି। ଏହାର ଜବାବରେ ନୂଆପଡ଼ାର ଭୋଟରମାନେ ୧୧ ତାରିଖରେ ଭୋଟ୍ ଦେବେ। ସ୍ନେହାଙ୍ଗିନୀ ଛୁରିଆଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେଇ ଆଶୀର୍ବାଦ କରିବା ପାଇଁ ନବୀନ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ନୂଆପଡ଼ାବାସୀଙ୍କ ସେବା କରିବା ପାଇଁ ସ୍ନେହାଙ୍ଗିନୀ ଛୁରିଆଙ୍କୁ ସେ ନିର୍ଦ୍ଦେଶ ଦେଇଥିବା କହିଛନ୍ତି। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ବିଜେଡିର ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ, ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କ ସହିତ ଦଳର ସ୍ଥାନୀୟ ନେତାମାନେ ଉପସ୍ଥିତ ଥିଲେ।

ସାଧାରଣସଭା ସାରିବା ପରେ ନବୀନ ମାରାଥନ୍ ନିର୍ବାଚନ ପ୍ରଚାର କରିଛନ୍ତି। ୩ ଘଣ୍ଟା ଧରି ଖରିଆର ରୋଡ୍ ଓ ନୂଆପଡ଼ା ଏନ୍‌ଏସି ଅଞ୍ଚଳରେ ବିଶାଳ ରୋଡ୍ ଶୋ' କରି ସ୍ନେହାଙ୍ଗିନୀ ଛୁରିଆଙ୍କ ସପକ୍ଷରେ ନିର୍ବାଚନୀ ପ୍ରଚାର କରିଛନ୍ତି। ଖରିଆର ରୋଡ୍‌ର ଡାଗା, ବିଜୁ ପଟ୍ଟନାୟକ ଓ ଲଖନିଆ ପେଟ୍ରୋଲ୍ ପମ୍ପ ଛକଠାରେ ଜନସାଧାରଣଙ୍କୁ ସମ୍ବୋଧିତ କରିଛନ୍ତି। ସେହିପରି ନୂଆପଡ଼ା ଏନ.ଏ.ସି. ଅଞ୍ଚଳର ସୂର୍ଯ୍ୟନଗର, ଗାୟତ୍ରୀ ମନ୍ଦିର ଓ ଏକତା ଛକଠାରେ ମଧ୍ୟ ଜନସାଧାରଣଙ୍କୁ ସମ୍ବୋଧନ କରି ଆସନ୍ତା ୧୧ ତାରିଖରେ ବିଜେଡିକୁ ଆଶୀର୍ବାଦ କରିବା ସହିତ ଦଳୀୟ ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ଶଙ୍ଖ ଚିହ୍ନରେ ଭୋଟ୍‌ଦେବା ପାଇଁ ଅନୁରୋଧ କରିଛନ୍ତି।

# ନୂଆପଡ଼ାରେ ଜନପ୍ରତିନିଧିଙ୍କ ହାତପାଣ୍ଠି ଖର୍ଚ୍ଚରେ ସିଇଓଙ୍କ ରୋକ୍

**ଭୁବନେଶ୍ୱର,୭।୧୧(ରବିନାରାୟଣ ଜେନା)**

ନୂଆପଡ଼ା ଉପନିର୍ବାଚନ ପରିପ୍ରେକ୍ଷୀରେ ଏମ୍‌ପି ଏବଂ ବିଧାୟକଙ୍କ ହାତପାଣ୍ଠିକୁ ମନଇଚ୍ଛା ଖର୍ଚ୍ଚ କରାଯାଇପାରିବ ନାହିଁ। ଏନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ବିଭାଗର ସଚିବଙ୍କୁ ଅବଗତ କରାଯାଇଛି। ସିଇଓଙ୍କ କାର୍ଯ୍ୟାଳୟ ପକ୍ଷରୁ ଅତିରିକ୍ତ ସଚିବ ରାମଚନ୍ଦ୍ର କିସ୍କୁ ପତ୍ର ଲେଖି ରାଜ୍ୟ ଉନ୍ନୟନ ଆୟୁକ୍ତଙ୍କ ସମେତ ସମସ୍ତ ବିଭାଗର ସଚିବଙ୍କୁ ଦର୍ଶାଇଛନ୍ତି ଯେ, ଆଦର୍ଶ ଆଚରଣବିଧି ସଂକ୍ରାନ୍ତରେ ଗତ ଅକ୍ଟୋବର ୬ରେ ଭାରତ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ସ୍ପଷ୍ଟ ନିର୍ଦ୍ଦେଶନାମା ଜାରି ହୋଇଛି। ନିର୍ଦ୍ଦେଶନାମା ଅନୁଯାୟୀ, ଏମ୍‌ପି ଏବଂ ବିଧାୟକଙ୍କ ହାତପାଣ୍ଠି(ସ୍ଥାନୀୟ ଅଞ୍ଚଳର ବିକାଶ ପାଣ୍ଠି) କେବଳ କେତେକ ସର୍ତ୍ତରେ ଖର୍ଚ୍ଚ ହୋଇପାରିବ। ଯେଉଁଠାରେ ନିର୍ବାଚନ କିମ୍ବା ଉପନିର୍ବାଚନ ଜାରି ରହିଛି ସେଠାରେ କୌଣସି ପ୍ରକାର ଏମ୍‌ପି ଏବଂ ବିଧାୟକଙ୍କ ହାତପାଣ୍ଠି ଖର୍ଚ୍ଚ ହୋଇପାରିବ ନାହିଁ। ଏହାସହିତ କୌଣସି ନୂତନ ଯୋଜନା କିମ୍ବା କାର୍ଯ୍ୟକ୍ରମରେ ଯେପରି ଏମ୍‌ପି ଏବଂ ବିଧାୟକଙ୍କ ବିକାଶ ପାଣ୍ଠି ଖର୍ଚ୍ଚ ନ ହେବ ସେଥିପ୍ରତି ଗୁରୁତ୍ୱ ଦେବାକୁ ସେ ପତ୍ରରେ ଦର୍ଶାଇଛନ୍ତି।

## ବିତରକ ପାଇଁ ନିମନ୍ତ୍ରଣ |

JSW ପ୍ରିମିୟମ୍ TMT ବାର୍ ବିକ୍ରୟ ଏବଂ ବିତରଣ ପାଇଁ ଉଦ୍ୟୋଗୀ ବିତରକମାନଙ୍କୁ ଆମେ ନିମନ୍ତ୍ରଣ କରୁଛୁ।
(ସୁନ୍ଦରଗଡ଼, ଅନୁଗୁଳ, କୋରାପୁଟ, କେନ୍ଦୁଝର ଏବଂ ଯାଜପୁର ଅଞ୍ଚଳ ପାଇଁ।)

JSW Steel
ଭାରତର ଏକ ପ୍ରସିଦ୍ଧ ବ୍ୟବସାୟ ଗୋଷ୍ଠୀ ସହିତ ଜଡିତ।

ଇସ୍ପାତ, ସିମେଣ୍ଟ, ପାଇପ୍ ଏବଂ ସମ୍ବନ୍ଧୀୟ ଉତ୍ପାଦ ବିତରଣରେ ଦୃଢ଼ ଆର୍ଥିକ ସ୍ଥିତି ଏବଂ ଅଭିଜ୍ଞତା ଥିବା ବିତରକମାନଙ୍କୁ ଆମର TMT ବାର୍ ବିକ୍ରୟ ଏବଂ ବିତରଣ ପାଇଁ JSW ର ଜଣେ ଅଧିକୃତ ବିତରକ ହେବା ପାଇଁ ଆବେଦନ କରିବାକୁ ଆମନ୍ତ୍ରିତ କରାଯାଉଛି।

ଆବେଦନ କରିବାକୁ, ଦୟାକରି ଆପଣଙ୍କର କମ୍ପାନୀ ପ୍ରୋଫାଇଲ୍ ଏବଂ ଯୋଗାଯୋଗ ବିବରଣୀ tmt.retail@jsw.in କୁ ଇମେଲ୍ କରନ୍ତୁ କିମ୍ବା 7439698211 କୁ କଲ୍ କରନ୍ତୁ।

# ଆଜି ନୂଆପଡ଼ାରେ ପ୍ରଚାର କରିବେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୭।୧୧(ସୁନିତ୍ ମିଶ୍ର)**

ନୂଆପଡ଼ା ଉପନିର୍ବାଚନ ଘୋଷଣା ହେବାପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ତୃତୀୟ ଥର ଲାଗି ସେଠାକୁ ପ୍ରଚାର ପାଇଁ ଯିବେ। ଏହି ଅବସରରେ ସେ ବିଭିନ୍ନ ସ୍ଥାନରେ ଜନସଭା ଏବଂ ରୋଡ୍ ଶୋ କରି ଭାଜପା ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବାର କାର୍ଯ୍ୟକ୍ରମ ରହିଛି। ମିଳିଥିବା ସୂଚନା ମୁତାବକ, ମୁଖ୍ୟମନ୍ତ୍ରୀ ତାଙ୍କ ପ୍ରଥମ ସଭା କୋମନା ବ୍ଲକର ସୁନାଦେଇ ଠାକୁରାଣୀଙ୍କ ପାଖରେ କରିବାର କାର୍ଯ୍ୟକ୍ରମ ରହିଛି। କୋମନା ବ୍ଲକର ସେହିସବୁ ଅଞ୍ଚଳଗୁଡ଼ିକରେ ବିଜେଡି ଏବଂ କଂଗ୍ରେସର ଭୋଟ୍ ଭଲ ହେବ ବୋଲି ସୂଚନା ମିଳିବା ପରେ ଭାଜପା ପକ୍ଷରୁ ସେଠାରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ରଖି ସ୍ଥାନୀୟ ଭୋଟରଙ୍କୁ ନିଜ ସପକ୍ଷରେ ନେବାକୁ ଚେଷ୍ଟା କରାଯିବ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ଏହାପରେ ମୁଖ୍ୟମନ୍ତ୍ରୀ ଖରିଆର୍ ରୋଡ୍‌ରେ ରୋଡ୍ ଶୋ କରିବା ସହିତ ଏକ ସାଧାରଣ ସଭାକୁ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ରହିଛି। ଏହାପରେ ମୁଖ୍ୟମନ୍ତ୍ରୀ ନୂଆପଡ଼ା ଏନ୍‌ଏସି ଅଞ୍ଚଳରେ ଦଳୀୟ ପ୍ରାର୍ଥୀ ଜୟ ଢୋଲକିଆଙ୍କ ଲାଗି ରୋଡ୍ ଶୋ ଜରିଆରେ ପ୍ରଚାର କରିବେ ବୋଲି ଜଣାପଡ଼ିଛି।



ମୋହନ ଚରଣ ମାଝୀ

# ଆଦର୍ଶ ଆଚରଣବିଧିର ଅନୁପାଳନକୁ ସିଇଓଙ୍କ ଗୁରୁତ୍ୱ

**ଭୁବନେଶ୍ୱର,୭।୧୧(ରବିନାରାୟଣ ଜେନା)**

## ନୂଆପଡ଼ା ଉପନିର୍ବାଚନ ନେଇ ଆଭାସୀ ବୈଠକ

ନୂଆପଡ଼ା ବିଧାନସଭା ଉପନିର୍ବାଚନକୁ ମୁକ୍ତ, ଅବାଧ, ନିରପେକ୍ଷ ଓ ସଫଳତାର ସହ କରାଇବା ଲକ୍ଷ୍ୟ ନେଇ ଶୁକ୍ରବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କ ପକ୍ଷରୁ ଏକ ଆଭାସୀ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି।

ଏହି ଅବସରରେ ସିଇଓ ଆର୍. ସନ୍ଥ ଗୋପାଳନ୍ ନୂଆପଡ଼ା ଉପନିର୍ବାଚନ ପାଇଁ ଶେଷ ପର୍ଯ୍ୟାୟ ପ୍ରସ୍ତୁତି ଓ ଆଇନଶୃଙ୍ଖଳା ପରିସ୍ଥିତି ସମ୍ବନ୍ଧରେ ସବିଶେଷ ସମୀକ୍ଷା କରିଥିଲେ। ବୈଠକରେ ସେ କହିଥିଲେ, ଯେଉଁଠାରେ ଆଦର୍ଶ ଆଚରଣବିଧି ଉଲ୍ଲଂଘନ ହେଉଥିବା ଦୃଷ୍ଟିକୁ ଆସୁଛି ସେଠାରେ ତୁରନ୍ତ ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କର। ଏହି ବୈଠକରେ ଅତିରିକ୍ତ ଡିଜିପି ସଞ୍ଜୟ କୁମାର, ଆଇଜି ହିମାଂଶୁ ଲାଲ୍ ଏବଂ ନୂଆପଡ଼ା ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ମଧୁସୂଦନ ଦାଶ ଯୋଗଦେଇଥିଲେ।

# ମାଓବାଦୀ ହିଂସା ଆଶଙ୍କାରେ ସୁରକ୍ଷା ବଢ଼ିଲା

**ଭୁବନେଶ୍ୱର,୭।୧୧(ତ୍ରିନାଥ ମହାନ୍ତି)**

**ନୂଆପଡ଼ା ଉପନିର୍ବାଚନ**

- ଛତିଶଗଡ଼ ପୋଲିସ ସମନ୍ୱୟରେ ଅପରେଶନ ଜୋରଦାର
- ସୀମାନ୍ତ, ଘଞ୍ଚ ଜଙ୍ଗଲ ଉପରେ ଡ୍ରୋନ୍ ଦ୍ୱାରା ନଜର ରଖାଯାଉଛି: ଏଡିଜି

ଆସନ୍ତା ୧୧ ତାରିଖରେ ନୂଆପଡ଼ା ଉପ ନିର୍ବାଚନ ଅନୁଷ୍ଠିତ ହେବ। ଶୃଙ୍ଖଳିତ ନିର୍ବାଚନ ପାଇଁ ସବୁ ସ୍ତରରେ ଉଦ୍ୟମ ଜାରି ରହିଥିବାବେଳେ ମାଓବାଦୀ ହିଂସାକାଣ୍ଡ ଘଟାଇବା ଆଶଙ୍କା କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ଓଡ଼ିଶା ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ବିଏସ୍‌ଏଫ୍, ସ୍ଥାନୀୟ ପୋଲିସ ସହାୟତାରେ ଅପରେଶନ ଜୋରଦାର ହୋଇଥିବାବେଳେ ଛତିଶଗଡ଼ ଏବଂ ଓଡ଼ିଶା ପୋଲିସର ସମନ୍ୱୟରେ ଏକ ସ୍ପେଶାଲ ଟିମ୍ ଗଠନ କରାଯାଇ ସର୍ଚ୍ଚ ଅପରେଶନ ଜାରି ରହିଛି।

ଛତିଶଗଡ଼ ସୀମାନ୍ତକୁ ଲାଗି ନୂଆପଡ଼ା ରହିଥିବାରୁ ମାଓବାଦୀ ପ୍ରବେଶ କରି ନିର୍ବାଚନରେ ବିଶୃଙ୍ଖଳା ଓ ହିଂସା ଘଟାଇବାର ଆଶଙ୍କା ରହିଛି। ତେଣୁ ସୀମାନ୍ତ ସମସ୍ତ ଅଞ୍ଚଳକୁ ସିଲ୍ କରାଯାଇଥିବାବେଳେ ଡ୍ରୋନ୍ ମାଧ୍ୟମରେ ଆକାଶମାର୍ଗରୁ ମାଓବାଦୀଙ୍କ ଉପରେ ନଜର ରଖାଯାଇଛି। ମାଓବାଦୀ ସକ୍ରିୟତା ନେଇ ଖବର ମିଳିବା ମାତ୍ରେ କୋମ୍ବିଂ ଅପରେଶନକୁ ଜୋରଦାର କରାଯାଉଛି। ବିଶେଷକରି ଛତିଶଗଡ଼ ସଂଲଗ୍ନ ଜଙ୍ଗଲ ସୁନାବେଡ଼ା କୋର୍ ଅଞ୍ଚଳକୁ ଲାଗିଥିବାରୁ ପୋଲିସ ଏହି ଅଞ୍ଚଳ ଉପରେ ଅଧିକ ଫୋକସ୍ କରୁଛି। ଜଙ୍ଗଲର ପରିସୀମା ବଡ଼ ହୋଇଥିବାରୁ ସମ୍ପୂର୍ଣ୍ଣ ଜଙ୍ଗଲରେ ଅପରେଶନ କରିବା ଚ୍ୟାଲେଞ୍ଜ ହୋଇଛି। ତେଣୁ ଜଙ୍ଗଲ ଚାରିପଟ ଏବଂ ଜଙ୍ଗଲ ଭିତରେ ଡ୍ରୋନ୍ ମାଧ୍ୟମରେ ଅପରେଶନ କରାଯାଉଛି ବୋଲି ଆଣ୍ଟି ମାଓବାଦୀ ଅପରେଶନର ଏଡିଜି ସଞ୍ଜୀବ ପଣ୍ଡା ସୂଚନା ଦେଇଛନ୍ତି। ସେ କହିଛନ୍ତି, ନୂଆପଡ଼ା ନିର୍ବାଚନ ଆଉ ଅଳ୍ପଦିନ ଥିବାରୁ ମାଓବାଦୀଙ୍କ ଉପରେ ଅଧିକ ନଜର ରହିଛି। ଛତିଶଗଡ଼ରୁ ନୂଆପଡ଼ାକୁ ରହିଥିବା ପ୍ରବେଶ ପଥରେ କ୍ୟାମ୍ପ କରାଯାଇ ଯାଞ୍ଚ କରାଯାଉଛି। ସମ୍ବେଦନଶୀଳ ବୁଥ୍ ଉପରେ କଡ଼ା ନଜର ରହିଛି। ଏସ୍‌ପିଙ୍କ ସହ ଆଲୋଚନ କରାଯାଇ ଯେଉଁ ସ୍ଥାନରେ ସୁରକ୍ଷା ଆବଶ୍ୟକ, ସେଠାରେ ପୋଲିସ ମୁତୟନ ରହୁଛନ୍ତି। ବିଶେଷକରି ନିର୍ବାଚନ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯାଉଛି। ନିର୍ବାଚନ ଦିନ ପୋଲିସ ପାଇଁ ଚ୍ୟାଲେଞ୍ଜ ରହିବ। ସେହିଦିନ ପୋଲିସ ଏବଂ ଯବାନ ଅଧିକ ସକ୍ରିୟ ରହିବେ। ଯେଉଁଠି କିଛି ଅଘଟଣ ନେଇ ଖବର ଆସିଲେ ତୁରନ୍ତ ସେଠାରେ ଆକ୍ସନ ନେବାକୁ କୁହାଯାଇଥିବା ଏଡିଜି ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ ମାଓବାଦୀମାନେ ଡ୍ରୋନ୍ ବ୍ୟବହାର କରୁଥିବାରୁ ପୋଲିସ କିପରି ଏହାର ମୁକାବିଲା ପାଇଁ ଚ୍ୟାଲେଞ୍ଜମୂଳକ ପଦକ୍ଷେପ ଗ୍ରହଣ କରିବ ଓ ଶୃଙ୍ଖଳିତ ନିର୍ବାଚନ ସାରିବ ତାହା ଉପରେ ଏବେ ନଜର ରହିବ। କାରଣ ଗତ କିଛିଦିନ ହେବ ଛତିଶଗଡ଼ ସୀମାରେ ମାଓବାଦୀମାନେ ଡ୍ରୋନ୍ ଉଡ଼ାଉଥିବା ଦେଖିବାକୁ ମିଳିଥିଲା। ପୋଲିସ ଗତିବିଧି ଉପରେ ନଜର ରଖିବାକୁ ସେମାନେ ଡ୍ରୋନ୍ ବ୍ୟବହାର କରୁଥିବା କୁହାଯାଉଥିଲେ ମଧ୍ୟ ଏହା ମାଧ୍ୟମରେ କୌଣସି ଆକ୍ରମଣ ଯୋଜନା ଆଶଙ୍କାକୁ ମଧ୍ୟ ଏଡାଇ ଦେଇ ହେଉନାହିଁ। ଡ୍ରୋନ୍ କମ୍ ଦାମ୍‌ରେ ମିଳିଯାଉଛି। ହେଲେ ଏହାକୁ କିଣି ଉଡ଼ାଇବା ଉପରେ ନିର୍ବାଚନୀ କଟକଣା ଲଗାଯାଉ ନ ଥିବାରୁ ମାଓବାଦୀମାନେ ଏହାର ଫାଇଦା ନେବାର ସମ୍ଭାବନା ରହୁଛି। ଗତ କିଛିଦିନ ହେଲା ପୋଲିସର ଆକ୍ରମଣ ଓ ଏନ୍‌କାଉଣ୍ଟର ଯୋଗୁ ବହୁ ମାଓବାଦୀଙ୍କ ମୃତ୍ୟୁ ଘଟିଲାଣି। ଫଳରେ ସେମାନଙ୍କ ସଙ୍ଗଠନ ଏବେ ସଙ୍କଟରେ ରହିଥିବାବେଳେ ମାଓବାଦୀମାନେ ଦଳଦଳ ହୋଇ ଆତ୍ମସମର୍ପଣ କରୁଛନ୍ତି। ତେଣୁ ମାଓବାଦୀମାନେ ନିଜ ସଙ୍ଗଠନ ବଢ଼ାଇବା ପାଇଁ ଅର୍ଥ ଲୋଭ ଦେଖାଇ ଗରିବ ଓ ନାବାଳକଙ୍କୁ ସାମିଲ କରୁଥିବାବେଳେ ଆଗାମୀ ନୂଆପଡ଼ା ଉପନିର୍ବାଚନରେ ସେମାନଙ୍କୁ ବ୍ୟବହାର କରି ନିଜ ଉପସ୍ଥିତିକୁ ଦର୍ଶାଇବାକୁ କିଛି ଘଟଣା ଘଟାଇପାରନ୍ତି ବୋଲି ଆଶଙ୍କା କରାଯାଉଛି।



## ନବୀନଙ୍କ ହେଲିକପ୍ଟର ଉଡ଼ାଣ ବିଳମ୍ବ ନେଇ ସିଇଓଙ୍କୁ ଅଭିଯୋଗ କଲା ବିଜେଡି

ଭୁବନେଶ୍ୱର, (ସୁନିତ୍ ମିଶ୍ର): ବିଜେଡି ସଭାପତି ନବୀନ ପଟ୍ଟନାୟକ ଶୁକ୍ରବାର ନୂଆପଡ଼ା ଉପନିର୍ବାଚନ ପ୍ରଚାରରେ ଯିବାକୁ ଥିବାବେଳେ ତାଙ୍କ ହେଲିକପ୍ଟରକୁ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଜାଣିଶୁଣି ବିଳମ୍ବ କରିଦିଆଯାଇଥିବା ନେଇ ବିଜେଡି ସିଇଓ (ମୁଖ୍ୟ ନିର୍ବାଚନ ଅଧିକାରୀ)ଙ୍କ ନିକଟରେ ଅଭିଯୋଗ କରିଛି। ବିରୋଧୀ ଦଳ ନେତାଙ୍କ ଗସ୍ତ ନେଇ ସବୁ ଅଧିକାରୀଙ୍କୁ ଗତ ୫ ତାରିଖରୁ ଜଣାଇ ଦିଆଯାଇଥିଲା। ସରକାରୀ କଳର ଅପବ୍ୟବହାର ଏବଂ ଶାସକ ଭାଜପାର ପ୍ରରୋଚନାରେ ଏଭଳି ଗୁରୁତର ଆଦର୍ଶ ଆଚରଣବିଧି ଉଲ୍ଲଂଘନ କରାଯାଇଥିବା ବିଜେଡି ଅଭିଯୋଗ କରିଛି।

# ଆଜି କ'ଣ କେଉଁଠି

### ଭୁବନେଶ୍ୱର

- 'ଆ କା ମା-ବିଜ୍ ବଜ୍ ସୋଇରି' ବିଜନେସ୍ କାର୍ନିଭାଲ, ସ୍ଥାନ: ଆର୍‌ସିଏମ୍ କ୍ୟାମ୍ପସ, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରଦ୍ୟୁମ୍ନ ବଳଙ୍କ ୯୩ତମ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ, ସ୍ଥାନ: ପ୍ରଗତିବାଦୀ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଏସ୍‌ଏସ୍‌ଇପିଡି ବିଭାଗ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ରାଜ୍ୟ ଅତିଥି ଭବନ, ୟୁନିଟ୍-୫, ସମୟ:ପୂର୍ବାହ୍ନ ୧୧ଟା ୩୦।
- ଶ୍ରୀଜୟଦେବଙ୍କ ରଚିତ ଗୀତଗୋବିନ୍ଦ ଏବଂ ପ୍ରସିଦ୍ଧ କବିମାନଙ୍କ ଛାନ୍ଦ, ଚଉତିଶା, ଚମ୍ପୁର ରସାମୃତ ଗାୟନ ଓ ବୃତ୍ତ ଚିତ୍ର ପ୍ରଦର୍ଶନ, ସ୍ଥାନ: ବୁଦ୍ଧ ପାର୍କ, ଚନ୍ଦ୍ରଶେଖରପୁର, ସମୟ: ଅପରାହ୍ନ ୪ଟା।
- ପ୍ରସାର ଭାରତୀ ଏବଂ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଆନୁକୂଲ୍ୟରେ ୬୭ତମ ଆକାଶବାଣୀ ସମ୍ମେଳନ, ସ୍ଥାନ: ଗୁରୁ କେଳୁ ଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପ୍ରେକ୍ଷାଳୟ, ଜୟଦେବ ବିହାର, ସମୟ: ସନ୍ଧ୍ୟା ୬ଟା ୩୦।
- ଚୁଡ଼ଙ୍ଗଗଡ଼ ବାରଙ୍ଗ ମହୋତ୍ସବ-୨୦୨୫ ର ଚତୁର୍ଥ ସନ୍ଧ୍ୟା, ସ୍ଥାନ: ମେଡିକାଲ ଛକ, ବାରଙ୍ଗ, ସମୟ: ଅପରାହ୍ନ୫ଟା।
- ସୃଜନୀ ଅନୁଷ୍ଠାନ ଆନୁକୂଲ୍ୟରେ ନାରାୟଣ ଶିଶୁ ନାଟ୍ୟ ମହୋତ୍ସବ-୨୦୨୫, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୫ଟା ୩୦।
- 'ପ୍ରକଳ୍ପ-୨୦୨୫' ସମ୍ମିଳନୀ, ସ୍ଥାନ: ଆସ୍ଥା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ, ସମୟ: ସନ୍ଧ୍ୟା ୬ଟା।
- ସତ୍ୟନାରାୟଣ ବାଦିପାଲା ମହାଯଜ୍ଞ ପକ୍ଷରୁ ବାଦିପାଲା ପରିବେଷଣ, ସ୍ଥାନ: ପ୍ରତାପରୁଦ୍ରପୁରସ୍ଥିତ ପାଲା ମଣ୍ଡପ, ସମୟ: ରାତି ୭ଟା।

### କଟକ

- ଅନ୍ତର୍ଜାତୀୟ ଅଷ୍ଟିଓପ୍ୟାଥି ସମ୍ମିଳନୀର ଦ୍ୱିତୀୟ ଦିବସ, ସ୍ଥାନ: ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ପରିସର, ନରାଜ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ସମାରୋହ, ସ୍ଥାନ: ବିଶ୍ୱବିଦ୍ୟାଳୟ ପରିସର, ନରାଜ, ସମୟ: ଅପରାହ୍ନ ୪ଟା ୩୦।

### ପୁରୀ

- ନୂତନ ଫାର୍ମାସୀ ଛାତ୍ରଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: ଫାର୍ମାସୀ କଲେଜ, ବାଲିଗୁଆଳି, ସମୟ: ସକାଳ ୧୦ଟା।
- ଓଡ଼ିଶା ଆଶାକର୍ମୀ ଆସୋସିଏଶନ ପୁରୀ ଜିଲ୍ଲା ଶାଖା ସମ୍ମିଳନୀ, ସ୍ଥାନ: ୟୁଥ୍ ହଷ୍ଟେଲ, ସମୟ: ମଧ୍ୟାହ୍ନ ୧୨ଟା।
- ଡାକ୍ତର ସମ୍ମିଳନୀ, ସ୍ଥାନ: ସ୍ୱସ୍ତିକ ହୋଟେଲ, ସମୟ: ଅପରାହ୍ନ ୫ଟା।

### ବାଲେଶ୍ୱର

- ବନ୍ଦେ ମାତରମ୍ ଗାନ ଉତ୍ସବ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବରିଷ୍ଠ ଖବରଦାତାଙ୍କ ତିରୋଧାନ ଦିବସ ଓ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ଜିଲା ସାମ୍ବାଦିକ ପ୍ରକୋଷ୍ଠ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।

### ଭଦ୍ରକ

- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବାଉଦପୁର ବାଲିଯାତ୍ରା ପଡ଼ିଆ, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।

### ମୟୂରଭଞ୍ଜ

- ମେଗା ରକ୍ତଦାନ ଶିବିର,ସ୍ଥାନ: ଜଗଧାତ୍ରୀ ମେଳା ପଡ଼ିଆ, ଭଞ୍ଜପୁର, ବାରିପଦା,ସମୟ: ସକାଳ ୯ଟା।
- ବାର୍ଷିକ ଉତ୍ସବ 'ୟୁଫୋନୀ',ସ୍ଥାନ: ଡିଭାଇନ ଗ୍ରୁପ ଅଫ ଇନଷ୍ଟିଚ୍ୟୁଶନ, ବାରିପଦା,ସମୟ: ଅପରାହ୍ନ ୪ଟା।
- ମୟୂରଭଞ୍ଜ ଆର୍ଟ ଫାଉଣ୍ଡେଶନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଜଗଧାତ୍ରୀ ମେଳା ପଡ଼ିଆ, ଭଞ୍ଜପୁର, ବାରିପଦା,ସମୟ: ସନ୍ଧ୍ୟା ୭ଟା।

### ବ୍ରହ୍ମପୁର

- ଜିଲାସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି', ସ୍ଥାନ: ଭିଭିଗିରି ବାଳିକା ଉଚ୍ଚ ବିଦ୍ୟାଳୟ. ସମୟ: ସକାଳ ୮ଟା ।
- ଆଲ୍‌ଫା କପ୍ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ:ଖଲ୍ଲିକୋଟ କଲେଜ ଗ୍ରାଉଣ୍ଡ, ସମୟ: ପୂର୍ବାହ୍ନ ୧୦ଟା।
- କବିସୂର୍ଯ୍ୟ ବଳଦେବରଥଙ୍କ ଜନ୍ମସ୍ଥାନକୁ ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ଗଞ୍ଜାମ କଳା ପରିଷଦ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପୁରାତନ ଛାତ୍ରଙ୍କ ଆଲୁମିନି, ସ୍ଥାନ : କୁଇନ ମିଶନ ହାଇସ୍କୁଲ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଆଧ୍ୟାତ୍ମିକ ସଶକ୍ତିକରଣ କାର୍ଯ୍ୟକ୍ରମ, ସ୍ଥାନ: ବଡବଜାର ବ୍ରହ୍ମାକୁମାରୀ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା।

### ଢେଙ୍କାନାଳ

- ସପ୍ତଶଯ୍ୟା ପ୍ରତିଭା ସମ୍ମାନ, ସ୍ଥାନ: ଗୋପବନ୍ଧୁ ଟାଉନହଲ ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା।

### ଅନୁଗୋଳ

- ବିଜ୍ଞାନ ମେଳା ଉଦ୍‌ଘାଟନ, ସ୍ଥାନ : ଆଠମଲ୍ଲିକ ପୁରୁଣାଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସମୟ : ପୂର୍ବାହ୍ନ ୧୧ ଟା।
- ଏଆଇ ଉପରେ କର୍ମଶାଳା, ସ୍ଥାନ : ଅନୁଗୋଳ କ୍ରିଏଟିଭ କଲେଜ ହଲ୍, ସମୟ : ପୂର୍ବାହ୍ନ ୧୧ଟା ୪୫।
- କାର୍ତ୍ତିକେଶ୍ୱର ଭସାଣି ଉତ୍ସବ, ସ୍ଥାନ: ତୁରଙ୍ଗ ଗ୍ରାମ, ସମୟ : ଅପରାହ୍ନ ୪ଟା

### ଜଗତ୍‌ସିଂହପୁର

- ବିଚିତ୍ର ବର୍ଣ୍ଣାଳୀ ନାଟ୍ୟ ସଂସଦ ପକ୍ଷରୁ କଣ୍ଢେଇ ନାଚ, ସ୍ଥାନ: ବାଲିଯାତ୍ରା ମଞ୍ଚ, ବେଳାଭୂମି, ପାରାଦୀପ, ସମୟ: ସନ୍ଧ୍ୟା ୮ଟା।

### କେନ୍ଦ୍ରାପଡ଼ା

- ବାଲିଯାତ୍ରା ମହୋତ୍ସବ ଓ ରାସ ଉତ୍ସବ, ସ୍ଥାନ: ଗୋବରୀ ନଦୀ କୂଳ, ଗୁଲନଗର, କେନ୍ଦ୍ରାପଡା ସହର ; ଲୁଣା ନଦୀ ତଟ, କଳପଡା, କେନ୍ଦ୍ରାପଡ଼ା ; ମା' ମାଟିଆମଙ୍ଗଳା ପୀଠ, ବାରଗାଁ, ପଟ୍ଟାମୁଣ୍ଡାଇ ; ମହାନଦୀ ଘାଟ, ବାହାକୁଦ, ମା' ରାମଚଣ୍ଡୀ ଭାଗବତ ଆଶ୍ରମ, କୋଟିଲା ଭାଗବତ ପୀଠ, ଧ୍ୟାନ ଦାସ ମଠ, ବାରଡାଙ୍ଗ, ମହାକାଳପଡ଼ା ; ଶାସନୀପଡ଼ା ସେତୁ, ମାର୍ଶାଘାଇ ; ଚନ୍ଦ୍ରମୌଳି ପୀଠ, ଚନ୍ଦନନଗର, ରାଜନଗର, ସମୟ: ସନ୍ଧ୍ୟା ୭ଟା।

### ନୟାଗଡ଼

- ସାଇବର ସୁରକ୍ଷା ଅଭିଯାନର ଫ୍ଲାଗ ଅପ, ସ୍ଥାନ: ନୟାଗଡ଼ର ପୋଲିସ ଟ୍ରେନିଂ ସ୍କୁଲ(ପିଟିଏସ୍) ଠାରୁ ନୟାଗଡ଼ ପୁରୁଣା ସହର ଜଗନ୍ନାଥ ମନ୍ଦିର, ସମୟ: ସକାଳ ୮ଟା।
- ଶ୍ରୀଅନ୍ନ ଅଭିଯାନରେ ମାଣ୍ଡିଆ ଦିବସ, ସ୍ଥାନ: ନୟାଗଡ଼ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବାବା ବଳିଆଙ୍କ ହରି କଥାମୃତ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ବଡବାଣପୁର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା।

### ରାୟଗଡ଼ା

- ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ ତମ ଜୟନ୍ତୀ ଉପଲକ୍ଷେ ୱାକାଥନ, ସ୍ଥାନ: ମହାତ୍ମାଗାନ୍ଧୀ ପାର୍କ, ରାୟଗଡ଼ା, ସମୟ: ସକାଳ ୬ଟା ୩୦ ।
- ଜିଲାସ୍ତରୀୟ ଛାୟା ଛାତ୍ର ସଂସଦ ପ୍ରତିଯୋଗିତା, ସ୍ଥାନ: ଗୋବିନ୍ଦ ଚନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ, ରାୟଗଡା, ସମୟ: ପୂର୍ବାହ୍ନ ୧୦ଟା।

### କୋରାପୁଟ

- ରାଜ୍ୟସ୍ତରୀୟ ଟି-୨୦ କ୍ରିକେଟ ଟୁର୍ନାମେଣ୍ଟ ସେମିଫାଇନାଲ ମ୍ୟାଚ, ସ୍ଥାନ: ଷ୍ଟାଡିୟମ, କୋରାପୁଟ, ସମୟ:ସକାଳ ୯ଟା।

### ମାଲକାନଗିରି

- ମଣ୍ଡଳସ୍ତରୀୟ ଶ୍ରୀ ଅରବିନ୍ଦ ସାହିତ୍ୟ ପରିଷଦ ସମ୍ମିଳନୀ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ମାଲକାନଗିରି, ସମୟ: ସକାଳ ୮ ଟା।
- ବ୍ଲକ୍‌ସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: କୋରୁକୋଣ୍ଡା ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ ଟା।

### ସମ୍ବଲପୁର

- ୟଙ୍ଗ ବଏଜ ଆସୋସିଏଶନ ପକ୍ଷରୁ ତୃତୀୟ ଶହୀଦ କୁଞ୍ଜଲ ସିଂ ସ୍ମାରକୀ ଆନ୍ତଃ କ୍ଲବ ବାଳକ କବାଡି ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ବାଲିବନ୍ଧା ନିକଟସ୍ଥ ବ୍ରଜମୋହନ ପାର୍କ, ସମୟ: ସକାଳ ୮ଟା।
- ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ୬୯ତମ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ସନ୍ତରଣ ପ୍ରତିଯୋଗିତା ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଡାକ୍ତର ଝସକେତନ ସାହୁ ସନ୍ତରଣାଗାର, ସମୟ: ପୂର୍ବାହ୍ନ ୧୧ଟା।

### ବଲାଙ୍ଗୀର

- ବଲାଙ୍ଗୀର ଜିଲା ଓକିଲ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ସିଭିଲ କୋର୍ଟ ବାର ହଲ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ମାସିକ ରଚନା ସନ୍ଧ୍ୟା ଆଲୋଚନା 'ଆମ ସଂସ୍କୃତି ଓ ଆଧୁନିକତା', ସ୍ଥାନ: ପିପି ଏକାଡେମୀ ସଭାଗୃହ, ବଲାଙ୍ଗୀର, ସମୟ: ସନ୍ଧ୍ୟା ୬ଟା ।

### ରାଉରକେଲା

- ଇନୋଭିଜନ୍ କାର୍ଯ୍ୟକ୍ରମର ୨ୟ ଦିବସ, ସ୍ଥାନ: ଏନ୍‌ଆଇଟି ରାଉରକେଲା, ସମୟ: ପୂର୍ବାହ୍ନ ୧୧ଟା।
- ୧ମ ଗଣଦୌଡ ପ୍ରତିଯୋଗିତାର ଖବରଦାତା ସମ୍ମିଳନୀ, ସ୍ଥାନ: ଇଣ୍ଡୋ ଜର୍ମାନ କ୍ଲବ, ସମୟ: ଅପରାହ୍ନ ୪ଟା ୩୦।
- ମାସିକ ସାରସ୍ୱତ ସମାବେଶ, ସ୍ଥାନ: ଛେଣ୍ଡ ରାଉରକେଲା, ସମୟ: ସନ୍ଧ୍ୟା ୫ଟା ୩୦।

### ବରଗଡ଼

- ବିରାଟ କୃଷକ ସଚେତନତା ସମାବେଶ,ସ୍ଥାନ:ଗୋରୁ ବଜାର, ପଦ୍ମପୁର, ସମୟ: ପୂର୍ବାହ୍ନ ୧୧ଟା।
- ବିଦ୍ୟାଳୟସ୍ତରୀୟ ଶକ୍ତି ସଂରକ୍ଷଣ କୁଇଜ୍ ପ୍ରତିଯୋଗିତା, ସ୍ଥାନ:ଜନତା ସରକାରୀ ଉଚ୍ଚ ବିଦ୍ୟାଳୟ, ଭୁକ୍ତା,ସମୟ: ପୂର୍ବାହ୍ନ ୧୧ଟା।
- ବାଲିଯାତ୍ରା ଅବସରରେ ମହାଆଳତୀ, ସ୍ଥାନ: ଘେଁସ ବଡ଼ମାଳ, ସୋହେଲା, ସମୟ:ସନ୍ଧ୍ୟା ୬ଟା।

### ଦେବଗଡ଼

- ଖେଳ ମହୋତ୍ସବ ଉଦ୍‌ଯାପିତ, ସ୍ଥାନ: ଦେବଗଡ଼ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ, ସମୟ: ସକାଳ ୯ଟା।

### ସୁବର୍ଣ୍ଣପୁର

- ପ୍ରାକ୍ତନ ସୋନପୁର ବିଧାୟକ ସ୍ୱର୍ଗତ କୁନ୍ଦୁରୁ କୁଶଳଙ୍କ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ସୋନପୁର ଟାଉନ ହଲ ସମ୍ମୁଖ, ସମୟ: ସକାଳ ୭ଟା ୩୦।
- ତରଭା ଶନି ମନ୍ଦିରରେ ମହା ଆଳତୀ ଓ ଶନି ପୁରାଣ ପଠନ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୩୦।

### ନୂଆପଡ଼ା

- ହନୁମାନ ମନ୍ଦିର, ସନ୍ତୋଷୀ ମନ୍ଦିର, ଚଣ୍ଡୀ ମନ୍ଦିର ପ୍ରତିଷ୍ଠା ଓ ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଧାରଣ, ସ୍ଥାନ: ଖଡିଆଳ ବ୍ଲକ ଚଚରାଭଟା ଗାଁ, ସମୟ: ସକାଳ ୯ଟା।

## ବ୍ୟାଙ୍କରୁ ୭୦ଲକ୍ଷ ଟଙ୍କାର ବନ୍ଧକ ଅଳଙ୍କାର, ୭ ଲକ୍ଷ ଟଙ୍କା ଆତ୍ମସାତ୍

ବାଲୁଗାଁ,୭।୧୧ (ସଂଗ୍ରାମ ପାଇକରାୟ)

ଖୋର୍ଦ୍ଧା ଜିଲା ବାଲୁଗାଁ ଶାଖା ଷ୍ଟେଟ୍‌ବ୍ୟାଙ୍କରେ ସିନିୟର ଆସୋସିଏଟ୍ (କ୍ୟାଶ ଇନ୍‌ଚାର୍ଜ) ଭାବେ କାର୍ଯ୍ୟରତ ଜିତେନ୍ଦ୍ର କୁମାର ବିଶ୍ୱାଳ ଅନ୍‌ଲାଇନ ଗେମ୍ ଖେଳି ସର୍ବସ୍ୱ ହରାଇବା ପରେ ଗ୍ରାହକଙ୍କ ପ୍ରାୟ ୭୦ଲକ୍ଷ ଟଙ୍କାର ବନ୍ଧକ ଅଳଙ୍କାର ସହିତ ୭ଲକ୍ଷ ଟଙ୍କା ଜମା ଅର୍ଥ ନେଇ ଫେରାର ହୋଇଯାଇଛନ୍ତି। ଏନେଇ ବ୍ୟାଙ୍କ ପରିଚାଳକ ସୁଶାନ୍ତ କୁମାର ସେଠୀଙ୍କ ଅଭିଯୋଗକ୍ରମେ ବାଲୁଗାଁ ଥାନା ପୋଲିସ ଏକ ମାମଲା (ନଂ.୨୩୫/୨୫) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନା ମୁତାବକ, ବାଲୁଗାଁ ଶାଖା ଷ୍ଟେଟବ୍ୟାଙ୍କର ସିନିୟର ଆସୋସିଏଟ୍ ଜିତେନ୍ଦ୍ର ଅନ୍‌ଲାଇନ ଗେମ୍ ଖେଳି ଲକ୍ଷାଧିକ ଟଙ୍କା ହରାଇଥିଲେ। ତେବେ ଏହି କ୍ଷତି ଭରଣା ଆଶାରେ ସେ ବ୍ୟାଙ୍କରେ ବନ୍ଧକ ଥିବା ଗ୍ରାହକଙ୍କ ୧୦ପ୍ୟାକେଟ ସୁନାଅଳଙ୍କାର ନେଇଯାଇଥିଲେ। ସେ ବିଭିନ୍ନ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାରେ ଉକ୍ତ ୧୦ପ୍ୟାକେଟରେ ଥିବା ୬୦୦ଗ୍ରାମ୍‌ର ଅଳଙ୍କାର ବନ୍ଧକ ରଖି ୭୦ଲକ୍ଷ ଟଙ୍କା ଆଣିଥିଲେ। ଏଥିସହ ବ୍ୟାଙ୍କ କାରବାର ଅର୍ଥ ୭ଲକ୍ଷ ଟଙ୍କାକୁ ମଧ୍ୟ କୌଶଳକ୍ରମେ ହଡ଼ପ କରି ତାହାକୁ ପୁନର୍ବାର ଗେମ୍ ଖେଳି ହରାଇଥିଲେ। ତେବେ ବାଲୁଗାଁ ଅଞ୍ଚଳର ଗୋପୀନାଥ ପରିଡ଼ାଙ୍କ ସ୍ତ୍ରୀ ହରପ୍ରିୟା ପରିଡ଼ା ଋଣ ଅର୍ଥ ପରିଶୋଧ କରି ବନ୍ଧକ ଅଳଙ୍କାର ମୁକୁଳାଇବା ପାଇଁ ଗତ ୨୫ତାରିଖରେ ବ୍ୟାଙ୍କକୁ ଯାଇଥିଲେ। ହେଲେ ତାଙ୍କର ବନ୍ଧକ ଅଳଙ୍କାର ବ୍ୟାଙ୍କରେ ନ ଥିବା କହି ଶାଖା ପରିଚାଳକ ବାଲୁଗାଁ ଥାନାର ଦ୍ୱାରସ୍ଥ ହୋଇଥିଲେ। ଅନ୍ୟପକ୍ଷରେ ଧରାପଡ଼ି ଜେଲ ଯିବା ଭୟରେ ଜିତେନ୍ଦ୍ର ଏକ ଚିଠି ଶାଖା ପରିଚାଳକ ସେଠୀଙ୍କୁ ଧରାଇ ଫେରାର ହୋଇଯାଇଥିଲେ। ଏଥିରେ ସେ ନିଜ ଅପରାଧ ସ୍ୱୀକାର କରିବା ସହ ଅନ୍‌ଲାଇନ ଗେମ୍ ଖେଳି ସର୍ବସ୍ୱ ହରାଇଥିବା ଉଲ୍ଲେଖ କରିଛନ୍ତି। ଏହି ଅଳଙ୍କାର ଆତ୍ମସାତ୍ ଘଟଣାରେ ବନ୍ଧକ ରଖିଥିବା ଅନ୍ୟ ଗ୍ରାହକମାନେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଦାୟୀ କରିଛନ୍ତି। ତେବେ ଗ୍ରାହକଙ୍କୁ ଶୀଘ୍ର ସେମାନଙ୍କ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ବ୍ୟାଙ୍କ ପରିଚାଳକ ପ୍ରତିଶ୍ରୁତି ଦେଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଣ୍ଡିରି ପିଲାର ଲଣ୍ଡି,**
**ମାଇକିନିଆ ଝିଅର ଗଣ୍ଡି ।**

ପୁରୁଷ ଲୋକର ସ୍ନାନଶୌଚାଦି କର୍ମ ଠିକ୍ ଥିଲେ ତା'ର ସ୍ୱାସ୍ଥ୍ୟ ଠିକ୍ ଥାଏ ବୋଲି ବୁଝିବାକୁ ପଡ଼ିଥାଏ। ସେହିପରି ଯୁବତୀ ନାରୀର ଚେହେରା ଠିକ୍ ଥିଲେ ତା'ର ସ୍ୱାସ୍ଥ୍ୟକୁ ନେଇ ସନ୍ଦେହ କରାଯାଇ ନ ପାରେ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଅଣଖୁଆ କାହିଁ ଆଖୁ ହୋଇବକି ?**
**ବଣଭୁଆ ହେବ ବାଘ**
**କଣ ଭୁଆସୁଣୀ ସଭାରେ ବସିବ,**
**ଛଣଗୁଣ୍ଡି ହେବ ଶାଗ ?**

ଯେପରି ଅଣଖୁଆ କେବେ ଆଖୁ ହୁଏ ନାହିଁ କି ବିଲେଇ ମଧ୍ୟ ବାଘ ଭଳି ହୁଏ ନାହିଁ ଠିକ୍ ସେହିପରି ଭାବେ ଛଣ ବିଡ଼ା ମଧ୍ୟ ଶାଗର ସମକକ୍ଷ ହୋଇପାରେ ନାହିଁ। ତେଣୁ ମଣିଷ ନିଜ ଜୀବନରେ କେବଳ ଯୋଗ୍ୟତା ଅନୁସାରେ ହିଁ ପଦମର୍ଯ୍ୟାଦା ଲାଭ କରିଥାଏ। ଯିଏ ଅଯୋଗ୍ୟ ସିଏ ଉପଯୁକ୍ତ ଆସନର ଅଧିକାରୀ ହୋଇପାରନ୍ତି ନାହିଁ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପ୍ରଥମ ପୃଷ୍ଠାରୁ...

## ପରିବର୍ତ୍ତନ ପାଇଁ ନୂଆ ...

କରିବାକୁ ପଡ଼ିବ। ପରିବର୍ତ୍ତନ ପାଇଁ ନୂଆ ପ୍ରୟୋଗ ଜରୁରୀ। ସବୁଜ ହାଇଡ୍ରୋଜେନ୍‌ଚାଳିତ ବାହନ ଚଳାଚଳ ପାଇଁ ୧୦ଟି ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି, ସେଥିମଧ୍ୟରୁ ଗୋଟିଏ ଓଡ଼ିଶାରେ ରହିଛି ବୋଲି କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ କହିଛନ୍ତି।

ଶୁକ୍ରବାର ଜନତା ମଇଦାନଠାରେ ଇଣ୍ଡିଆନ ରୋଡ୍‌ସ କଂଗ୍ରେସ(ଆଇଆରସି)ର ୮୪ତମ ବାର୍ଷିକ ଅଧିବେଶନକୁ ଉଦ୍‌ଘାଟନ କରି ଗଡ଼କରୀ କହିଛନ୍ତି, ହାଇଡ୍ରୋଜେନ୍ ଭଳି ସବୁଜ ଇନ୍ଧନ କ୍ଷେତ୍ରରେ ନିର୍ଭରଶୀଳତା ଦେଶର ତୈଳ ଆମଦାନୀ ହ୍ରାସ କରିବ। ଗବେଷଣା ଓ ନବସୃଜନ ବଳରେ ଉନ୍ନତ ସଡ଼କ ଏବଂ ବିକଳ୍ପ ଇନ୍ଧନ ଜରିଆରେ ଲଜିଷ୍ଟିକ୍ସ ଖର୍ଚ୍ଚ ହ୍ରାସକରି ଦେଶକୁ ସମୃଦ୍ଧ କରାଯାଇପାରିବ। ଇଥାନଲ୍, ମିଥାନଲ୍, ବାୟୋ-ଏଲ୍‌ଏନ୍‌ଜି, ସିଏନ୍‌ଜି ଏବଂ ସବୁଜ ହାଇଡ୍ରୋଜେନ୍‌ର ବହୁଳ ଗ୍ରହଣୀୟତା ଦ୍ୱାରା ଭାରତ ଇନ୍ଧନ ଆମଦାନୀକାରୀ ରାଷ୍ଟ୍ରରୁ ଇନ୍ଧନ ରପ୍ତାନିକାରୀ ରାଷ୍ଟ୍ର ହେବା ଦିଗରେ ଏକ ନିର୍ଣ୍ଣାୟକ ପରିବର୍ତ୍ତନ ଆଣୁଛି। ସେ କହିଛନ୍ତି, ଭାରତର ସଡ଼କ ନେଟ୍‌ୱର୍କ ବିଶ୍ୱରେ ଏକ ନମ୍ବର ହେବାକୁ ଯାଉଛି। ଉନ୍ନତ ସଡ଼କ ବିକଶିତ ହେଲେ ବାଣିଜ୍ୟ, ବ୍ୟବସାୟ ଓ ଶିଳ୍ପର ଆଗମନ ହୋଇଥାଏ। ଏସବୁକୁ ପ୍ରୋତ୍ସାହନ ମିଳିଲେ ପୁଞ୍ଜି ନିବେଶ, ରୋଜଗାର ସୃଜନ ଏବଂ ଆର୍ଥିକ ଅଭିବୃଦ୍ଧିର ମାର୍ଗ ପ୍ରଶସ୍ତ ହୋଇଥାଏ। ସଡ଼କ, ସେତୁ, ସୁଡ଼ଙ୍ଗ ଭଳି ଭିତ୍ତିଭୂମି ନିର୍ମାଣ ଲାଗି ବିଚାରବିମର୍ଶ କରିବା ନିମନ୍ତେ ଏହା ହେଉଛି ଭାରତର ସବୁଠୁ ବଡ଼ ଜ୍ଞାନବିନିମୟ କାର୍ଯ୍ୟକ୍ରମ। ସେ ଆହୁରି କହିଛନ୍ତି, ଭାରତକୁ ବିଶ୍ୱର ତୃତୀୟ ସର୍ବବୃହତ୍ ଅର୍ଥ ବ୍ୟବସ୍ଥାରେ ପରିଣତ କରିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସଂକଳ୍ପ ନେଇଛନ୍ତି। ଏବେ ବିଶ୍ୱଗୁରୁ ହେବାର ଲକ୍ଷ୍ୟ ଦିଗରେ ଦେଶ ଅଗ୍ରସର ହେଉଛି। ଏଥିପାଇଁ ବିଶ୍ୱସ୍ତରୀୟ ଭିତ୍ତିଭୂମିର ଆବଶ୍ୟକତା ରହିଛି। ମିତବ୍ୟୟୀ, ଉନ୍ନତମାନର ଭିତ୍ତିଭୂମି ନିର୍ମାଣ କରିବା ଆବଶ୍ୟକ ରହିଥିବା ବେଳେ ନିର୍ମାଣ ଖର୍ଚ୍ଚ କମାଇବା ପାଇଁ ଯୋଜନା ପ୍ରଣୟନ କରାଯିବା ଉଚିତ୍।

ଗଡ଼କରୀ ଆହୁରି କହିଛନ୍ତି, ଆଇଆରସି ହେଉଛି ଭାରତର ସଡ଼କ ଇଞ୍ଜିନିୟରିଂର ଆତ୍ମା। ଦେଶରେ ସଡ଼କ ଭିତ୍ତିଭୂମି ନିର୍ମାଣ ଲାଗି ଉତ୍ତରଦାୟିତ୍ୱ, ଗମ୍ଭୀର ଆଭିମୁଖ୍ୟ, ଗୁଣବତ୍ତା ପାଇଁ ପ୍ରତିବଦ୍ଧତା ଏବଂ ସ୍ୱଚ୍ଛ ଓ ଦୁର୍ନୀତିମୁକ୍ତ ବ୍ୟବସ୍ଥାର ଆବଶ୍ୟକତା ରହିଛି। ଅନୁରୂପ ଭାବେ ଆମକୁ ଆମ ପରିବେଶ ଓ ଜୀବଜଗତର ସୁରକ୍ଷା ପ୍ରତି ମଧ୍ୟ ଧ୍ୟାନ ଦେବାର ଆବଶ୍ୟକତା ରହିଛି। ସଡ଼କ ନିର୍ମାଣରେ ବର୍ଜ୍ୟବସ୍ତୁ ଉପଯୋଗ କରିବା ଲାଗି ଯୋଜନା ଏବଂ ନୀତି ପ୍ରଣୟନ କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଗଡ଼କରୀ ପୁଣି କହିଥିଲେ, ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ବର୍ତ୍ତମାନ ସୁଦ୍ଧା ସର୍ବାଧିକ ୨ ଲକ୍ଷ ୮୭ ହଜାର କୋଟି ଟଙ୍କାର ବଜେଟ୍ ଆବଣ୍ଟନ ହାସଲ କରିଛି। ସଡ଼କ ନିର୍ମାଣ କ୍ଷେତ୍ରରେ ଅର୍ଥ କିମ୍ବା ସମ୍ବଳର ଅଭାବ ନାହିଁ। ସଡ଼କ ନେଟ୍‌ୱର୍କର ମୁଦ୍ରୀକରଣ ଦ୍ୱାରା ୧୫ ଲକ୍ଷ କୋଟି ଟଙ୍କାରୁ ଅଧିକ ସଂଗ୍ରହ କରାଯାଇପାରିବ। ତେବେ ଏଥିପାଇଁ ସ୍ୱଚ୍ଛତା, ସଚ୍ଚୋଟତା, ସକାରାତ୍ମକ ଆଭିମୁଖ୍ୟ ଏବଂ ଦ୍ରୁତ ନିଷ୍ପତ୍ତି ପ୍ରକ୍ରିୟାର ଆବଶ୍ୟକତା ରହିଛି। କେନ୍ଦ୍ର ମନ୍ତ୍ରୀ କହିଥିଲେ, ସରକାର ଦ୍ରୁତଗତିରେ ରାଜପଥ ନିର୍ମାଣ କରୁଛନ୍ତି। ୨୦୧୪ରେ ୯୧ ହଜାର ୨୮୭ କିଲୋମିଟର ରାଜପଥ ଥିବା ବେଳେ ବର୍ତ୍ତମାନ ଏହା ୬୦% ବୃଦ୍ଧି ପାଇ ୧,୪୬,୩୪୨ କିଲୋମିଟରରେ ପହଞ୍ଚିଛି। ସଡ଼କ ଦୁର୍ଘଟଣା କାରଣରୁ ଦେଶରେ ବର୍ଷକୁ ୧ ଲକ୍ଷ ୮୦ ହଜାର ଲୋକଙ୍କ ପ୍ରାଣହାନି ଘଟିବାକୁ ନେଇ କେନ୍ଦ୍ର ମନ୍ତ୍ରୀ ଚିନ୍ତାବ୍ୟକ୍ତ କରିବା ସହିତ ସଡ଼କ ସୁରକ୍ଷା ଏବଂ ଦୁର୍ଘଟଣା ହ୍ରାସ ପାଇଁ ସରକାରୀ ସ୍ତରରେ ହେଉଥିବା ପ୍ରୟାସ ଉପରେ ଆଲୋକପାତ କରିଥିଲେ। ଡିପିଆର(ସବିଶେଷ ପ୍ରକଳ୍ପ ରିପୋର୍ଟ)ରେ ତ୍ରୁଟି କାରଣରୁ ଅନେକ ଦୁର୍ଘଟଣା ହେଉଥିବାରୁ ଏଥିରେ ସୁଧାର ଆଣିବା ଲାଗି ସେ ଇଞ୍ଜିନିୟର ଏବଂ ଅନ୍ୟ ପେସାଦାରମାନଙ୍କୁ ଅନୁରୋଧ କରିଥିଲେ। ସଡ଼କ ଦୁର୍ଘଟଣାରେ ଆହତଙ୍କ ଜୀବନ ରକ୍ଷା କରୁଥିବା ସ୍ୱେଚ୍ଛାସେବୀଙ୍କୁ ପୋଲିସ ଜେରା କରିପାରିବ ନାହିଁ। ଏଥିପାଇଁ ସରକାର ଆଇନ ଆଣିଛନ୍ତି। ସଡ଼କ ନିର୍ମାଣ ସମୟରେ ପରିବେଶ ଓ ଜୀବଜଗତର ସୁରକ୍ଷା ଉପରେ କେନ୍ଦ୍ର ମନ୍ତ୍ରୀ କହିଥିଲେ, ରାସ୍ତା ନିର୍ମାଣ କାରଣରୁ ଦେଶରେ ସର୍ବାଧିକ ପ୍ରଦୂଷଣ ହେଉଛି। ଏହାର ସମାଧାନ ଲାଗି ବର୍ତ୍ତମାନ ସଡ଼କ ନିର୍ମାଣରେ ବର୍ଜ୍ୟବସ୍ତୁର ଉପଯୋଗ କରାଯାଉଛି। ଏବେ ସୁଦ୍ଧା ୮୦ ଲକ୍ଷ ଟନ୍ ସହରାଞ୍ଚଳ ବର୍ଜ୍ୟବସ୍ତୁକୁ ରାସ୍ତା ନିର୍ମାଣରେ ଉପଯୋଗ କରାଯାଇଛି। ରାଜପଥ ନିର୍ମାଣରେ ବାୟୋ-ବିଟୁମେନ୍ ଏବଂ ପୁନଃଚକ୍ରିତ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁର ବ୍ୟବହାର ଦୀର୍ଘସ୍ଥାୟିତ୍ୱ ଏବଂ ମୂଲ୍ୟ ଦକ୍ଷତାକୁ ଆହୁରି ବୃଦ୍ଧି କରୁଛି, ଯାହା ପରିବେଶ-ସଚେତନ ବିକାଶ ପାଇଁ ଆମର ଦୃଷ୍ଟିକୋଣ ସହିତ ସମନ୍ୱିତ ବୋଲି ଗଡ଼କରୀ କହିଥିଲେ।

କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସଡ଼କ ଭିତ୍ତିଭୂମିକୁ ସୁଦୃଢ଼ କରିବା ଦିଗରେ ରାଜ୍ୟ ସରକାର ବିଶେଷ ଗୁରୁତ୍ୱାରୋପ କରୁଥିବା କହିଛନ୍ତି। ଆଇଆରସିର ଏହି ଅଧିବେଶନରୁ ବାହାରିଥିବା ନିଷ୍କର୍ଷ ଦେଶରେ ସଡ଼କ କ୍ଷେତ୍ରକୁ ଅଧିକ ଗତିଶୀଳ କରିବ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ଆଇନ, ପୂର୍ତ୍ତ ଏବଂ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରମୁଖ ଉପସ୍ଥିତ ଥିଲେ।

## ସମୃଦ୍ଧ ଓଡିଶା ପାଇଁ ...

ଆର୍ଥିକ ବର୍ଷରେ କେନ୍ଦ୍ର ସରକାର ଓଡ଼ିଶା ପାଇଁ ୧୩ ହଜାର ୬୯ କୋଟି ଟଙ୍କାର ଜାତୀୟ ରାଜପଥ ମଞ୍ଜୁର କରିଛନ୍ତି। କେନ୍ଦ୍ର ରାଜପଥ ମନ୍ତ୍ରୀଙ୍କ ଦ୍ୱାରା ୪ ହଜାର କୋଟି ଟଙ୍କାର ୧୯ଟି ସଡ଼କ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଛି ଏବଂ ୧୩ଟି ପ୍ରକଳ୍ପ ପାଇଁ ୯ ହଜାର କୋଟି ଟଙ୍କା ମଧ୍ୟ ସେ ପୂର୍ବରୁ ମଞ୍ଜୁର କରିସାରିଛନ୍ତି। ୫ ବର୍ଷ ମଧ୍ୟରେ ଆମ ସରକାର ୭୫ ହଜାର କିଲୋମିଟର ସଡ଼କ ନିର୍ମାଣ ପାଇଁ ଲକ୍ଷ୍ୟ ରଖିଛନ୍ତି। ଓଡ଼ିଶାର ସଡ଼କଗୁଡ଼ିକୁ ବିଶ୍ୱସ୍ତରୀୟ ମାନର କରିବା ପାଇଁ କେନ୍ଦ୍ର ମନ୍ତ୍ରୀ ଗୁରୁତ୍ୱ ଦେଉଛନ୍ତି। ଆଗାମୀ ଦିନରେ କେନ୍ଦ୍ର ମନ୍ତ୍ରୀଙ୍କର ଏହି ସହଯୋଗ ଓଡ଼ିଶାର ବିକାଶକୁ ଆହୁରି ତୀବ୍ର କରିବ। ମୁଖ୍ୟମନ୍ତ୍ରୀ କହିଛନ୍ତି, ୨୦୧୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦାୟିତ୍ୱ ନେବାଠାରୁ ସଡ଼କ ନିର୍ମାଣ କ୍ଷେତ୍ରରେ ଦ୍ରୁତ ଉନ୍ନତି ଆସିଛି। ପ୍ରଧାନମନ୍ତ୍ରୀଙ୍କ ଦିଗ୍‌ଦର୍ଶନ ଏବଂ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀଙ୍କ କାର୍ଯ୍ୟଦକ୍ଷତା ଯୋଗୁ ଉତ୍ତମ ସଡ଼କ ନିର୍ମାଣ କ୍ଷେତ୍ରରେ ଦେଶବ୍ୟାପୀ ବ୍ୟାପକ ପରିବର୍ତ୍ତନ ଆସିଛି। ସ୍ୱାଧୀନତା ପରଠାରୁ ୨୦୧୪ ମସିହା ସୁଦ୍ଧା ଦେଶରେ ମାତ୍ର ୯୧ ହଜାର କିଲୋମିଟର ରାଜପଥ ନିର୍ମାଣ ହୋଇଥିବା ବେଳେ ଗତ ଦଶବର୍ଷରେ ଆଉ ୫୫ ହଜାର କିଲୋମିଟର ରାଜପଥ ନିର୍ମାଣ କରାଯାଇଛି। ମନ୍ତ୍ରୀ ଗଡ଼କରୀଙ୍କ କାର୍ଯ୍ୟଦକ୍ଷତା ଓ ଦୂରଦୃଷ୍ଟି ଚିନ୍ତାଧାରା ଯୋଗୁ ଦେଶରେ ବିଶ୍ୱସ୍ତରୀୟ ସଡ଼କ ନିର୍ମାଣର ଅଗ୍ରଗତି ସମ୍ଭବ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ ଯୋଗଦେଇ ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଦେଶରେ ଜାତୀୟ ରାଜପଥର ବିକାଶରେ ଭାରତୀୟ ସଡ଼କ କଂଗ୍ରେସର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଓଡ଼ିଶାରେ ଏହିଭଳି ସମ୍ମାନଜନକ ଆୟୋଜନ ଆମ ପାଇଁ ଗୌରବର କଥା। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ସଡ଼କ ନିର୍ମାଣ କ୍ଷେତ୍ରରେ ଗୁଣାତ୍ମକ ମାନ ବଜାୟ ରଖିବା ପାଇଁ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଭାରତୀୟ ସଡ଼କ କଂଗ୍ରେସର ସଭାପତିପ୍ରଫେସରମନୋରଞ୍ଜନପରିଡ଼ା, ମହାସଚିବ ରାହୁଲ ଗୁପ୍ତା ପ୍ରମୁଖ ସେମାନଙ୍କ ବକ୍ତବ୍ୟ ରଖିଥିଲେ। ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ସମସ୍ତଙ୍କୁ ସମାବେଶକୁ ସ୍ୱାଗତ କରିଥିଲେ।

## ଡିଜିଟାଲ ଆରେଷ୍ଟରେ ...

ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ବିଜୟ କିଛିବର୍ଷ ତଳେ ଅବସର ନେଇଥିଲେ। ସେ ସ୍ତ୍ରୀଙ୍କ ସହ ରହୁଥିବା ବେଳେ ତାଙ୍କ ପିଲାମାନେ ବିଦେଶରେ ରହୁଛନ୍ତି। ୧୦ଦିନ ତଳେ ବିଜୟଙ୍କୁ ସାଇବର ଠକମାନେ କଲ୍ କରି ନିଜକୁ ମୁମ୍ବାଇ କ୍ରାଇମବ୍ରାଞ୍ଚ ଅଧିକାରୀ ପରିଚୟ ଦେଇ ଧମକାଇଥିଲେ। ତାଙ୍କ ନମ୍ବର ଏକ କ୍ରାଇମ ସିଣ୍ଡିକେଟ୍‌ରେ ବ୍ୟବହାର ହୋଇଥିବା ସେମାନେ କହିବାରୁ ବିଜୟ ଡରିଯାଇଥିଲେ। ସାଇବର ଠକମାନେ ପୋଲିସ ପୋଷାକରେ ଭିଡିଓ କଲ୍ କରିଥିଲେ। ତାଙ୍କୁ ଗିରଫ କରାଯାଇଥିବା କହି ବ୍ଲାକ୍‌ମେଲ୍ କରିଥିଲେ। ଘରୁ ବାହାରକୁ ନ ଯିବାକୁ ଦମ୍ପତିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏପରିକି ସାଇବର ଠକଙ୍କ କଥାକୁ ବିଶ୍ୱାସ କରି ବିଜୟ ତାଙ୍କ ବ୍ୟକ୍ତିଗତ ତଥ୍ୟ ଦେବା ସହ ବିଭିନ୍ନ ପର୍ଯ୍ୟାୟରେ ସେମାନଙ୍କ ଆକାଉଣ୍ଟକୁ ଟଙ୍କା ପଠାଇ ଦେଇଥିଲେ। ଏପରିକି ନିଜ ପାଖରେ ପର୍ଯ୍ୟାପ୍ତ ଟଙ୍କା ନ ଥିବାରୁ ସେ ଋଣ ମଧ୍ୟ ଆଣିଥିଲେ। ଏହି ଘଟଣା ବିଷୟରେ ବିଜୟ ଓ ତାଙ୍କ ସ୍ତ୍ରୀ କାହାକୁ ନ କହି ଘରେ ମାନସିକ ଅବସାଦରେ ରହୁଥିଲେ। ସାଇବର ଠକମାନେ ନିରନ୍ତର ଭିଡିଓ କଲ୍‌ରେ ରହି ଦମ୍ପତିଙ୍କୁ ଡରାଇବା ସହ ତାଗିଦ୍ କରୁଥିଲେ। ତେବେ ବୟସ୍କ ଦମ୍ପତି ଘରୁ ବାହାରୁ ନ ଥିବାରୁ ସ୍ଥାନୀୟ ଲୋକଙ୍କ ସନ୍ଦେହ ହୋଇଥିଲା। ସେମାନେ ଗୁରୁବାର ରାତିରେ ଶହୀଦନଗର ଥାନାକୁ ଖବର ଦେଇଥିଲେ। ପୋଲିସ ଟିମ୍ ତାଙ୍କ ଘରକୁ ଯାଇ ଡାକିଥିଲେ ମଧ୍ୟ ସେମାନେ କବାଟ ଖୋଲି ନ ଥିଲେ। ବହୁ ଅନୁରୋଧ ପରେ ସେମାନେ ଭରସା କରି ବାହାରକୁ ଆସିଥିଲେ। ଏହାପରେ ପୋଲିସ ଟିମ୍ ଦମ୍ପତିଙ୍କୁ ସାଇବର ଥାନାକୁ ନେଇଥିଲା। ତେବେ ଟଙ୍କା ହରାଇ ସର୍ବସ୍ୱାନ୍ତ ହୋଇପଡିଥିବାରୁ ସେମାନେ ମାନସିକ ଚାପରେ ଥିବା ଦେଖିବାକୁ ମିଳିଥିଲା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଚନ୍ଦ୍ର ମୃଗଶିରା ନକ୍ଷତ୍ରରେ ରହି ଯାତ୍ରା, ବ୍ୟବସାୟ, ବନ୍ଧୁ ସମ୍ପର୍କ ସ୍ଥାପନ ଦିଗରେ ସହାୟକ ହେବେ। ପାରିବାରିକ ସମସ୍ୟା ସମାଧାନ ସକାଶେ ବନ୍ଧୁଙ୍କ ଅବଦାନକୁ ଅସ୍ୱୀକାର କରିହେବନି। ଆନୁଷ୍ଠାନିକ କାମ ଓ କାର୍ଯ୍ୟାରମ୍ଭ ସକାଶେ ଦିନଟି ପ୍ରଶସ୍ତ ରହିବ। କର୍ମକ୍ଷେତ୍ରରେ ସାଧାରଣ ଘଟଣାକୁ ନେଇ ମନସ୍ତାପ କରିବାକୁ ପଡ଼ିପାରେ।

**ବୃଷ** ରାଶିରେ ଉଚ୍ଚସ୍ଥ ଚନ୍ଦ୍ରଙ୍କ ସ୍ଥିତି କୌଣସି କର୍ମାରମ୍ଭ ପାଇଁ ମନ୍ଦ ନ ହେଲେ ମଧ୍ୟ ଶନି ଦୃଷ୍ଟିରୁ ଝିନଝଟ୍‌ରୁ ମୁକ୍ତି ମିଳିବ ନାହିଁ। ପ୍ରତ୍ୟେକ କ୍ଷେତ୍ରରେ ମାପିଚୁପି ଚଳିବା ଭଲ ନଚେତ୍ ଆକସ୍ମିକ ଭାବରେ କଳହ ଲାଗିପାରେ। ଶିଳ୍ପ ଓ ପରିବହନ ପାଇଁ ଅସୁବିଧା ହେବ ନାହିଁ। କର୍ମକ୍ଷେତ୍ରରେ ମନୋବଳ ଟାଣ ରହିବ ଓ ଅଟକିଥିବା କାମକୁ ଶେଷ କରିବେ।

**ମିଥୁନ** ରାଶ୍ୟାଧିପ ଶନି ନକ୍ଷତ୍ରରେ ଅବସ୍ଥାନ କରିଥିବାରୁ ଆଜି ଯାହା ପାଇବା ଆଶା ରଖିଛନ୍ତି ତାହା ଅବଶ୍ୟ ପାଇବେ। ସନ୍ତାନ ହେତୁକ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଗୋଳମାଳିଆ ପରିସ୍ଥିତିରେ ମଧ୍ୟସ୍ଥତା କଲେ କୈଫିୟତ୍ ଦେବାକୁ ପଡ଼ିପାରେ। ବ୍ୟବସାୟରେ କ୍ରମଶଃ ସମସ୍ୟା ବଢ଼ି ବଢ଼ି ବଡ଼ ଆକାର ଧାରଣ କରିବାର ଆଶଙ୍କା ରହିଛି।

**କର୍କଟ** ସ୍ୱନକ୍ଷତ୍ର ପୁନର୍ବସୁରେ ଦେବଗୁରୁ ରହିଥିବାରୁ ଯଥା ସମୟରେ କାର୍ଯ୍ୟ ସାଧିତ ହେବ। ସମସ୍ୟା ରହିଥିଲେ ମଧ୍ୟ ବନ୍ଧୁଙ୍କଠାରୁ ଆବଶ୍ୟକ ସହଯୋଗ ପାଇବାର ସୁଯୋଗ ମିଳିବ। ଅଫିସରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ବ୍ୟବସାୟ କିମ୍ବା ପରିବହନରେ ଲାଭ ହେବା ବଦଳରେ କ୍ଷତିରେ ହିଁ ପଡ଼ିବେ।

**ସିଂହ** ବ୍ୟୟାଧିପ ଚନ୍ଦ୍ର କର୍ମସ୍ଥାନରେ ଅବସ୍ଥାନ କରିଥିବାରୁ କର୍ମକ୍ଷେତ୍ରରେ ସ୍ଥାନାନ୍ତରର ସମ୍ଭାବନା ରହିଛି। ଆଜି ଫେରନ୍ତା ରାସ୍ତାରେ କୌଣସି ବ୍ୟକ୍ତିଙ୍କୁ ଅପେକ୍ଷା କରି ବ୍ୟସ୍ତ ହେବେ। ପୁରାତନ ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ମନ ହଲ୍‌ଚଲ୍ ହେବ। ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିଯାଇପାରେ।

**କନ୍ୟା** ଚନ୍ଦ୍ରଙ୍କ ସପ୍ତମରେ ରାଶ୍ୟାଧିପତି ରହିଥିବାରୁ ପ୍ରାପ୍ୟ ହାସଲ କରିବାରେ ପ୍ରତିବନ୍ଧକର ସାମ୍ନା କରିବେ। ଆଜି ପ୍ରତ୍ୟେକ ପରିସ୍ଥିତିକୁ ଲାଘବ କରିବା ଦିଗରେ ଆପଣଙ୍କ ନରମ କଥା ଓ କିଛିଟା ଅର୍ଥବ୍ୟୟ ସାହାଯ୍ୟ କରିବ। ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା, ସାହିତ୍ୟ ଓ ସଭା ସମିତିରେ ସମସ୍ୟା ସମାଧାନର ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ।

**ତୁଳା** ଶୁକ୍ର ନିଜ ଗୃହରେ ଅବସ୍ଥାନ କରିଥିବାରୁ ଆପଣଙ୍କୁ ସାମାଜିକ ପ୍ରତିଷ୍ଠା ସହ ପ୍ରତିଯୋଗିତା କ୍ଷେତ୍ରରେ ବିଜୟୀ କରାଇପାରନ୍ତି। ପରିବାରରେ ସୁଖ ଶାନ୍ତି ଫେରାଇ ଆଣିବା ଦିଗରେ ପ୍ରଯତ୍ନ କଲେ ଚେଷ୍ଟା କଦାପି ବିଫଳ ହେବନି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସଫଳତା ଅବଶ୍ୟ ମିଳିବ।

**ବିଛା** ଶନିଙ୍କ କୁପ୍ରଭାବରୁ ଅଧିକାଂଶ କ୍ଷେତ୍ରରେ ବିଚାର ବିଗିଡି ଯାଉଥିବାରୁ କ୍ଷୋଭ ପ୍ରକାଶ କରିପାରନ୍ତି। ଚତୁର୍ଥ କେନ୍ଦ୍ରରେ ରାହୁ ପାରିବାରିକ, ଆର୍ଥିକ ଏବଂ ସାମାଜିକ ଦିଗକୁ ସମସ୍ୟାବହୁଳ କରିବେ। ଯେଉଁ ବିଷୟ ସକାଶେ ଚିନ୍ତା କରୁଛନ୍ତି ସେପରି କିଛି ଅସୁବିଧା ହେବନି। ସାମ୍ବାଦିକତା, ରାଜନୀତି, ସାହିତ୍ୟ କ୍ଷେତ୍ରରେ ସୁନାମ ଅର୍ଜନ କରିବେ।

**ଧନୁ** ଧନାଧିପ ଶନି ଭାଗ୍ୟସ୍ଥାନକୁ କଟାକ୍ଷ କରୁଥିବାରୁ ଶେଷ ମୁହୂର୍ତ୍ତରେ ଯୋଜନା ବିଗିଡ଼ିଯିବ। ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। ଅସମର୍ଥିତ ସୂତ୍ରରୁ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଅବଶ୍ୟ ଶୁକ୍ର ସହ ରବିଙ୍କ ସ୍ଥିତି କେତେକାଂଶରେ ଆପଣଙ୍କ କାମରେ ସାହାଯ୍ୟ କରିପାରନ୍ତି।

**ମକର** ଚନ୍ଦ୍ରଙ୍କ ପାପଗ୍ରହଙ୍କ ଦୃଷ୍ଟି ମାନସିକ ଅସ୍ଥିରତା ସାଙ୍ଗକୁ କଡା ମିଜାଜର କଥା ପରିସ୍ଥିତିକୁ ସଙ୍ଗିନ କରିଦେବ। ଆଜି ଯେତେ ଚେଷ୍ଟା କଲେ ମଧ୍ୟ ସବୁ କାମ ଯଥା ସମୟରେ ସମ୍ପନ୍ନ କରିପାରିବେ ନାହିଁ। କର୍ମାଧିପତିଙ୍କ ସ୍ଥିତି ଶ୍ରବଣା ନକ୍ଷତ୍ର ପାଇଁ କାମ ହାସଲରେ ସହାୟକ ହେବ। ବନ୍ଧୁ ଠିକ୍ ସମୟରେ ନ ଫେରିବାରୁ ପ୍ରତୀକ୍ଷା ଯନ୍ତ୍ରଣା ତୀବ୍ର ହେବ।

**କୁମ୍ଭ** ରାଶିରେ ରାହୁ ଏବଂ ମୁଖ ଭାବରେ ଶନିଙ୍କ ସ୍ଥିତିଜନିତ ସମ୍ପର୍କୀୟଙ୍କ ସହ ବିବାଦ ଘନେଇପାରେ। କର୍ମକ୍ଷେତ୍ରରେ ଆତ୍ମୀୟତାର ସହ କାମ କରି ଓଲଟା ଫଳ ପାଇବେ। ମୂଲ୍ୟବାନ ଦ୍ରବ୍ୟ ଲାଭ ହୋଇପାରେ। ପାଖ ପଡ଼ୋଶୀ କିମ୍ବା ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାଇବା ଠିକ୍ ହେବନାହିଁ।

**ମୀନ** ବୁଧ କେନ୍ଦ୍ରାଧିପ ହୋଇ ଭାଗ୍ୟ ସ୍ଥାନରେ ରହୁଥିବାରୁ ବନ୍ଧୁଙ୍କ ଅକୁଣ୍ଠ ସମର୍ଥନ ପାଇ କାମ ହାସଲ କରିବେ। ପରିବାରରେ ବିଭିନ୍ନ ସମସ୍ୟାର ସାମ୍ନା କରି ନ ପାରି ବିବ୍ରତ ହେବେ। ପଡ଼ୋଶୀ ଏବଂ ସହକର୍ମୀଙ୍କ ସହାନୁଭୂତି ଯୋଗୁ କାମ ସମ୍ପନ୍ନରେ ଅସୁବିଧା ହେବ ନାହିଁ। ଆଜିର ରୋଜଗାର ତୁଳନାରେ ଖର୍ଚ୍ଚାଧିକ୍ୟ ମନସ୍ତାପର କାରଣ ହୋଇପାରେ।

ଆଜି ନଭେମ୍ବର ୮ ତାରିଖ, ମାର୍ଗଶିର କୃଷ୍ଣ ତୃତୀୟା ଯୁକ୍ତ ଚତୁର୍ଥୀ, ଶନିବାର, ରାଶି ନକ୍ଷତ୍ର-ମୃଗଶିରା/ବୃଷ, ଦିବା ଘ.୧୧।୧୫ ମି. ଗତେ ମିଥୁନ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୭।୨୪ ଗତେ ଘ.୦୮।୪୨ ମଧ୍ୟେ, ଘ.୧୧।୫୨ଗତେ ଘ.୧୨।୫୪ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୮।୪୨ ଗତେ ଘ.୧୦।୦୬ ମଧ୍ୟେ ରାହୁ କାଳ।

## ତୀର୍ଥଯାତ୍ରୀ ବସ୍ ଦୁର୍ଘଟଣାଗ୍ରସ୍ତ, ୧୬ ଗୁରୁତର

**ବଇଣ୍ଡା,୭।୧୧(ପରିକ୍ଷିତ ସାହୁ):** କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର ଅନୁଗୋଳ ଜିଲା ହଣ୍ଡପା ଥାନା ଲୁହାମୁଣ୍ଡାଠାରେ ଶୁକ୍ରବାର ଭୋର ୫ଟାରେ ଏକ ତୀର୍ଥଯାତ୍ରୀ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ ବସ୍ ଚାଳକଙ୍କୁ ମିଶାଇ ୧୬ଜଣ ତୀର୍ଥଯାତ୍ରୀ ଗୁରୁତର ହୋଇଛନ୍ତି। ସେମାନଙ୍କୁ ସ୍ଥାନୀୟ ଅଞ୍ଚଳବାସୀ ଉଦ୍ଧାର କରି କିଶୋରନଗର ମେଡିକାଲରେ ଭର୍ତ୍ତି କରିଛନ୍ତି।




# ସେବାୟତ ବେଶରେ ଗର୍ଭଗୃହରେ ପଶିଲେ

## ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାରେ ବଡ଼ ତ୍ରୁଟି

### ଅନ୍ୟ ଜଣେ ଶ୍ରଦ୍ଧାଳୁ ଚଷମାରେ ହିଡେନ୍ କ୍ୟାମେରା ନେଇ ଧରାପଡ଼ିଲେ

**ପୁରୀ,୭।୧୧(ଅଜିତ୍ କୁମାର ମହାନ୍ତି)**

ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାରେ ପୁଣି ବଡ଼ଧରଣର ତ୍ରୁଟି ଦେଖିବାକୁ ମିଳିଛି। ଶୁକ୍ରବାର ଜଣେ ଭକ୍ତ ଚଷମାରେ ହିଡେନ୍ କ୍ୟାମେରା ନେଇ ଶ୍ରୀମନ୍ଦିରରେ ପ୍ରବେଶ ଏବଂ ଅନ୍ୟ ଜଣେ ଭକ୍ତ ସେବାୟତ ବେଶରେ ଗର୍ଭଗୃହକୁ ପ୍ରବେଶ ଉଦ୍ୟମ କରି ଧରାପଡ଼ିଛନ୍ତି। ଏହି ଦୁଇ ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଦ୍ୱୟଙ୍କ ବିରୋଧରେ ସିଂହଦ୍ୱାର ଥାନାରେ ଶ୍ରୀଜଗନ୍ନାଥ ଟେମ୍ପଲ ଆକ୍ଟ ଅନୁଯାୟୀ ଦୁଇଟି ପୃଥକ୍ ମାମଲା ରୁଜୁ କରାଯାଇଛି।

ସୂଚନା ଅନୁଯାୟୀ, ପୂର୍ବାହ୍ନରେ ସୁରକ୍ଷାବଳୟ ଭେଦକରି ଜଣେ ଭକ୍ତ ହିଡେନ୍ କ୍ୟାମେରା ନେଇ ଶ୍ରୀମନ୍ଦିରରେ ପ୍ରବେଶ କରି ଧରାପଡ଼ିଛନ୍ତି। ସେ ହେଲେ ଗୁଜରାଟ ଅହମଦାବାଦ୍‌ର ଭରତ ପାଣ୍ଡିଆ(୫୫)। ଭରତ ନିଜ ଚଷମାରେ ହିଡେନ୍ କ୍ୟାମେରା ଖଞ୍ଜି ଶ୍ରୀମନ୍ଦିରରେ ପ୍ରବେଶ କରିଥିବାବେଳେ ଦାୟିତ୍ୱରେ ଥିବା ଶ୍ରୀଜଗନ୍ନାଥ ଟେମ୍ପଲ ପୋଲିସ (ଜେଟିପି) ଏବଂ କେତେଜଣ ସେବାୟତ ତାଙ୍କୁ ଧରିଥିଲେ। ତାଙ୍କୁ ସିଂହଦ୍ୱାର ପୋଲିସ ଜିମା ଦିଆଯାଇଥିଲା। ପୋଲିସ ତାଙ୍କଠାରୁ ହିଡେନ୍ କ୍ୟାମେରା ଲାଗିଥିବା ଚଷମା ଜବତ କରିବା ସହ ପଚରାଉଚରା କରିଥିଲା। ଆଗାମୀ ଦିନରେ ତଦନ୍ତରେ ସହଯୋଗ କରିବା ସର୍ତ୍ତରେ ତାଙ୍କଠାରୁ ବେଲ୍‌ବଣ୍ଡ ଲେଖାଇ ନିଆଯାଇ ଛାଡ଼ି ଦିଆଯାଇଛି।

ଏସ୍‌ପି ପ୍ରତୀକ ସିଂ କହିଛନ୍ତି, ଏନେଇ ସିଂହଦ୍ୱାର ଥାନା ପକ୍ଷରୁ ଶ୍ରୀଜଗନ୍ନାଥ ମନ୍ଦିର ଆକ୍ଟ ଅନୁଯାୟୀ ନଂ.୨୦୪/୨୫ରେ ଏକ ମାମଲା ରୁଜୁ କରାଯାଇଛି। ଏଥିସହ ଉକ୍ତ ଚଷମା ଓ ମୋବାଇଲ ଫୋନକୁ ଜବତ କରାଯାଇଛି। ବ୍ୟକ୍ତି ଜଣଙ୍କ କେଉଁ ଦ୍ୱାର ଦେଇ ଶ୍ରୀମନ୍ଦିରକୁ ପ୍ରବେଶ କରିଛନ୍ତି ଏବଂ ପ୍ରୋଟୋକଲ୍‌ରେ ଯାଇଛନ୍ତି କି ନାହିଁ, ସେନେଇ ସିସିଟିଭି ଯାଞ୍ଚ କରାଯାଉଛି। ଚଷମା ସାଇଣ୍ଟିଫିକ୍ ଲାବ୍‌କୁ ପଠାଯିବ। ତଦନ୍ତ ଜାରି ରହିଛି। ତଦନ୍ତ ରିପୋର୍ଟ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସେହିପରି ଅନ୍ୟ ଏକ ଅଭାବନୀୟ ଘଟଣା ମଧ୍ୟ ଘଟିଛି। ସେବାୟତଙ୍କ ଆଖିରେ ଧୂଳି ଦେଇ ଜଣେ ଶ୍ରଦ୍ଧାଳୁ ଶ୍ରୀମନ୍ଦିର ଭିତରକାଠ ଡେଇଁ ଗର୍ଭଗୃହକୁ ପ୍ରବେଶ ଉଦ୍ୟମ କରୁଥିବା ବେଳେ ପୋଲିସ ତାଙ୍କୁ ଅଟକ ରଖିଛି। ଅଟକ ଯୁବକ ହେଲେ ଯାଜପୁର ଜିଲା ଜେନାପୁର ଥାନା ଅଧୀନ ଗଡ଼ମଧୁପୁର ଅଞ୍ଚଳର ଶାନ୍ତନୁ ମିଶ୍ର (୨୯)। ସେ ନିୟମ ନ ମାନି ସେବାୟତ ବେଶରେ ଗର୍ଭଗୃହ ଭିତରକୁ ପ୍ରବେଶ ପାଇଁ ଉଦ୍ୟମ କରିଥିବା ନେଇ ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ କେସ୍ ନଂ.୨୦୫/୨୦୨୫ ରୁଜୁ ହୋଇ ତଦନ୍ତ ଚାଲିଛି। ଏସ୍‌ପି କହିଛନ୍ତି, ସେବାୟତ ବେଶରେ କିଏ ଯାଉଛନ୍ତି, ତାହା ଚିହ୍ନଟ କରିବା ପୋଲିସ ପକ୍ଷେ କଷ୍ଟକର। ଜଗମୋହନ ପରେ ଯିବା ଆସିବାରେ ପୋଲିସର ସେଠାରେ କିଛି ଭୂମିକା ନାହିଁ। ଯଦି ସେବାୟତ ବେଶରେ ଅନ୍ୟ କେହି ପ୍ରବେଶ କରୁଛନ୍ତି, ତେବେ ସେମାନଙ୍କୁ ପ୍ରତିହାରୀ ସେବକ ଏବଂ ଜେଟିପି ଚିହ୍ନଟ କରିପାରିବେ। ପୋଲିସ ସର୍ବଦା ରୋଟେଶନ୍‌ରେ ରୁହେ। ତେଣୁ ଅଣସେବାୟତଙ୍କୁ ଶ୍ରୀମନ୍ଦିର ଭିତରେ ଚିହ୍ନଟ କରିବା କଷ୍ଟସାଧ୍ୟ। ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ବୋଲି ଏସ୍‌ପି ପ୍ରକାଶ କରିଛନ୍ତି। ପ୍ରଶାସନ ପକ୍ଷରୁ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ଏପରି ଘଟଣା ବାରମ୍ବାର ଘଟୁଥିବା ଅଭିଯୋଗ ହେଉଛି। ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ପାଇଁ ୨୪ ଘଣ୍ଟିଆ ପୋଲିସ ବ୍ୟବସ୍ଥା ସହିତ ଶ୍ରୀମନ୍ଦିର ଭିତରେ ଅଧିକସଂଖ୍ୟକ ଜେଟିପି ନିଯୁକ୍ତି ସହ ସିସିଟିଭି କ୍ୟାମେରା ଲଗାଯିବାକୁ ସେବାୟତ ଓ ଜଗନ୍ନାଥପ୍ରେମୀ ମତ ଦେଇଛନ୍ତି।

## ଟ୍ରେନ୍‌ରୁ ପଡ଼ି ଦାଦନ ଶ୍ରମିକଙ୍କ ମୃତ୍ୟୁ


ସୂର୍ଯ୍ୟ ନାରାୟଣ ପ୍ରଧାନ

**ଛତ୍ରପୁର,୭।୧୧ (ଦିଲୀପ ସାମଲ)**

ଭିଟାମାଟିକୁ ଫେରୁଥିବା ଗଞ୍ଜାମ ଜିଲାର ଜଣେ ଦାଦନ ଶ୍ରମିକଙ୍କ ଆନ୍ଧ୍ରପ୍ରଦେଶରେ ଟ୍ରେନ୍‌ରୁ ଖସି ମୃତ୍ୟୁ ଘଟିଛି। ସେ ହେଲେ ଛତ୍ରପୁର ବ୍ଲକ ସୁନ୍ଦରପୁର ତଳସାହି ଶଙ୍କର ପ୍ରଧାନଙ୍କ ସାନ ପୁଅ ସୂର୍ଯ୍ୟ ନାରାୟଣ ପ୍ରଧାନ(୨୬)। ପରିବାର ପ୍ରତିପୋଷଣ ପାଇଁ ସୂର୍ଯ୍ୟ ନାରାୟଣ ୨ବର୍ଷ ତଳେ ଚେନ୍ନାଇ ଯାଇଥିଲେ। ସେଠାରେ ତାଙ୍କ ମା’ବାପା ମଧ୍ୟ ଥିଲେ। କୌଣସି ଏକ କାମ ପାଇଁ ସମସ୍ତେ ଟ୍ରେନ୍ ଯୋଗେ ଗାଁକୁ ଫେରୁଥିଲେ। ଶୁକ୍ରବାର ଆନ୍ଧ୍ରପ୍ରଦେଶ କାକିନଡା ନିକଟରେ ସୂର୍ଯ୍ୟ ନାରାୟଣ କୌଣସି ପ୍ରକାରେ ଟ୍ରେନରୁ ଖସି ପଡିଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ସେହି ଟ୍ରେନର ଅନ୍ୟ ଏକ ବଗିରେ ସୂର୍ଯ୍ୟ ନାରାୟଣଙ୍କ ମା’ ବାପା ଥିଲେ। ଖବର ପାଇ ସ୍ଥାନୀୟ ଜିଲା ପରିଷଦ ସଭ୍ୟାଙ୍କ ପ୍ରତିନିଧି କାଳିଆ ନାହାକ ଘଟଣାସ୍ଥଳରେ ପହଞ୍ଚି ମୃତଦେହ କିପରି ଗାଁକୁ ଫେରିବ ତାହାର ବ୍ୟବସ୍ଥା କରିବା ସହ ଜିଲା ପ୍ରଶାସନକୁ ଅବଗତ କରାଇଥିଲେ। ଜିଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ତହସିଲାଦର ମନୋଜ ପ୍ରଧାନ ସୂର୍ଯ୍ୟନାରାୟଣଙ୍କ ଘରେ ପହଞ୍ଚି ତାଙ୍କ ମା’ଙ୍କୁ ୩୦ ହଜାର ଟଙ୍କା ରେଡକ୍ରସରୁ ସହାୟତା ପ୍ରଦାନ କରିଛନ୍ତି।

# ‘ବନ୍ଦେ ମାତରମ୍ ’ର ୧୫୦ତମ ବର୍ଷପୂର୍ତ୍ତି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ



## ପ୍ରଭାବ ଦେଖି ବ୍ରିଟିଶ ଶାସକ ବନ୍ଦେ ମାତରମ୍ ବ୍ୟାନ୍ କରିଥିଲେ: ମୋହନ

**ଭୁବନେଶ୍ୱର,୭।୧୧(ସୁନିତ୍ ମିଶ୍ର)**

ବନ୍ଦେ ମାତରମ୍ କେବଳ ଗୀତ ନୁହେଁ, ଏହା ରାଷ୍ଟ୍ରପ୍ରେମ, ତ୍ୟାଗ ଓ ବୀରତାର ପ୍ରତୀକ। ବଙ୍କିମ୍‌ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ‘ଆନନ୍ଦ ମଠ’ ଉପନ୍ୟାସରୁ ଜନ୍ମ ନେଇଥିବା ଏହି ଗୀତ ସ୍ୱାଧୀନତା ସଂଗ୍ରାମ ସମୟରେ ଦେଶବାସୀଙ୍କ ମନରେ ଜାଗୃତି, ଉତ୍ସାହ ଓ ବୈପ୍ଳବିକ ମନୋଭାବ ଜଗାଇଥିଲା ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଲୋକ ସେବା ଭବନରେ ଆୟୋଜିତ ରାଜ୍ୟ ସ୍ତରୀୟ ରାଷ୍ଟ୍ର ଗୀତ ‘ବନ୍ଦେ ମାତରମ୍’ର ୧୫୦ତମ ବର୍ଷପୂର୍ତ୍ତି କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ଶୁକ୍ରବାର ଉଦ୍‌ଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମ ନୂଆଦିଲ୍ଲୀରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଉଦ୍‌ଘାଟିତ ହେବା ସହ ରାଷ୍ଟ୍ରଗୀତ ବନ୍ଦେ ମାତରମ୍ ସାମୂହିକ ଗାନରେ ମୁଖ୍ୟମନ୍ତ୍ରୀ ସାମିଲ ହୋଇଛନ୍ତି।

ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣରେ କହିଛନ୍ତି, ଏହି ଗୀତର ଲୋକପ୍ରିୟତା ଓ ପ୍ରଭାବକୁ ଦେଖି ବ୍ରିଟିଶ ଶାସକମାନେ ବନ୍ଦେ ମାତରମ୍ ବ୍ୟାନ କରିଥିଲେ, ଯାହା ଏହି ଗୀତର ଶକ୍ତିର ସ୍ପଷ୍ଟ ପ୍ରମାଣ। କେଉଁ ଭାଷା, କେଉଁ ଧର୍ମ ବା କେଉଁ ଅଞ୍ଚଳର ହେଲେ ବି ଦେଶପ୍ରେମ ବିନା ଦେଶର ଉନ୍ନତି ଅସମ୍ଭବ। ବନ୍ଦେ ମାତରମ୍ ଆମ ହୃଦୟରେ ଦେଶପ୍ରେମର ଅଗ୍ନିକୁ ପୁନଃଜାଗୃତ କରିଥାଏ। ଯୁବପିଢ଼ି, ପିଲାମାନେ, ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଦେଶପ୍ରେମ ଜାଗ୍ରତ କରିବା ପାଇଁ ଏହି ବର୍ଷବ୍ୟାପୀ ପାଳନ ଖୁବ୍ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି। ବର୍ତ୍ତମାନ ସମସ୍ତେ ସାରା ଭାରତର ଲୋକ, କଶ୍ମୀରରୁ କନ୍ୟା କୁମାରୀ ପର୍ଯ୍ୟନ୍ତ, ବନ୍ଦେ ମାତରମ୍ ସାମୂହିକ ଭାବେ ଗାନ୍ କରିବାର ପ୍ରଭାବ ଖୁବ୍ ସୁଦୂରପ୍ରସାରୀ। ବିଶେଷକରି ଛୋଟ ପିଲା, ଛାତ୍ର ଓ ଯୁବକମାନଙ୍କ ଉପରେ ଏହାର ଖୁବ୍ ପ୍ରଭାବ ରହିବ। ଆଗାମୀ ଦିନରେ ଏହା ରାଷ୍ଟ୍ରବାଦକୁ ଏକ ନୂଆ ସଂଜ୍ଞା ଦେବାରେ ସଫଳ ହେବ। ଆଗାମୀ ବର୍ଷେ ଧରି ସମସ୍ତ ଜିଲାରେ ସ୍କୁଲ, କଲେଜ, ସରକାରୀ ଓ ବେସରକାରୀ ସଙ୍ଗଠନମାନଙ୍କ ମାଧ୍ୟମରେ ସାମୂହିକ ଗାନ, ସାଂସ୍କୃତିକ ଆୟୋଜନ ଓ ସଚେତନତା କାର୍ଯ୍ୟକ୍ରମ ଚାଲିବାକୁ ଯୋଜନା କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସମସ୍ତେ ଏହି ବର୍ଷବ୍ୟାପୀ କାର୍ଯ୍ୟକ୍ରମରେ ସାମିଲ ହେବା ଦରକାର। ବର୍ତ୍ତମାନ ଏହାର ଶୁଭାରମ୍ଭ ହେଲା, ବର୍ଷବ୍ୟାପୀ ଯାହା କାର୍ଯ୍ୟକ୍ରମ ହେବ ସେଥିରେ ସମସ୍ତେ ସାମିଲ ହେବା ସହିତ ଭାରତ ମାତାର ଗୌରବକୁ ପୃଥିବୀରେ ପରିବ୍ୟାପ୍ତ କରିବା ପାଇଁ ସଂକଳ୍ପବଦ୍ଧ ହେବା ବୋଲି ମୁଖ୍ୟମନ୍ତ୍ରୀ ଆହ୍ୱାନ କରିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ବିଜୟ କେତନ ଉପାଧ୍ୟାୟ ସହ ସମସ୍ତ ବିଭାଗୀୟ ସଚିବ, ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ରାଷ୍ଟ୍ରଗୀତ ବନ୍ଦେ ମାତରମ୍ ଗାନ କରିଛନ୍ତି।

## ବହୁଚର୍ଚ୍ଚିତ ଏସ୍‌ଆଇ ପରୀକ୍ଷା କେଳେଙ୍କାରୀ

# ଆର୍ଥିକ କାରବାରର ତଦନ୍ତ କରିବ ଇଡି

**ଭୁବନେଶ୍ୱର,୭।୧୧(ସତ୍ୟଜିତ ରାଉତ)**

ବହୁଚର୍ଚ୍ଚିତ ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି କେଳେଙ୍କାରୀରେ କ୍ରାଇମ୍‌ବ୍ରାଞ୍ଚ ତଦନ୍ତକୁ ଜୋର୍‌ଦାର କରିଛି। ରିମାଣ୍ଡରେ ଥିବା ମାଷ୍ଟରମାଇଣ୍ଡ୍ ଶଙ୍କର ପୃଷ୍ଟି ଓ ମଧ୍ୟସ୍ଥ ଅରବିନ୍ଦ ଦାସଙ୍କୁ କ୍ରାଇମବ୍ରାଞ୍ଚ ଟିମ୍ ଗୁଡାଇତୁଡାଇ ପ୍ରଶ୍ନ ପଚାରି ତଥ୍ୟ ହାସଲ କରିବାରେ ଲାଗିଛି। ଅନ୍ୟପକ୍ଷରେ ଏହି ଦୁର୍ନୀତିରେ ବହୁ କୋଟି ଟଙ୍କା କାରବାର ହୋଇଥିବା ଅଭିଯୋଗ ରହିଥିବାରୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଘଟଣାକୁ ଗୁରୁତ୍ୱର ସହ ନେଇଛି। ଖୁବଶୀଘ୍ର କ୍ରାଇମବ୍ରାଞ୍ଚଠାରୁ ମାମଲା ସମ୍ପର୍କିତ ତଥ୍ୟ ଆଣି ଇଡି ବେଆଇନ ଅର୍ଥ କାରବାରର ତଦନ୍ତ କରିବ ବୋଲି ସୂଚନା ମିଳିଛି। ତେବେ ଘଟଣାରେ ମୁଖ୍ୟମନ୍ତ୍ରୀ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)କୁ ତଦନ୍ତ ପାଇଁ ସୁପାରିଶ୍ କରିଥିବାବେଳେ ଇଡି ଘଟଣା ଉପରେ ନଜର ରଖିଥିବାରୁ ଘଟଣାରେ ସମ୍ପୃକ୍ତ ବଡ଼ବଡିଆଙ୍କ ମଧ୍ୟରେ ଛନକା ପଶିଛି। ଅପରପକ୍ଷରେ ରିମାଣ୍ଡ ବେଳେ ଶଙ୍କର ତଦନ୍ତରେ ସହଯୋଗ କରୁ ନ ଥିବା ଜଣାପଡିଛି। ସେ ଅନେକ ତଥ୍ୟ ଲୁଚାଉଥିବାରୁ ତଦନ୍ତକାରୀ ଟିମ୍ ଅଡୁଆରେ ପଡିଛି। ତେଣୁ ଶଙ୍କରଙ୍କ ଲାଏ ଡିଟେକ୍ସନ୍ ଟେଷ୍ଟ କରି ସତ ପଦାକୁ ଆଣିବାକୁ କ୍ରାଇମବ୍ରାଞ୍ଚ ନିଷ୍ପତ୍ତି ନେଇଥିବା ଜଣାପଡିଛି। ଏପରିକି ଗିରଫ ହୋଇ ଜେଲରେ ଥିବା ସିଲିକନ୍ ଟେକ୍ ପ୍ରାଇଭେଟ୍ ଲିମିଟେଡ୍ ମାଲିକ(ପ୍ରମୋଟର) ସୁରେଶ ଚନ୍ଦ୍ର ନାୟକଙ୍କ ମଧ୍ୟ ଲାଏ ଡିଟେକ୍ସନ୍ ଟେଷ୍ଟ କରିବାକୁ କ୍ରାଇମବ୍ରାଞ୍ଚ ଯୋଜନା କରୁଛି। ତେବେ ଶଙ୍କର ଓ ଅରବିନ୍ଦଙ୍କର ଶନିବାର ରିମାଣ୍ଡ ସରୁଥିବାରୁ ଏହାରି ମଧ୍ୟରେ ତଦନ୍ତକାରୀ ଟିମ୍ ତାଙ୍କୁ ମାରାଥନ୍ ଜେରା କରି ତଥ୍ୟ ହାସଲ କରିବାରେ ଲାଗିଛି। ଅଭିଯୁକ୍ତଙ୍କ ନିକଟରୁ ଜବତ ହୋଇଥିବା ଟେକ୍ନିକାଲ୍ ଡିଭାଇସ୍ ରାଜ୍ୟ ଫୋରେନସିକ୍ ସାଇନ୍ସ ଲାବରେଟୋରି (ଏ ସ ଏ ଫ୍ ଏ ସ୍ ଏ ଲ୍ )କୁ ଯାଇଥିବାବେଳେ ଏହାର କିଛି ଯାଞ୍ଚ ରିପୋର୍ଟ କ୍ରାଇମବ୍ରାଞ୍ଚକୁ ଦିଆଯାଇଛି। ଏହାକୁ ଆଧାର କରି କ୍ରାଇମବ୍ରାଞ୍ଚ ଅଧିକ ଛାନଭିନ୍ ଚଳାଇଛି। ଉଲ୍ଲେଖଯୋଗ୍ୟ, ଏସ୍‌ଆଇ ପରୀକ୍ଷା ପରିଚାଳନା ଦାୟିତ୍ୱ ପାଇଥିବା କେନ୍ଦ୍ରୀୟ ସଂସ୍ଥା ଆଇଟିଆଇ ଲିମିଟେଡ୍ ଏହି କାର୍ଯ୍ୟକୁ ସିଲିକନ୍ ଟେକ୍‌କୁ ସବ୍ ଟେଣ୍ଡର ଦେଇଥିଲା। ଅଭିଯୁକ୍ତ ସୁରେଶ ପ୍ରଶ୍ନପତ୍ର ପ୍ରସ୍ତୁତି, ମୁଦ୍ରଣ ଏବଂ ପରିବହନ କରିଥିଲେ। ଫଳରେ ସୁରେଶ ଓ ଶଙ୍କର ନିୟମିତ ଯୋଗାଯୋଗରେ ରହି ପୂରା କେଳେଙ୍କାରୀ କରିବାକୁ ଯୋଜନା କରିଥିଲେ। ସୁରେଶ ତାଙ୍କ ନୂଆଦିଲ୍ଲୀ କାଲକାଜୀସ୍ଥିତ କମ୍ପାନୀ ଗେଷ୍ଟ ହାଉସ୍‌ରେ ଶଙ୍କରଙ୍କୁ ଆଶ୍ରୟ ଦେବା ସହ ଫେରାର ମଧ୍ୟ କରାଇଥିଲେ। ତେବେ ଏହି ମାମଲାରେ ଗିରଫ ହୋଇଥିବା ୧୧୪ ଚାକିରି ଆଶାୟୀ ଜାମିନରେ ମୁକୁଳିଥିବାବେଳେ ମାଷ୍ଟରମାଇଣ୍ଡ୍ ଶଙ୍କର ଓ ଅରବିନ୍ଦ ରିମାଣ୍ଡରେ ଏବଂ ଅନ୍ୟ ୯ଜଣ ଜେଲରେ ଅଛନ୍ତି।

# ଚାରିଦିନରେ ୪ଡିଗ୍ରୀ ଖସିବ ରାତି ତାପମାତ୍ରା

**ଭୁବନେଶ୍ୱର,୭।୧୧(ବନ୍ଦନା ସେଠୀ)**

ରାଜ୍ୟରେ ଏବେ ବର୍ଷାର ପ୍ରଭାବ ନ ଥିବାରୁ ପାଗ ମୁଖ୍ୟତଃ ଶୁଖିଲା ରହିଛି। ସମଗ୍ର ରାଜ୍ୟରେ ରାତି ତାପମାତ୍ରା ସାଧାରଣ ରହିଥିବାରୁ ଅଳ୍ପ ଶୀତ ଅନୁଭୂତ ହେଉଛି। ବର୍ତ୍ତମାନ ରାଜ୍ୟକୁ ଉତ୍ତର ଦିଗରୁ ଶୁଖିଲା ଥଣ୍ଡା ପବନ ଆସୁଛି। ତେଣୁ ଆଗାମୀ ୩ରୁ ୪ ଦିନ ମଧ୍ୟରେ ରାତିର ସର୍ବନିମ୍ନ ତାପମାତ୍ରା ୩ରୁ ୪ ଡିଗ୍ରୀ କମିବାର ସମ୍ଭାବନା ରହିଥିବା ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ନିର୍ଦ୍ଦେଶିକା ଡ. ମନୋରମା ମହାନ୍ତି ସୂଚନା ଦେଇଛନ୍ତି। ଗତ ୨୪ଘଣ୍ଟାରେ ଦାରିଙ୍ଗିବାଡିରେ ରାଜ୍ୟର ସର୍ବନିମ୍ନ ରାତି ତାପମାତ୍ରା ୧୩ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ କରାଯାଇଛି। ସେହିପରି ଜି. ଉଦୟଗିରିଠାରେ ୧୩.୮ ଏବଂ ଫୁଲବାଣୀଠାରେ ୧୪ ଡିଗ୍ରୀ ତାପମାତ୍ରା ରହିଥିବାବେଳେ ପାରଳାଖେମୁଣ୍ଡିଠାରେ ସର୍ବାଧିକ ତାପମାତ୍ରା ୩୪ ଡିଗ୍ରୀ ରେକର୍ଡ କରାଯାଇଥିଲା। ଅନ୍ୟପକ୍ଷରେ ସୁନ୍ଦରଗଡ଼ ଜିଲାର କିଛି ସ୍ଥାନରେ ମଧ୍ୟମଧରଣର କୁହୁଡି ଏବଂ ଆଭ୍ୟନ୍ତରୀଣ ଓଡ଼ିଶାର କଳାହାଣ୍ଡି ଜିଲାର କିଛି ସ୍ଥାନରେ ଘନ କୁହୁଡି ଦେଖାଦେଇଛି। ତେବେ ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ପାଗ ଶୁଖିଲା ରହିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

Manipal Cigna
Health Insurance

**ManipalCigna Health Insurance Company Limited**
Corporate Identity Number: U66000MH2012PLC227948. Registered Office: 4th Floor - Unit No. 401/402, Raheja Titanium, Off. Western Express Highway, Goregaon (East), Mumbai - 400 063. Maharashtra, India. IRDAI Regn. No. 151 T: +91 22 61703600.
Website: www.manipalcigna.com Email: customercare@manipalcigna.com

**NOTICE OF RELOCATION OF THE MANIPALCIGNA HEALTH INSURANCE COMPANY LIMITED BHUBANESWAR BRANCH OFFICE**

**Please note that with effect from 12th January 2026 our Bhubaneswar Branch Office is shifting:**

| From: | To: |
| --- | --- |
| Ground floor, Plot no 356/3473, Besides Reliance 4G Office, Jaydev Vihar, Bhubaneshwar - 751013, Dist - Khurdha, Orissa, India. | 3rd Floor, Kalsi Complex, Plot No. 5, Sub Plot 5 B, Janpath, Kharwela Nagar, Bhubaneshwar - 751001, Odisha, India. |

Place : Bhubaneswar
Date : 8th November 2025

# ‘ରେଡିଓଗ୍ରାଫର ଅଦୃଶ୍ୟକୁ ଦେଖିପାରନ୍ତି’

## ଆଜି ଅନ୍ତର୍ଜାତୀୟ ରେଡିଓଲୋଜି ଦିବସ

ପ୍ରତିବର୍ଷ ନଭେମ୍ବର ୮ରେ ପାଳିତ ହୋଇଥାଏ ‘ଅନ୍ତର୍ଜାତୀୟ ରେଡିଓଲୋଜି ଦିବସ’। ୱିଲିୟମ୍ କନାର୍ଡ ରନ୍ତଜେନ୍ ନଭେମ୍ବର ୮, ୧୮୯୫ ମସିହାରେ ଏକ ଯୁଗାନ୍ତକାରୀ ଆବିଷ୍କାର କରିଥିଲେ। ସେ ଜଣେ ଇଞ୍ଜିନିୟର ଓ ପଦାର୍ଥ ବିଜ୍ଞାନୀ ଥିଲେ। ଥରେ ସେ କ୍ୟାଥୋଡ ରଶ୍ମିରେ କିଛି ପରୀକ୍ଷା କରୁଥିବା ବେଳେ ହଠାତ୍ ଏକ ଉଜ୍ଜ୍ୱଳ ପରଦା ଦେଖିବାକୁ ପାଇଲେ। ସେହି ରଶ୍ମି ପଥରେ ନିଜର ହାତ ରଖିବା ସମୟରେ ସେ ସେହି ତେଜସ୍କ୍ରିୟ ରଶ୍ମି ଦ୍ୱାରା ନିଜ ହାଡ଼ସବୁ ପରିଷ୍କାର ଭାବରେ ଦେଖିପାରିଲେ। ଏହି ଆବିଷ୍କାର ଚିକିତ୍ସା ବିଜ୍ଞାନରେ ରୋଗ ନିରୂପଣ, ଶଲ୍ୟ ଚିକିତ୍ସା ଓ ରଶ୍ମି ଚିକିତ୍ସାରେ ବୈପ୍ଳବିକ ପରିବର୍ତ୍ତନ ଆଣିଲା। ତାଙ୍କରି ସ୍ମୃତିରେ ୨୦୦୭ରୁ ପ୍ରତିବର୍ଷ ନଭେମ୍ବର ୮ରେ ଏହି ଦିବସ ପାଳିତ ହୋଇଆସୁଅଛି। ଚଳିତ ବର୍ଷ ଏହି ଦିବସ ଲାଗି ଥିମ୍ ରହିଛି ‘ରେଡିଓଗ୍ରାଫର ଅଦୃଶ୍ୟକୁ ଦେଖିପାରନ୍ତି’।

‘ଏକ୍ସ-ରେ’ ଆବିଷ୍କାର ଦ୍ୱାରା ଆମେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିପାରୁଛେ। ଏକ୍ସ୍‌-ରେ, ସିଟି ସ୍କାନ୍, ଏମ୍‌ଆର୍‌ଆଇ, ପିଇଟି ସ୍କାନ ଇତ୍ୟାଦି ଦ୍ୱାରା ବିନା ଅସ୍ତ୍ରୋପଚାର ଓ କଟାକଟିରେ ରୋଗ ନିର୍ଣ୍ଣୟ କରାଯାଇପାରୁଛି। ଏହା ଶରୀରର କୌଣସି କ୍ଷତ ବା



କଟାକଟି ବିନା କରାଯାଇପାରୁଛି। ଏହାଦ୍ୱାରା ଆଭ୍ୟନ୍ତରୀଣ ଅଙ୍ଗକୁ ବିନା ଅସ୍ତ୍ରୋପଚାରରେ ଦେଖାଯାଇପାରୁଛି। ବାୟୋପ୍‌ସି, ଟ୍ୟୁମର ଅପସାରଣ, କ୍ୟାଥେଟର ଓ ଷ୍ଟେଣ୍ଟ ଇତ୍ୟାଦି ରୋପଣ କରିବା ବେଳେ ଏହି ରଶ୍ମି ଦ୍ୱାରା ଠିକ୍ ପଥ ପ୍ରଦର୍ଶନ କରାଯାଇପାରୁଛି। ରୋଗର ଚିକିତ୍ସା ଦ୍ୱାରା କେତେ ଅଗ୍ରଗତି ହୋଇଛି ତାହା ମଧ୍ୟ ଜଣାପଡୁଛି। ତ୍ୱରିତ ଚିକିତ୍ସା ପାଇଁ ଏହା ଏକ ବରଦାନ ସଦୃଶ ହୋଇଛି। ଗୁରୁତର ରୋଗ, ଯାହା ଅସ୍ତ୍ରୋପଚାରକୁ ଅତିକ୍ରମ କରିଯାଇଛି, ସେଗୁଡିକର ଉପଯୁକ୍ତ ଚିକିତ୍ସା କରାଯାଇପାରୁଛି। ରେଡିଓଲୋଜିକୁ ଏବେ ରେଡିଓଡାଇଗ୍ନୋସିସ୍ କୁହାଯାଉଛି। ଏମବିବିଏସ୍ ପରେ ଏଥିଲାଗି ତିନି ବର୍ଷର ପିଜି ପାଠ୍ୟକ୍ରମ ରହିଛି। ସେହିପରି ରେଡିଓଥେରାପି ମଧ୍ୟ ତିନି ବର୍ଷର ପିଜି ପାଠ୍ୟକ୍ରମ, ଯହିଁରେ କ୍ୟାନ୍‌ସର ରଶ୍ମି ଚିକିତ୍ସା ଅନ୍ତର୍ଭୁକ୍ତ। ଏହା କ୍ୟାନସର ଚିକିତ୍ସା ସହ ଅଙ୍ଗାଙ୍ଗୀ ଭାବରେ ଜଡିତ। ରେଡିଓଲୋଜିଷ୍ଟମାନେ ଡାକ୍ତର ହୋଇଥିବା ବେଳେ ରେଡିଓଗ୍ରାଫରମାନେ ତାଲିମପ୍ରାପ୍ତ ଟେକ୍ନିସିଆନ ଅଟନ୍ତି। ଏମାନଙ୍କର ଭୂମିକା ଚିକିତ୍ସା ବିଜ୍ଞାନରେ ଗୁରୁତ୍ୱପୂର୍ଣ୍ଣ। ମାତ୍ର ପରିତାପର ବିଷୟ ଅନେକ ସତର୍କତା ସତ୍ତ୍ୱେ ଏମାନଙ୍କୁ କାର୍ଯ୍ୟସ୍ଥଳରେ ତେଜସ୍କ୍ରିୟତା ରଶ୍ମିର ସାମ୍ନା କରିବାକୁ ପଡିଥାଏ, ଯାହାକି ଶରୀର ଏବଂ ପ୍ରାଥମିକ ସ୍ତରରେ ଥିବା କୋଷ ପାଇଁ କ୍ଷତିକାରକ।

ଯଦି ଆମର ସେମିତି ଆବଶ୍ୟକତା ନାହିଁ, ଆମେ ସିଟି ସ୍କାନ୍ ଓ ଏମ୍‌ଆରଆଇ ଇତ୍ୟାଦି ଅନେକ ଥର କରିବା ଉଚିତ ନୁହେଁ। ଏହି ରଶ୍ମି ସବୁ ଆମର ମସ୍ତିଷ୍କ ତଥା ପ୍ରଜନନ ଅଙ୍ଗର କୋଷିକାଗୁଡିକର ଅନେକ କ୍ଷତି ସାଧନ କରିଥାଆନ୍ତି। ରେଡିଓ ଥେରାପି ପରେ ଲୋକଟି ଶେତା ପଡିଯାଏ, ମୁହଁ ଶୁଖିଯାଏ ଏବଂ ଦେହ କଳା ପଡ଼ିଯାଏ। ଆଣବିକ ଶକ୍ତିର ଦୁଇଟି ପାର୍ଶ୍ୱ ଯଥା-ହିତକାରୀ ଏବଂ ଅନିଷ୍ଟକାରୀ ରହିଛି। ଆମେ ପ୍ରଥମଟି କରିବା, ଦ୍ୱିତୀୟଟି ନୁହେଁ।

**- ଡା. ରାମଚନ୍ଦ୍ର ରାଉତ, ବରିଷ୍ଠ ଚିକିତ୍ସକ, ଭୁବନେଶ୍ୱର**
**ମୋ :୮୨୪୯୦୮୭୯୯୫**

# ମା’ ହେଲେ କ୍ୟାଟ୍ରିନା


କ୍ୟାଟ୍ରିନା କୈଫ

**ମୁମ୍ବାଇ**

ବିବାହର ଚାରି ବର୍ଷ ପରେ ବଲିଉଡ ଅଭିନେତ୍ରୀ କ୍ୟାଟ୍ରିନା କୈଫ ମା’ ହୋଇଛନ୍ତି। କ୍ୟାଟ୍ରିନା ଏକ ପୁତ୍ର ସନ୍ତାନର ଜନନୀ ହୋଇଥିବା ନେଇ ତାଙ୍କ ସ୍ୱାମୀ ଭିକି କୌଶଲ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି। ସେମାନେ ନଭେମ୍ବର ୭ ଶୁକ୍ରବାର ସେମାନଙ୍କ ନବଜାତ ପୁଅକୁ ସ୍ୱାଗତ କରିଛନ୍ତି। ଭିକି ଇନ୍‌ଷ୍ଟାଗ୍ରାମ୍‌ରେ ଏକ ପୋଷ୍ଟ ଶେୟାର କରି ସୂଚନା ଦେବା ପରେ ବଲିଉଡ ତାରକାଙ୍କଠାରୁ ଆରମ୍ଭ କରି ପ୍ରଶଂସକଙ୍କ ପର୍ଯ୍ୟନ୍ତ ସମସ୍ତେ ଶୁଭେଚ୍ଛା ଜଣାଇଛନ୍ତି। ସୂଚନାଯୋଗ୍ୟ, ନବରାତ୍ରିର ଦ୍ୱିତୀୟ ଦିନର ପବିତ୍ର ଅବସରରେ ସେପ୍ଟେମ୍ବର ୨୩ରେ କ୍ୟାଟ୍ରିନା ଏବଂ ଭିକି ପ୍ରେଗନେନ୍ସି ସମ୍ପର୍କରେ ଘୋଷଣା କରିଥିଲେ। କ୍ୟାଟ୍ରିନା ଏବଂ ଭିକିଙ୍କ ବିବାହ ୨୦୨୧ରେ ରାଜସ୍ଥାନର ସୱାଇ ମାଧୋପୁରର ସିକ୍ସ ସେନ୍ସ ଫୋର୍ଟ ରିସର୍ଟରେ ହୋଇଥିଲା। ଦମ୍ପତିଙ୍କ ଗର୍ଭଧାରଣର ଗୁଜବ ବହୁତ ଦିନ ଧରି ପ୍ରସାରିତ ହେଉଥିଲା, କିନ୍ତୁ ଏହି ଦମ୍ପତି ଦୀର୍ଘ ସମୟ ଧରି ଏହାକୁ ଗୋପନ ରଖିଥିଲେ।



ଯେଉଁମାନେ ଗରିବ, ଅଜ୍ଞାନ, ନୀଚକୁଳରେ ଜାତ ଓ କଦର୍ଯ୍ୟ ପରିବେଶରେ ପ୍ରତିପାଳିତ ସେମାନଙ୍କୁ ଆମେ ଇତର ସାଧାରଣ ମଣିଷ ବୋଲି କହିବା ନାହିଁ ବରଂ ଅନ୍ୟପକ୍ଷରେ, ଆମେ ସେଇମାନଙ୍କୁ ହିଁ ଇତର ସାଧାରଣ ମଣିଷ କହିବା- ଯେଉଁମାନେ ଛୋଟ ଛୋଟ କଥାଗୁଡିକୁ ନେଇ ବଞ୍ଚିଥାନ୍ତି ଓ ଏକ ସାଧାରଣ ଜୀବନକୁ ନେଇ ସନ୍ତୁଷ୍ଟ ଥାନ୍ତି। -**ଶ୍ରୀଅରବିନ୍ଦ**



# ସ୍ୱାୟତ୍ତତା ପ୍ରାପ୍ତି



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଭାରତର ସେଣ୍ଟ୍ରାଲ ଆର୍ମଡ୍ ପୋଲିସ ଫୋର୍ସେସ୍ (ସିଏପିଏଫଏସ୍) ବା କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବଳର ଅଧିକାରୀମାନେ ଅନେକ ବର୍ଷ ଧରି ଗୁରୁତ୍ୱପୂର୍ଣ୍ଣ ପଦବୀ ନ ପାଇ ଅସନ୍ତୁଷ୍ଟ ରହିଛନ୍ତି। ସିଆର୍‌ପିଏଫ୍, ବିଏସ୍‌ଏଫ୍, ସିଆଇଏସ୍‌ଏଫ୍ ଏବଂ ଅନ୍ୟ ସବୁ ଫୋର୍ସର ଶୀର୍ଷ ପଦବୀଗୁଡ଼ିକରେ ଭାରତୀୟ ପୋଲିସ ସେବା (ଆଇପିଏସ୍) ଅଧିକାରୀମାନେ ଆଧିପତ୍ୟ ବିସ୍ତାର କରି ଆସିଛନ୍ତି। ସେମାନଙ୍କୁ ରାଜ୍ୟ କ୍ୟାଡରରୁ ଅଣାଯାଇ ନିଯୁକ୍ତ କରାଯାଉଥିବାବେଳେ ସିଏପିଏଫରେ ଥିବା ସମାନ ଯୋଗ୍ୟତା ସମ୍ପନ୍ନ ଅଧିକାରୀଙ୍କ କ୍ୟାରିୟର ଅଟକି ଯିବା ସେମାନେ ଲକ୍ଷ୍ୟ କରୁଛନ୍ତି। ତେବେ ସୁପ୍ରିମକୋର୍ଟ ଏହାର ମେ'୨୦୨୫ ରାୟର ପୁନର୍ବିଚାର କରିବା କେନ୍ଦ୍ର କରିଥିବା ଆବେଦନକୁ ଅସ୍ୱୀକାର କରିଛନ୍ତି, ଯେଉଁଥିରେ ସିଏପିଏଫଏସ୍‌ରେ ଆଇପିଏସ୍ ଡେପୁଟେଶନକୁ ପର୍ଯ୍ୟାୟକ୍ରମେ ୨ ବର୍ଷ ହ୍ରାସ କରିବାକୁ କୁହାଯାଇଥିଲା। ସିଏପିଏଫ୍‌କୁ ସଙ୍ଗଠିତ ଗ୍ରୁପ-ଏ ସର୍ଭିସ ବୋଲି ରାୟରେ କୁହାଯିବା ସହ ଦୀର୍ଘଦିନରୁ ମନା କରାଯାଇ ଆସୁଥିବା ନନ୍ ଫଙ୍କ୍‌ଶନାଲ ଫାଇନାନ୍ସିଆଲ ଅପଗ୍ରେଡେଶନ(ଏନଏଫ୍‌ଏଫ୍‌ୟୁ) ଓ ବ୍ୟବସ୍ଥାଗତ କ୍ୟାରିୟର ଅଗ୍ରଗତିକୁ ଅନୁମତି ଦେଇଛନ୍ତି। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ରାୟରେ ସେମାନଙ୍କ ନେତୃତ୍ୱ ସ୍ତରୀୟ ପଦବୀଗୁଡ଼ିକର ଗରିମା ପୁନଃସ୍ଥାପିତ କରାଯାଇଛି। ଏହି ସ୍ତରରେ ଥିବା ମହିଳା ଏବଂ ପୁରୁଷ ଅଧିକାରୀମାନେ ରାଜ୍ୟ ସଚିବାଳୟର କନ୍‌ଫରେନ୍ସ ହଲ୍ ବଦଳରେ ସୀମା ଓ ମାଓବାଦୀ ପ୍ରବଣ ଅଞ୍ଚଳରେ ଅନେକ ଦଶନ୍ଧି ଧରି କାମ କରିଆସିଛନ୍ତି ବୋଲି ଦର୍ଶାଯାଇଛି। ଅବଶ୍ୟ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ (ଏମ୍‌ଏଚ୍‌ଏ)ଏହା କରିବାକୁ ଅନିଚ୍ଛା ପ୍ରକାଶ କରୁଛି। କିନ୍ତୁ ସୁପ୍ରିମକୋର୍ଟ ପୁନର୍ବିଚାର ଆବେଦନକୁ ରଦ୍ଦ କରିଥିବାରୁ ଏମ୍‌ଏଚ୍‌ଏ ଆଉ ନାରାଜ ନ ହୋଇ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ଆରମ୍ଭ କରୁ। କହିବାକୁ ଗଲେ ଅର୍ଦ୍ଧ ସାମରିକ ବଳଗୁଡ଼ିକ ସେମାନଙ୍କ ସ୍ୱାୟତ୍ତତା ପାଇଛନ୍ତି।

### ପଦବୀ ପୂରଣ ହେଉନି

ଅଜୟ ସେଠ୍ ନର୍ଥ ବ୍ଲକରୁ ଇନସ୍ୟୁରାନ୍ସ ରେଗୁଲେଟୋରି ଆଣ୍ଡ ଡେଭଲପମେଣ୍ଟ ଅଥରଟି ଅଫ୍ ଇଣ୍ଡିଆ(ଆଇଆର୍‌ଡିଏଆଇ)କୁ ଯିବା ୪ ମାସ ହୋଇଗଲାଣି, ତଥାପି ଅର୍ଥ ସଚିବ ପଦବୀ ଖାଲି ପଡ଼ିଛି। ସଂସ୍କାରଠାରୁ ଆରମ୍ଭ କରି ଟିକସୀକରଣ ପର୍ଯ୍ୟନ୍ତ ସବୁକିଛି ସଞ୍ଚାଳନ କରୁଥିବା ଏକ ମନ୍ତ୍ରଣାଳୟ ଏବେ ବିନା ନେତୃତ୍ୱରେ ଚାଲୁଛି। ରାଜସ୍ୱ, ବ୍ୟୟ, ଅର୍ଥନୈତିକ ବ୍ୟାପାର, ବିତ୍ତୀୟ ସେବା, ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଏବଂ ଡିଆଇପିଏଏମ୍ ଭଳି ୬ଟି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ସମନ୍ୱୟ ରକ୍ଷା କରୁଥିବା ବ୍ୟକ୍ତି ଜଣକ ନ ଥିବାରୁ ସେସବୁ ନିଜ ଇଚ୍ଛାରେ ଚାଲିଛି। କ୍ୟାବିନେଟ ସଚିବ ଟି.ଭି. ସୋମନାଥନ ଏବେ ଦୁଇଟି ଦାୟିତ୍ୱ ସମ୍ଭାଳୁଥିବା କୁହାଯାଉଛି। ତେବେ ବଜେଟ ସମୟ ଶୀଘ୍ର ପାଖେଇ ଆସୁଥିବାରୁ ପଦବୀ ଖାଲି ରହିବା ଅତ୍ୟନ୍ତ ସମସ୍ୟାଜନକ । ଅର୍ଥ ସଚିବ କେବଳ ଏକ ପଦବୀ ନୁହେଁ, ଏହା ମନ୍ତ୍ରଣାଳୟଗୁଡ଼ିକ ସ୍ନାୟୁକେନ୍ଦ୍ର, ଯାହା ସମନ୍ୱୟ, ଶୃଙ୍ଖଳା ଏବଂ ନୀତିଗତ ସୁସଙ୍ଗତି ନିଶ୍ଚିତ କରିଥାଏ। ଏଣୁ ଅର୍ଥ ସଚିବଙ୍କ ବିନା ଆନ୍ତଃ ମନ୍ତ୍ରଣାଳୟ ସମନ୍ୱୟରେ ଅଧୋଗତି ନିଶ୍ଚିତ। ପ୍ରତ୍ୟେକ ବିଭାଗ ସେମାନଙ୍କ ନିଜସ୍ୱ ଲକ୍ଷ୍ୟ ହାସଲ କରିବାକୁ କାମ କରୁଛନ୍ତି । ହେଲେ ବହୁପୂର୍ବରୁ, ବିନା ସଞ୍ଚାଳକରେ ବା ନେତୃତ୍ୱରେ ମନ୍ତ୍ରଣାଳୟ ଚାଲୁଛି। ଏପରିକି ଜଣେ ବ୍ୟକ୍ତି ଅନେକ ଦାୟିତ୍ୱ ତୁଲାଉଛନ୍ତି। ମାର୍କେଟ, ରେଟିଂ ଏଜେନ୍ସି ଓ ବୈଶ୍ୱିକ ସଂସ୍ଥାଗୁଡ଼ିକ ସଞ୍ଚାଳନ ବା ଯୋଗାଯୋଗର ଏଭଳି ଅଭାବକୁ ଲକ୍ଷ୍ୟ କରୁଛନ୍ତି। ଜଣେ ବିତ୍ତୀୟ ନେତାଙ୍କ ଅନୁପସ୍ଥିତି ଶୀର୍ଷ ସ୍ତରରେ ନିଷ୍ପତ୍ତିର ଅଭାବକୁ ସୂଚିତ କରୁଛି।

### ନେଣଦେଣ ସଂସ୍କୃତି

ରାଜସ୍ଥାନର ଜଣେ ଅଧିକାରୀଙ୍କ ସ୍ତ୍ରୀ ଏକ ଘରୋଇ କମ୍ପାନୀଠାରୁ ୩୭.୫୪ ଲକ୍ଷ ଟଙ୍କା ନେଇଥିବା ସୋସିଆଲ ମିଡିଆ ପୋଷ୍ଟରୁ ଜଣାପଡ଼ିଛି। ଏହା ଭାରତର ଅମଲାତାନ୍ତ୍ରିକର ତଥାକଥିତ ସ୍ୱଚ୍ଛ ଆବରଣ ତଳେ ଚାଲିଥିବା ଅନିୟମିତତାକୁ ସାମ୍ନାକୁ ଆଣିଛି। ଆମେ ସାଧାରଣତଃ 'ଦକ୍ଷ ପ୍ରଶାସନ' ଏବଂ 'ଉତ୍ତମ ଶାସନ' ବିଷୟରେ କହିଥାଉ, କିନ୍ତୁ ବାସ୍ତବରେ ତାହା ବହୁସମୟରେ ଏକ ଘରୋଇ କ୍ଲବଠାରୁ ଅଧିକ ମନେହୁଏ, ଯେଉଁଠି ନୀତି ଓ ଉତ୍ତରଦାୟିତ୍ୱ ତୁଳନାରେ ସୁବିଧାସୁଯୋଗକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟରତ ଅନେକ ଅଧିକାରୀ ବିପଦକୁ ଖାତିର ନ କରି ଘରୋଇ କମ୍ପାନୀଗୁଡ଼ିକଠାରୁ ମୋଟା ଅଙ୍କର ଅର୍ଥ ନେଉଛନ୍ତି। ବାବୁମାନେ ଲୋକଙ୍କ ସେବା ପାଇଁ ଅଛନ୍ତି, କର୍ପୋରେଟକୁ ସହଯୋଗ କରି ଅର୍ଥ ରୋଜଗାର କରିବାକୁ ନିଯୁକ୍ତ ହୋଇନାହାନ୍ତି। ତଥାପି ପ୍ରଶାସନିକ ବ୍ୟବସ୍ଥାର ନୈତିକ ମାନଦଣ୍ଡ ସବୁବେଳେ କ୍ଷମତା ଓ ପ୍ରଭାବ ଆଡକୁ ମୁହାଁଉଛି। ଏବେ ସ୍ୱଚ୍ଛତାର ଗୁରୁତ୍ୱ ରହୁନାହିଁ। ଅନିୟମିତତା ଉପରେ ତଦନ୍ତ ଘୋଷଣା ହେଉଛି, ବିଳମ୍ବରେ ରିପୋର୍ଟ ପ୍ରକାଶ ପାଉଛି। ଆମେ ଡିଜିଟାଇଜେଶନ , ଇ-ଗଭର୍ନାନ୍ସ ଓ ଉତ୍ତରଦାୟିତ୍ୱ ସମ୍ପର୍କରେ ବହୁତ କଥା ଶୁଣୁଛୁ; କିନ୍ତୁ ରୁଦ୍ଧଦ୍ୱାର ପ୍ରଚ୍ଛଦରେ ବାସ୍ତବରେ ଗୋପନୀୟ ନେଣଦେଣର ସଂସ୍କୃତି ରହିଛି। ଅନେକ ସଚ୍ଚୋଟ ଅଧିକାରୀ ଗମ୍ଭୀରତାର ସହ ସେମାନଙ୍କ କର୍ତ୍ତବ୍ୟ କରୁଥିବାବେଳେ ଏଭଳି ଘଟଣା ଅତ୍ୟନ୍ତ ଅପମାନଜନକ ଏବଂ ସେମାନଙ୍କୁ ହତୋତ୍ସାହିତ କରୁଛି। ପ୍ରଶାସନିକ ଖ୍ୟାତିରେ ଏହା ବ୍ୟାପକ କ୍ଷତି ପହଞ୍ଚାଉଛି। ଭାରତ ସ୍ୱଚ୍ଛ ଶାସନର ସ୍ଥିତି ଜଣାଇଦେବାକୁ ଚାହୁଁଛି, ହେଲେ ଅମଲାତାନ୍ତ୍ରିକ ବ୍ୟବସ୍ଥାରେ ନେଣଦେଣକୁ ଦେଖିଲେ ମନ ଭାଙ୍ଗିଯାଉଛି। ବିଶ୍ୱ ସବୁ ଦେଖୁଛି। ନିବେଶକ ଏବଂ ନାଗରିକମାନେ ମଧ୍ୟ ଏହା ଲକ୍ଷ୍ୟ କରୁଛନ୍ତି। ରାଜସ୍ଥାନ ଘଟଣା ଏକ ନମୁନା ମାତ୍ର, ଏଭଳି ଅନେକ ଘଟଣା ଘଟିଚାଲିଛି। ଯଦି ସରକାର ଅଧିକ ଆଶାବାଦୀ ହେବାକୁ ଚାହୁଁଛନ୍ତି, ତେବେ ସ୍ଲୋଗାନ ଓ ଉତ୍ସବକୁ ଛାଡ଼ି ପ୍ରକୃତ ଉତ୍ତରଦାୟିତ୍ୱ ଆଡ଼କୁ ଗତି କରିବା ଦରକାର।

Email: dilipcherian@gmail.com

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 2 | 5 | | 9 | |
| | 1 | | | | | | 5 | |
| | 7 | | 1 | | | 6 | | |
| 6 | 2 | | | | | | 4 | |
| | | | 3 | | | 5 | | |
| | | 9 | | | 4 | 7 | | 3 |
| | 5 | 7 | | | | 8 | | |
| | | | | | | 9 | | |
| | | | 2 | | | | 1 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 2 | 3 | 8 | 4 | 6 | 5 | 7 | 1 |
| 6 | 4 | 5 | 3 | 1 | 7 | 8 | 9 | 2 |
| 8 | 1 | 7 | 2 | 5 | 9 | 3 | 6 | 4 |
| 5 | 6 | 4 | 7 | 9 | 8 | 2 | 1 | 3 |
| 3 | 8 | 2 | 4 | 6 | 1 | 7 | 5 | 9 |
| 1 | 7 | 9 | 5 | 3 | 2 | 4 | 8 | 6 |
| 2 | 3 | 6 | 9 | 7 | 5 | 1 | 4 | 8 |
| 4 | 5 | 1 | 6 | 8 | 3 | 9 | 2 | 7 |
| 7 | 9 | 8 | 1 | 2 | 4 | 6 | 3 | 5 |

ଗତକାଲିର ଉତ୍ତର

# ବିକାଶ ଯାତ୍ରାର ଭିନ୍ନ ଦିଗ



ଉପେନ୍ଦ୍ର ବିଶ୍ୱାଳ

ବୈଭବଶାଳୀ ଭାରତ ଗଠନ ହେଉଛି ପ୍ରତ୍ୟେକ ଦେଶପ୍ରେମୀଙ୍କ ଏକ ବହୁପୋଷିତ ଅଭିଳାଷ। ତେଣୁ ବିକଶିତ ଭାରତ ଗଠନ ଲକ୍ଷ୍ୟରେ କେନ୍ଦ୍ର ସରକାର ଏବେ ବହୁ ଦୂରଦର୍ଶୀ ଯୋଜନା ପ୍ରଣୟନ କରୁଥିବାର ଜଣାଯାଏ। ଓଡ଼ିଶା ମଧ୍ୟ ବିକଶିତ ଭାରତ ଗଠନରେ ସହଭାଗୀ ହେବାକୁ ଲକ୍ଷ୍ୟ ରଖି କାର୍ଯ୍ୟକରୁଛି। ଦେଶର ଏହି ବିକାଶ ଯାତ୍ରାରେ ଅନେକ କ୍ଷେତ୍ରକୁ ସାମିଲ କରାଯାଉଥିବା ବେଳେ ଆଉ କିଛି କ୍ଷେତ୍ର ଆମ ଆଖି ଆଢୁଆଳରେ ରହିଯାଉଥିବାର ମନେହୁଏ। ଆମଭଳିଆ ସହରୀ ବାବୁମାନଙ୍କ ଦୃଷ୍ଟିରେ ଆଜି ବି ଅଜ୍ଞ ଜନ ବୋଲି ଯାହାଙ୍କୁ ବିବେଚନା କରାଯାଉଛି, ସେହି ବିଜ୍ଞାନୀ ଜନଙ୍କ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ ଏବଂ ତାଙ୍କ ଜୀବନ ଜୀବିକା ସହିତ ଜଡ଼ିତ କେତୋଟି କ୍ଷେତ୍ର ସମ୍ପର୍କରେ ସାମାନ୍ୟ ଆଲୋଚନା। ସାଧାରଣତଃ ବନବାସୀମାନେ ବିଲବାଡ଼ିରୁ 'ଗେଣ୍ଡା' ଧରିଆଣି ସେଥିରେ ସ୍ୱାଦିଷ୍ଟ ତରକାରି ତିଆରିକରି ଖାଉଥିବା ଆମ୍ଭେ ଜାଣୁ। ଆମମାନଙ୍କ ଧାରଣା ହୁଏତ ଥାଇପାରେ, ଅର୍ଥାଭାବରୁ ଏହି ଲୋକେ ଗେଣ୍ଡା ସାଉଁଟିଆଣି ଖାଇବାକୁ ବାଧ ହେଉଛନ୍ତି। କିନ୍ତୁ ଏହି ବନବାସୀମାନଙ୍କୁ ଖାଦ୍ୟର ପୋଷକତତ୍ତ୍ୱ ବିଷୟରେ ଯାହା ଜଣାଅଛି, ତାହା ହୁଏତ ଆମକୁ ଜଣାନାହିଁ। ଶହ ଶହ ବର୍ଷ ଧରି ଆମ ବନବାସୀମାନେ ଯେଉଁ ଗେଣ୍ଡା ତରକାରିକୁ ପ୍ରିୟ ବ୍ୟଞ୍ଜନଭାବେ ଆଦରି ଚାଲିଛନ୍ତି, ଆଜି ସେହି ବ୍ୟଞ୍ଜନ ତ ୟୁରୋପର ବିଭିନ୍ନ ଦେଶରେ ଖୁବ୍ ଆଦର ଲାଭକରିଛି। ବିଶେଷକରି ବିଜ୍ଞାନରେ ବିଭୂଷିତ ଏବଂ ଅଦ୍ୟାବଧି ୭୮ଟି ନୋବେଲ ପୁରସ୍କାର ହାତେଇଥିବା ବିକଶିତ ଦେଶ ଫ୍ରାନ୍ସରେ ଏହା ଆଜି ପାଲଟିଛି ସ୍ୱତନ୍ତ୍ର ରାଜକୀୟ ବ୍ୟଞ୍ଜନ। ବଡ଼ବଡ଼ ହୋଟେଲ ଏବଂ ସମ୍ଭ୍ରାନ୍ତ ବର୍ଗଙ୍କ ଖାଦ୍ୟ ଥାଳିରେ ଏହା ବହୁଳଭାବେ ପରଷା ଯାଉଥିବାର ଦେଖାଯାଏ। କାରଣ ଗେଣ୍ଡାରେ ପ୍ରଚୁର ପରିମାଣରେ ପ୍ରାଣୀଜ ପ୍ରୋଟିନ ସହିତ ଲୌହସାର, ଖାଦ୍ୟସାର, ଖଣିଜ ପଦାର୍ଥ, କ୍ୟାଲସିୟମ ରହିଥାଏ। ଏହା ଯେମିତି ସୁସ୍ୱାଦୁ ସେମିତି ରୋଗ ପ୍ରତିରୋଧକାରୀ। ଯେଉଁଥିପାଇଁକି ବନବାସୀମାନେ ବର୍ଷତମାମ ପାଣି-କାଦୁଅରେ ଘାଣ୍ଟି ହେଉଥିଲେ ବି ସେମାନଙ୍କୁ ଥଣ୍ଡା-ଶର୍ଦ୍ଦି ଏତେଟା ଆକ୍ରାନ୍ତ କରିପାରେନା। ବଡ଼କଥା ହେଉଛି, ଗେଣ୍ଡାମାଂସରେ କୋଲେଷ୍ଟରଲ ପରିମାଣ ଅତିନଗଣ୍ୟ ଥାଏ।



ଗେଣ୍ଡାର ଖୋଳପାରେ କ୍ୟାଲସିୟମ ଭରପୂର ହୋଇଥାଏ। ସ୍ୱତନ୍ତ୍ର ପଦ୍ଧତିରେ ଏହାକୁ ନିଆଁରେ ପୋଡ଼ି ଜନଜାତିମାନେ ଚୂନ ତିଆରିକରନ୍ତି ଏବଂ ପାନ, ଦୋକ୍ତା ବା ଖଇନି ଆଦିରେ ତାହା ବ୍ୟବହାର କରିଥାନ୍ତି। ଛେଳି, କୁକୁଡ଼ା, ମତ୍ସ୍ୟ ଚାଷ ଆଦି ପାଇଁ ସରକାରୀ ସ୍ତରରେ ଆଜି ବ୍ୟାପକ ପ୍ରଚାର, ପ୍ରସାର ସହିତ ଲୋକଙ୍କୁ ପ୍ରୋତ୍ସାହିତ କରାଯାଉଛି। ମାଛ ଚାଷ ସହିତ ଗେଣ୍ଡା ଚାଷ ପାଇଁ ଲୋକଙ୍କୁ ପ୍ରୋତ୍ସାହିତ କଲେ ଏବଂ ଗେଣ୍ଡା ଚାଷର ପ୍ରସାର ଘଟିଲେ, ଆମ୍ଭର ସ୍ୱାସ୍ଥ୍ୟ ସମ୍ପଦ ସହିତ ଆର୍ଥିକ କ୍ଷେତ୍ରରେ ପ୍ରଗତି ପରିଦୃଷ୍ଟ ହୁଅନ୍ତା।

ବାସୀ ଭାତରେ ବିଶେଷ ଗୁଣ ଥିବାର ଯେଉଁକଥା ଆମେରିକାନ ନ୍ୟୁଟ୍ରିସନ ଆଶୋସିଏସନ ସମେତ ବିଶ୍ୱର ବୈଜ୍ଞାନିକମାନେ ଆଜି ଜାଣିବାକୁ ପାଇଲେ, ସେହିକଥା ଆମ ବନବାସୀଙ୍କୁ ବହୁପୂର୍ବରୁ ଜ୍ଞାତ। ଯେଉଁଥିପାଇଁକି ବାସି ପଖାଳ ଓ ହାଣ୍ଡିଆ ସେମାନଙ୍କର ଅତୀବ ପ୍ରିୟ। ଉନ୍ନତ ସ୍ୱାସ୍ଥ୍ୟ ପାଇଁ ଉତ୍ତମ ଆହାର ରୂପେ ସେମାନେ ପଖାଳକୁ ସର୍ବାଧିକ ପସନ୍ଦ କରିଥାନ୍ତି। ଅନେକ ପରିବାର ତ ବର୍ଷ ତମାମ ଦିନସାରା ପଖାଳ ଖାଇଥାନ୍ତି। ଫର୍ମେଣ୍ଟେସନ ପ୍ରକ୍ରିୟା ଫଳରେ ସେଥିରେ ଥିବା ଲାକ୍‌ଟିକ ଏସିଡ୍ ବ୍ୟାକ୍ଟେରିଆ ଯୋଗୁ ମାଇକ୍ରୋ ନ୍ୟୁଟ୍ରିଣ୍ଟ, ଭିଟାମିନ୍ସ ଓ ମିନେରାଲ୍ସ ଆଦିର ପରିମାଣ ବହୁଗୁଣରେ ବୃଦ୍ଧି ପାଇଥାଏ। ଆସାମ କୃଷି ବିଶ୍ୱବିଦ୍ୟାଳୟର ମଧୁମିତା ବରୁଆ ଓ ଗୁଣଜିତ ଗୋସ୍ୱାମୀଙ୍କ ଦ୍ୱାରା କରାଯାଇଥିବା ଏକ ଗବେଷଣା ଅନୁସାରେ ୧୦୦ଗ୍ରାମ୍ ଭାତରେ ମାତ୍ର ୩.୪ ମି.ଗ୍ରା ଲୌହସାର ରହିଥାଏ। କିନ୍ତୁ ୧୨ଘଣ୍ଟା ପଖାଳ ହେଲା ପରେ ଲୌହସାର ପରିମାଣ ୭୩.୯୧ ମି.ଗ୍ରାକୁ ବଢ଼ିଯାଏ। ସେହିପରି ସୋଡ଼ିୟମ ୪୭୫ ମି.ଗ୍ରା.ରୁ ହ୍ରାସପାଇ ୩୦୩ ମି.ଗ୍ରା., ପୋଟାସିୟମ ୩୫ ମି.ଗ୍ରା.ରୁ ବଢ଼ି ୮୩୯ ମି.ଗ୍ରା. ଓ କ୍ୟାଲ୍ସିୟମ ୨୧ ମି.ଗ୍ରା.ରୁ ବଢ଼ି ୮୫୦ ମି.ଗ୍ରା. ହୋଇ ଯାଇଥାଏ। ସାଦା ଭାତରେ ଥିବା ଫାଇଟିକ ଏସିଡ ଓ ଓଲିଗୋସାକାରାଇଡସ ଯୋଗୁ ଏହାକୁ ହଜମ କରିବାରେ ଅସୁବିଧା ହୋଇଥାଏ। କିନ୍ତୁ ସେହି ଭାତ ପଖାଳଯିବା ପରେ ଏ ଅସୁବିଧା ଦୂରେଇଯାଇ ହଜମ କ୍ରିୟା ସହଜ ହୋଇଥାଏ। ପଖାଳ ପିତ୍ତ ନାଶକ, ଅକାଳ ବାର୍ଦ୍ଧକ୍ୟ ନାଶକ। କୋଷ୍ଠକାଠିନ୍ୟ, ଅଗ୍ନିମାନ୍ଦ୍ୟ, ଅଜୀର୍ଣ୍ଣ ଓ ପେଟବ୍ୟଥା ଆଦି ନିବାରକ ମଧ୍ୟ। ମାନ୍ଦାପଣ ଦୂରେଇଦେଇ ଦେହ-ମନକୁ ଏହା ସତେଜ ରଖେ। ସ୍ଫୁର୍ତ୍ତି ଓ ସାମର୍ଥ୍ୟ ବଢାଏ। କ୍ଲାନ୍ତି ଦୂରକରେ। ପାଚନକ୍ରିୟା ଠିକ୍ ରଖେ। ରୋଗ ପ୍ରତିରୋଧକ ଶକ୍ତି ବଢାଏ। ହାଡ଼ ଓ ମାଂସପେଶୀ ସୁଦୃଢ଼ କରେ। ଅଲ୍ସର ରୋଗୀଙ୍କ ପାଇଁ ଏହା ରାମବାଣ ସଦୃଶ। ପଖାଳର ଏତାଦୃଶ ଉପଯୋଗିତା ଉପଲବ୍ଧି କରି ପାଶ୍ଚାତ୍ୟ ଜଗତ ମଧ୍ୟ ପଖାଳ ପ୍ରେମରେ ଆଜି। ପଖାଳର ଚାହିଦାକୁ ଚାହିଁ ବଡ଼ ବଡ଼ ହୋଟେଲରେ ହୋମ୍ ଡେଲିଭରିର ବ୍ୟବସ୍ଥା ହେଲାଣି। ଆଉ ତୋରାଣିରୁ ତିଆରି କାଞ୍ଜି ତ ଆମେରିକା ଓ ୟୁରୋପୀୟମାନଙ୍କ ପାଇଁ ପଥ୍ୟ ସମ ଅତୀବ ପସନ୍ଦର ସାମଗ୍ରୀ ପାଲଟିଗଲାଣି। କାଞ୍ଜି ଆଜି ସେମାନଙ୍କ ପାଇଁ ଗବେଷଣାର ବିଷୟ ସାଜିଛି।

ଏବେ ଆସିବା ହାଣ୍ଡିଆ ପାଖକୁ। ବାସୀଭାତ ଅଧିକଦିନ ରହି ଅମ୍ଳୀଭବନ ଅଧିକ ହୋଇଥିବା ଯୋଗୁ ହାଣ୍ଡିଆର ଗୁଣ ପଖାଳଠାରୁ ଅଧିକ। ପୁନଶ୍ଚ ସେଥିରେ ସ୍ୱାସ୍ଥ୍ୟ ଉପଯୋଗୀ ନିର୍ଦ୍ଦିଷ୍ଟ ଗୁଳ୍ମର ଚେର ଆନୁପାତିକ ରୀତିରେ ଅରୁଆ ଚାଉଳର ଚୂନା ସହିତ ମିଶାଇ, ଛୋଟଛୋଟ ଗୁଳି କରି ଖରାରେ ୩/୪ଦିନ ଶୁଖାଇ ସ୍ୱତନ୍ତ୍ର ପଦ୍ଧତିରେ 'ବାଖର' କରାଯାଇଥାଏ। ଉଷୁନା ଚାଉଳ ଭାତରେ (ପେଜ ଅକ୍ଷୁଣ୍ଣ ରଖି) ନିର୍ମିତ ପଖାଳ ସହିତ ଏହି ବାଖର ମିଶାଇ ୪/୫ ଦିନ ଡାଙ୍କିରଖି ହାଣ୍ଡିଆ ତିଆରି କରାଯାଇଥାଏ। ଖୁବ୍ ଅଧିକ ପରିମାଣରେ ଅମ୍ଳୀଭବନ ହୋଇଥିବାରୁ ତାହା ଟିକେ କଟୁ ଗନ୍ଧ କରିଥାଏ। ସାମାନ୍ୟ ଟିକେ ନିଶାଯୁକ୍ତ ହେଲେବି ବନବାସୀଙ୍କର ଏହା ଅତିପ୍ରିୟ ପାନୀୟ। ବନବାସୀ ସଂସ୍କୃତିରେ ଓତପ୍ରୋତ ଭାବେ ଜଡ଼ିତ ଏହି ହାଣ୍ଡିଆ। ପ୍ରତିଟି ପର୍ବ-ପର୍ବାଣି, ବିବାହ, ମହୋତ୍ସବ, ଅତିଥି ଅଭ୍ୟର୍ଥନା ଆଦିରେ ସମ୍ମାନର ସନ୍ତକ ହେଉଛି ହାଣ୍ଡିଆ। ବିଦେଶୀ ମଦ ପରି ଶରୀରକୁ ଏହା ଏତେଟା ନିଶାସକ୍ତ କରେନାହିଁ। ହେଲେ ଏସବୁ କ୍ଷେତ୍ରଗୁଡ଼ିକ କ'ଣ ଆମ ବିକାଶ ଯାତ୍ରାରେ ସହଭାଗୀ ହେବାକୁ ଅସମର୍ଥ? ବିଦେଶୀ ମଦଶିଳ୍ପ ସ୍ଥାନରେ ହାଣ୍ଡିଆ ଶିଳ୍ପ ଏବଂ ସ୍ୱାସ୍ଥ୍ୟକର ମୃଦୁ ପାନୀୟର ବଢ଼ିଆ ବିକଳ୍ପ ଭାବେ କାଞ୍ଜି ଶିଳ୍ପର ବିକାଶ ପାଇଁ ସରକାର ବିହିତ ବ୍ୟବସ୍ଥା ଆପଣାଇଲେ ଗ୍ରାମ୍ୟ ଅର୍ଥନୀତି ଅଧିକ ସୁଦୃଢ଼ ହୋଇପାରନ୍ତା। ବହୁଚର୍ଚ୍ଚିତ ସୁଭଦ୍ରା ଯୋଜନା ଆହୁରି ଅଧିକ ଫଳପ୍ରଦ ହୁଅନ୍ତା।

ମୋ: ୯୪୩୭୪୩୬୦୭୩

# ଫ୍ରିବିଜ୍ ଆକ୍ରାନ୍ତ ଗଣତନ୍ତ୍ର



ରବିନାରାୟଣ ସମାଲ

ବିଶ୍ୱରେ ଯେତେ ପ୍ରକାର ଶାସନ ବ୍ୟବସ୍ଥା ରହିଛି ସେଗୁଡ଼ିକ ମଧ୍ୟରେ ଗଣତନ୍ତ୍ର ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରେ। ମାତ୍ର ଅନୁପଯୋଗୀ ବାହ୍ୟ କାରକ ଅଧିକ କ୍ରିୟାଶୀଳ ହେଲେ ଏହାର ସ୍ୱତନ୍ତ୍ରତାରେ ବିଚ୍ୟୁତି ଘଟେ ଏବଂ ଏହା ଗଣଙ୍କଠାରୁ ଦୂରେଇଯାଏ। ଏବେ ଚାଲିଥିବା ବିହାର ନିର୍ବାଚନ ଏହିପରି ଅନେକ କିଛି ସୂଚନା ପ୍ରଦାନ କରେ।

ନିର୍ବାଚନ ଘୋଷଣା ପୂର୍ବରୁ ବିହାରରେ ଯେଭଳି ଭାବେ ଅନେକ ହଜାର କୋଟି ଟଙ୍କାର ପ୍ରକଳ୍ପ ଅଜାଡ଼ି ହୋଇ ପଡ଼ିଲା ତାହାକୁ ଲକ୍ଷ୍ୟ କଲେ ଗଣତନ୍ତ୍ରର ସ୍ଥାୟିତ୍ୱ ପ୍ରତି ଆଶଙ୍କା ସୃଷ୍ଟି ହେବା ଅସ୍ୱାଭାବିକ ନୁହେଁ। ବିଭିନ୍ନ ରାଜନୈତିକ ଦଳ ସେଠାରେ ସେମାନଙ୍କ ନିର୍ବାଚନୀ ପ୍ରତିଶ୍ରୁତି ଦେବାରେ ଆଦୌ ହେଳା କରୁନାହାନ୍ତି। ମାଗଣା ବିଦ୍ୟୁତ୍, ମାଗଣା ଟାବ୍‌ଲେଟ୍, ମାଗଣା ସ୍ମାର୍ଟ ଫୋନ୍, ବେକାରି ଭତ୍ତା, ବାର୍ଦ୍ଧକ୍ୟ ଭତ୍ତା, ମହିଳାଙ୍କୁ ମାସିକ ୨୫ ଶହ ଟଙ୍କା ଏମିତି ଅନେକ କିଛି। ବିହାର ନିର୍ବାଚନରେ ଏମିତି ପ୍ରଲୁବ୍ଧକାରୀ ପ୍ରତିଶ୍ରୁତି ପ୍ରଥମ ଥର ଲାଗି ଯେ ଦିଆଗଲା ତାହା ନୁହେଁ,ଏହା ପୂର୍ବରୁ ଅନ୍ୟ ରାଜ୍ୟରେ ଟିଭି, ମଙ୍ଗଳସୂତ୍ର, ମୋଟରସାଇକେଲ ବଣ୍ଟାଯାଇଛି। ମଦବୋତଲ ସହ ୫ଶହ ଟଙ୍କିଆ ନୋଟ୍ ବଣ୍ଟାଯାଇଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଆଉ ପ୍ରତି ପରିବାରକୁ ନଗଦ ଟଙ୍କା ମଧ୍ୟ ବଣ୍ଟାଯାଇଛି। ସବୁ ଡକାପିଟା, ଖୁଲମ୍‌ଖୁଲା। ଲୁଚାଛପାରେ କିଛି ନାହିଁ। ନିର୍ବାଚନ କମିଶନଙ୍କ ନାକ ତଳେ ଏସବୁ ଘଟିଛି।

ଏ କଥା ନିର୍ବିବାଦୀୟ ଯେ ପ୍ରାୟ ସାଧାରଣ ମତଦାତା ରାଜନୈତିକ ଭାବେ ସଚେତନ ନୁହନ୍ତି। ତେଣୁ ସେମାନେ ପ୍ରଲୋଭନର ବଶବର୍ତ୍ତୀ ହୋଇ ନିଜର ମୂଲ୍ୟବାନ୍ ଭୋଟ ଖଣ୍ଡିକୁ ଅବିଚାରିତ ଭାବେ ସାବ୍ୟସ୍ତ କରିଥାନ୍ତି। ଯିଏ ଯେତେ ପଇସା ବାଣ୍ଟି ପାରିଲା, ଯିଏ ଯେତେ ପ୍ରଲୋଭନ ଦେଖାଇ ପାରିଲା ନିର୍ବାଚନରେ ଜିତିବାରେ ତାହାର ସେତେ ଗ୍ୟାରେଣ୍ଟି ଆସିଗଲା। ଯିଏ ପଇସା ଖର୍ଚ୍ଚକରି ନ ପାରିଲା ତା'ର ଅମାନତ ଉଡ଼ିଗଲା। ଏହା ଆଉ ଦ୍ୱନ୍ଦ୍ୱାତ୍ମକ ହୋଇ ରହିନାହିଁ।

ଇତିମଧ୍ୟରେ ବିହାରରେ ଫ୍ଲାଇଂ ସ୍କ୍ୱାଡ୍ ଦ୍ୱାରା ବିପୁଳ ପରିମାଣରେ ମାଦକଦ୍ରବ୍ୟ, ନଗଦ ଟଙ୍କା ଓ କେତେକ ମୂଲ୍ୟବାନ୍ ସାମଗ୍ରୀ ଜବତ କରାଯାଇଛି। ଏହାର ମୂଲ୍ୟ ୩୩ ହଜାର କୋଟିରୁ ଅଧିକ ଟଙ୍କା ହେବ ବୋଲି ନିର୍ବାଚନ କମିଶନ ପ୍ରକାଶ କରିଛନ୍ତି। ମାତ୍ର ଯେଉଁ ସାମଗ୍ରୀଗୁଡ଼ିକ ଜବତ ହୋଇପାରି ନାହିଁ ତାହାର ମୂଲ୍ୟ କେତେ ହୋଇପାରେ ନିର୍ବାଚନ କମିଶନ ଆକଳନ କରିଛନ୍ତି କି? ଆଜିକାଲି ଡିଜିଟାଲ ଯୁଗରେ କାହାକୁ ଅର୍ଥ ଦେବାରେ ତ ଅସୁବିଧା ନାହିଁ। ୟୁପିଆଇ ଦ୍ୱାରା ବିହାରରେ ଏହି ପ୍ରକ୍ରିୟା ଏବେ ଚାଲୁରହିଛି। ତାକୁ କେଉଁ ଫ୍ଲାଇଂ ସ୍କ୍ୱାଡ୍ ଧରିବାର ତାକତ ନାହିଁ।



ନିର୍ବାଚନର ଅବ୍ୟବହିତ ପୂର୍ବରୁ ବିଭିନ୍ନ ରାଜନୈତିକ ଦଳ ସେମାନଙ୍କ ଇସ୍ତାହାରର ପୁସ୍ତିକା ପ୍ରକାଶ କରିଥାନ୍ତି। ବିଭିନ୍ନ ଆକର୍ଷଣୀୟ ପ୍ରତିଶ୍ରୁତିରେ ଭରପୂର ଏହି ନିର୍ବାଚନୀ ଇସ୍ତାହାର କେବେ ବି କାର୍ଯ୍ୟକାରୀ ହୁଏ ନାହିଁ। କାର୍ଯ୍ୟକାରୀ ନ ହେଲେ ବି କେହି ଉତ୍ତରଦାୟୀ ନୁହନ୍ତି। ନିର୍ବାଚନ ସରିଲା ପରେ ଇସ୍ତାହାର ଖଣ୍ଡିକ ରଦ୍ଦି କାଗଜରେ ପରିଣତ ହେବା ସମସ୍ତେ ଜାଣନ୍ତି।

୨୦୧୪ ସାଧାରଣ ନିର୍ବାଚନରେ ଶହେ ଦିନ ମଧ୍ୟରେ ଦରଦାମ ହ୍ରାସ କରାଯିବ ବୋଲି ପ୍ରତିଶ୍ରୁତି ମିଳିଥିଲା। ହୋଇଛି କି? କଳାଟଙ୍କା ଉଦ୍ଧାର କରାଯାଇ ପ୍ରତି ଆକାଉଣ୍ଟରେ ୧୫ ଲକ୍ଷ ଲେଖାଏ ଟଙ୍କା ଜମା କରାଯିବ। ହୋଇଛି କି? ବର୍ଷକୁ ୨ କୋଟି ବେକାରଙ୍କୁ ନିଯୁକ୍ତି ଦିଆଯିବ। ଦିଆଯାଇଛି କି? ଏହିପରି ପ୍ରତି ଉପଭୋକ୍ତାଙ୍କୁ ମାଗଣା ବିଜୁଳି, ପ୍ରତି ଘରକୁ ପିଇବା ପାଣି, ପ୍ରତି ଜନବସତିକୁ ସବୁଦିନିଆ ରାସ୍ତା ଇତ୍ୟାଦି ପ୍ରତିଶ୍ରୁତି ସେହି ପ୍ରତିଶ୍ରୁତିରେ ହିଁ ରହିଯାଇଛି। ପ୍ରଦତ୍ତ ଇସ୍ତାହାର ମିଥ୍ୟାଚାରରେ ପରିଣତ ହୋଇଛି।

ନିର୍ବାଚନ ଘୋଷଣା ଦିନଠାରୁ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଯାଏ। ଏହି ଅବଧି ମଧ୍ୟରେ ସରକାରୀ ସ୍ତରରେ ଜନସାଧାରଣଙ୍କ ଉନ୍ନତି କଳ୍ପେ କୌଣସି କାର୍ଯ୍ୟ କରାଯିବାକୁ ବାରଣ କରାଯାଇଥାଏ। ବେଶ୍ ଭଲ କଥା। କିନ୍ତୁ ସେହି ନିର୍ଦ୍ଦିଷ୍ଟ ତାରିଖ ପୂର୍ବରୁ ନିର୍ବାଚନକୁ ଦୃଷ୍ଟିରେ ରଖି ଯେତେ ଯେତେ ଶିଳାନ୍ୟାସ, ଉଦ୍‌ଘାଟନ, ପ୍ରୋତ୍ସାହନ ଆଦି ସରକାରୀ ସ୍ତରରେ କରାଯାଇଥାଏ ସେଥିରେ ତ କିଛି ବାରଣ ନ ଥାଏ? ନିର୍ବାଚନ ବେଳେ ଲୋକଲୋଚନ ଆଢୁଆଳରେ ମତଦାତାଙ୍କ ପକେଟ୍‌କୁ ଯେଉଁ ଲକ୍ଷ ଲକ୍ଷ କୋଟି ଟଙ୍କା ରାତାରାତି ଚାଲିଯାଏ, ସେଥିରେ ତ ବେଦ ଅଶୁଦ୍ଧ ହୁଏ ନାହିଁ?

ଏହି ପରିପ୍ରେକ୍ଷୀରେ ଆମେ ଏଠାରେ ୩ଟି କଥାକୁ ବିଚାରକୁ ନେଇପାରନ୍ତି। ନିର୍ବାଚନ ପୂର୍ବ, ନିର୍ବାଚନ ପର ଏବଂ ନିର୍ବାଚନ କାଳରେ ଦଳ ବା ପ୍ରାର୍ଥୀମାନଙ୍କ ଦ୍ୱାରା ଦିଆଯାଉଥିବା ପ୍ରତିଶ୍ରୁତି ବା ପ୍ରଲୋଭନ। ଏସବୁ ଅନିୟନ୍ତ୍ରିତ। ଆଚରଣ ବିଧି ଲାଗୁ ପୂର୍ବରୁ ଶାସକ ଗୋଷ୍ଠୀ ଦ୍ୱାରା ଅନେକ ହଜାର କୋଟି ଟଙ୍କାର ପ୍ରକଳ୍ପ ବର୍ଷା, ନିର୍ବାଚନ କାଳରେ ପ୍ରାର୍ଥୀମାନଙ୍କର ବହୁ କୋଟି ଟଙ୍କା ଲାଞ୍ଚ ବିନିମୟରେ ଭୋଟ ଖର୍ଦ୍ଦି ଏବଂ ନିର୍ବାଚନ ଶେଷରେ ପ୍ରତିଶ୍ରୁତିରୁ ପଳାୟନ। ଏସବୁ ବିଷୟରେ ବିତର୍କର ଯଥେଷ୍ଟ ଆବଶ୍ୟକତା ଅଛି। କୌଣସି ନିର୍ଯାସରେ ଉପନୀତ ହୋଇ ଲୋକ ପ୍ରତିନିଧି ଆଇନରେ ସଂଶୋଧନର ମଧ୍ୟ ଆବଶ୍ୟକତା ଅଛି।

ସର୍ବଶେଷରେ ଏତିକି କୁହାଯାଇପାରେ, ନିର୍ବାଚନୀ ପ୍ରକ୍ରିୟା ପ୍ରଚ୍ଛଦପଟରେ ଭୋଟରମାନଙ୍କୁ ପ୍ରଲୋଭିତ କରିବାକୁ ଯେଉଁ ସବୁ ଫ୍ରିବିଜ୍ ବା ମାଗଣାରେ ସାମଗ୍ରୀ କିମ୍ବା ସେବା ଯୋଗାଇଦେବା ପ୍ରକ୍ରିୟା ଚାଲିଛି ତାହା ବନ୍ଦହେବା ଉଚିତ। ନଚେତ୍ ଆମ ଦେଶର ଗଣତନ୍ତ୍ର ଅତ୍ୟନ୍ତ କଳୁଷିତହୋଇ ଅବିଳମ୍ବେ ଭୁଶୁଡ଼ିପଡ଼ିବ।

ମୋ: ୭୯୭୫୦୪୬୪୮୬

## ଏଇ ଭାରତରେ

ବାୟୁ ପ୍ରଦୂଷଣ ସ୍ୱାସ୍ଥ୍ୟ ସଙ୍କଟ ସୃଷ୍ଟି କରୁଥିବାବେଳେ ଏଥିରୁ ରକ୍ଷା ପାଇବା ଲାଗି ଘରେ ଏୟାର ପ୍ୟୁରିଫାୟର ଆବଶ୍ୟକ ପଡ଼ିଲାଣି। ବଜାରରେ ମଧ୍ୟ ଏୟାର ପ୍ୟୁରିଫାୟର ଉପଲବ୍ଧ ହେଉଛି, କିନ୍ତୁ ଏହାର ମୂଲ୍ୟ ଅଧିକ। ତେବେ ବେଙ୍ଗାଲୁରୁର ଆୟୁଷ ଝା କମ୍ ଖର୍ଚ୍ଚରେ ଏୟାର କଣ୍ଡିଶନରକୁ ସ୍ମାର୍ଟ ଏୟାର ପ୍ୟୁରିଫାୟରରେ ପରିଣତ କରିପାରୁଛନ୍ତି। ଏହା ବଜାରରେ ମିଳଥିବା ଏୟାର ପ୍ୟୁରିଫାୟରଠାରୁ ଶସ୍ତା ଅର୍ଥାତ୍ ତା' ମୂଲ୍ୟର ଏକ ଶତାଂଶରେ ହୋଇପାରୁଛି। ୨୦୧୭ରେ ଆୟୁଷଙ୍କ ପିତା ଦିଲ୍ଲୀକୁ ବଦଳି ହୋଇ ଆସିବା ପରେ ବାୟୁ ପ୍ରଦୂଷଣ ଜନିତ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଏହାକୁ ଲକ୍ଷ୍ୟ କରି ଘରେ ଶସ୍ତାରେ କିଭଳି ଏୟାର ପ୍ୟୁରିଫାୟର ବ୍ୟବହାର କରାଯାଇପାରିବ ସେଥିପାଇଁ ସେ ଗବେଷଣା ଆରମ୍ଭ କରିଦେଇଥିଲେ। ଆୟୁଷ ପୂର୍ବରୁ ଏକ ଷ୍ଟାର୍ଟଅପରେ କାମ କରିଥିବାରୁ ଏହା ତାଙ୍କ ପାଇଁ ସହଜ ଥିଲା। ୨୦୧୮ରେ ସ୍ୱଚ୍ଛ ଏୟାର କମ୍ପାନୀ 'କ୍ଲାଇର୍‌କୋ' ଆରମ୍ଭ କରି ଏକ ବହୁ ରାଷ୍ଟ୍ରୀୟକମ୍ପାନୀ ସହଯୋଗରେ କାମ ଆରମ୍ଭ କରି ସଫଳ ହୋଇଥିଲେ। ଏବେ ସେ ଦିଲ୍ଲୀ- ଏନସିଆର, ବେଙ୍ଗାଲୁରୁ ହାଇଦ୍ରାବାଦ ସହରରେ ଏସିକୁ ସ୍ମାର୍ଟ ଏୟାର ପ୍ୟୁରିଫାୟର କରିବା ଯୋଗୁ ପ୍ରତିଦିନ ପାଖାପାଖି ୧୫ ଲକ୍ଷ ଲୋକ ବିଶୁଦ୍ଧ ବାୟୁ ଗ୍ରହଣ କରୁଛନ୍ତି। ଆୟୁଷ ଏହି ଟେକ୍‌ନୋଲୋଜିକୁ ମଧ୍ୟପ୍ରାଚ୍ୟ ଓ ଦକ୍ଷିଣପୂର୍ବ ଏସିଆର ଅନ୍ୟ ଦେଶରେ ପହଞ୍ଚାଇବା ଲାଗି ଯୋଜନା କରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

### ୮ ନଭେମ୍ବର ୧୯୭୬

- ରାଜ୍ୟରେ ଶିଲିଂ ବହିର୍ଭୂତ ଜମି ପାଇଥିବା ବ୍ୟକ୍ତିମାନଙ୍କୁ ଚାଷ ନିମନ୍ତେ ଆର୍ଥିକ ସାହାଯ୍ୟ ଯୋଗାଇଦେବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ୪.୪୫ ଲକ୍ଷ ଟଙ୍କା ମଞ୍ଜୁର।
- କୁଏତ୍‌ରେ ଥିବା ଭାରତୀୟ ରାଷ୍ଟ୍ରଦୂତ ଆର୍. ଏ. ଖାଁ ଜର୍ମାନ ସାଧାରଣ ଗଣତନ୍ତ୍ରର ରାଷ୍ଟ୍ରଦୂତ ରୂପେ ନିଯୁକ୍ତ।

## ପାଠକ ଶ୍ରେଷ୍ଠ ବିଚାରକ

### ସ୍ୱାସ୍ଥ୍ୟସେବାରେ ଅବ୍ୟବସ୍ଥା

ମହାଶୟ,

ସାରା ରାଜ୍ୟରେ ଭୁଶୁଡ଼ି ପଡ଼ିଛି ସ୍ୱାସ୍ଥ୍ୟସେବା ବ୍ୟବସ୍ଥା। ରୋଗୀମାନେ ଚିକିତ୍ସା ସେବା ନ ପାଇ ହଇରାଣ ହେଉଛନ୍ତି। ବାସ୍ତବରେ ଦେଖାଗଲେ ପୁରୀ ସହର ସମେତ ଜିଲାର ୧୧ ବ୍ଲକ୍‌ରେ ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ ହୋଇପାରି ନାହିଁ। ରାଜ୍ୟରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରୀୟ ଅନେକ ଯୋଜନା କାର୍ଯ୍ୟକାରୀ ହେଉଛି। ରାଜ୍ୟ ସରକାର ମଧ୍ୟ ଏକାଧିକ ସ୍ୱାସ୍ଥ୍ୟ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ସ୍ୱାସ୍ଥ୍ୟସେବାର ଉନ୍ନତି ପାଇଁ ବହୁ କୋଟି ଟଙ୍କା ଖର୍ଚ୍ଚ ହେଉଛି। ହେଲେ ସ୍ୱାସ୍ଥ୍ୟସେବାରେ ସେମିତି କିଛି ଉନ୍ନତି ପରିଲକ୍ଷିତ ହେଉନାହିଁ। ପୁରୀ ସହରର ମୁଖ୍ୟ ସରକାରୀ ଡାକ୍ତରଖାନା ବାରଣ୍ଡାରେ ଶୋଇ ରୋଗୀମାନେ ଚିକିତ୍ସିତ ହେଉଛନ୍ତି। ଏଠାରେ ସୁବିଧାରେ ରକ୍ତ, ମଳ, ମୂତ୍ର ଆଦି ବିଭିନ୍ନ ପରୀକ୍ଷା ବ୍ୟବସ୍ଥା ଥିଲେ ହେଁ ରୋଗୀଙ୍କୁ ଘରୋଇ ପରୀକ୍ଷାଗାର ଉପରେ ନିର୍ଭର କରିବାକୁ ପଡୁଛି। ରାଜ୍ୟ ସରକାର ବହୁ କୋଟି ଟଙ୍କାର ଔଷଧ କିଣୁଥିଲେ ମଧ୍ୟ ସାକ୍ଷୀଗୋପାଳ ସରକାରୀ ଡାକ୍ତରଖାନାରେ ସେସବୁ ରୋଗୀଙ୍କ ଭାଗରେ ପଡ଼େନି। କିଛି ହରିଲୁଟ୍ ହୁଏ, କିଛି ସମୟସୀମା ଶେଷ ହେବା ପରେ ବଣ୍ଟାଯାଏ ଆଉ କିଛି ବର୍ଷ ଶେଷବେଳକୁ ନଷ୍ଟ କରିଦିଆଯାଏ। ତେବେ ଯୋଜନାଗୁଡିକ ଚାଲିଛି କାହା ପାଇଁ ? ଉପୁଜୁଥିବା ସ୍ୱାସ୍ଥ୍ୟ ସମସ୍ୟା ପ୍ରତି ସରକାର ଯତ୍ନବାନ୍ ହେବା ଉଚିତ।

**-ଦେବଦତ୍ତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଗଜଲ ଗୀତ ସମ ଗତିର ଚମକ
ବାଜଇ ତାଳେ ତାଳେ ଯତିର ଜମକ
ମରଣ ଚିତା ଉଠେ ମରମେ ଜଳି ଗୋ
ଦାରୁଣ ବ୍ୟଥା ବାଜେ ଜୀବନ ଦଳି ଗୋ
ଚାହିଁଲେ ଚାରୁ ତବ ପେଲବ ପଲକ
ଗଜଲ ଗୀତ ସମ ଗତିର ଝଲକ ।

-(ସୁଦୂର ଗାନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଭାରତ ସରକାର, ସେନା ନେଟ୍ୱର୍କକୁ ଟାର୍ଗେଟ୍ କରୁଛନ୍ତି ପାକ୍ ହ୍ୟାକର୍ସ



## ଗୁପ୍ତଚରଗିରି ପାଇଁ ଆଧୁନିକ ସ୍ପାଏୱେର

ନୂଆଦିଲ୍ଲୀ,୭ା୧୧

ଟ୍ରାନ୍ସପାରେଣ୍ଟ ଟ୍ରାଇବ୍ ନାମରେ ପାକିସ୍ତାନ ସହ ସମ୍ପୃକ୍ତ ଥିବା ଏକ ହ୍ୟାକର ଗ୍ରୁପ୍ ଭାରତ ସରକାର ଓ ଏହାର ସେନା ନେଟ୍ୱର୍କକୁ ଟାର୍ଗେଟ କରି ବଡ଼ ଧରଣର ସାଇବର ଗୁପ୍ତଚର ଅଭିଯାନ ଚଳାଇଛି। ଉକ୍ତ ହ୍ୟାକର ଗ୍ରୁପ୍ ଡେକ୍ସଆର୍‌ଏଟି ନାମରେ ଅତ୍ୟାଧୁନିକ ସ୍ପାଏୱେର ବ୍ୟବହାର କରୁଥିବା ନେଇ ଏକ ଗୋଇନ୍ଦା ସଂସ୍ଥା ରିପୋର୍ଟରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ଏନେଇ ସତର୍କ କରିଦିଆଯାଇଛି। ରିପୋର୍ଟ ଅନୁଯାୟୀ, ଉକ୍ତ ଗ୍ରୁପ୍ ଚଳିତ ବର୍ଷ ସେମାନଙ୍କ କୌଶଳରେ ପରିବର୍ତ୍ତନ କରି ଗୁଗଲ୍ ଡ୍ରାଇଭ୍ ଭଳି ପବ୍ଲିକ୍ କ୍ଲାଉଡ ପ୍ଲାଟ୍‌ଫର୍ମ ପରିବର୍ତ୍ତେ ଘରୋଇ ସର୍ଭର ବ୍ୟବହାର କରୁଥିବାରୁ ସେମାନଙ୍କ ଗୁପ୍ତଚରଗିରିକୁ ଠାବ କରିବା ଓ ଅବରୋଧ କରିବା ଅଧିକ କଷ୍ଟକର ହୋଇଛି। ଲଦାଖରେ ସୀମା ଉତ୍ତେଜନାରୁ ସେମାନେ ଫାଇଦା ଉଠାଇବାକୁ ଉଦ୍ୟମ କରୁଛନ୍ତି। ସାଲିସ୍‌ଯୁକ୍ତ ଭରତୀୟ ସିଷ୍ଟମ ଜରିଆରେ ଚାଇନାର ସାମରିକ ଗତିବିଧି ସମ୍ପର୍କିତ ଗୋଇନ୍ଦା ତଥ୍ୟ ହାସଲ ଲାଗି ଉଦ୍ୟମ କରୁଥିବା ବିଶ୍ୱାସ କରାଯାଉଛି। ସୁରକ୍ଷା ସତର୍କତା କିମ୍ବା ସୀମାନ୍ତ ଘଟଣା ଭଳି ଗୋଇନ୍ଦା ତଥ୍ୟ, ସରକାରୀ ବିଜ୍ଞପ୍ତି ଆଳରେ ହ୍ୟାକରମାନେ ଅତ୍ୟାଧୁନିକ ଫିସିଂ ଇମେଲ୍ ବ୍ୟବହାର କରି କୌଶଳକ୍ରମେ ଅଫିସରମାନଙ୍କ ଦ୍ୱାରା ସଂକ୍ରମିତ ଆଟାଚ୍‌ମେଣ୍ଟ ଡାଉନ୍‌ଲୋଡ୍ କରାଉଛନ୍ତି। ଡେସ୍କଆର୍‌ଏଟି ଥରେ ଇନ୍‌ଷ୍ଟାଲ ହୋଇଗଲେ, ସରକାରୀ ଅଫିସରରେ ଅଧିକ ବ୍ୟବହୃତ ହେଉଥିବା ବୋସ୍ ଲିନକ୍ସ ସିଷ୍ଟମରୁ ତଥ୍ୟ ହାସଲ କରିବାରେ ହ୍ୟାକରମାନେ ସକ୍ଷମ ହେବେ। ସେମାନେ ଗୁପ୍ତରେ ସମ୍ବେଦନଶୀଳ ଫାଇଲଗୁଡ଼ିକୁ ଦେଖିପାରିବେ ଓ ଏହାକୁ ଅନ୍ୟତ୍ର ସ୍ଥାନାନ୍ତର କରିପାରିବେ ବୋଲି ଉକ୍ତ ରିପୋର୍ଟରେ କୁହାଯାଇଛି। ନୂତନ ମାଲୱେର ଭାରିଆଣ୍ଟ ବିକଶିତ କରିବା ପାଇଁ ହ୍ୟାକରମାନେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଏବଂ ଲାର୍ଜ ଲାଙ୍ଗୁଏଜ୍ ମଡେଲ (ଏଲ୍‌ଏଲ୍‌ଏମ୍) ବ୍ୟବହାର କରୁଥିବା ଜଣାପଡ଼ିଛି।

# ବନ୍ଦେ ମାତରମ୍ ଗୀତ ରାଷ୍ଟ୍ରପ୍ରେମ, ଏକତାର ପ୍ରତୀକ: ଭାଜପା

ଭୁବନେଶ୍ୱର,୭ା୧୧(ସୁନିତ୍ ମିଶ୍ର)

ସ୍ୱାଧୀନତା ସଂଗ୍ରାମ ଆନ୍ଦୋଳନରେ ସମସ୍ତଙ୍କ ପାଇଁ ପ୍ରେରଣା ପାଲଟିଥିବା ରାଷ୍ଟ୍ରଗୀତ 'ବନ୍ଦେ ମାତରମ୍'ର ଶୀର୍ଷକକୁ ନେଇ ଦେଶର ବିଭିନ୍ନ ଭାଷାରେ ନାଟକ ପ୍ରଦର୍ଶିତ ହୋଇଛି। ସାରା ବିଶ୍ୱରେ କୌଣସି ଏକ ଗୀତର ଶୀର୍ଷକକୁ ରାଜନୈତିକ ସ୍ଲୋଗାନ ଓ ଆବାହ ସଙ୍ଗୀତଭାବେ ୧୫୦ ବର୍ଷ ଧରି ନିୟମିତ ବ୍ୟବହାର କରିବା ସମ୍ପୂର୍ଣ୍ଣ ବିରଳ। ବନ୍ଦେ ମାତରମ୍ ଗୀତ ହେଉଛି ରାଷ୍ଟ୍ରପ୍ରେମ, ଆତ୍ମବିଶ୍ୱାସ ଓ ଏକତାର ପ୍ରତୀକ ବୋଲି ବରିଷ୍ଠ ଭାଜପା ନେତା ଗୋଲକ ମହାପାତ୍ର କହିଛନ୍ତି। ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଶୁକ୍ରବାର ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗୋଲକ କହିଛନ୍ତି, ୧୮୭୫ ନଭେମ୍ବର ୭ରେ ପ୍ରଖ୍ୟାତ ବଙ୍ଗଳା ଲେଖକ ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଦ୍ୱାରା ରଚିତ ଏହି ଗୀତଟି ତାଙ୍କ ସମ୍ପାଦିତ ମାସିକ ସାହିତ୍ୟ ପତ୍ରିକା ବଙ୍ଗ ଦର୍ଶନରେ ପ୍ରଥମ ଥର ପାଇଁ ପ୍ରକାଶିତ ହୋଇଥିଲା। ସେହି ପ୍ରଥମ ସମ୍ପାଦନାର ଏବେ ୧୫୦ ବର୍ଷ ପୂରଣ ହୋଇଛି। ବନ୍ଦେ ମାତରମ୍ ଗୀତର ଶୀର୍ଷକଟି ରାଜନୈତିକ ସ୍ଲୋଗାନ ରୂପେ ୧୯୦୫ରୁ ବ୍ୟବହୃତ ହୋଇଆସୁଛି। ୧୮୯୬ରେ କଲିକତାଠାରେ ଅନୁଷ୍ଠିତ କଂଗ୍ରେସ ଅଧିବେଶନରେ ବନ୍ଦେ ମାତରମ୍ ଗୀତକୁ ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋର ନିଜେ ସ୍ୱର ସଂଯୋଜନା କରିବା ସହ ଗାନ କରିଥିଲେ। ବନ୍ଦେ ମାତରମ୍ ନାମରେ କଲିକତାରେ ଏବଂ ଲଣ୍ଡନରେ ଜାତୀୟ ଖବରକାଗଜରେ ପ୍ରକାଶିତ ହେଉଥିଲା। ୧୯୫୦ ଜାନୁଆରୀ ୨୪ରେ ସମ୍ବିଧାନ ପ୍ରଣୟନ ସଭା ଦ୍ୱାରା 'ଜନଗଣ ମନ'କୁ ରାଷ୍ଟ୍ରୀୟ ସଂଗୀତ ଏବଂ 'ବନ୍ଦେ ମାତରମ୍'କୁ ରାଷ୍ଟ୍ରୀୟ ଗୀତ ରୂପେ ସ୍ୱୀକୃତି ମିଳିଥିଲା। କାର୍ଯ୍ୟକ୍ରମରେ ପୂର୍ବତନ ଉପଭାଭାନେତ୍ରୀ ସୁକେଶୀ ଓରାମ, ରାଜ୍ୟ ମୁଖପାତ୍ର ସତ୍ୟବ୍ରତ ପଣ୍ଡା, ଦିଲୀପ ମଲିକ, ସୁଶାନ୍ତ ଜେନାଙ୍କ ସମେତ ଦଳର ଅନେକ ନେତୃବୃନ୍ଦ ଓ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ଡ୍ରେସିଂ କରିବା ପାଇଁ ୨ ହଜାର ଲାଞ୍ଚ

ନୟାଗଡ଼,୭ା୧୧(ଲୋକନାଥ ମିଶ୍ର)




ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଗୁରୁତର ରୋଗୀଙ୍କୁ ଡ୍ରେସିଂ କରିବା ପାଇଁ ୨ ହଜାର ଲାଞ୍ଚ ନିଆଯାଉଛି। ଫୋନ ପେ'ରେ ଲାଞ୍ଚ ଟଙ୍କା ନେବା ପରେ ଗୁରୁତର ରୋଗୀଙ୍କୁ ଚିକିତ୍ସା କରାଯାଉଛି। ଏଭଳିଆ ଅଭିଯୋଗ ଶୁକ୍ରବାର ହୋଇଛି। ମଉସାଙ୍କ ଚିକିତ୍ସା ପାଇଁ ପୁତୁରା ବାଙ୍ଗାଲୋରରୁ ଟଙ୍କା ପଠାଇବାକୁ ପଡିଛି।

ନୂଆଗାଁର ପ୍ରଶାନ୍ତ ନାୟକ ଓ କୈଳାସ ନାୟକଙ୍କ ଅଭିଯୋଗ ଅନୁସାରେ, ତାଙ୍କ ମଉସା ମହିପୁର ମରେଇସାହିର ମାଟିଆ ନାୟକ(୭୦) ବାଇକ୍ ଦୁର୍ଘଟଣାରେ ଶୁକ୍ରବାର ଅପରାହ୍ନରେ ଗୁରୁତର ହୋଇଥିଲେ। ତାଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେ ଏବେ ସର୍ଜରି ପୁରୁଷ ୱାର୍ଡ ନଂ. ୩୪୩ ବେଡ୍‌ରେ ଚିକିତ୍ସିତ ହେଉଛନ୍ତି। ମାଟିଆଙ୍କ ଚିକିତ୍ସା ପାଇଁ ଅରୁଣ କୁମାର ସାହୁ ନାମକ ଜଣେ ସ୍ୱାସ୍ଥ୍ୟ କର୍ମଚାରୀ ଡ୍ରେସିଂ ପାଇଁ ୨ ହଜାର ଲାଞ୍ଚ ମାଗିଥିଲେ। ମାଟିଆଙ୍କ ପରିବାର ଲାଞ୍ଚ ଦେଇପାରିବେନି କହିବା ପରେ ସ୍ୱାସ୍ଥ୍ୟ କର୍ମଚାରୀ ସେବା ଦେଇପାରିବେନିବୋଲିରୋକ୍‌ଠୋକ୍ କହିଥିଲେ। ଏପରିକି ଭୁବନେଶ୍ୱର ଅଥବା କଟକ ରେଫର କରିଦେବେ ବୋଲି ଧମକ ଦେଇଥିଲେ। ପରିବାର ଲୋକେ ବାଧ୍ୟ ହୋଇ ଟଙ୍କା ଦେବାକୁ ରାଜି ହୋଇଥିଲେ। ବାଙ୍ଗାଲୋରରୁ ପୁତୁରା ଫୋନ ପେ ଯୋଗେ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଫୋନ ପେ ଆକାଉଣ୍ଟକୁ ଟଙ୍କା ପଠାଇବା ପରେ ଚିକିତ୍ସା ଆରମ୍ଭ ହୋଇଥିଲା ବୋଲି ପ୍ରଶାନ୍ତ ଓ କୈଳାସ କହିଛନ୍ତି। ଘଟଣାର ତଦନ୍ତ କରିବାକୁ ସେମାନେ ନିବେଦନ କରିଛନ୍ତି। ଏ ନେଇ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟର ସୁପରିଣ୍ଟେଣ୍ଡେଣ୍ଟ ସୁଶାନ୍ତ ବେହେରାଙ୍କୁ ପଚାରିବାରେ ଡ୍ରେସିଂ ପାଇଁ ଲାଞ୍ଚ ନେବା ଠିକ ନୁହେଁ। ଫୋନ ପେରେ ଲାଞ୍ଚ ଘଟଣାର ଅଭିଯୋଗ କରାଯାଉ। ଆମେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବୁ ବୋଲି ସେ କହିଛନ୍ତି।

# କଳିଙ୍ଗା ଘାଟିରେ ବସ୍ ଦୁର୍ଘଟଣାଗ୍ରସ୍ତ: ଜଣେ ମୃତ, ୧୦ ଆହତ

ଜି.ଉଦୟଗିରି/ଭଞ୍ଜନଗର,୭ା୧୧
(ଶିଶିର ପଟ୍ଟନାୟକ/ଚିନ୍ମୟ ସେଠୀ/ବାବୁଲା ପ୍ରଧାନ)

ଗଞ୍ଜାମ-କନ୍ଧମାଳ ଜିଲା ସୀମାରେ ଥିବା କଳିଙ୍ଗା ଘାଟି ରାସ୍ତାରେ ଏକ ଯାତ୍ରୀବାହୀ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଜଣେ ମହିଳା ଯାତ୍ରୀଙ୍କ ମୃତ୍ୟୁ ଘଟିଥିବା ବେଳେ ୧୦ ଜଣ ଆହତ ହୋଇଛନ୍ତି। ମୃତକ ହେଲେ ଗଞ୍ଜାମ ଜିଲା ଆସିକା ଅଞ୍ଚଳର ସୂର୍ଯ୍ୟକାନ୍ତି ନାୟକ। ଆହତମାନେ ଭଞ୍ଜନଗର ଏବଂ ଜି. ଉଦୟଗିରି ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।

କଳିଙ୍ଗା ଘାଟିରେ ଭୂସ୍ଖଳନ ଯୋଗୁ ପ୍ରାୟ ୨ ମାସ ହେବ ଗାଡି ଚଳାଚଳ ବନ୍ଦ ରହିଥିଲା। ଘାଟି ରାସ୍ତା ମରାମତି ପରେ ଗତ ୨ ତାରିଖଠାରୁ କେବଳ ଦୁଇ ଓ ଚାରିଚକିଆ ଯାନ ଯାତାୟାତ ପାଇଁ ପ୍ରଶାସନ ଅନୁମତି ଦେଇଥିଲା। ଯାତ୍ରୀବାହୀ ବସ୍ କିମ୍ବା ମାଲବାହୀ ଟ୍ରକ୍‌କୁ ଅନୁମତି ନ ଥିଲା। ଏଭଳି ସ୍ଥିତିରେ ଗୁରୁବାର ରାତିରେ ବରଗଡ଼ରୁ ବ୍ରହ୍ମପୁର ଯାଉଥିବା ଶ୍ରୀରାମ ନାମକ ଘରୋଇ ବସ୍ (ନଂ. ଓଡି ୦୫ ଏଫ ୦୬୨୯) ଭୋରରେ କଳିଙ୍ଗା ଘାଟି ରାସ୍ତାରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଖବରପାଇ ଭଞ୍ଜନଗର ଓ ଜି. ଉଦୟଗିରି ଦମକଳ ବାହିନୀ ସେଠାରେ ପହଞ୍ଚି ଆହତ ଯାତ୍ରୀମାନଙ୍କୁ ଉଦ୍ଧାର କରିଥିଲେ। ବସ୍‌ରେ ମୋଟ ୧୪ ଜଣ ଯାତ୍ରୀ ଥିଲେ ବୋଲି ଆହତ କଣ୍ଡକ୍ଟର ସୂଚନା ଦେଇଛନ୍ତି। ତାଙ୍କ କହିବା ଅନୁସାରେ ବସ୍ କଳିଙ୍ଗାଠାରୁ ୬ କି.ମି. ଘାଟି ରାସ୍ତା ଅତିକ୍ରମ କଲା ପରେ ବ୍ରେକ ଫେଲ ହୋଇଥିବା ଡ୍ରାଇଭର ଅନୁଭବ କରିଥିଲେ। ଗାଡିର ଗତି ନିୟନ୍ତ୍ରଣ କରିବାକୁ ସେ ବହୁ ଚେଷ୍ଟା କରି ବିଫଳ ହେବା ପରେ ଉପସ୍ଥିତ ବୁଦ୍ଧି ଖଟାଇ ଡାହାଣ ପଟକୁ ମୋଡ଼ି ଦେବାରୁ ବସ୍‌ଟି ସମତଳ ସ୍ଥାନରେ ଓଲଟି ଯାଇଥିଲା। ଦୁର୍ଘଟଣାସ୍ଥଳରେ ସ୍ଥାନୀୟ ଥାନା ଆଇଆଇସି ବିଜୟ କୁମାର ସ୍ୱାଇଁ ସଦଳବଳ ପହଞ୍ଚି ଆହତମାନଙ୍କୁ ମେଡିକାଲ ପଠାଇବା ବ୍ୟବସ୍ଥା କରିଥିଲେ।


ଦୁର୍ଘଟଣାଗ୍ରସ୍ତ ବସ୍

# ରୁଷିଆ ସେନାରେ ୪୪ ଭାରତୀୟ

## ମୁକ୍ତି ଲାଗି କ୍ରେମ୍‌ଲିନ୍ ସହ ଯୋଗାଯୋଗରେ ବହିର୍ବ୍ୟାପାର ମନ୍ତ୍ରଣାଳୟ

ନୂଆଦିଲ୍ଲୀ,୭ା୧୧

ରୁଷିଆ ସେନାରେ ୪୪ ଜଣ ଭାରତୀୟ ନିଯୁକ୍ତ ଥାଇ ସମ୍ପ୍ରତି ୟୁକ୍ରେନ୍ ବିରୋଧରେ ଯୁଦ୍ଧ ଲଢୁଥିବା ଜଣାପଡ଼ିଛି। ଉକ୍ତ ଭାରତୀୟମାନଙ୍କୁ ଚିହ୍ନଟ କରାଯାଇଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ ଶୁକ୍ରବାର କହିଛି। ସେମାନଙ୍କୁ ତୁରନ୍ତ ମୁକ୍ତ କରିବା ସମେତ ଭାରତୀୟଙ୍କୁ ସେନାରେ ନିଯୁକ୍ତ ନ କରିବା ପାଇଁ ମନ୍ତ୍ରଣାଳୟ ରୁଷିଆ କର୍ତ୍ତୃପକ୍ଷଙ୍କୁ ଜଣାଇଛି। ରୁଷିଆ ସେନାରେ ଥିବା ଭାରତୀୟଙ୍କ ପରିବାର ସମେତ ରୁଷିଆ ଅଧିକାରୀମାନଙ୍କ ସହ ବହିର୍ବ୍ୟାପାର ମନ୍ତ୍ରଣାଳୟ ଯୋଗାଯୋଗରେ ରହିଥିବା ଏହାର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି। ସେଠାରେ କାର୍ଯ୍ୟରତ ଭାରତୀୟଙ୍କ ସମ୍ପର୍କରେ ସେମାନଙ୍କ ପରିବାରକୁ ନିୟମିତ ତଥ୍ୟ ଦିଆଯାଉଛି ଓ ସୁରକ୍ଷିତ ପ୍ରତ୍ୟାବର୍ତ୍ତନ ପାଇଁ ମସ୍କୋ ସହିତ ସରକାର ସମନ୍ୱୟ ରଖି କାର୍ଯ୍ୟ କରୁଥିବା ରଣଧୀର କହିଛନ୍ତି। ଭାରତୀୟ ଯୁବକମାନଙ୍କୁ ରୁଷିଆରେ ଉଚ୍ଚ ବେତନରେ ନିଯୁକ୍ତି ପ୍ରତିଶ୍ରୁତି ଦିଆଯାଇ ୟୁକ୍ରେନ୍ ବିରୋଧରେ ଯୁଦ୍ଧ ଲଢ଼ିବାକୁ ବାଧ୍ୟ କରାଯାଇଥିବା ପରିବାର ପକ୍ଷରୁ ଅଭିଯୋଗ କରାଯିବା ସହ ଦିଲ୍ଲୀର ଯନ୍ତରମନ୍ତରରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।

# ତେଜସ୍ ଯୁଦ୍ଧବିମାନ ପାଇଁ ଆମେରିକାରୁ ୧୧୩ ଇଞ୍ଜିନ୍ କିଣିବ ଭାରତ

ନୂଆଦିଲ୍ଲୀ,୭ା୧୧

ତେଜସ୍ ଯୁଦ୍ଧବିମାନ ପାଇଁ ହିନ୍ଦୁସ୍ତାନ ଏରୋନଟିକ୍ସ ଲିଃ (ଏଚ୍‌ଏଏଲ୍) ଆମେରିକାର ଜିଇ ଏରୋସ୍ପେସ୍ କମ୍ପାନୀଠାରୁ ୧୧୩ଟି ଏଫ୍‌୪୦୪-ଜିଇ-ଆଇଏନ୍‌୨୦ ଜେଟ୍ ଇଞ୍ଜିନ୍ କିଣିବାକୁ ଯାଉଛି। ଏଥିପାଇଁ ଶୁକ୍ରବାର ଉଭୟ ସଂସ୍ଥା ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷର ହୋଇଛି। ଉକ୍ତ ଚୁକ୍ତିନାମା ଅନୁଯାୟୀ ୨୦୨୭ରୁ ୨୦୩୨ ମଧ୍ୟରେ ଆମେରିକା କମ୍ପାନୀ ଜେଟ୍ ଇଞ୍ଜିନ୍ ଯୋଗାଇଦେବ। ୯୭ଟି ହାଲୁକା ଲଢୁଆ ଯୁଦ୍ଧବିମାନ ଏମ୍‌କେ୧ଏରେ ଉକ୍ତ ଇଞ୍ଜିନ ବ୍ୟବହୃତ ହେବ ବୋଲି ଏଚ୍‌ଏଏଲ୍ କହିଛି। ଭାରତୀୟ ବାୟୁସେନା ପାଇଁ ଏଚ୍‌ଏଏଲ୍‌ରୁ ଉକ୍ତ ଯୁଦ୍ଧବିମାନ କିଣିବା ଲାଗି ପ୍ରତିରକ୍ଷା ମନ୍ତ୍ରଣାଳୟ ୬୨,୩୭୦ କୋଟି ଟଙ୍କାର ପ୍ରସ୍ତାବକୁ ମଞ୍ଜୁରୀ ଦେଇଥିଲା।

FORM NO. 13
BEFORE THE DEBTS RECOVERY TRIBUNAL, CUTTACK, ORISSA
C-71, SECTOR-7, CDA, CUTTACK, ODISHA
OA NO. 416/2024

Axis Bank Limited ............ Applicant
Versus
M/s Maa Plywood Suppliers ......... Defendants

To,
1. M/s Maa Plywood Suppliers, Prop.: Bishnu Prasad Rath, Rasulgarh, Plot No.: 56/A, Rasulgarh, Mancheswar, Bhubaneswar, Khordha, Odisha-751010.
2. Mr. Bishnu Prasad Rath, S/o-Simanchal Rath, Bhagirathipur, Rukunigam, Ganjam, Odisha-761026.

SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED

Take notice that the Applicant has instituted an O.A. No. 416/2024 in the court of the Debts of Recovery Tribunal, Cuttack for Recovery of Rs.35,75,344.76 only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorised agent, in support of their defence to show cause within 30 days from the publication or on 26.12.2025 at 10.30 a.m. as to why reliefs prayed for should not be granted. Take notice that in case of default, the application will be heard and determined in their absence.

Given under my hand seal of this Tribunal on this 24th day of October 2025.

(Nikhila Ranjan Pati)
Sd/- Registrar

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

SB SAHOO & CO PVT LTD
BHUBANESWAR
We are hiring Marketing Executive and Accounting Professional.
Salary is not a barrier for the right talent
Email : sbsahoo2005@yahoo.co.in
Mobile : 9124560515

ଆବଶ୍ୟକ
ପାର୍ଟ ଟାଇମ ଘରୋଇ କାର୍ଯ୍ୟ ପାଇଁ ସଚ୍ଚୋଟ, ଦାୟିତ୍ୱବାନ କର୍ମଚାରୀ ଆବଶ୍ୟକ। ମାତୃଭାଷା ଓଡ଼ିଆ ହୋଇଥିବା ଆବଶ୍ୟକ। କାର୍ଯ୍ୟ ସମୟ ସକାଳ ୮ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ। ରହିବା ସୁବିଧା ଉପଲବ୍ଧ। ତୁରନ୍ତ ଯୋଗାଯୋଗ କରନ୍ତୁ। ଯୋଗାଯୋଗ ନମ୍ବର – 9438128790, ସ୍ଥାନ: ଭୁବନେଶ୍ୱର।

WANTED : A reputed Trading house at BBSR needs
- Jr. Accountant - with min. 2-3 yrs. exp. in Tally
- Office Asst. - with Computer Knowledge
Attractive Salary & other benefits with immediate recruitment
Apply by mail : singhi.motor@gmail.com Mob-9078339020

नालको NALCO
National Aluminium Company Limited
(A Government of India Enterprise)
NALCO Bhawan, Plot No. P/1, Nayapalli, Bhubaneswar-751013, Odisha
(CIN : L27203OR1981GOI000920)
A NAVRATNA COMPANY

ସୂଚନା

ନିର୍ଦ୍ଦେଶକ ମଣ୍ଡଳୀ ୭ ନଭେମ୍ବର, ୨୦୨୫ରେ ଅନୁଷ୍ଠିତ ସେମାନଙ୍କର ବୈଠକରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ପ୍ରତି ସେୟାର ପିଛା ୪ ଟଙ୍କା ର ମଧ୍ୟବର୍ତ୍ତୀକାଳୀନ ଲାଭାଂଶ ଘୋଷଣା କରିଛନ୍ତି।
ଏହି ସମ୍ପର୍କରେ ସୂଚନା ଦିଆଯାଉଛି ଯେ, ୨୦୨୫-୨୬ ଆର୍ଥିକ ବର୍ଷ ନିମନ୍ତେ ମଧ୍ୟବର୍ତ୍ତୀକାଳୀନ ଲାଭାଂଶ ପ୍ରଦାନ ପାଇଁ ୧୪ ନଭେମ୍ବର, ୨୦୨୫ କୁ 'ରେକର୍ଡ ତାରିଖ' ଭାବରେ ସ୍ଥିର କରାଯାଇଛି।
ସେହି ସେୟାରଧାରୀଙ୍କୁ ମଧ୍ୟବର୍ତ୍ତୀକାଳୀନ ଲାଭାଂଶ ପ୍ରଦାନ କରାଯିବ ଯେଉଁ ମାନଙ୍କ ନାମ ନିମ୍ନମତେ ଅନ୍ତର୍ଭୁକ୍ତ ଥିବ;
କ. ଇଲେକ୍ଟ୍ରୋନିକ୍ ଫର୍ମରେ ଥିବା ସେୟାର ସମ୍ପର୍କରେ ଏନ୍‌ଏସଡିଏଲ ଏବଂ ସିଡିଏସଏଲ ଦ୍ୱାରା ଡାଉନଲୋଡ୍ କରିବାକୁ ଥିବା ଲାଭଦାୟକ ମାଲିକ ସ୍ଥିତି ଅନୁଯାୟୀ ତା. ୧୪.୧୧.୨୦୨୫ ରେ ବ୍ୟବସାୟୀକ କାର୍ଯ୍ୟ ସମୟ ଶେଷ ସୁଦ୍ଧା ଲାଭଦାୟକ ମାଲିକ ଏବଂ
ଖ. କମ୍ପାନୀର ସଦସ୍ୟମାନଙ୍କ ରେଜିଷ୍ଟର୍‌ରେ ସଦସ୍ୟ ଭାବରେ, ତା. ୧୪.୧୧.୨୦୨୫ ରେ କିମ୍ବା ପୂର୍ବରୁ କମ୍ପାନୀରେ ଦାଖଲ ହୋଇଥିବା ଭୌତିକ ରୂପରେ ଟ୍ରାନ୍ସମିସନ୍/ଟ୍ରାନ୍ସପୋଜିସନ୍ ଯଦି କୌଣସି ଥାଏ, ତେବେ ତାହାକୁ କାର୍ଯ୍ୟକାରୀ କରିବା ପରେ।
ତା ୦୧.୦୪.୨୦୨୦ ଠାରୁ ସେୟାରଧାରୀଙ୍କ ଲାଭାଂଶ ଆୟ କରଯୋଗ୍ୟ ଅଟେ ଏବଂ ତଦନୁସାରେ କମ୍ପାନୀ ଆୟକର ଆଇନ, ୧୯୬୧ ଅନ୍ତର୍ଗତ ବ୍ୟବସ୍ଥା ଅନୁଯାୟୀ ଟିକସ (ଟିଡିଏସ) କଟିବ।
ରେକର୍ଡ ତାରିଖ ବିଷୟରେ ସୂଚନା କମ୍ପାନୀର ୱେବସାଇଟ୍ www.nalcoindia.com ଏବଂ ଷ୍ଟକ୍ ଏକ୍ସଚେଞ୍ଜ ର ୱେବସାଇଟ୍ www.bseindia.com ଏବଂ www.nseindia.com ରେ ମଧ୍ୟ ଉପଲବ୍ଧ।
ନ୍ୟାସନାଲ୍ ଆଲୁମିନିୟମ୍ କମ୍ପାନୀ ଲିମିଟେଡ୍ ପାଇଁ
ସ୍ୱାକ୍ଷରିତ
(ବି.କେ. ସାହୁ)
ମୁଖ୍ୟ ମହାପ୍ରବନ୍ଧକ ଏବଂ କମ୍ପାନୀ ସଚିବ
ସ୍ଥାନ : ଭୁବନେଶ୍ୱର
ତାରିଖ: ୦୮.୧୧.୨୦୨୫

झारखण्ड सरकार
पथ निर्माण विभाग, पथ प्रमण्डल, हजारीबाग
अल्पकालीन ई–प्रोक्योरमेंट सूचना
ई–निविदा प्रसंग सं० :– RCD/HAZARIBAG/1037/2025-26
दिनांक :–07.11.2025

| | | |
|---|---|---|
| 1. | कार्य का नाम | पथ निर्माण विभाग, पथ प्रमण्डल, हजारीबाग अन्तर्गत "नौडीहा–बड़ागोसाई चौक (कल्लु चौक सिन्दुर पथ पर) से शेख भिखारी मेडिकल कॉलेज एवं हॉस्पीटल पथ भाया जयप्रकाश सेन्ट्रल जेल (कुल लम्बाई 1.425 कि0मी0) का पुनर्निर्माण कार्य (भू–अर्जन, युटिलिटी शिफ्टींग एवं वृक्षारोपण सहित)"। |
| 2. | प्राक्कलित राशि (रूपये में) | रू० 8,05,17,705.00 (आठ करोड़ पाँच लाख सत्रह हजार सात सौ पाँच रूपये मात्र) |
| 3. | कार्य समाप्ति की अवधि | 04 (चार) माह |
| 4. | वेबसाईट पर निविदा प्रकाशित होने की तिथि एवं समय | 14.11.2025 10:30 AM |
| 5. | निविदा प्राप्ति की अंतिम तिथि एवं समय | 20.11.2025 12:00 Noon |
| 6. | निविदा खोलने की तिथि एवं समय | 21.11.2025 12:30 PM |
| 7. | निविदा आमंत्रित करने वाले का नाम एवं पता | कार्यपालक अभियंता का कार्यालय, पथ निर्माण विभाग, पथ प्रमण्डल, हजारीबाग। |
| 8. | प्रोक्योरमेंट पदाधिकारी का सम्पर्क नं० | 8709320541 |
| 9. | ई–प्रोक्योरमेंट सेल का हेल्प लाईन नं० | 0651–2446007 |

अतिरिक्त जानकारी के लिए वेबसाईट पर देखें :– http://jharkhandtenders.gov.in
E-mail ID : eercdhazari-jhr@nic.in
Tel. No. – 06546-225818
PR 365508
Road(25-26).D
कार्यपालक अभियंता,
पथ निर्माण विभाग,पथ प्रमण्डल, हजारीबाग

WE ARE HIRING
GARGSON GROUP
For Our four - wheeler dealership we need professional in Bhubaneswar for the following positions:-
Corporate Sales Manager : Graduates /BBA/ BCOM /BSC / BA having atleast 5-10 years experience in handling corporate sales in automobile sector of any 2/3/4 wheeler dealership.
ASST SALES MANAGER : Graduates /BBA/ BCOM /BSC / BA having atleast 5-10 years experience in handling sales team leads in automobile sector of any 2/3/4 wheeler dealership.
SALES TEAM LEADER : Graduates/BBA/ BCOM /BSC / BA having at least 4-5 years experience in automobile sales of any 2/3/4 wheeler dealership.
SALES CONSULTANT : Graduates/BBA/ BCOM /BSC / BA having at least 1-2 years experience in automobile sales of any 2/3/4 wheeler dealership.
SALES TRAINER : Graduates/BBA/ BCOM /BSC / BA/ MBA having 5-10 years training experience in Automobile sales of any 2/3/4 wheeler dealership.
SOCIAL MEDIA MARKETING EXE. : Graduates /BBA/ BCOM /BSC / BA/ MBA having 1-2 years of experience in managing social media sites(Facebook,Instagram,linkedIn)
FINANCE EXECUTIVE : Graduates / BCOM / MCOM/ MBA having 1-3 years of experience in auto loan of any 2/3/4 wheeler dealership.
PDI EXECUTIVE : Graduates/BBA/ BCOM /BSC / BA having at least 0-1 year experience in Pre Delivery Inspection process in automobile sales of any 2/3/4 wheeler dealership.
USED CAR EXECUTIVE : Graduates / BCOM /BSC / BA/DIPLOMA / ITI having at least 1-3 years experience in evaluating used car in automobile sales of any 2/3/4 wheeler dealership.
ADMIN EXECUTIVE : Graduate having 2 to 3 years experience in admin from any segment preference will given from automobile sector(Security management, Facility management).
ACCESSORIES INCHARGE/ VAS EXE : Graduate or Diploma Automobile having accessories sales experience of any 2/3/4 wheeler dealership.
BODYSHOP ADVISOR : Graduate or Diploma Automobile having atleast 2-3 years experience in handling bodyshop of any 2/3/4 wheeler dealership.
BODYSHOP FLOOR SUPERVISOR : Graduate or Diploma Automobile having 0-2 years experience in handling floor of any 2/3/4 wheeler dealership
E-TECH : Must be a diploma in automobile at least 4 to 6 years experiences in electronics works of any 4 wheeler dealership.
SR. TECHNICIAN : ITI/ DIPLOMA in automobile having at least 3-4 years experience in any 2/3/4 wheeler dealership/ Garage.
DRIVER : Must have 2-3 years of experience in car (automatic/manual) driving with valid driving licence.
PEON : Male preferred.
Salary will not be a constraint for deserving candidates.
Interested candidates may send their resume to:-
capitaltoyota.bbsr@gmail.com
& mark a cc - edp.bhubaneswar@renault-india.com
Contact: 9348940535/9040087503/9237378205

# ଏୟାରଇଣ୍ଡିଆ ବିମାନ ଦୁର୍ଘଟଣା ପାଇଁ ପାଇଲଟ୍‌ଙ୍କୁ ଦାୟୀ କରାଯିବନି: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୭ା୧୧

ଅହମଦାବାଦରେ ଜୁନ୍ ୧୨ରେ ଏୟାର ଇଣ୍ଡିଆର ଡ୍ରିମ୍‌ଲାଇନର ବିମାନ ଦୁର୍ଘଟଣାରେ ୨୬୦ ଜଣଙ୍କ ମୃତ୍ୟୁ ଘଟିଥିଲା। ତେବେ ଏହି ଦୁର୍ଘଟଣା ପାଇଁ ବିମାନର ମୁଖ୍ୟ ପାଇଲଟ୍‌ଙ୍କୁ କେହି ଦୋଷ ଦେଇ ନ ଥିବା ସୁପ୍ରିମକୋର୍ଟ ଶୁକ୍ରବାର କହିଛନ୍ତି। କୌଣସି ଭାବନାକୁ ନେଇ ଭାରାକ୍ରାନ୍ତ ନ ହେବାକୁ ସର୍ବୋଚ୍ଚ ଅଦାଲତ ପାଇଲଟ୍‌ଙ୍କ ୯୧ ବର୍ଷୀୟ ବାପାଙ୍କୁ ପରାମର୍ଶ ଦେଇଛନ୍ତି। ଏପରିକି ପ୍ରାଥମିକ ରିପୋର୍ଟରେ ମଧ୍ୟ ପାଇଲଟ୍‌ଙ୍କୁ ଆକ୍ଷେପ କରାଯାଇ ନ ଥିବା ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ କହିଛନ୍ତି। ମୃତ ପାଇଲଟ୍ କ୍ୟାପ୍‌ଟେନ୍ ସୁମିତ ସଭରୱାଲଙ୍କ ବାପା ପୁଷ୍କରାଜଙ୍କ ଆବେଦନ ଉପରେ ଖଣ୍ଡପୀଠ କେନ୍ଦ୍ର ସରକାର ଓ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ)କୁ ନୋଟିସ ଜାରି କରିଛନ୍ତି। ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାର ତଦନ୍ତ ସୁପ୍ରିମକୋର୍ଟର ଜଣେ ପୂର୍ବତନ ବିଚାରପତିଙ୍କ ତତ୍ତ୍ୱାବଧାନରେ କରାଯିବା ଲାଗି ପୁଷ୍କରାଜ ଓ ଭାରତୀୟ ପାଇଲଟ୍ ମହାସଂଘ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

ସାର୍ବଜନୀନ ସୂଚନା

ମେସର୍ସ ସିରିୟସ୍ ସ୍ପେସିଆଲିଟି କେମିକାଲ୍ସ ପ୍ରାଇଭେଟ ଲିମିଟେଡ୍‌ର ପ୍ରସ୍ତାବିତ ଗ୍ରୀନ୍‌ଫିଲ୍ଡ କୋଲ ଟାର୍ ଡିଷ୍ଟିଲେସନ୍ ୟୁନିଟ୍ ୨,୦୦,୦୦୦ ଟିପିଏ କ୍ଷମତା ଏବଂ ୧,୦୦,୦୦୦ ଟିପିଏ କାର୍ବନ ବ୍ଲାକ୍ ସହିତ ୧୧ ମେଗାୱାଟ ସହ-ଉତ୍ପାଦନ ପାୱାର ପ୍ଲାଣ୍ଟ ପାଇଁ ପରିବେଶ ମଞ୍ଜୁରୀ।
ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ (ଏସ୍.ଇ.ଆଇ.ଏ.ଏ.), ଓଡ଼ିଶା ଦ୍ୱାରା ପ୍ରସ୍ତାବିତ ଗ୍ରୀନ୍‌ଫିଲ୍ଡ କୋଲ୍ ଟାର୍ ଡିଷ୍ଟିଲେସନ୍ ୟୁନିଟ୍ ଯାହା ୨,୦୦,୦୦୦ ଟିପିଏ କ୍ଷମତା ବିଶିଷ୍ଟ ଓ ୧,୦୦,୦୦୦ ଟିପିଏ କାର୍ବନ ବ୍ଲାକ୍ ସହିତ ୧୧ ମେଗାୱାଟ ସହ-ଉତ୍ପାଦନ ପାୱାର ପ୍ଲାଣ୍ଟ ପାଇଁ ପରିବେଶଗତ ମଞ୍ଜୁରୀ ପ୍ରଦାନ କରାଯାଇଛି। ଏହା ଗ୍ରାମ: ଜଖପୁରା, ତହସିଲ: ଦାନଗଦି, ଜିଲ୍ଲା: ଯାଜପୁରଠାରେ ଅବସ୍ଥିତ। ଏହା ୧୪।୦୯।୨୦୦୬ ତାରିଖର EIA ବିଜ୍ଞପ୍ତି ଏବଂ ଏହାର ପରବର୍ତ୍ତୀ ସଂଶୋଧନର ବ୍ୟବସ୍ଥା ଅନୁଯାୟୀ ଗଠିତ ରାଜ୍ୟ ବିଶେଷଜ୍ଞ ମୂଲ୍ୟାଙ୍କନ କମିଟିର ସୁପାରିଶ ଅନ୍ତର୍ଗତ।
ପରିବେଶ ମଞ୍ଜୁରୀର କପି ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ MoEF ଏବଂ CCର ପରିବେଶ ପୋର୍ଟାଲର ୱେବସାଇଟ୍ www.parivesh.nic.inରେ ଜନସାଧାରଣଙ୍କ ପାଇଁ ଉପଲବ୍ଧ।
SSCPL
କଳିଙ୍ଗନଗର ଇଣ୍ଡଷ୍ଟ୍ରିଆଲ୍ କମ୍ପ୍ଲେକ୍ସ, ଜଖପୁରା, ଦାନଗଦି, ଯାଜପୁର ରୋଡ୍, ଓଡ଼ିଶା

ଦ.ପୂ. ରେଳପଥ – ଇ-ଟେଣ୍ଡର

ଟେଣ୍ଡର ବିଜ୍ଞପ୍ତି ନଂ. ପିସିଏମ୍‌ଏମ୍/ଜିଇଏନ୍‌ଏଲ/ଟିପି/୨୦୨୫/୪୦, ତାରିଖ: ୦୭।୧୧।୨୦୨୫
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ପ୍ରଧାନ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଦକ୍ଷିଣ ପୂର୍ବ ରେଳପଥ, ମୁଖ୍ୟ କାର୍ଯ୍ୟାଳୟ (୫ମ ମହଲା), ନୂତନ ପ୍ରଶାସନିକ ଭବନ, ୧୧, ଗାର୍ଡେନ୍ ରିଚ୍ ରୋଡ୍, କୋଲକାତା-୭୦୦୦୪୩ଙ୍କ ଦ୍ୱାରା "ଇ" ସଂଗ୍ରହଣ ପ୍ରଣାଳୀ ନିମନ୍ତେ ନିମ୍ନ ଅନୁଯାୟୀ ଖୋଲା ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି ଯାହା ନିମ୍ନ ଅନୁଯାୟୀ ୱେବସାଇଟ୍ www.ireps.gov.inରେ ଅପଲୋଡ୍ ହୋଇଛି। ସମସ୍ତ ଟେଣ୍ଡର ୧୪.୦୦ ଘଟିକାରେ ବନ୍ଦ ହେବ।

| କ୍ର. ସଂ. | ଟେଣ୍ଡର ନଂ. | ଧାର୍ଯ୍ୟ ତାରିଖ | ସଂକ୍ଷିପ୍ତ ବର୍ଣ୍ଣନା | ପରିମାଣ | ଇଏମ୍‌ଡି (ଟଙ୍କାରେ) |
|---|---|---|---|---|---|
| ୧. | ୩୩୨୫୩୨୮୪ଏ | ୨୫।୧୧।୨୦୨୫ | ଫ୍ଲାଟ୍ ବଗି ପାଇଁ ସେକେଣ୍ଡାରୀ ଲାଟେରାଲ୍ ଡାମ୍ପର୍ | ୨୫୭୦ ଗୋଟି | ୩,୧୬,୬୦୦/- |
| ୨. | ୫୬୨୫୧୦୦୭ | ୨୭।୧୧।୨୦୨୫ | ୨୪ ଓଏଫ୍‌ସି ଆଦିର ଯୋଗାଣ ପାଇଁ ରନିଂ ଠିକା | ୩୨୦ କିମି | ୩,୭୭,୧୪୦/- |
| ୩. | ୪୫୨୫୩୧୧୯ | ୦୫।୧୨।୨୦୨୫ | ୪୫୨୫୩୧୧୯ ଇମର୍ଜେନ୍ସି ବ୍ୟାଟେରି ଚାର୍ଜର୍ ୨୩୦ ଭୋଲ୍ଟ, ୨.୫ କେଡବ୍ଲ୍ୟୁ ଆଦି | ୨୩୮ ଗୋଟି | ୧,୦୩,୫୨୦/- |
| ୪. | ୭୭୨୫୩୦୨୪ | ୧୯।୧୧।୨୦୨୫ | ଜେଣ୍ଟିଆନ୍ ବ୍ଲ୍ୟୁ (ଆର୍‌ଏଏଲ୍ ୫୦୧୦) ପେଣ୍ଟ ଆଦିର ଯୋଗାଣ | ୭୫୬୮୦ ଲିଟର | ୧,୫୨,୦୧୦/- |
| ୫. | ୫୬୨୫୩୦୦୬ | ୨୭।୧୧।୨୦୨୫ | ୨ଭି ୩୦୦ଏଏଚ୍ ଲୋ' ମେଣ୍ଟେନାନ୍ସ ଲିଡ୍ ଏସିଡ୍ ସେକେଣ୍ଡାରୀ ସେଲ୍ ଆଦିର ଯୋଗାଣ ପାଇଁ ରନିଂ ଠିକା | ୬୫୦୦ କିମି. | ୧୧,୫୮,୧୪୦/- |
| ୬. | ୪୬୨୫୩୧୨୧ଏ | ୨୪।୧୧।୨୦୨୫ | ପୋର୍ସିଲେନ୍ ୯ ଟନ ଇନ୍‌ସୁଲେଟର୍ ଆର୍.ଆଇ. ୬୦୨୦-୧ (ସି.ଡି. ୧୦୫୦ ମିମି) ସମ୍ପୂର୍ଣ୍ଣ ସେଟ୍ ଆଦି | ୧୮୦୫ ଗୋଟି | ୧,୦୭,୫୬୦/- |
| ୭. | ୨୯୨୫୩୬୮୦ | ୨୧।୧୧।୨୦୨୫ | ଡ୍ରାଇଭର ବ୍ରେକ୍ ଓ ହର୍ନ ଭାଲ୍‌ଭ ପାଇଁ ମେଣ୍ଟେନାନ୍ସ କିଟ୍‌ଗୁଡ଼ିକର ସେଟ୍ | ୧୩୮ ସେଟ୍ | ୧,୩୦,୫୦୦/- |
| ୮. | ୨୯୨୫୫୦୯୪ | ୨୭।୧୧।୨୦୨୫ | ଲାବିରିନ୍ଥ ଏବଂ ବେରିଂ କ୍ୟାପର ସେଟ୍ | ୬୦୦ ସେଟ୍ | ୪,୩୮,୭୫୦/- |
| ୯. | ୨୯୨୫୫୦୯୩ଏ | ୨୭।୧୧।୨୦୨୫ | ଲାବିରିନ୍ଥ ଏବଂ ବେରିଂ କ୍ୟାପର ସେଟ୍ | ୪୦୦ ସେଟ୍ | ୨,୧୧,୯୨୦/- |
| ୧୦. | ୨୯୨୫୫୦୭୬ଏ | ୨୮।୧୧।୨୦୨୫ | ଏକ୍ସିଲ୍ ଗାଇଡ୍ ଲିଙ୍କ୍/ଟିଏମ୍ ନିମନ୍ତେ ଷ୍ଟେରିବ୍ଲକ୍ | ୧୭୩୫ ଗୋଟି | ୩,୩୩,୧୨୦/- |
| ୧୧. | ୪୨୨୫୫୦୧୭ | ୦୮।୧୨।୨୦୨୫ | ବ୍ରଶ୍‌ଲେସ୍ ଡିସି (ବିଏଲ୍‌ଡିସି) ମୋଟର ସିଲିଂ ଫ୍ୟାନ, ଆଇଏସ୍‌ଆଇ ମାର୍କା, ସୁଇପ୍ ଆକାର: ୧୨୦୦ ମିମିର ଯୋଗାଣ ପାଇଁ ଆର୍‌ସି | ୨୮୩୨୪ ଗୋଟି | ୧୩,୮୪,୫୨୦/- |
| ୧୨. | ଆଇଜି୨୫୫୮୯୨ଏ | ୦୩।୧୨।୨୦୨୫ | ୫୦୦ କେଭିଏ କ୍ଷମତାର ଇଣ୍ଡୋର୍ ଟାଇପ୍ ଡିଷ୍ଟ୍ରିବ୍ୟୁଶନ୍ ଟ୍ରାନ୍ସଫର୍ମର୍ | ୦୪ ଗୋଟି | ୧,୭୪,୬୪୦/- |
| ୧୩. | ୬୦୨୫୦୦୧୮ | ୧୦।୧୨।୨୦୨୫ | ୬୦ କେଜି ରେଲ୍ ଆଦି ପାଇଁ ଉପଯୁକ୍ତ ଫିଶ୍ ବୋଲ୍ଟସ ଓ ନଟ୍ସ ୨୫x୧୪୦ (ଟି-୧୮୯୯) | ୧୩୦୦୦୦ ଗୋଟି | ୧,୯୫,୪୨୦/- |

ଟେଣ୍ଡରର ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ପାଇଁ ଏବଂ ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତା ୱେବସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି। ଏହି ସାମଗ୍ରୀଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। ବି.ଦ୍ର.: ଅନ୍ୟ ସମସ୍ତ ଟେଣ୍ଡର ଏବଂ ତତ୍‌ପଶ୍ଚାତ୍ ପ୍ରକାଶିତ କୌଣସି ଶୁଦ୍ଧିପତ୍ର ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି।
(PR-813)

ଭାରତର ସର୍ବୋଚ୍ଚ ନ୍ୟାୟାଳୟରେ
୨୦୨୨ର SLP(C) ନଂ. ୧୯୪୮୩ ଏହି ବିଷୟର ମାମଲା
ପ୍ରାଧାପକ, କେନ୍ଦ୍ରୀୟ ବିଦ୍ୟାଳୟ ବନାମ ବେଣୁଧର ନାୟକ ଏବଂ ଅନ୍ୟାନ୍ୟ
ଉପରୋକ୍ତ ପ୍ରସଙ୍ଗରେ ଭାରତର ମାନ୍ୟବର ସୁପ୍ରିମକୋର୍ଟ ଦ୍ୱାରା ପ୍ରତିପକ୍ଷଙ୍କୁ ଆବେଦନର ନୋଟିସ୍ ଅନେକ ତାରିଖରେ ଜାରି କରାଯାଇଥିଲା କିନ୍ତୁ ଆବଶ୍ୟକୀୟ ଅନୁଧ୍ୟାନ ସତ୍ତ୍ୱେ କେଉଁଠାରେ ଅଛନ୍ତି ତାହା ଜଣା ନ ଥିବାରୁ ତାହା କାର୍ଯ୍ୟକାରୀ ହୋଇପାରିଲା ନାହିଁ।
ଧ୍ୟାନ ଦିଅନ୍ତୁ ଯେ ମାନ୍ୟବର କୋର୍ଟ ୦୯।୧୦।୨୦୨୫ ତାରିଖର ଏକ ଆଦେଶ ଦ୍ୱାରା ଏହି ସାର୍ବଜନୀନ ନୋଟିସ୍ ପ୍ରକାଶନ ମାଧ୍ୟମରେ ନୋଟିସ୍ ଜାରି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।
ତେଣୁ, ଉପରୋକ୍ତ ମାମଲା ଶୁଣାଣି ପାଇଁ ସ୍ଥିର ହେବା ପରେ, ଆପଣଙ୍କୁ ବେଣୁଧର ନାୟକ ବ୍ୟକ୍ତିଗତ ଭାବରେ କିମ୍ବା ଜଣେ କ୍ଷମତାପ୍ରାପ୍ତ ଓକିଲଙ୍କ ମାଧ୍ୟମରେ ୨୪।୧୧।୨୦୨୫ ସକାଳ ୧୦.୩୦ ସମୟରେ ମାନ୍ୟବର ସୁପ୍ରିମକୋର୍ଟରେ ହାଜର ହେବାକୁ ପଡ଼ିବ, ନଚେତ୍ ଆପଣଙ୍କ ଅନୁପସ୍ଥିତିରେ ମାମଲାର ଶୁଣାଣି ଏବଂ ନିଷ୍ପତ୍ତି ନିଆଯିବ।
(ଏସ୍. ରାଜପ୍ପା, ଆର୍. ଗୋୱରୀଶଙ୍କର, କି. ଧ୍ରୁବ୍ୟଶ୍ରୀ)
ଭାରତୀୟ ଏଲଆଇସି ପାଇଁ ଓକିଲ ଚାମ୍ବର ନମ୍ବର ୫୨,
ପୁରୁଣା ଓକିଲଙ୍କ ଚାମ୍ବର ବ୍ଲକ, ସୁପ୍ରିମକୋର୍ଟ କମ୍ପାଉଣ୍ଡ
ନୂଆଦିଲ୍ଲୀ – ୧୧୦୦୦୧, (ଏମ୍): ୯୮୧୦୦୬୩୯୪୬
ଇମେଲ୍: advocaterajappa@gmail.com
ତାରିଖ: ୦୮।୧୧।୨୦୨୫
ସ୍ଥାନ: ନୂଆଦିଲ୍ଲୀ

# ଲଙ୍କାଗୁଣ୍ଡ ପକାଇ ଅଳଙ୍କାର ଦୋକାନ ଲୁଟ୍ ଉଦ୍ୟମ: ମହିଳାଙ୍କୁ ନିର୍ଦ୍ଧୂମ୍ ପିଟିଲେ ଦୋକାନୀ

ସିସିଟିଭି ଫୁଟେଜ୍



ଅହମଦାବାଦ,୭ା୧୧

ଅହମଦାବାଦର ରାନିପ୍ ଅଞ୍ଚଳରେ ଥିବା ଏକ ଅଳଙ୍କାର ଦୋକାନ ଲୁଟିବାକୁ ଉଦ୍ୟମ କରି ଜଣେ ମହିଳା ବିଫଳ ହୋଇଥିବାର ସିସିଟିଭି ଫୁଟେଜ୍ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ମହିଳା ଜଣକ ଦୋକାନୀଙ୍କ ଆଖିକୁ ଲକ୍ଷ୍ୟ କରି ଲଙ୍କାଗୁଣ୍ଡ ପକାଇବା ବେଳେ ସତର୍କ ଥିବା ଦୋକାନୀଜଣକ ତାଙ୍କ ହାତକୁ ଧରି ନେଇ ୨୦ ସେକେଣ୍ଡ ମଧ୍ୟରେ ୧୮ ଥର ନିର୍ଘାତ ଚାପୁଡ଼ା ମାରିଥିଲେ। ଦୁପଟାରେ ମୁହଁକୁ ଅଧା ଘୋଡ଼ାଇଥିବା ମହିଳା ଜଣକ ଗ୍ରାହକ ଭାବେ ଆସି ଦୋକାନୀଙ୍କ ସମ୍ମୁଖରେ ବସିଥିଲେ। ଦୋକାନ ଲୁଟିବା ଉଦ୍ଦେଶ୍ୟରେ ସେ ହଠାତ୍ ଦୋକାନୀଙ୍କ ଉପରେ ଲଙ୍କାଗୁଣ୍ଡ ପକାଇଥିଲେ। ଦୋକାନୀ ଆକ୍ରମଣ ସମ୍ପର୍କରେ ଜାଣିପାରି ତୁରନ୍ତ ମହିଳାଙ୍କ ହାତକୁ ଧରିନେଇ ପିଟିବା ସହ ଦୋକାନରୁ ବାହାର କରିଦେଇଥିଲେ। ପୋଲିସ ପହଞ୍ଚିବା ପୂର୍ବରୁ ମହିଳା ଜଣଙ୍କ ସେଠାରୁ ଖସି ପଳାଇଥିଲେ।

ଫର୍ମ ନଂ.-୧୩
ଋଣ ଅସୁଲି ପ୍ରାଧିକରଣ, କଟକ
ସି-୭୧, ସେକ୍ଟର-୭, ସି.ଡି.ଏ, କଟକ, ଓଡ଼ିଶା
ଓ.ଏ. ନଂ.-୩୩୩/୨୦୨୫
ବ୍ୟାଙ୍କ ଅଫ୍ ଇଣ୍ଡିଆ .....ଆବେଦନକାରୀ
ବନାମ
୧. ମେସର୍ସ ଇଣ୍ଡିବିଜ୍, ଏହାକୁ ପ୍ରତିନିଧିତ୍ୱ କରୁଥିବା ଏକମାତ୍ର ସ୍ୱତ୍ତ୍ୱାଧିକାରୀ ଶ୍ରୀ ଦେବାଶିଷ ନାୟକ, କାର୍ଯ୍ୟାଳୟ ଏବଂ ୟୁନିଟ୍: ସା: ଏସ୍-୩/୨୮୬, ନୀଳାଦ୍ରି ବିହାର, ପୋ/ଥାନା: ଚନ୍ଦ୍ରଶେଖରପୁର, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୧୦୨୧
୨. ଶ୍ରୀ ଦେବାଶିଷ ନାୟକ, ପିତା: ଶ୍ରୀ ମାନସ କୁମାର ନାୟକ, ସା: ଏସ୍-୩/୨୮୬, ନୀଳାଦ୍ରି ବିହାର, ପୋ/ଥାନା: ଚନ୍ଦ୍ରଶେଖରପୁର, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୧୦୨୧
୩. ଶ୍ରୀମତୀ ନିରୁପମା ନାୟକ, ସ୍ୱାମୀ: ଶ୍ରୀ ମାନସ କୁମାର ନାୟକ, ସା: ଏସ୍-୩/୨୮୬, ନୀଳାଦ୍ରି ବିହାର, ପୋ/ଥାନା: ଚନ୍ଦ୍ରଶେଖରପୁର, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୧୦୨୧
ପ୍ରାର୍ଥନା କରାଯାଇଥିବା ସହାୟତା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ
ଖବରକାଗଜ ପ୍ରକାଶନ ଦ୍ୱାରା ଜାରି ସମନ୍
ଏତଦ୍ୱାରା ଜଣାଇ ଦିଆଯାଉଅଛି କି ଆବେଦନକାରୀ ଓ.ଏ. ନଂ.-୩୩୩/୨୦୨୫ ଦ୍ୱାରା ଟ.୨୫,୬୯,୦୩୮/- (ପଚିଶି ଲକ୍ଷ ଅଣସ୍ତରି ହଜାର ଏବଂ ଅଠତିରିଶି ଟଙ୍କା ମାତ୍ର) ଋଣ ରାଶି ଓ ତତ୍‌ସହିତ ଚଳିତ ଏବଂ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଓ ଅନ୍ୟାନ୍ୟ ଖର୍ଚ୍ଚ ଆଦାୟ ପାଇଁ ମାନ୍ୟବର ଋଣ ଅସୁଲି ପ୍ରାଧିକରଣ, କଟକଙ୍କ ଇଜିଲାସରେ ଏକ ମୋକଦ୍ଦମା ରୁଜୁ କରିଛନ୍ତି। ତେଣୁ ଏତଦ୍ୱାରା ଉପର ଲିଖିତ ପ୍ରତିବାଦୀମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି ଏହି ନୋଟିସ୍ ପ୍ରକାଶନର ତିରିଶି ଦିନ ମଧ୍ୟରେ କିମ୍ବା ତା.୦୮.୦୧.୨୦୨୬ରିଖ ପୂର୍ବାହ୍ନ ୧୦.୩୦ ଘଟିକା ସମୟରେ ଉପରୋକ୍ତ ଅଦାଲତରେ ବ୍ୟକ୍ତିଗତ ଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସହାୟତା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ।
ଏହି ନୋଟିସ୍ ମାଧ୍ୟମରେ ଅବଗତ କରାଇ ଦିଆଯାଉଅଛି କି ଯଦି ଆପଣ ମାନେ ଏଥିରେ ଖିଲାପ କରନ୍ତି, ତେବେ ଆପଣମାନଙ୍କ ଅନୁପସ୍ଥିତିରେ ଦରଖାସ୍ତର ଶୁଣାଣୀ ଏବଂ ବିଚାର କରାଯିବ।
ଏହି ପ୍ରାଧିକରଣର ସହି ମୋହର ସହ ଏବଂ ମୋ ଦ୍ୱାରା ଅଦ୍ୟ ଦିନାଙ୍କ ୩୧ ଅକ୍ଟୋବର, ୨୦୨୫ରେ ଅଦିଷ୍ଟ।
ସ୍ୱା/- (ନିଖିଳ ରଞ୍ଜନ ପତି)
ରେଜିଷ୍ଟ୍ରାର

## ସଂକ୍ଷେପରେ

### ଡା. ପ୍ରଭାତ ଦାସଙ୍କୁ 'ଅବନୀ ବରାଳ ସେବା ସମ୍ମାନ'

**ଭୁବନେଶ୍ୱର,୭।୧୧(ସୁଚିସ୍ମିତା ସାହୁ):** କ୍ରାନ୍ତିକାରୀ ସଂଗ୍ରାମୀ ଶିକ୍ଷକ ନେତା ନିଖିଳ ଉତ୍କଳ ଶିକ୍ଷକ ମହାସଂଘର ପ୍ରତିଷ୍ଠାତା ସମ୍ପାଦକ ଓ ବିଶ୍ୱ ଶିକ୍ଷକ ସଂଘର ପୂର୍ବତନ ଉପସଭାପତି ପ୍ରଫେସର ଅବନୀ ବରାଳଙ୍କ ଦ୍ୱାଦଶତମ ସ୍ମୃତିଚାରଣ ସମାରୋହ ଶୁକ୍ରବାର ବୁଦ୍ଧମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ମହାସଂଘ ସଭାପତି ଅକ୍ଷୟ ଦାସ ସଭାପତିତ୍ୱ କରିଥିବାବେଳେ ଶିକ୍ଷକ ମହାସଂଘର ସାଧାରଣ ସମ୍ପାଦକ ଡ. ଦୁଷ୍ମନ୍ତ କୁମାର ନାୟକ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ଓଡ଼ିଶାର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିବା ବ୍ୟକ୍ତିବିଶେଷଙ୍କୁ ଅବନୀ ବରାଳ ସମ୍ମାନ ପ୍ରଦାନ କରାଯାଇଥିଲା। କ୍ୟାପିଟାଲ୍ ହସ୍ପିଟାଲ୍‌ର ହୃଦ୍‌ରୋଗ ଚିକିତ୍ସା ବିଭାଗର ନିର୍ଦ୍ଦେଶକ ଡା. ପ୍ରଭାତ କୁମାର ଦାସଙ୍କୁ 'ଅବନୀ ବରାଳ ସେବା ସମ୍ମାନ, ମହେନ୍ଦ୍ର ଆଚାର୍ଯ୍ୟଙ୍କୁ 'ସାହିତ୍ୟ କଳା ସଂସ୍କୃତି ସମ୍ମାନ', ଅଧ୍ୟାପକ ନୀଳମଣି ସାହୁଙ୍କୁ 'ଶିକ୍ଷା ସମ୍ମାନ', ବିଶିଷ୍ଟ ଅଭିନେତା ଅଶ୍ରୁମୋଚନ ମହାନ୍ତିଙ୍କୁ 'ନାଟ୍ୟକଳା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଡ. ଅମୀୟ ମହାନ୍ତିଙ୍କ ସଂଯୋଜନାରେ ଓଡ଼ିଶାର ସାମ୍ପ୍ରତିକ 'ଶିକ୍ଷା ସୁଯୋଗ ଓ ଆହ୍ୱାନ' ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପ୍ରଶାନ୍ତ ମିଶ୍ର, ସନ୍ତୋଷ ଦାସ, ଯୁଧିଷ୍ଠିର ମହାପାତ୍ର, ସଂଘମିତ୍ରା ଜେନା, ଲୋକନାଥ ରଥ, ଡ. ମାନସ ବେହେରା, ସୁବାଶିଷ ନାୟକ, ତ୍ରିଲୋଚନ ମହାପାତ୍ର ପ୍ରମୁଖ ଅବନି ବରାଳଙ୍କ ସ୍ମୃତିଚାରଣ କରିଥିଲେ। ଅଧ୍ୟାପକ ବୃନ୍ଦାବନ ମହାପାତ୍ର ଓ ଅଧ୍ୟାପକ ଡ. ଦିଲୀପ ମିଶ୍ର ସଭା ପରିଚାଳନା ଏବଂ ଅଧ୍ୟାପକ ରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

### ଅବସରପ୍ରାପ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦାଶରଥିଙ୍କ ପରଲୋକ

**ବେଗୁନିଆ,୭।୧୧(ସନ୍ଧ୍ୟାରାଣୀ ମିଶ୍ର):** ବେଗୁନିଆ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟର ଅବସରପ୍ରାପ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦାଶରଥି ପ୍ରଧାନ (୬୧)ଙ୍କ ପରଲୋକ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟରେ ୨୦୨୨ରୁ ୨୦୨୪ ପର୍ଯ୍ୟନ୍ତ ସେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାବରେ କାର୍ଯ୍ୟ କରିଥିଲେ। ତାଙ୍କ ମୃତ୍ୟୁରେ ବିଧାୟକ ପ୍ରଦୀପ ସାହୁ, ସରପଞ୍ଚ ଅକ୍ଷୟ ରାଉତରାୟ, ଶିକ୍ଷାବିତ ପବିତ୍ର ମୋହନ ଖାଡଙ୍ଗା, ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା, ପ୍ରାଥମିକ ବିଦ୍ୟାଳୟ ସଂଘ (ପିଷ୍ଟା) ସଭାପତି ଅଶୋକ କୁମାର ସାମନ୍ତରାୟ, ଉପସଭାପତି ମାନସ ବେହେରା, ସମ୍ପାଦକ ରବୀନ୍ଦ୍ର ନାଥ ସାହୁ, ଯୋଗେଶ୍ୱର ପଣ୍ଡା, ଗୋବିନ୍ଦ ଚନ୍ଦ୍ର ଖୁଣ୍ଟିଆଙ୍କ ସମେତ ଶିକ୍ଷକ ଓ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକମାନେ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

### ଧର୍ମପରାୟଣା ମହିଳା ବାସନ୍ତୀଙ୍କ ପରଲୋକ

**ଜଟଣୀ,୭।୧୧(ରବୀନ୍ଦ୍ରନାଥ ମହାକୁଡ଼):** ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ହାଟବଜାର ନିବାସୀ ବନମାଳି ପ୍ରଧାନଙ୍କ ସହଧର୍ମଣୀ ବାସନ୍ତୀ ପ୍ରଧାନଙ୍କ ଗତ ମଙ୍ଗଳବାର ରାତିରେ ପରଲୋକ ହୋଇଯାଇଛି। ତାଙ୍କୁ ୬୨ବର୍ଷ ହୋଇଥିଲା। ସେ ସ୍ଥାନୀୟ ଅଞ୍ଚଳରେ ସେ ଜଣେ ଧର୍ମପରାୟଣା, ମିଷ୍ଟଭାଷୀ, ପରୋପକାରୀ, ସ୍ନେହୀ ଏବଂ ମେଳାପୀ ସ୍ୱଭାବର ମହିଳା ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯଇଥିବା ବେଳେ ବଡ଼ପୁଅ ବିଷ୍ଣୁ ମୁଖାଗ୍ନି ଦେଇଥିଲେ।

# ୧୮ ଗିରଫ, ଗାଁରେ ପୁରୁଷଶୂନ୍ୟ

**ଓସ୍ତପୁର-କୋଟପଲା ଗାଁ ମଧ୍ୟରେ ସୀମା ବିବାଦ ପ୍ରସଙ୍ଗ**

**ବାଘମାରୀ,୭।୧୧(ମିହିର ରଞ୍ଜନ ମହାପାତ୍ର)**



ବାଘମାରୀ ଥାନା ଅଧୀନ ପୋଡ଼ାଡ଼ିହ ପଞ୍ଚାୟତର ଓସ୍ତପୁର-କୋଟପଲା ଗ୍ରାମ ମଧ୍ୟରେ ସୀମା ବିବାଦ ଗତ ବୁଧବାର ଉଗ୍ରରୂପ ନେଇଥିଲା। ଓସ୍ତପୁର-କୋଟପଲା ବଜାରରେ ପ୍ରଶାସନ ପକ୍ଷରୁ ଲଗାଯାଇଥିବା ନାମଫଳକକୁ କେହି ଦୁର୍ବୃତ୍ତ ନେଇଯାଇଥିବା ବେଳେ ପୂର୍ବାହ୍ନରେ ଉଭୟ ଗ୍ରାମର ବାସିନ୍ଦା ମାରପିଟ ହେବା ସହ ଦୋକାନ ଭଙ୍ଗାରୁଜା ଓ ପୋଡ଼ାଜଳା କରିଥିଲେ। ତେବେ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଓସ୍ତପୁର-କୋଟପଲା ବଜାର ସହିତ ପରବର୍ତୀ ହନୁମାନ ମନ୍ଦିରଠାରୁ ବାରିକ ପୋଖରୀ ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟକାଳ ପାଇଁ ବିଏନ୍ଏସ୍ଏସ୍ ଧାରା ୧୬୩ ଲାଗୁ କରାଯାଇଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ତେବେ ଗୁରୁବାର ରାତିରେ ପୋଲିସ ଚଢ଼ାଉ କରି ଏହି ଘଟଣାରେ ସମ୍ପୃକ୍ତ ଥିବା କୋଟପଲ୍ଲାର ୧୧ଜଣ ଏବଂ ଓସ୍ତପୁର ଗ୍ରାମର ୭ଜଣ ମୋଟ୍ ୧୮ଜଣଙ୍କୁ ଗିରଫ କରିଛି। ପୋଲିସ ନିଜଆଡୁ ଏକ ମାମଲା (ନଂ.୨୩୧/୨୫) ରୁଜୁକରି ଶୁକ୍ରବାର ସେମାନଙ୍କୁ କୋର୍ଟଚାଲାଣ କରିଛି। ଅନ୍ୟପକ୍ଷରେ ପୋଲିସର ଚଢ଼ାଉ ଭୟରେ ଉଭୟ ଗ୍ରାମର ଲୋକମାନେ ଭୟଭୀତ ହୋଇପଡ଼ିଥିବା ବେଳେ ଉଭୟ ଗାଁ ପୁରୁଷ ଶୂନ୍ୟ ହୋଇପଡ଼ିଛି। ଗ୍ରାମରେ ଖାଁ ଖାଁ ପରିସ୍ଥିତି ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ଦୋକାନ ବଜାର ବନ୍ଦ ରହିଥିବାରୁ ଲୋକେ ଆବଶ୍ୟକ ସାମଗ୍ରୀ ପାଇଁ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଉକ୍ତ ସମସ୍ୟାର ସମାଧାନ ତୁରନ୍ତ କରିବାକୁ ଉଭୟ ଗ୍ରାମର ମହିଳାମାନେ ପ୍ରଶାସନକୁ ନିବେଦନ କରିଛନ୍ତି।



ରାଷ୍ଟ୍ରୀୟ ଗୀତ 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି ଅବସରରେ ଶୁକ୍ରବାର ଖୋର୍ଦ୍ଧାରୋଡ ରେଳମଣ୍ଡଳର କାର୍ଯ୍ୟାଳୟ ପରିସରରେ ଅଧିକାରୀ ଏବଂ କର୍ମଚାରୀ ସାମୂହିକ ଭାବେ ବନ୍ଦେ ମାତରମ୍ ଗାନ କରୁଛନ୍ତି। **(ଫଟୋ: ରବୀନ୍ଦ୍ରନାଥ ମହାକୁଡ଼)**

## ଅବକାରୀ ଚଢ଼ାଉ, ୩ ଗିରଫ

**ବେଗୁନିଆ,୭।୧୧(ସନ୍ଧ୍ୟାରାଣୀ ମିଶ୍ର):** ଖୋର୍ଦ୍ଧା ଜିଲା ଅବକାରୀ ବିଭାଗ ଅଧୀକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ, ସଦର ରେଞ୍ଜ୍ ନିରୀକ୍ଷକ ରାଧାକାନ୍ତ ଭୋଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଏବଂ ବେଗୁନିଆ ଅବକାରୀ ଥାନା ଅଧିକାରୀଙ୍କ ନେତୃତ୍ୱରେ ଶୁକ୍ରବାର ଚଢ଼ାଉ କରାଯାଇ ୩୭ ଲିଟର ମଦ ଜବତ ସହ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ବେଗୁନିଆ ଅବକାରୀ ଥାନା ଅନ୍ତର୍ଗତ ସିକୋ ଗ୍ରାମର ବୈକୁଣ୍ଠ ବାରିକଙ୍କଠାରୁ ୨୦ ଲିଟର, ରତ୍ନାକର ଛୁଆଳସିଂଙ୍କଠାରୁ ୮ ଲିଟର ଓ ରାଇମୂଳପାଟଣା ଗ୍ରାମର ନିମାଇଁ ସ୍ୱାଇଁଙ୍କଠାରୁ ୯ ଲିଟର ମଦ ଜବତ କରାଯିବା ସହ ସେମାନଙ୍କୁ ଗିରଫ କରାଯାଇଥିଲା।

## ସ୍ୱତନ୍ତ୍ର ଆର୍ଥିକ ସାକ୍ଷରତା ସଚେତନତା ଶିବିର



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ବରିଷ୍ଠ ନାଗରିକମାନେ।

**ଖୋର୍ଦ୍ଧା, ୭।୧୧(ପ୍ରଭାତ ପାଣିଗ୍ରାହୀ)**

ସଞ୍ଚୟ ପକ୍ଷ ପାଳନ ଅବସରରେ ବରିଷ୍ଠ ନାଗରିକ ଓ ପେନସନ ଭୋଗୀଙ୍କ ନିମନ୍ତେ ସ୍ୱତନ୍ତ୍ର ଆର୍ଥିକ ସାକ୍ଷରତା ଓ ସଚେତନତା ଶିବିର ସଞ୍ଚୟ ଓ ଆର୍ଥିକ ସେବା ବିଭାଗ ଖୋର୍ଦ୍ଧା ଆନୁକୂଲ୍ୟରେ ବରିଷ୍ଠ ନାଗରିକ ମଞ୍ଚ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ସମ୍ପାଦକ ରାମଶଙ୍କର ଅଧ୍ୟକ୍ଷତା କରିଥିଲେ। ଖୋର୍ଦ୍ଧା ସଞ୍ଚୟ ଓ ଆର୍ଥିକ ସେବା ବିଭାଗ ସହ ନିର୍ଦ୍ଦେଶିକା ମମତା ନାୟକ ଏହି ସଭାରେ ଯୋଗଦେଇ ଡାକଘରେ ଓ ବାଣିଜ୍ୟିକ ବ୍ୟାଙ୍କମାନଙ୍କରେ ବରିଷ୍ଠ ନାଗରିକ ଓ ପେନସନ ଭୋଗୀମାନେ ନିଜର ଲବ୍ଧ ଅର୍ଥରାଶିକୁ ଜମା ରଖିଲେ ନିଜର ଜମାରାଶିକୁ ଠକେଇଠାରୁ ସୁରକ୍ଷିତ ରଖିବା ସଙ୍ଗେ ସଙ୍ଗେ ଅଧିକ ସୁଧରାଶି ପାଇପାରିବେ ବୋଲି ଅବଗତ କରାଇଥିଲେ। ସାଇବର ସେଲ୍ ଅଧିକାରୀ ସୁନିଲ କୁମାର ମୁର୍ମୁ ସାଇବର ଠକମାନେ କିଭଳି ଉପାୟରେ ଅର୍ଥ ହଡପ କରୁଛନ୍ତି ସେ ସମ୍ପର୍କରେ ସୂଚନା ଦେଇଥିଲେ। ଏଥିସହ ଇଣ୍ଟରନେଟ ବ୍ୟବହାର ସମୟରେ କିଭଳି ସତର୍କତା ଅବଲମ୍ବନ କରିବାକୁ ହେବ ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ। ଖୋର୍ଦ୍ଧା ଉପମଣ୍ଡଳର ସହ ଅଧୀକ୍ଷକ ଦେବଦତ୍ତ ଜେନା ପୋଷ୍ଟ ଅଫିସରେ ଅର୍ଥରାଶି ଜମାକଲେ ନିଜର ଅର୍ଥକୁ ସୁରକ୍ଷିତ ରଖିବା ସହ ଦେଶର ଆର୍ଥିକ ସ୍ଥିତି ମଜବୁତ ହେବ ବୋଲି ମତବ୍ୟକ୍ତ କରିଥିଲେ। ଖୋର୍ଦ୍ଧା ହେଡ ପୋଷ୍ଟ ଅଫିସର ଉପଡାକପାଳ ଭାସ୍କର ଚନ୍ଦ୍ର ବେହେରା ପୋଷ୍ଟ ଅଫିସର ସମସ୍ତ ଯୋଜନା ଗୁଡିକ ବିଷୟରେ ବୁଝାଇଥିଲେ। ଏହି ବୈଠକକୁ ସଂଘର ସଂଯୋଜିକା ସୌଦାମିନୀ ପଟ୍ଟନାୟକ ପରିଚାଳନା କରିଥିଲେ। ସଂଘର ସଦସ୍ୟ ସତ୍ୟବ୍ରତ ଜେନାଙ୍କ ସମେତ ୬୦ରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ ଓ ପେନସନଭୋଗୀ ସଭାରେ ଯୋଗଦେଇଥିଲେ।

# ଅଧିକାରୀ, କର୍ମଚାରୀ ଗାଇଲେ 'ବନ୍ଦେ ମାତରମ୍'



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**ଖୋର୍ଦ୍ଧା,୭।୧୧(ପ୍ରଭାତ ପାଣିଗ୍ରାହୀ)**

ରାଷ୍ଟ୍ରୀୟ ଗୀତ 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି ଅବସରରେ ଶୁକ୍ରବାର ବନ୍ଦେ ମାତରମ୍ ଗାନ କରାଯାଇଛି। ଖୋର୍ଦ୍ଧା ଜିଲାରେ ଜିଲାପାଳଙ୍କ କାର୍ଯ୍ୟାଳୟ ଜୟୀ ରାଜଗୁରୁ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରାଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜ, ଜିଲା ପଞ୍ଚାୟତ ଅଧିକାରୀ ଶ୍ୟାମଳେନ୍ଦୁ ନାୟକ, ଡେପୁଟି କଲେକ୍ଟର ଅନନ୍ୟା ସୃଷ୍ଟି ଶତପଥୀ, ନିବେଦିତା ପରିଡ଼ା, ଆର୍ତ୍ତତ୍ରାଣ ମଲ୍ଲିକ, ଆସିଷ୍ଟାଣ୍ଟ କଲେକ୍ଟର କ୍ରିଷ୍ଣା କୁମାର ଜେନା, ଭୁବନେଶ୍ୱରୀ କଅଁର, ଡିଇଜିଏମ(ଓସ୍ୱାନ) ମାନସ ବ୍ରହ୍ମ, ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରାଙ୍କ ସମେତ ସମସ୍ତ ଡେପୁଟି କଲେକ୍ଟର, ଆସିଷ୍ଟାଣ୍ଟ କଲେକ୍ଟର, ସେକ୍ସନ ଅଧିକାରୀ, ବରିଷ୍ଠ ଓ କନିଷ୍ଠ ସହାୟକ, ସହାୟିକା ଯୋଗଦେଇଥିଲେ।

**ବେଗୁନିଆ (ହର ପ୍ରସନ୍ନ ପଣ୍ଡା):** ବେଗୁନିଆ ମହାବିଦ୍ୟାଳୟ ପରିସରରେ ଶୁକ୍ରବାର ବନ୍ଦେ ମାତରମ୍ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଯୁବ ରେଡକ୍ରସ, ରେଞ୍ଜର ରୋଭର ଏବଂ ଏନ୍ଏସ୍ଏସ୍ ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଉତ୍ସବରେ ଅଧ୍ୟକ୍ଷା ଡ.ସବିତାଞ୍ଜଳି ସେନାପତି ସଭାପତିତ୍ୱ କରିଥିଲେ। ଅଧ୍ୟାପକ ଜୟକୃଷ୍ଣ ପାଣିଗ୍ରାହୀ, ବିଧୁଭୂଷଣ ରାଉତ, ଅଧ୍ୟାପିକା ବିଜୟଲକ୍ଷ୍ମୀ ସୁବୁଦ୍ଧି ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ବଙ୍କିମ ଚନ୍ଦ୍ର ଚଟୋପାଧ୍ୟାୟଙ୍କ ଦ୍ୱାରା ୧୮୮୨ ମସିହାରେ ଆନନ୍ଦ ମଠ ଉପନ୍ୟାସରେ ରାଷ୍ଟ୍ର ଭକ୍ତି କବିତା ଲେଖାଯାଇଥିଲା। ଭାରତୀୟ ସାଧୀନତା ସଂଗ୍ରାମରେ ଏହି କବିତାର ଭୂମିକା ଚିର ବନ୍ଦନୀୟ। ଏହା ଦେଶ ସଂଗଠିତ ପ୍ରତି ଆମର ଗୁରୁ ଦାୟିତ୍ୱ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ନୃତ୍ୟ ପରିବେଷଣ, ଚିତ୍ରାଙ୍କନ, କୁଇଜ, ପ୍ରବନ୍ଧ ଲିଖନ ଆଦି ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବଣ୍ଟନ କରାଯାଇଛି। ଅଧ୍ୟାପକ ଡ.ସତ୍ୟଜିତ ଦାସ, ନବକିଶୋର ବିଶୋୟୀ ଏବଂ ଅଧ୍ୟାପିକା ଦେବଯାନୀ ପାଇକରାୟ, ସ୍ମୃତିମୟୀ ବସନ୍ତିଆ, ପ୍ରିୟମ୍ବଦା ବେହେରା ପ୍ରମୁଖ ପରିଚାଳନା କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଶ୍ରାବଣୀ ପାତ୍ର, ସୁନିତା ବାହୁବଳେନ୍ଦ୍ର ଏବଂ ଛାତ୍ର ବିଶ୍ୱରଞ୍ଜନ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଅଧ୍ୟାପକ ସୁବାଷ ମେଲକା ଧନ୍ୟବାଦ ଅର୍ପଣ କରିଥିଲେ।

**ଟାଙ୍ଗୀ (ରଘୁନାଥ ସାହୁ):** ରାଷ୍ଟ୍ରୀୟ ଗୀତ 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି ଅବସରରେ ଟାଙ୍ଗୀ ଥାନା ପରିସରରେ ସମସ୍ତ କର୍ମଚାରୀ ଏକତ୍ରିତ ହୋଇ ବନ୍ଦେ ମାତରମ୍ ଗାନ କରିଥିଲେ। ରାଷ୍ଟ୍ରୀୟ ସଙ୍ଗୀତ ଗାନ କଲେ ଭାରତ ମାତା, ଦେଶପ୍ରେମ, ଜାତୀୟତା ପ୍ରୀତି, ରାଷ୍ଟ୍ରୀୟ ଚେତନା ଜାଗ୍ରତ ହୋଇଥାଏ ବୋଲି ଆଇଆଇସି ରବୀନ୍ଦ୍ର କୁମାର ଭୁଜବଳ ମତବ୍ୟକ୍ତ କରିଥିଲେ। ସେହିପରି କାଲୁପଡ଼ାଘାଟ ସ୍ଥିତ ଭାରତୀୟ ବିଦ୍ୟା ନିକେତନରେ ସମସ୍ତ ଛାତ୍ରୀଛାତ୍ର, ଗୁରୁଜୀ,ଗୁରୁମା ଏକତ୍ରିତ ହୋଇ ବନ୍ଦେ ମାତରମ୍ ଗାନ କରିବା ସହ ଦେଶାତ୍ମବୋଧକ ସ୍ଲୋଗାନ ଦେଇଥିଲେ। ବିଦ୍ୟାଳୟର ଉପଦେଷ୍ଟା ଲକ୍ଷ୍ମୀଧର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅତିଥିଭାବେ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ବିଜୟ କୁମାର ରାଉତ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ଶ୍ରୀଚନ୍ଦନ, ଗୋପାଳ ଚନ୍ଦ୍ର ମହାରଣା, ପଞ୍ଚସଖା ଶିକ୍ଷା ସେତୁ ସଭାପତି ଶେଷଦେବ ରାୟ ଗୌରବ, ପ୍ରତିଷ୍ଠାତା ସମ୍ପାଦକ ପ୍ରଫୁଲ୍ଲ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ପ୍ରଧାନ ଆଚାର୍ଯ୍ୟା ବନଶ୍ରୀ ମହାପାତ୍ରଙ୍କ ସମେତ ସମସ୍ତ ଗୁରୁଜୀ ଗୁରୁମା ପରିଚାଳନା କରିଥିଲେ।

**ଜଟଣୀ (ରବୀନ୍ଦ୍ରନାଥ ମହାକୁଡ଼):** ରାଷ୍ଟ୍ରୀୟ ଗୀତ 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି ଅବସରରେ ସମୂହ ବନ୍ଦେ ମାରତମ୍ ଗାନ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଭିଭାଷଣର ସିଧା ପ୍ରସାରଣ କାର୍ଯ୍ୟକ୍ରମ ହୋଇଥିବା ବେଳେ ଜଟଣୀ ଟାଉନ ହଲ୍ (ଶ୍ରଷ୍ଟା)ଠାରେ ଏହି ବ୍ୟବସ୍ଥା ମଧ୍ୟ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜଟଣୀ ପୌର ପରିଷଦ ପକ୍ଷରୁ ଅଧ୍ୟକ୍ଷ ଅନନ୍ତ ବେହେରା, ନିର୍ବାହୀ ଅଧିକାରୀ ଆକ୍ରିତି ଗୋଏଙ୍କା, ମହିଳା ଗୋଷ୍ଠୀର ସଦସ୍ୟା, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, ପୌର କର୍ମଚାରୀଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଜଟଣୀ ପୌର ପରିଷଦ ପକ୍ଷରୁ ତ୍ରିଲୋଚନ ସାମନ୍ତରାୟ, ଜ୍ୟୋତିରଞ୍ଜନ ରାଉତରାୟ, ସୁଜ୍ଞାନୀ ପାଢ଼ୀ, ମନସ୍ୱିନୀ ମହାରଣା, ରାଜେଶ ଭୋଳ ପ୍ରମୁଖ ପରିଚାଳନା କରିଥିଲେ।

## ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ଉତ୍ସବ

**ଝାଁଳା,୭।୧୧(ବୁଲା ବାରିକ):** ଭୁବନେଶ୍ୱର ଉପକଣ୍ଠ ଜଗମୋହନ ଉଚ୍ଚ ବିଦ୍ୟାଳୟ ବ୍ରହ୍ମକୁଣ୍ଡଳରେ ରାଷ୍ଟ୍ରୀୟ ଗୀତ 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି ଉତ୍ସବ ପାଳନ କରାଯାଇଛି। ଏହି ଅବସରରେ ପ୍ରଧାନ ଶିକ୍ଷକ ମନୋଜ କୁମାର ରଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ସାହିତ୍ୟ କ୍ଷେତ୍ର ପ୍ରତି ଥିବା ଅତୁଳନୀୟ ଅବଦାନ ତଥା ଭାରତର ସ୍ୱାଧୀନତା ଆନ୍ଦୋଳନ ସମୟରେ ଏହି ରାଷ୍ଟ୍ର ଗୀତ କିପରି ପ୍ରେରଣାଦାୟୀ ଭୂମିକା ନେଇଥିଲା ସେ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ମମିତା ମହାନ୍ତି, କମଳ କୁମାରୀ ସୁନ୍ଦରାୟ, ବେଣୁଧର ପାଇକରାୟ, ଦେବେନ୍ଦ୍ର କୁମାର ଜେନା, ବିଶ୍ୱରଞ୍ଜନ ବଳବନ୍ତରାୟ, ଗୋକୁଳାନନ୍ଦ ଜେନା, ବିଧୁଭୂଷଣ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## ଓଡ଼ିଶା ଅଗ୍ନି ନିରାପତ୍ତା କଣ୍ଟ୍ରାକ୍ଟର ଆସୋସିଏଶନର ବୈଠକ

**ଭୁବନେଶ୍ୱର, ୭।୧୧(ବନ୍ଦନା ସେଠୀ):** ଓଡ଼ିଶା ଅଗ୍ନି ନିରାପତ୍ତା କଣ୍ଟ୍ରାକ୍ଟର ଆସୋସିଏଶନ୍‌ର ଏକ ଜରୁରୀ ବୈଠକ କଟକଠାରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଉଦୟଚାନ୍ଦ ମଲ୍ଲିକଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ କାର୍ଯ୍ୟନିର୍ବାହୀ ସଦସ୍ୟମାନେ ଯୋଗଦେଇଥିଲେ। ନଭେମ୍ବର ୪ରେ ଓଡ଼ିଶା ଗୃହ ବିଭାଗ ଦ୍ୱାରା ପ୍ରକାଶ ପାଇଥିବା ବିଜ୍ଞପ୍ତି ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଉକ୍ତ ବିଜ୍ଞପ୍ତିରେ ଓଡ଼ିଶାରେ ଅଗ୍ନି ନିରାପତ୍ତାରେ କାର୍ଯ୍ୟରତ ବ୍ୟକ୍ତିବିଶେଷଙ୍କ ପାଇଁ ଲାଇସେନ୍ସ ପ୍ରକ୍ରିୟାକରଣର ସରଳୀକରଣ ପାଇଁ ଡିଜିଙ୍କୁ ଦିଆଯାଇଥିବା ଦାବିର ସମାଧାନ ହୋଇଥିବାରୁ ଆନନ୍ଦ ପ୍ରକାଶ ପାଇଥିଲା। ଆସୋସିଏଶନର ଦାବିପତ୍ର ଉପରେ ସରକାରଙ୍କ ତରଫରୁ ଆବଶ୍ୟକ ସଂଶୋଧନ କରାଯାଇଥିବାରୁ ଅଗ୍ନିଶମ ଡିଜି ଡ. ସୁଧାଂଶୁ ଷଡ଼ଙ୍ଗୀଙ୍କୁ ଧନ୍ୟବାଦ ଦିଆଯାଇଥିଲା। ଆସୋସିଏଶନ୍‌ର ସମ୍ପାଦକ ରବୀନ୍ଦ୍ର କୁମାର ମିଶ୍ର ଓ ଅନ୍ୟ କର୍ମକର୍ତ୍ତାଙ୍କ ପକ୍ଷରୁ ରାଜ୍ୟ ସରକାର ଏବଂ ଡିଜିଙ୍କ ଉଦ୍ଦେଶ୍ୟରେ ଧନ୍ୟବାଦ ପ୍ରସ୍ତାବ ଆଗତ କରାଯାଇଥିଲା।








केनरा बैंक Canara Bank | ସିଣ୍ଡିକେଟ Syndicate

**କାନାରା ବ୍ୟାଙ୍କ, କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ**
ଶ୍ରୀଜୀ କମ୍ପ୍ଲେକ୍ସ, କଟକ ଟାଉନ୍, ୟୁନିଟ୍ ନଂ.୧୭, ମାଛୁଆ ବଜାର, ପାଣ୍ଡାଲୁନ୍ସ ପଛପାର୍ଶ୍ୱ, କଟକ - ୭୫୩୦୦୧

**ଡିମାଣ୍ଡ ନୋଟିସ୍**
ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନ୍ତର୍ଗତ ଧାରା ୧୩(୨)ଅନୁଯାୟୀ ଡିମାଣ୍ଡ ନୋଟିସ୍

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ସୁରକ୍ଷିତ ଋଣଦାତାଭାବେ **କାନାରା ବ୍ୟାଙ୍କ** ଦ୍ୱାରା ଜାରି କରାଯାଇଥିବା ଡିମାଣ୍ଡ ନୋଟିସ୍ ଯାହା ଏହାର ନିମ୍ନଲିଖିତ ଶାଖାର ଋଣଗ୍ରହୀତା/ବନ୍ଧକଦାତାଙ୍କ ନିମନ୍ତେ ତାହାର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

| ଶାଖା / ଋଣଗ୍ରହୀତା / ବନ୍ଧକଦାତାଙ୍କ ନାମ ଓ ଠିକଣା | (କ) ଋଣ/ମଞ୍ଜୁରି ଋଣ / (ଖ) ଏନ୍‌ପିଏ ତାରିଖ / (ଗ) ଡିମାଣ୍ଡ ନୋଟିସ୍ ତାରିଖ | ନିର୍ଦ୍ଧାରିତ ତାରିଖ ପର୍ଯ୍ୟନ୍ତ ମୋଟ ବକେୟା ପରିମାଣ | ବ୍ୟାଙ୍କରେ ବନ୍ଧକ ଥିବା ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|
| **ଅଡଶପୁର ଶାଖା** (୧)ଶ୍ରୀମତୀ ମିଲି ସ୍ୱାଇଁ (ଋଣଗ୍ରହୀତା ଏବଂ ବନ୍ଧକଦାତା), ସ୍ୱା: ଶ୍ରୀ କୈଳାଶ ସ୍ୱାଇଁ, (୨)ଶ୍ରୀ କୈଳାଶ ସ୍ୱାଇଁ (ଋଣଗ୍ରହୀତା), ପିତା: ଶ୍ରୀ ବୃନ୍ଦାବନ ସ୍ୱାଇଁ, ଉଭୟଙ୍କ ଠିକଣା: ସା/ପୋ.- ଅଡଶପୁର, ଥାନା: ଓଲଟପୁର, ଜିଲ୍ଲା: କଟକ, ଓଡିଶା, ପିନ୍-୭୫୪୦୧୧ । | (କ)ଟ.୫,୦୦,୦୦୦/- / (ଖ) ୦୫.୧୧.୨୦୨୫ / (ଗ) ୦୬.୧୧.୨୦୨୫ | ୦୬.୧୧.୨୦୨୫ ସୁଦ୍ଧା ଟ.୧,୭୭,୬୦୩.୪୭ ସହିତ ପରବର୍ତ୍ତି ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ | ଶ୍ରୀମତୀ ମିଲି ସ୍ୱାଇଁ ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ ନଂ.୭୬୯/୬୮୭୩, ମ୍ୟୁଟେସନ ଖାତା ନଂ.୧୧୮୭/୬୬୯, ମୌଜା: ଅଡଶପୁର, ଥାନା: ଓଲଟପୁର, ତହସିଲି: କଣ୍ଟାପଡା, ଏରିଆ: ଏ୦.୦୬୦ ଡିସିମିଲି, କିସମ: ଘରବାରୀ, ଉପଜିଲ୍ଲା: ନିଆଳି ରେ ରେଜିଷ୍ଟ୍ରିଭୁକ୍ତ, ଜିଲ୍ଲା: କଟକ, ଚାରିପାର୍ଶ୍ୱରେ: ଉତ୍ତର- ଉର୍ବଳ ଜେନା, ଦକ୍ଷିଣ- ପବନି ନାୟକ, ପୂର୍ବ- ରଘୁନାଥ ବିଶ୍ୱାଳ, ପଶ୍ଚିମ- ରାସ୍ତା । |

ଆପଣ, ଉପରୋକ୍ତ ଋଣଗ୍ରହୀତା/ବନ୍ଧକଦାତା ଆମର ଉପରଦର୍ଶିତ ଶାଖା ସହ ଚୁକ୍ତିନାମା ଅନୁଯାୟୀ ଉପରୋକ୍ତ ସାରଣୀରେ ଦର୍ଶାଯାଇଥିବା ଋଣ ଏବଂ ତତ୍‌ପରବର୍ତ୍ତି ସୁଧ ପଇଠ କରିବାରେ ଅସମର୍ଥ ହୋଇଛନ୍ତି । ଉପର ଦର୍ଶାଯାଇଥିବା ସାରଣୀରେ ଉଲ୍ଲିଖିତ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆଇନ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରି କରାଯାଇଥିଲା । ଋଣ ପରିଶୋଧରେ ଅନିୟମିତତା ଯୋଗୁଁ ଆପଣଙ୍କ ଆକାଉଣ୍ଟ ଅଣକାର୍ଯ୍ୟକାରୀ ସମ୍ପତ୍ତିରେ ପରିଣତ ହୋଇଛି । ଏତଦ୍ ଦ୍ୱାର ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି ଏହି ନୋଟିସ୍ ପ୍ରକାଶନର **୬୦ ଦିନ** ମଧ୍ୟରେ ଆପଣମାନେ ସୁରକ୍ଷିତ ଋଣଦାତାଙ୍କ (ବ୍ୟାଙ୍କ) ନିକଟରେ ସମସ୍ତ ବକେୟା ଦେୟ (ଧାର୍ଯ୍ୟ ତାରିଖ ସୁଦ୍ଧା) ସହିତ ସେବାବଦ ଭବିଷ୍ୟତ ସୁଧ ପରିଶୋଧ କରିବେ ଅନ୍ୟଥା ଆମ୍ଭେ ଉପରୋକ୍ତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୪) ଏବଂ ଅନ୍ୟାନ୍ୟ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ ହେବୁ । ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟର ଧାରା ୧୩(୧୩) ନୟମାବଳୀ ଅନୁସାରେ ଆପଣ ଏହି ନୋଟିସ୍ ପ୍ରାପ୍ତି ପରେ ବ୍ୟାଙ୍କର ଲିଖିତ ସହମତି ବିନା ଉପର ବର୍ଣ୍ଣିତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରି କିମ୍ବା ଲିଜ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ । କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ-୨୦୦୨ ପ୍ରଦତ୍ତ କୌଣସି ବ୍ୟବସ୍ଥାରେ ହସ୍ତକ୍ଷେପ / ବାଧା ପହଞ୍ଚାଇବା ଅପରାଧ ଅଟେ । ଉପରୋକ୍ତ ଜାରି ନୋଟିସ୍ ଟି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ କିମ୍ବା ବଳବତ୍ତର ଥିବା ଅନ୍ୟକୌଣସି ଆଇନ ଅନୁଯାୟୀ ଏହା ଆମ ବ୍ୟାଙ୍କର କୌଣସି ଅଧୀକାରକୁ ପ୍ରତିହତ କରିବ ନାହିଁ । ଏହି ନୋଟିସ୍ ଅନୁସାରେ ଦାବି କରାଯାଇଥିବା ରାଶି ପରିଶୋଧ କରି ସମସ୍ତ ପ୍ରକାର ଅସୁବିଧାକୁ ପରିହାର କରନ୍ତୁ ଅନ୍ୟଥା ପରବର୍ତ୍ତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଆପଣ ସେବାବଦ ସମସ୍ତ ଖର୍ଚ୍ଚ ଓ ଫଳାଫଳ ନିମନ୍ତେ ଦାୟୀ ରହିବେ । ଉପଧାରା (୨)ରେ ଧାର୍ଯ୍ୟ ସମୟସୀମା ମଧ୍ୟରେ ଋଣଗ୍ରହୀତା/ବନ୍ଧକଦାତା ବକେୟା ରାଶି ସମ୍ପୂର୍ଣ୍ଣ ଭାବେ ପୈଠ ନକଲେ ସୁରକ୍ଷିତ ଋଣଦାତା ସୁରକ୍ଷିତ ଋଣ ରାଶି ଆଦାୟ କରିବା ନିମନ୍ତେ ନିମ୍ନଲିଖିତ ପଦକ୍ଷେପ ମଧ୍ୟରୁ ଗୋଟିଏ କିମ୍ବା ଅଧୀକ ଗ୍ରହଣ କରିପାରନ୍ତି । (କ) ସୁରକ୍ଷିତ ଋଣ ରାଶି ଆଦାୟ ନିମନ୍ତେ ଋଣଗ୍ରହୀତାଙ୍କ ସୁରକ୍ଷିତ ପରିଚାଳନାକୁ ଟେକ୍ ଓଭର କରିବା ସହିତ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ କରିବା ଅଧିକାର ରହିଛି । (ଖ) ଉଲ୍ଲେଖଯୋଗ୍ୟକି ଋଣଗ୍ରହୀତାଙ୍କ ବ୍ୟବସାୟର ଅଧିକାଂଶ ଭାଗ ଋଣ ପାଇଁ ବନ୍ଧକ ଥିଲେ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ ଅଧିକାର ପ୍ରୟୋଗ କରାଯାଇପାରିବ ।

**ତାରିଖ: ୦୭.୧୧.୨୦୨୫, ସ୍ଥାନ: କଟକ** — **ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ**

**ଜାତୀୟ ରାଜପଥରେ ଜଳିଗଲା ଥାର୍**



ଭୁବନେଶ୍ୱର,(ସତ୍ୟଜିତ ରାଉତ): ପୁରୀ ବାଇପାସ୍ ୩୧୬ ନଂ ଜାତୀୟ ରାଜପଥର ସାଉମନ୍ଦିର ଛକ ନିକଟରେ ଶନିବାର ସନ୍ଧ୍ୟା ପ୍ରାୟ ୭ଟା ବେଳେ ଏକ ଥାର୍ (ଓଡି୦୨ବିଆର୍୨୦୨୦) ଜଳିଯାଇଛି। ଯାନ୍ତ୍ରିକ ତ୍ରୁଟି ଯୋଗୁ ଏହି ଅଘଟଣ ଘଟିଛି ବୋଲି ଗାଡିରେ ୩ଜଣ ଯୁବକ ଥିବାବେଳେ ସେମାନେ ସୁରକ୍ଷିତ ଅଛନ୍ତି। ଥାର୍ ଗାଡିଟି ଧଳେଶ୍ୱର ଆଡେ ଯାଉଥିବା ବେଳେ ହଠାତ୍ ନିଆଁ ଲାଗିଯାଇଥିଲା। ଗାଡିଟି ଦୁହୁଦୁହୁ ହୋଇ ରାସ୍ତାରେ ଜଳିଯାଇଥିଲା। ଏଥିପାଇଁ କିଛି ସମୟ ବାଇପାସ୍ ରାସ୍ତା ଟ୍ରାଫିକ୍ ଜାମ୍ ହୋଇଥିଲା।



# ଯାତ୍ରୀବାହୀ ବସ୍ ସାଇଡ୍ ମାରିବାରୁ ଉତ୍ତେଜନା

ପୁରୁଣା ଭୁବନେଶ୍ୱର,୭।୧୧(ସୁବାସ ଚନ୍ଦ୍ର ପ୍ରଧାନ)

ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ଧଉଳି ଛକ ପୁରୁଣା ରାସ୍ତାରେ ଏକ ଯାତ୍ରୀବାହୀ ବସ୍ ସାଇଡ୍ ମାରିବାକୁ ନେଇ ଶୁକ୍ରବାର ଅପରାହ୍ନରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ସୂଚନା ମୁତାବକ, ପୁରୀରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଏକ ଯାତ୍ରୀବାହୀ ବସ୍ ଯାଉଥିବା ବେଳେ ଘଟଣାସ୍ଥଳରୁ ୬୦୦ମିଟର ଦୂରରେ ବାଇକ୍‌ରେ ଯାଉଥିବା ୨ଜଣ ଯୁବକ ଯୁଗଳରେ ଘଷି ହୋଇଯାଇଥିଲା। ସେମାନେ ଦୟା ବ୍ରିଜ୍ ବସ୍‌କୁ ପୁଣିଥରେ ଅଟକାଇଥିଲେ। ପରେ ବସ୍ ଚାଳକ ଏବଂ ବାଇକ୍ ଚାଳକଙ୍କ ମଧ୍ୟରେ ବଚସା ହୋଇଥିଲା। ଶେଷରେ ବାଇକ୍ ଚାଳକଦ୍ୱୟ ପଥର ମାରି ବସର ଆଗକାଚ ଭାଙ୍ଗି ଦେଇଥିଲେ। ଭୟରେ ଯାତ୍ରୀମାନେ ବସରୁ ଓହ୍ଲାଇ ଅନ୍ୟ ବସ୍‌ରେ ଯାଇଥିଲେ। ପୋଲିସ ପହଞ୍ଚିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

# ବନ୍ୟଜନ୍ତୁ ଶିକାର ମାମଲାରେ ଚାର୍ଜସିଟ୍ ଦେଇପାରୁନି ପୋଲିସ

ଭୁବନେଶ୍ୱର, ୭।୧୧ (ତ୍ରିନାଥ ମହାନ୍ତି)

**ତାରସିଂ ଥାନା ମାମଲାର ତଦନ୍ତ କରିବ କ୍ରାଇମବ୍ରାଞ୍ଚ**

- ■ଶିକାରୀ ଶନିଆର ରହିଛି ଆନ୍ତରାଜ୍ୟ ଲିଙ୍କ୍
- ■୬ ମାସରେ ୧୦୦ ମାମଲା ନେଲାଣି ଏସ୍‌ଟିଏଫ୍

ଶିକାରୀ ଗିରଫ ହେବା ମାମଲାରେ ଚାର୍ଜସିଟ୍ ଦେଇପାରୁନି ପୋଲିସ। ତେଣୁ ରାଜ୍ୟର ଏକାଧିକ ଥାନାରେ ରହିଥିବା ବନ୍ୟଜନ୍ତୁ ଶିକାର ମାମଲାକୁ ନିଜ ଅଧୀନକୁ ନେଇ ତଦନ୍ତ କରୁଛି କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍। ଏବେ ଗଞ୍ଜାମ ଜିଲ୍ଲା ତାରସିଂ ଥାନାରେ ହୋଇଥିବା ଶିକାରୀ ଶନିଆ ମଲ୍ଲିକ ଗିରଫ ମାମଲାର ତଦନ୍ତ କରିବ ଏସ୍‌ଟିଏଫ୍। ଶନିଆର ଆନ୍ତରାଜ୍ୟ ବନ୍ୟଜନ୍ତୁ ଚାଲାଣକାରୀଙ୍କ ସହ ଲିଙ୍କ୍ ରହିଥିବାରୁ ଏନେଇ ଏସ୍‌ଟିଏଫ୍ କେସ୍ ନଂ.୨୩/୨୫ରେ ଏକ ମାମଲା ରୁଜୁ କରିଛି। ଖୁବ୍‌ଶୀଘ୍ର ଜେଲରେ ଥିବା ଶିକାରୀ ଶନିଆଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରାଯିବ। ଏସ୍‌ଟିଏଫ୍‌ର ଜଣେ ଡିଏସ୍‌ପି ର୍ୟାଙ୍କ୍‌ର ଅଧିକାରୀ ମାମଲାର ତଦନ୍ତ ଭାର ନେଇଛନ୍ତି। ଏହି ମାମଲା ରୁଜୁ ପରେ ଏସ୍‌ଟିଏଫ୍ ତାରସିଂ ଥାନା ପୋଲିସ ସହ ଯୋଗାଯୋଗ କରି ଶିକାରୀ ଶନିଆର ଏକାଧିକ ଆପରାଧିକ ଫାଇଲ୍ ସଂଗ୍ରହ କରିଛି। ଶନିଆ ନିକଟରୁ ଏକ ଦେଶୀ ବନ୍ଧୁକ ଜବତ ହୋଇଥିବାରୁ ସେ ଗଞ୍ଜାମ, କନ୍ଧମାଳ ଆଦି ଜିଲ୍ଲାରେ ଥିବା ଜଙ୍ଗଲରୁ ବନ୍ୟଜନ୍ତୁ ଶିକାର କରିଛି। ପରେ ବନ୍ୟଜନ୍ତୁଙ୍କ ଛାଲ ଓ ମାଂସକୁ ରାଜ୍ୟ ବାହାରକୁ ଚାଲାଣ କରନ୍ତି। ତେଣୁ ସେ ରାଜ୍ୟ ବାହାରେ କେଉଁମାନଙ୍କ ସହ ଲିଙ୍କ୍ ରଖିଛି ତାହାର ଖୋଳତାଡ଼ ଆରମ୍ଭ ହୋଇଛି। ତାଙ୍କ ମୋବାଇଲ୍ ଫୋନ୍‌ର ସିଡିଆର(କଲ୍ ଡିଟେଲ୍ ରିପୋର୍ଟ) ମଗାଇ ତନାଘନା କରୁଛି ଏସ୍‌ଟିଏଫ୍।

ତାରସିଂ ଥାନାର ଆଣ୍ଟି ଡକାୟତି ପାଟ୍ରୋଲିଂ ଟିମ୍ ଗତ ସେପ୍ଟେମ୍ବର ୮ ରାତିରେ ଏଏସ୍‌ଆଇ ସମୀର କୁମାର ବେହେରାଙ୍କ ନେତୃତ୍ୱରେ ପାଟ୍ରୋଲିଂ କରୁଥିଲେ। ଜଣେ ଶିକାରୀ ଦେଶୀ ବନ୍ଧୁକ ଧରି କରଡାବାଡି ଏସ୍‌ଏଚ୍-୩୭ ରାସ୍ତାରେ ଶିକାର ପାଇଁ ଜଙ୍ଗଲ ଭିତରକୁ ଯାଉଥିବା ନେଇ ରାତି ୪ଟାରେ ଖବର ମିଳିଥିଲା। ତୁରନ୍ତ ସମୀର ନାଇଟ୍ ପାଟ୍ରୋଲିଂ ଟିମ୍ ସହ ରିଜିଙ୍ଗ ଗୋଲେଇ ଛକରେ ଶନିଆଙ୍କୁ ଅଟକାଇଥିଲେ। ହେଲେ ସେ ବନ୍ଧୁକ ଧରି ଜଙ୍ଗଲ ଭିତରକୁ ଦୌଡ଼ିଥିଲା। ପୋଲିସ ତା'ର ପିଛା କରି ଶେଷରେ ଗିରଫ କରିଥିଲା। ପଚରାଉଚରା ବେଳେ ସେ ବନ୍ଧୁକ ସମ୍ପର୍କରେ ଠିକ୍ ଉତ୍ତର ଦେଇ ନ ଥିଲେ। ଫଳରେ ତାରସିଂ ଥାନାରେ ଏନେଇ ଏକ ମାମଲା ରୁଜୁ କରାଯାଇ ଶନିଆଙ୍କୁ ଗିରଫ କରାଯାଇଥିଲା। ତଦନ୍ତ ସମୟରେ ଶନିଆ ରାଜ୍ୟ ବାହାରର ଚାଲାଣକାରୀଙ୍କ ସହ ଲିଙ୍କ୍‌ରେ ରହିଥିବା ଜଣାପଡ଼ିଥିଲା। ହେଲେ ପୋଲିସ ତଦନ୍ତକୁ ଆଗକୁ ବଢ଼ାଇ ନ ପାରିବାରୁ କ୍ରାଇମବ୍ରାଞ୍ଚ ମାମଲାକୁ ଗ୍ରହଣ କରି ତଦନ୍ତକୁ ତ୍ୱରାନ୍ୱିତ କରିଥିବା ଜଣାପଡ଼ିଛି। କେବଳ ଏହି ଘଟଣା ନୁହେଁ, ଗତ ୬ ମାସରେ ଏଭଳି ଭାବେ କ୍ରାଇମବ୍ରାଞ୍ଚ ୧୦୦ ବନ୍ୟଜନ୍ତୁ ଶିକାର ମାମଲା ନିଜ ହାତକୁ ନେଇ ତଦନ୍ତ କରୁଛି।

# ଓଡ଼ିଶା ଅଗ୍ନି ନିରାପତ୍ତା କଣ୍ଟ୍ରାକ୍ଟର ଆସୋସିଏସନର ବୈଠକ



ବୈଠକରେ ଆସୋସିଏସନ ସଭାପତି ଉଦୟ ଚାନ୍ଦ ମଲ୍ଲିକଙ୍କ ସହ କର୍ମକର୍ତ୍ତାମାନେ।

ଭୁବନେଶ୍ୱର, ୭।୧୧(ବନ୍ଦନା ସେଠୀ)

ଓଡ଼ିଶା ଅଗ୍ନି ନିରାପତ୍ତା କଣ୍ଟ୍ରାକ୍ଟର ଆସୋସିଏସନର ଏକ ଜରୁରୀ ବୈଠକ କଟକଠାରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଉଦୟଚାନ୍ଦ ମଲ୍ଲିକଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ କାର୍ଯ୍ୟନିର୍ବାହୀ ସଦସ୍ୟମାନେ ଯୋଗଦେଇଥିଲେ। ଗତ ନଭେମ୍ବର ୪ରେ ଓଡ଼ିଶା ଗୃହ ବିଭାଗ ଦ୍ୱାରା ପ୍ରକାଶ ପାଇଥିବା ବିଜ୍ଞପ୍ତି ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଉକ୍ତ ବିଜ୍ଞପ୍ତିରେ ଓଡ଼ିଶାରେ ଅଗ୍ନି ନିରାପତ୍ତାରେ କାର୍ଯ୍ୟରତ ବ୍ୟକ୍ତିବିଶେଷଙ୍କ ପାଇଁ ଲାଇସେନ୍ସ ପ୍ରକ୍ରିୟାକରଣର ସରଳୀକରଣ ପାଇଁ ଡିଜିଙ୍କ ବିଧାୟକ ଦାବିର ସମାଧାନ ହୋଇଥିବାରୁ ଆନନ୍ଦ ପ୍ରକାଶ ପାଇଥିଲା। ଆସୋସିଏସନର ଦବିପତ୍ର ଉପରେ ସରକାରଙ୍କ ତରଫରୁ ଆବଶ୍ୟକ ସଂଶୋଧନ କରାଯାଇଥିବାରୁ ଅଗ୍ନିଶମ ଡିଜି ଡ. ସୁଧାଂଶୁ ଷଡ଼ଙ୍ଗୀଙ୍କୁ ଧନ୍ୟବାଦ ଦିଆଯାଇଥିଲା। ଆସୋସିଏସନର ସମ୍ପାଦକ ରବୀନ୍ଦ୍ର କୁମାର ମିଶ୍ର ଓ ଅନ୍ୟ କର୍ମକର୍ତ୍ତାଙ୍କ ପକ୍ଷରୁ ରାଜ୍ୟ ସରକାର ଏବଂ ଡିଜିଙ୍କ ଉଦ୍ଦେଶ୍ୟରେ ଧନ୍ୟବାଦ ପ୍ରସ୍ତାବ ଆଗତ କରାଯାଇଥିଲା।

# ରାଜଧାନୀରେ ଛାତ୍ର ନିଖୋଜ

**ବାନ୍ଧବୀଙ୍କ ଜନ୍ମଦିନ ପାଳିବାକୁ ଖୋର୍ଦ୍ଧାରୁ ଆସିଥିଲେ**

ଭୁବନେଶ୍ୱର,୭।୧୧(ସତ୍ୟଜିତ ରାଉତ)

ରାଜଧାନୀରେ ଜଣେ ଛାତ୍ର ନିଖୋଜ ହୋଇଯାଇଛନ୍ତି। ଘଟଣାକୁ ୭ ଦିନ ବିତିଥିବାବେଳେ ତାଙ୍କର ଏଯାଏ ପତ୍ତା ମିଳିପାରିନାହିଁ। ପରିବାର ଏହାକୁ ନେଇ ଚିନ୍ତାରେ ପଡିଥିବା ଘଟଣା ଶୁକ୍ରବାର ଚର୍ଚ୍ଚାର ପରିସରକୁ ଆସିଛି। ନିଖୋଜ ଛାତ୍ର ଜଣକ ହେଲେ ଖୋର୍ଦ୍ଧା ଗାନ୍ଧୀ ପଡିଆ ଅଞ୍ଚଳର ଶ୍ରୀନିବାସ ଦାସଙ୍କ ପୁଅ ସତ୍ୟଜିତ ଦାସ। ମଦନପୁରସ୍ଥିତ ଏକ ଘରୋଇ ମହାବିଦ୍ୟାଳୟରେ ସତ୍ୟଜିତ ଯୁକ୍ତ୩ ପଢୁଛନ୍ତି। ଜଣେ ବାନ୍ଧବୀଙ୍କ ଜନ୍ମଦିନ ପାଳିବାକୁ ଆସି ସତ୍ୟଜିତ ଆଉ ଘରକୁ ଫେରିନାହାନ୍ତି। ଏନେଇ ଏତଲାକ୍ରମେ ଭରତପୁର ଥାନା ପୋଲିସ ଏକ ମ୍ୟାନ ମିସିଙ୍ଗ୍ ରିପୋର୍ଟ (ଏମଏମଆର୍) ପଞ୍ଜିକୃତ କରି ତଦନ୍ତ ଆରମ୍ଭ କରିଛି। ମିଳିଥିବା ସୂଚନା ଅନୁଯାୟୀ, ନଭେମ୍ବର ୧ ତାରିଖ ମଧ୍ୟାହ୍ନରେ ସତ୍ୟଜିତ୍ ଜଣେ ବାନ୍ଧବୀଙ୍କ ଜନ୍ମଦିନ ପାଳନ କରିବାକୁ ପରିବାର ଲୋକଙ୍କୁ କହି ଘରୁ ଆସିଥିଲେ। ଭରତପୁରସ୍ଥିତ ଏକ କାଫେରେ ଅପରାହ୍ନରେ ୩ଜଣ ପୁଅ ଓ ୩ଜଣ ଝିଅ ସାଙ୍ଗଙ୍କ ସହ ସତ୍ୟଜିତ୍ ଜନ୍ମଦିନ ପାଳନରେ ଭାଗ ନେଇଥିଲେ। ପରେ ସମସ୍ତେ ସ୍ଥାନୀୟ ଏକ ହୋଟେଲରେ ଡିନର୍ ମଧ କରିଥିଲେ। ରାତି ପ୍ରାୟ ୧୧ଟା ବେଳେ ଘର ଲୋକଙ୍କୁ କଲ୍ କରି ସେ କଥା ହୋଇଥିଲେ। ହେଲେ ରାତି ପ୍ରାୟ ୧୨ଟା ପରେ ସତ୍ୟଜିତଙ୍କ ମୋବାଇଲ ସୁଇଚଅଫ୍ ହୋଇଯାଇଥିଲା। ଏହାର ପରଦିନ ଅର୍ଥାତ୍ ୨ ତାରିଖରେ ପରିବାର ଲୋକ ଖୋର୍ଦ୍ଧା ଆଦର୍ଶ ଥାନାରେ ନିଖୋଜ ଅଭିଯୋଗ କରିଥିଲେ। ପରେ ଭରତପୁର ଥାନାରେ ନିଖୋଜ ଏତଲା ଦେଇଥିଲେ। ପୋଲିସ ଉକ୍ତ କାଫେ ଓ ସ୍ଥାନୀୟ ଅଞ୍ଚଳର ସିସିଟିଭି ଫୁଟେଜ୍ ଯାଞ୍ଚ କରିବା ସହ ସାଙ୍ଗମାନଙ୍କୁ ପଚରାଉଚରା କରି ତଦନ୍ତ ଚଳାଇଛି।

# ବୋଇତ ବନ୍ଦାଣ ପରେ ଦୟାନଦୀ ଘାଟ ସଫେଇ



ପୁରୁଣା ଭୁବନେଶ୍ୱର,୭।୧୧(ସୁବାସ ଚନ୍ଦ୍ର ପ୍ରଧାନ)

କଳିଙ୍ଗ ସଂସ୍କୃତି ଓ ଐତିହ୍ୟ ସୁରକ୍ଷା ମଞ୍ଚ (କାପୋକ) ପକ୍ଷରୁ ଗତ ଗୁରୁବାର ଭୁବନେଶ୍ୱର ଉପକଣ୍ଠ ଲିଙ୍ଗିପୁର-ନାଥପୁର ଦୟାନଦୀ ଘାଟରେ ପଦ୍ମଶ୍ରୀ ସ୍ୱର୍ଗତ ଭବାନୀ ଚରଣ ପଟ୍ଟନାୟକଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶ୍ରମଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୫୦ରୁ ଅଧିକ ସ୍ୱେଚ୍ଛାସେବୀ ଯୋଗଦେଇ ଦୟାନଦୀ ଘାଟ ସଫେଇ କରିବା ସହିତ ଦୟାନଦୀ ବୋଇତ ବନ୍ଦାଣ ଉତ୍ସବ ସ୍ଥଳକୁ ସଫା କରିଥିଲେ। ଏହି ଅବସରରେ ଦୟାନଦୀ ପ୍ରଦୂଷଣ ନିରାକରଣ ସମ୍ପର୍କରେ ଆଲୋଚନା କରାଯାଇଥିଲା। କାପୋକ ଅଧ୍ୟକ୍ଷ ତଥା ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡର ସଭାପତି ସଂଗ୍ରାମ କେଶରୀ ପାଇକରାୟଙ୍କ ନେତୃତ୍ୱରେ ଆୟୋଜିତ 'ଶ୍ରମଦାନ ଉତ୍ସବ'ରେ କାପୋକର ସଦସ୍ୟ ରବୀନ୍ଦ୍ର ପାତ୍ର, ବେଣୁଧର ସେନାପତିଙ୍କ ନେତୃତ୍ୱରେ ରୁଚିକା ସାମାଜିକ ମଙ୍ଗଳ ଅନୁଷ୍ଠାନର ସ୍ୱେଚ୍ଛାସେବୀ, କିନ୍ନର ସଂଘର ସଦସ୍ୟା, ଦେବେନ୍ଦ୍ର ଦାସଙ୍କ ନେତୃତ୍ୱରେ ମହାବୀର ନଗର ଉନ୍ନୟନ କମିଟିର ସଦସ୍ୟ, ଶ୍ରୀଦୁର୍ଗେଶ୍ୱର କମିଟିର ସଦସ୍ୟ, କାପୋକର ସଦସ୍ୟ ଦିଲୀପ ସାମନ୍ତରାୟ, ଚିତ୍ତ ରଞ୍ଜନ ମହାନ୍ତି, ଲଲାଟ ସାହୁ, ସୁବ୍ରତ ପାଇକରାୟ, ବାମଦେବ ଗଜେନ୍ଦ୍ର, କୁଞ୍ଜ ବିହାରୀ ସ୍ୱାଇଁ, ପ୍ରକାଶ ସାହୁ, ବିଜନ ସାମନ୍ତରାୟ, ପ୍ରମୋଦ ସ୍ୱାଇଁ, ସନ୍ତୋଷ ବେହେରା, ବିଭୂତି ପ୍ରଧାନ, ଆଲୋକ ସାହୁ, ଅଶୋକ ହରି, ସେକ୍ ଆସିକ ଅଲ୍ଲି, ସାର୍ଥକ ପରିଡା, ମିଥୁନ ନାୟକ, ଭାଗ୍ୟଶ୍ରୀ ରାଉତ, ବିଷ୍ଣୁ ଚରଣ ରାଉତ, ଅନୁଜ ପରିଡା, ନବ କିଶୋର ପରିଡା, ବଳରାମ ସ୍ୱାଇଁ, ସୁକାନ୍ତ ଦାସ, ସଞ୍ଜୟ ଦାସ, ମାନସ ରଥ, ପଙ୍କଜ ବେହେରା, ବୀର କିଶୋର ସାମଲ ପ୍ରମୁଖ ଯୋଗଦେଇଥିଲେ।

# ପୂର୍ବଶତ୍ରୁତାରୁ ଖଣ୍ଡାରେ ହାଣିଲେ

ଭୁବନେଶ୍ୱର,୭।୧୧(ତ୍ରିନାଥ ମହାନ୍ତି)

ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଶହୀଦନଗର ଥାନା ପଥରବନ୍ଧ ବସ୍ତିରେ ଜଣେ ଯୁବକଙ୍କୁ ଅଭିଯୁକ୍ତମାନେ ଗୋଡ଼ାଇ ଗୋଡ଼ାଇ ଖଣ୍ଡାରେ ମରଣାନ୍ତକ ଆକ୍ରମଣ କରିଛନ୍ତି। ଆହତ ଯୁବକ ହେଲେ ଉକ୍ତ ବସ୍ତିର ବସନ୍ତ ମଲ୍ଲିକ। ତାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପୋଲିସ ଉଦ୍ଧାର କରି କ୍ୟାପିଟାଲ୍ ହସ୍ପିଟାଲ୍‌ରେ ଭର୍ତ୍ତି କରିଛି। ସୂଚନାଯୋଗ୍ୟ, ପଥରବନ୍ଧ ବସ୍ତିରେ ଥିବା ଟାଇଗର୍ କ୍ଲବ୍‌ରେ କେତେଜଣ ଯୁବକ ମଦ୍ୟପାନ କରି ହୋ-ହଲ୍ଲା କରୁଥିଲେ। ଏହି ସମୟରେ ଶାନ୍ତିପଲ୍ଲୀ ବସ୍ତିର ୪ରୁ ୭ଜଣ ଯୁବକ ମାରଣାସ୍ତ୍ର ଧରି ପହଞ୍ଚି ବସନ୍ତଙ୍କୁ ପ୍ରଥମେ ଗାଳିଗୁଲଜ ଓ ଧକ୍କା ମାରିବା ପରେ ହଠାତ୍ ଖଣ୍ଡାରେ ଆକ୍ରମଣ କରିଥିଲେ। ବସନ୍ତ ଜୀବନ ବିକଳରେ କ୍ଲବରୁ ବାହାରି ଦୌଡ଼ିବା ସମୟରେ ତାଙ୍କୁ ୪ରୁ ୫ଜଣ ଯୁବକ ଘେରିଯାଇ ମାଡ଼ ମାରିବା ପରେ ଖଣ୍ଡାରେ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ପାଟିଶୁଣି ଆସିବା ପରେ ଅଭିଯୁକ୍ତମାନେ ଫେରାର୍ ହୋଇଯାଇଥିଲେ। ଏହି ଆକ୍ରମଣ ପଛରେ ପୂର୍ବଶତ୍ରୁତା ରହିଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।






# ସାହିତ୍ୟର ମୁଖ୍ୟ ଅଙ୍ଗ ହେଉଛି କବିତା




ଭୁବନେଶ୍ୱର, ୭।୧୧ (ବନ୍ଦନା ସେଠୀ)

**ପ୍ରଦ୍ୟୁମ୍ନ ବଳଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ**

ପ୍ରଦ୍ୟୁମ୍ନ ବଳଙ୍କ ୯୩ତମ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ଶୁକ୍ରବାର ପ୍ରଗତିବାଦୀ କାର୍ଯ୍ୟାଳୟ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ଦୁଇଦିନ ଧରି ହେବାକୁ ଥିବା ଏହି ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବର ପ୍ରଥମ ଦିନରେ ଦୁଇଟି ଅଧିବେଶନ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଅଧିବେଶନରେ 'କବିତା ପାଠୋତ୍ସବ' ଓ ଦ୍ୱିତୀୟ ଅଧିବେଶନରେ 'ସାରସ୍ୱତ ସଭା ଓ ସମ୍ବର୍ଦ୍ଧନା' ଉତ୍ସବ ଆୟୋଜିତ ହୋଇଥିଲା। ବରିଷ୍ଠ କବି ଶ୍ରୁତକିର୍ତ୍ତୀ ତ୍ରିପାଠୀଙ୍କ ସଂଯୋଜନାରେ ଆୟୋଜିତ ପ୍ରଥମ ଅଧିବେଶନରେ କବି କ୍ଷଣପ୍ରଭା ଷଡଙ୍ଗୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ପ୍ରଫେସର ସଙ୍ଘମିତା ମିଶ୍ର ଯୋଗଦେଇ କହିଲେ, ସାହିତ୍ୟର ମୁଖ୍ୟ ଅଙ୍ଗ ହେଉଛି କବିତା। ଏହା ଆମକୁ କବିତା ମାଧ୍ୟମରେ ନିଜ ସହିତ ଯୋଡେ, ପଡୋଶୀ ସହିତ ଯୋଡେ ଏବଂ ତତ୍‌ସହିତ ପରମାତ୍ମାଙ୍କ ସହିତ ଯୋଡିଥାଏ। ସମ୍ମାନିତ ଅତିଥି ଭାବେ ପ୍ରଫେସର ଗୋପାଳକୃଷ୍ଣ ଆଚାର୍ଯ୍ୟ କହିଲେ, ସମାଜରେ ନିଷ୍ପେଶିତ ଓ ଦଳିତଙ୍କ ସ୍ୱରକୁ ସାଣିତ କରୁଥିବା ବେସାଲିସ ସାମ୍ବାଦିକଙ୍କ ଜୀବନକୁ ଦେଖିଲେ ପ୍ରଥମେ ପ୍ରଦ୍ୟୁମ୍ନ ବଳଙ୍କ ନାଁ ଆସିବ। ବିଶିଷ୍ଟ ଅତିଥିଭାବେ ସୁଲେଖିକା ଝରଣା ପଟ୍ଟନାୟକ କହିଲେ, ପ୍ରଦ୍ୟୁମ୍ନବଳ ଜଣେ ସମାଜବାଦୀ ଚିନ୍ତା ଧାରାର ମଣିଷ ଥିଲେ। କବିଙ୍କ ମନକୁ ଜୁଆର୍ ଆସିଲେ ତାହା କବିତାର ରୂପ ନିଏ। ସମାରୋହରେ ସଭାପତିତ୍ୱ କରି କବି ରକ୍ଷକ ନାୟକ ନିଜ କବିତା 'ମୋ ଆଖିରେ' ଆବୃତ୍ତି କରିଥିଲେ। ବିଶିଷ୍ଟ କବିଙ୍କୁ ନେଇ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା।

# ସରକାରୀ ଜାଗାରେ ଥିବା ଅଭିଯୁକ୍ତର ଦୋକାନ ଭାଙ୍ଗିଲା ପୋଲିସ୍

ଭୁବନେଶ୍ୱର, ୭।୧୧ (ତ୍ରିନାଥ ମହାନ୍ତି)

**ବିଲ୍ଡର ସସ୍ମିତ ବିଶ୍ୱାଳ ହତ୍ୟା ମାମଲା**

ବିଲ୍ଡର ସସ୍ମିତ ବିଶ୍ୱାଳ ହତ୍ୟା ମାମଲାରେ ଶୁକ୍ରବାର ପୋଲିସ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଫେରାର ଥିବା ଅଭିଯୁକ୍ତଙ୍କ ସରକାରୀ ଜାଗାରେ ଥିବା ଅଭିଯୁକ୍ତଙ୍କ ଦୋକାନ ଭାଙ୍ଗିଛି। ଏୟାରଫିଲ୍ଡ ଥାନା ପ୍ରଧାନସାହିରେ ଥିବା ୪ଟି ଦୋକାନକୁ ଭଙ୍ଗାଯାଇଛି। ଫେରାର ଥିବା ୪ଜଣ ଅଭିଯୁକ୍ତ ସରକାରୀ ଜାଗାକୁ ଜବରଦସ୍ତି କରାୟତ କରି ଦୋକାନ ଖୋଲି ଭଡ଼ା ଦେଇଥିଲେ। ପୋଲିସ୍ ତଦନ୍ତ ସମୟରେ ସରକାରୀ ଜାଗା ଜବରଦଖଲ ସମ୍ପର୍କରେ ଜାଣିବା ପରେ ବିଏମ୍‌ସିକୁ ଚିଠି ଲେଖିଥିଲା। ଆଜି ଏୟାରଫିଲ୍ଡ ଥାନା ପୁଲିସ ସହାୟତାରେ ଉକ୍ତ ସରକାରୀ ଜାଗାରେ ଥିବା ୪ଟି ଦୋକାନକୁ ଭାଙ୍ଗି ଦିଆଯାଇଛି। ଏହିଭଳି ଯଦି ଅପରାଧିମାନେ ସରକାରୀ ଜାଗାକୁ କରାୟତ କରି ଗୁଣ୍ଡାରାଜ ଚଲାନ୍ତି। ତେବେ ପୁଲିସ ବେଆଇନ୍ ଭାବେ ନିର୍ମାଣ ଘରକୁ ଭାଙ୍ଗିବ।

ଗତ ଏପ୍ରିଲ ୧୧ ତାରିଖରେ ଜାଗା ବିବାଦକୁ କେନ୍ଦ୍ରକରି ବିଲ୍ଡର ସସ୍ମିତ ଏବଂ ଅଭିଯୁକ୍ତଙ୍କ ମଧ୍ୟରେ ଶତ୍ରୁତା ରହିଥିଲା। ଏକ ଜମିକୁ ଛାଡ଼ି ଦେବାକୁ ଅଭିଯୁକ୍ତମାନେ କହିବା ସହ ଧମକ ଦେଇଥିଲେ। କିନ୍ତୁ ସସ୍ମିତ ରାଜି ନହେବାରୁ ଗତ ଏପ୍ରିଲ ୧୧ ତାରିଖରେ ତାଙ୍କୁ ଏକାକୀ ପାଇ କାଠ ଫାଳିଆରେ ଅଭିଯୁକ୍ତମାନେ ପିଟିପିଟି ହତ୍ୟା କରି ନିକଟ କାଜୁ ଜଙ୍ଗଲରେ ଫିଙ୍ଗି ଦେଇଥିଲେ। ପୁଲିସ ଏନେଇ ହତ୍ୟା ମାମଲା ରୁଜୁ କରି ୪ଜଣଙ୍କୁ ଗିରଫ କରିଥିବା ବେଳେ ୨ଜଣ କୋର୍ଟରେ ଆତ୍ମସମର୍ପଣ କରିଥିଲେ। ଏହି ମାମଲାରେ ଏବେବି ୪ଜଣ ଫେରାରୀ ଅଛନ୍ତି।

# ହାଇୱା ପାଇଁ ୧ ଘଣ୍ଟା ରାସ୍ତା ଜାମ୍

ବାରଙ୍ଗ, ୭।୧୧(ଲିଙ୍ଗରାଜ ରାଉତ)

ତ୍ରିଶୂଳିଆ ଟ୍ରାଫିକ୍ ସିଗ୍‌ନାଲ ଛକ ଉପରେ ଏକ ଗାଡ଼ି ଯାନ୍ତ୍ରିକତ୍ରୁଟି ଯୋଗୁ ଖରାପ ହୋଇଯିବାରୁ ପ୍ରାୟ ୧ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଟ୍ରାଫିକ୍ ସମସ୍ୟା ଦେଖାଦେଇଥିଲା। ଗାଡ଼ିକୁ ରାସ୍ତାରୁ ହଟାଇବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

ପ୍ରକାଶ ଯେ, ଟିପ୍ପ ବୋଝେଇ ହାଇୱା (ଓଡି-୧୫-ଟି-୦୨୯୮) ବାଙ୍କୀରୁ ବାଲିକୁଦା ଆଡ଼କୁ ଯାଉଥିଲା। ତ୍ରିଶୂଳିଆ ଟ୍ରାଫିକ୍ ଛକ ଉପରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଛକମଝିରେ ଗାଡ଼ିଟି ଅଟକି ଯାଇଥିଲା। ଫଳରେ ୧ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ପର୍ଯ୍ୟନ୍ତ ଛକ ଜାମ୍ ହୋଇ ରହିଥିଲା। ଫଳସ୍ୱରୂପ ତ୍ରିଶୂଳିଆ ଛକରୁ ବାଙ୍କୀ, ବାରଙ୍ଗ, ବାଲିକୁଦା ଓ କଟକକୁ ସଂଯୋଗ ରାସ୍ତାରେ ସମ୍ପୂର୍ଣ୍ଣରୂପେ ଯାତାୟାତ ଠପ୍ ହୋଇଯାଇଥିଲା। ପୋଲିସ ଆସି ୧ ଘଣ୍ଟା ପରେ ଅଚଳ ଗାଡ଼ିକୁ ରାସ୍ତାରୁ ହଟାଇବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ଏହି ଭିଡ଼ ମଧ୍ୟରେ ଏକ ଆମ୍ବୁଲାନ୍ସ ମଧ୍ୟ ଦୀର୍ଘସମୟ ପର୍ଯ୍ୟନ୍ତ ଫସି ରହିଥିଲା। ଭୁବନେଶ୍ୱରରୁ କଟକକୁ ସଂଯୋଗ କରୁଥିବା ବାରଙ୍ଗ ରାସ୍ତା ସର୍ବଦା ଜନଗହଳିପୂର୍ଣ୍ଣ ରାସ୍ତାରେ ପରିଣତ ହୋଇଛି। ବିଶେଷକରି ତ୍ରିଶୂଳିଆ ଛକ ବ୍ୟବସାୟର ପେଣ୍ଠସ୍ଥଳ ପାଲଟିଛି। ତ୍ରିଶୂଳିଆ ଟ୍ରାଫିକ୍ ସିଗ୍‌ନାଲ ବହୁ ବର୍ଷ ହେବ କାର୍ଯ୍ୟକ୍ଷମ ହୋଇ ନ ଥିବା ଓ ଟ୍ରାଫିକ୍ ପୋଲିସ ସବୁ ସମୟରେ ନ ରହିବା କାରଣରୁ ବହୁ ସମୟରେ ଏହି ସ୍ଥାନରେ ଟ୍ରାଫିକ୍ ସମସ୍ୟା ସାଙ୍ଗକୁ ଦୁର୍ଘଟଣାମାନ ଘଟୁଛି, ଯେଉଁଥିପାଇଁ ସାଧାରଣ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।


केनरा बैंक Canara Bank

ସିଣ୍ଡିକେଟ Syndicate

**କାନାରା ବ୍ୟାଙ୍କ, କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ**
ଶ୍ରୀଜୀ କମ୍ପ୍ଲେକ୍ସ, କଟକ ଟାଉନ୍, ୟୁନିଟ୍ ନଂ.୧୭, ମାଛୁଆ ବଜାର, ପାଣ୍ଡାଲୁକ୍ସ ପଛପାର୍ଶ୍ୱ, କଟକ - ୭୫୩୦୦୧

**ଡିମାଣ୍ଡ ନୋଟିସ୍**
ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନ୍ତର୍ଗତ ଧାରା ୧୩(୨)ଅନୁଯାୟୀ ଡିମାଣ୍ଡ ନୋଟିସ୍

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ସୁରକ୍ଷିତ ଋଣଦାତାଭାବେ **କାନାରା ବ୍ୟାଙ୍କ** ଦ୍ୱାରା ଜାରି କରାଯାଇଥିବା ଡିମାଣ୍ଡ ନୋଟିସ୍ ଯାହା ଏହାର ନିମ୍ନଲିଖିତ ଶାଖାର ଋଣଗ୍ରହୀତା/ବନ୍ଧକଦାତାଙ୍କ ନିମନ୍ତେ ତାହାର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

| ଶାଖା / ଋଣଗ୍ରହୀତା / ବନ୍ଧକଦାତାଙ୍କ ନାମ ଓ ଠିକଣା | (କ) ଋଣ/ମଞ୍ଜୁରି ଋଣ / (ଖ) ଏନ୍‌ପିଏ ତାରିଖ / (ଗ) ଡିମାଣ୍ଡ ନୋଟିସ୍ ତାରିଖ | ନିର୍ଦ୍ଧାରିତ ତାରିଖ ପର୍ଯ୍ୟନ୍ତ ମୋଟ ବକେୟା ପରିମାଣ | ବ୍ୟାଙ୍କରେ ବନ୍ଧକ ଥିବା ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|
| **ଅଡଶପୁର ଶାଖା** (୧)**ଶ୍ରୀମତୀ ମିଲି ସ୍ୱାଇଁ (ଋଣଗ୍ରହୀତା ଏବଂ ବନ୍ଧକଦାତା)**, ସ୍ୱା: ଶ୍ରୀ କୈଳାଶ ସ୍ୱାଇଁ, (୨)**ଶ୍ରୀ କୈଳାଶ ସ୍ୱାଇଁ (ଋଣଗ୍ରହୀତା)**, ପିତା: ଶ୍ରୀ ବୃନ୍ଦାବନ ସ୍ୱାଇଁ, ଉଭୟଙ୍କ ଠିକଣା: ସା/ପୋ.- ଅଡଶପୁର, ଥାନା: ଓଲଟପୁର, ଜିଲ୍ଲା: କଟକ, ଓଡିଶା, ପିନ୍-୭୫୪୦୧୧। | (କ)ଟ.୫,୦୦,୦୦୦/- / (ଖ) ୦୫.୧୧.୨୦୨୫ / (ଗ) ୦୬.୧୧.୨୦୨୫ | ୦୬.୧୧.୨୦୨୫ ସୁଦ୍ଧା ଟ.୧,୭୭,୬୦୩.୪୭ ସହିତ ପରବର୍ତ୍ତି ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ | **ଶ୍ରୀମତୀ ମିଲି ସ୍ୱାଇଁ** ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ ନଂ.୭୬୯/୬୮୭୩, ମ୍ୟୁଟେସନ ଖାତା ନଂ.୧୧୮୭/୬୬୯, ମୌଜା: ଅଡଶପୁର, ଥାନା: ଓଲଟପୁର, ତହସିଲି: କଣ୍ଟାପଡା, ଏରିଆ: ଏ୦.୦୬୦ ଡିସିମିଲି, କିସମ: ଘରବାରୀ, ଉପଜିଲ୍ଲା: ନିଆଳି ରେ ରେଜିଷ୍ଟ୍ରିଭୁକ୍ତ, ଜିଲ୍ଲା: କଟକ, ଚାରିପାର୍ଶ୍ୱରେ: ଉତ୍ତର- ଉର୍ବଶି ଜେନା, ଦକ୍ଷିଣ- ପବନି ନାୟକ, ପୂର୍ବ- ରଘୁନାଥ ବିଶ୍ୱାଳ, ପଶ୍ଚିମ- ରାସ୍ତା। |

ଆପଣ, ଉପରୋକ୍ତ ଋଣଗ୍ରହୀତା/ବନ୍ଧକଦାତା ଆମର ଉପରଦର୍ଶିତ ଶାଖା ସହ ଚୁକ୍ତିନାମା ଅନୁଯାୟୀ ଉପରୋକ୍ତ ସାରଣୀରେ ଦର୍ଶାଯାଇଥିବା ଋଣ ଏବଂ ତତ୍‌ପରବର୍ତ୍ତି ସୁଧ ପଇଠ କରିବାରେ ଅସମର୍ଥ ହୋଇଛନ୍ତି। ଉପର ଦର୍ଶାଯାଇଥିବା ସାରଣୀରେ ଉଲ୍ଲିଖିତ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆଇନ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରି କରାଯାଇଥିଲା। ଋଣ ପରିଶୋଧରେ ଅନିୟମିତତା ଯୋଗୁଁ ଆପଣଙ୍କ ଆକାଉଣ୍ଟ ଅଣକାର୍ଯ୍ୟକାରୀ ସମ୍ପତ୍ତିରେ ପରିଣତ ହୋଇଛି। ଏତଦ୍ ଦ୍ୱାର ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି ଏହି ନୋଟିସ୍ ପ୍ରକାଶନର **୬୦ ଦିନ** ମଧ୍ୟରେ ଆପଣମାନେ ସୁରକ୍ଷିତ ଋଣଦାତାଙ୍କ (ବ୍ୟାଙ୍କ) ନିକଟରେ ସମସ୍ତ ବକେୟା ଦେୟ (ଧାର୍ଯ୍ୟ ତାରିଖ ସୁଦ୍ଧା) ସହିତ ସେବାବଦ ଭବିଷ୍ୟତ ସୁଧ ପରିଶୋଧ କରିବେ ଅନ୍ୟଥା ଆମ୍ଭେ ଉପରୋକ୍ତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୪) ଏବଂ ଅନ୍ୟାନ୍ୟ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ ହେବୁ। ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟର ଧାରା ୧୩(୧୩) ନୟମାବଳୀ ଅନୁସାରେ ଆପଣ ଏହି ନୋଟିନ୍ ପ୍ରାପ୍ତି ପରେ ବ୍ୟାଙ୍କର ଲିଖିତ ସହମତି ବିନା ଉପର ବର୍ଣ୍ଣିତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରି କିମ୍ବା ଲିଜ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ। କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ-୨୦୦୨ ପ୍ରଦତ୍ତ କୌଣସି ବ୍ୟବସ୍ଥାରେ ହସ୍ତକ୍ଷେପ / ବାଧା ପହଞ୍ଚାଇବା ଅପରାଧ ଅଟେ। ଉପରୋକ୍ତ ଜାରି ନୋଟିସ୍ ଟି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ କିମ୍ବା ବଳବତ୍ତର ଥିବା ଅନ୍ୟକୌଣସି ଆଇନ ଅନୁଯାୟୀ ଏହା ଆମ୍ଭ ବ୍ୟାଙ୍କର କୌଣସି ଅଧୀକାରକୁ ପ୍ରତିହତ କରିବ ନାହିଁ। ଏହି ନୋଟିସ୍ ଅନୁସାରେ ଦାବି କରାଯାଇଥିବା ରାଶି ପରିଶୋଧ କରି ସମସ୍ତ ପ୍ରକାର ଅସୁବିଧାକୁ ପରିହାର କରନ୍ତୁ ଅନ୍ୟଥା ପରବର୍ତ୍ତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଆପଣ ସେବାବଦ ସମସ୍ତ ଖର୍ଚ୍ଚ ଓ ଫଳାଫଳ ନିମନ୍ତେ ଦାୟୀ ରହିବେ। ଉପଧାରା (୨)ରେ ଧାର୍ଯ୍ୟ ସମୟସୀମା ମଧ୍ୟରେ ଋଣଗ୍ରହୀତା/ବନ୍ଧକଦାତା ବକେୟା ରାଶି ସମ୍ପୂର୍ଣ୍ଣ ଭାବେ ପୈଠ ନକଲେ ସୁରକ୍ଷିତ ଋଣଦାତା ସୁରକ୍ଷିତ ଋଣ ରାଶି ଆଦାୟ କରିବା ନିମନ୍ତେ ନିମ୍ନଲିଖିତ ପଦକ୍ଷେପ ମଧ୍ୟରୁ ଗୋଟିଏ କିମ୍ବା ଅଧୀକ ଗ୍ରହଣ କରିପାରନ୍ତି। (କ) ସୁରକ୍ଷିତ ଋଣ ରାଶି ଆଦାୟ ନିମନ୍ତେ ଋଣଗ୍ରହୀତାଙ୍କ ସୁରକ୍ଷିତ ପରିଚାଳନାକୁ ଟେକ୍ ଓଭର କରିବା ସହିତ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ କରିବା ଅଧିକାର ରହିଛି। (ଖ) ଉଲ୍ଲେଖଯୋଗ୍ୟକି ଋଣଗ୍ରହୀତାଙ୍କ ବ୍ୟବସାୟର ଅଧିକାଂଶ ଭାଗ ଋଣ ପାଇଁ ବନ୍ଧକ ଥିଲେ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ ଅଧିକାର ପ୍ରୟୋଗ କରାଯାଇପାରିବ।

ତାରିଖ: ୦୭.୧୧.୨୦୨୫, ସ୍ଥାନ: କଟକ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ


# ୧୦ ଟଙ୍କା ପାଇଁ ଦୋକାନୀଙ୍କୁ ଆକ୍ରମଣ

ଭୁବନେଶ୍ୱର,୭।୧୧(ସତ୍ୟଜିତ ରାଉତ)

ପମ୍ପ ଦୋକାନକୁ ଆସି ବାଇକରେ ପ୍ରେସର ଦେଲେ। ମାତ୍ର ୧୦ ଟଙ୍କା ମାଗିବାରୁ ସଙ୍ଘବଦ୍ଧ ଭାବେ ଆକ୍ରମଣ କଲେ। ମଞ୍ଚେଶ୍ୱର ବ୍ୟାଙ୍କ ଛକରେ ଶୁକ୍ରବାର ସନ୍ଧ୍ୟାରେ ଏଭଳି ଘଟଣା ଘଟିଛି। ଆକ୍ରମଣର ଶିକାର ଦୋକାନୀ ହେଲେ ମହମ୍ମଦ ଜାଫର୍। ଏନେଇ ସେ ମଞ୍ଚେଶ୍ୱର ଥାନାରେ ଏତଲା ଦେଇଛନ୍ତି। ପୋଲିସ ମାମଲା ରୁଜୁ ଘଟଣାର ତଦନ୍ତ ଆରମ୍ଭ କରିଛି। ଆକ୍ରମଣର ଶିକାର ଦୋକାନୀ ଜାଫର୍‌ଙ୍କ ଏତଲା ଅନୁଯାୟୀ, ସନ୍ଧ୍ୟାରେ ପଥରବନ୍ଧର ଜଣେ ଯୁବକ ବାଇକରେ ଆସି ଆସି ପ୍ରେସର ଦେଇଥିଲେ। ଏଥିପାଇଁ ସେ ୧୦ ଟଙ୍କା ମାଗିଥିଲେ। ହେଲେ ସେ ଟଙ୍କା ଦେବାକୁ ମନା କରି ଗାଳିଗୁଲଜ କରିଥିଲେ। ପାଖ ଦୋକାନୀମାନେ ପ୍ରତିବାଦ କରିବାରୁ ସେ ପଳାଇଯାଇଥିଲେ। ଏହାପରେ ୫ରୁ ୭ ଜଣ ଗୁଣ୍ଡାଙ୍କୁ ସହ ଆସି ମହମ୍ମଦଙ୍କ ଗଞ୍ଜିକୁ ଛିଣ୍ଡାଇ ମାରପିଟ୍ କରିଥିଲେ। ଏହାପରେ ସେମାନେ ସେଠାରୁ ଚାଲିଯିବା ସହ ଧମକ ଦେଇଥିଲେ। ଶନିବାର ସକାଳୁ ଦୋକାନ ନ ଖୋଲିବାକୁ ଚେତାବନୀ ଦେଇଥିଲେ। ଅସାମାଜିକ ଯୁବକଙ୍କ ଏଭଳି କାଣ୍ଡକୁ ନେଇ ସ୍ଥାନୀୟ ଅଞ୍ଚଳର ଦୋକାନୀମାନେ ପ୍ରତିବାଦ କରିଛନ୍ତି।




**୧୩୩୦ ଲିଟର ମଦ ଜବତ**

**ଡିଗିରିଆ,(ଜାଫର ଖାଁ):** ଡିଗିରିଆ ଥାନା ଅନ୍ତର୍ଗତ ଭିରୁଡ଼ା ପଞ୍ଚାୟତସ୍ଥିତ ଭିରୁଡ଼ା ଗ୍ରାମର ଉପରଗଡ଼, ଗରପଡ଼ା, ପାଇକସାହି ଓ ଅଚଳକୋଟ ପଞ୍ଚାୟତର ହରିଡ଼ାପଶି ଗ୍ରାମରେ ଆଠଗଡ଼ ଅବକାରୀ ବିଭାଗ, ବାଙ୍କୀ ଅବକାରୀ ଥାନା, ନରସିଂହପୁର ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର ମିଳିତ ଚଢ଼ାଉ କରାଯାଇଥିଲା। ଏହି ସମୟରେ ୧୩୩୦ ଲିଟର ଦେଶୀମଦ ଜବତ କରାଯାଇଥିବାବେଳେ ୧୦,୯୯୦ ଲିଟର ପୋଚ ନଷ୍ଟ କରାଯାଇଛି। ଏନେଇ ବିଭାଗ ପକ୍ଷରୁ ୪ଟି ମାମଲା ରୁଜୁ କରାଯାଇଥିବା ବେଳେ କାହାରିକୁ ଗିରଫ କରାଯାଇନାହିଁ। ଚଢ଼ାଉରେ ଆଠଗଡ଼ ଅବକାରୀ ଉପଅଧୀକ୍ଷକ ସିଏଚ୍ ତିରୁପତି, ଆଠଗଡ଼ ଅବକାରୀ ନିରୀକ୍ଷକ ରବିନାରାୟଣ ପ୍ରଧାନ, ଉପ ନିରୀକ୍ଷକ ସୌମ୍ୟରଞ୍ଜନ ମାଝୀ, ବାଙ୍କୀ ଅବକାରୀ ଉପନିରୀକ୍ଷକ ବିଶ୍ୱଜିତ୍ ଆରୁଖ ପ୍ରମୁଖ ସାମିଲ ହୋଇଥିଲେ।





ଡିଗିରିଆ ବ୍ଲକ ଅନ୍ତର୍ଗତ ବିନ୍ଧାଣିମାରେ ଶୁକ୍ରବାର କାର୍ତ୍ତିକେଶ୍ୱରଙ୍କ ମେଢ଼ଗୁଡ଼ିକୁ ଭସାଣି ଶୋଭାଯାତ୍ରାରେ ନିଆଯାଉଛି।

# ଭୋଟର ସହାୟତା କେନ୍ଦ୍ର ଉଦ୍‌ଘାଟିତ

କଟକ,୭।୧୧(ଶିଳ୍ପା ପ୍ରିୟଦର୍ଶିନୀ)

ବାଲିଯାତ୍ରାରେ ଭୋଟର ସହାୟତା କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ସ୍ୱତନ୍ତ୍ର ଶାସନ ସଚିବ ସୁଶାନ୍ତ କୁମାର ମିଶ୍ର ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଛନ୍ତି। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ଓ ସ୍ଥାନୀୟ ନିର୍ବାଚନ ବିଭାଗର ମିଳିତ ଆନୁକୂଲ୍ୟରେ ଐତିହାସିକ ବାଲିଯାତ୍ରା କଟକରେ ଭୋଟର ତାଲିକାରେ ଶତପ୍ରତିଶତ ନାମ ପଞ୍ଜୀକରଣ, ମତଦାନର ମହତ୍ତ୍ୱ ଆଦି ବିଭିନ୍ନ ବିଷୟରେ ସଚେତନ କରି ଭାରତୀୟ ଗଣତନ୍ତ୍ରକୁ ଅଧିକରୁ ଅଧିକ ମଜଭୁତ କରିବାର ଉଦ୍ଦେଶ୍ୟ ନେଇ ଭୋଟର ସହାୟତା କେନ୍ଦ୍ର କରାଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ଶିବ ଟପ୍ପୋ, ଉପଜିଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ଅତିରିକ୍ତ ଶାସନ ସଚିବ ରାମଚନ୍ଦ୍ର କିସ୍କୁ, ଯୁଗ୍ମ ଶାସନ ସଚିବ ସଞ୍ଜୟ ଲୁଗୁନ, ଯୁଗ୍ମ ଶାସନ ସଚିବ ଗୋପୀନାଥ କୁଁଅର, ଉପମୁଖ୍ୟ ନିର୍ବାଚନ ଅଧିକାରୀ ଡ. ଲକ୍ଷ୍ମୀପ୍ରସାଦ ସାହୁ, ଉପଶାସନ ସଚିବ ପଦ୍ମଜା ଦାସଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି କେନ୍ଦ୍ରରେ ତଥ୍ୟଯୁକ୍ତ ଷ୍ଟାଣ୍ଡି, ଏଲଇଡି ଏବଂ ସ୍ଥାନୀୟ ନିର୍ବାଚନ ବିଭାଗର କର୍ମଚାରୀଙ୍କ ଦ୍ୱାରା ଜନସାଧାରଣ ବିଶେଷକରି ଛାତ୍ରୀଛାତ୍ରମାନଙ୍କୁ ନୂଆ ଭୋଟର ଭାବେ ନାମ ପଞ୍ଜୀକରଣ (ଫର୍ମ ୬), ନାମ ଅପସାରଣ (ଫର୍ମ ୭), ଭ୍ରମ ସଂଶୋଧନ (ଫର୍ମ ୮) ଓ ଆଧାର ସହ ଭୋଟର କାର୍ଡ ସଂଯୋଗୀକରଣ (ଫର୍ମ ୬ ଖ) ଆଦି ବିଷୟରେ ସୂଚନା ପ୍ରଦାନ କରାଯାଉଛି। ଭାରତ ନିର୍ବାଚନ ଆୟୋଗ ପକ୍ଷରୁ ଭାରତୀୟ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ଗତ ୬ ମାସ ମଧ୍ୟରେ ନେଇଥିବା ୩୦ଟି ନୂଆ ପଦକ୍ଷେପ ସମ୍ପର୍କରେ ଜନସାଧାରଣଙ୍କୁ ସୂଚନା ଦିଆଯାଉଛି।



ବାଲିଯାତ୍ରା ପଡ଼ିଆରେ ଭୋଟର ସହାୟତା କେନ୍ଦ୍ର ଉଦ୍‌ଘାଟନ କରାଯାଉଛି।

## ପୋଖରୀରେ ବୁଡ଼ି ବୃଦ୍ଧା ମୃତ

ବାଙ୍କୀ, ୭।୧୧
(ଶୁଭେନ୍ଦୁ ମହାପାତ୍ର/ସୁବ୍ରତ କୁମାର ନାୟକ)

ବାଙ୍କୀ ଉପଖଣ୍ଡ ଡମପଡ଼ା ବ୍ଲକ ଅନ୍ତର୍ଗତ ଢଁସର ପଞ୍ଚାୟତସ୍ଥିତ ପାଟଣା ଗ୍ରାମରେ ପୋଖରୀରେ ବୁଡ଼ିଯିବାରୁ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଢଁସର ପାଟେଣା ସାହିର ଗୁରେଇ ବସ୍ତି( ୭୧)। ସେ ସକାଳେ ଗାଧୋଇବାକୁ ଯାଇଥିବାବେଳେ ଗୋଡ଼ ଖସିଯିବାରୁ ପାଣିରେ ବୁଡ଼ିଯାଇଥିଲେ। ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ପୋଖରୀରୁ ଗୁରେଇଙ୍କୁ ଉଦ୍ଧାର କରି ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

# ଶାନ୍ତିଶୃଙ୍ଖଳାରେ ସରିଲା ବିନ୍ଧାଣିମା କାର୍ତ୍ତିକେଶ୍ୱରଙ୍କ ଭସାଣି

ଡିଗିରିଆ,୭।୧୧(ଜାଫର ଖାଁ)

ଡିଗିରିଆ ବ୍ଲକ ଅନ୍ତର୍ଗତ ବିନ୍ଧାଣିମାରେ ଚାଲିଥିବା କାର୍ତ୍ତିକେଶ୍ୱର ଯାତ୍ରାର ଭସାଣି ପର୍ବ ଶୁକ୍ରବାର ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଛି। ବୁଧବାର ମା’ ଲୋଭୀ ଠାକୁରାଣୀଙ୍କ ମୁଣ୍ଡନ ଯାତ୍ରା ଉଦ୍‌ଯାପିତ ହୋଇଥିବା ବେଳେ ପରଦିନ ଗୁରୁବାର ଥିବାରୁ ଶୁକ୍ରବାର କାର୍ତ୍ତିକେଶ୍ୱରଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି।

ଏହି ଉପଲକ୍ଷେ ସର୍ବପ୍ରଥମେ ୧୮ଟି ପୂଜା କମିଟିର ମେଢ଼ ପୂର୍ବାହ୍ନ ସମୟରେ ହାଟ ଛକ ନିକଟରେ ଏକତ୍ରିତ ହୋଇଥିଲେ। ସେଠାରେ ସମସ୍ତ ପୂଜା କମିଟିର ସଭାପତି ଓ ଯାତ୍ରା ମହୋତ୍ସବର ସମସ୍ତ କର୍ମକର୍ତ୍ତାଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ପୂର୍ବ ନିର୍ଦ୍ଧାରିତ ନିୟମ ଅନୁଯାୟୀ ପେଣ୍ଡାଲ ପୂଜା କମିଟିର ମେଢ଼, ହାଟଛକ ପୂଜା କମିଟି, କୁଞ୍ଜବିହାରିପୁର ଶାସନ ପୂଜା କମିଟି, କଳ୍ପନା ଛକ, ଜଗନ୍ନାଥ ସାହି, ବଡ଼ପାଇକ ସାହି, ଚଣ୍ଡୀ ସାହି, ବଡ଼ କୁମ୍ଭାରସାହି, ବାଇପାସ୍ ପୂଜା କମିଟି, କରଣ ସାହି, ପାଟଣା ସାହି, ବସ୍‌ଷ୍ଟାଣ୍ଡ, ଜୟ ହିନ୍ଦ୍ କ୍ରୀଡ଼ା ଓ ସାଂସ୍କୃତିକ କ୍ଲବ୍, ବୃନ୍ଦାବନ ଜୀଉ ପୂଜା କମିଟି, କମଳେଇ ବିମଳେଇ ପୂଜା କମିଟି, ଶିବଶମ୍ଭୁ ପୂଜା କମିଟି, ହରିହରପୁର ଶାସନ ଓ ଶେଷରେ ମଠସାହି ପୂଜା କମିଟିର ମେଢ଼ ବିନ୍ଧାଣିମା ଗ୍ରାମ ପରିଭ୍ରମଣ କରିଥିଲା। ସନ୍ଧ୍ୟାରେ ବିନ୍ଧାଣିମା ମେଡିକାଲ ଛକ ନିକଟରେ ଭସାଣି ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ପରେ ମୃଣ୍ମୟ ମୂର୍ତ୍ତିଗୁଡ଼ିକୁ ଗାଇନାଳ, କୁସୁନ୍ଦା ପୋଖରୀ ଓ ରାଜୁଆଣୀ ପୋଖରୀରେ ବିସର୍ଜନ କରାଯାଇଛି।

ଭସାଣି ଉତ୍ସବକୁ ଶାନ୍ତିଶୃଙ୍ଖଳାର ସହ ପରିଚାଳନା ପାଇଁ ଡିଗିରିଆ ପୋଲିସ ସମେତ ଅତିରିକ୍ତ ଫୋର୍ସ ଉପସ୍ଥିତ ରହି ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରିଥିଲେ। ଭସାଣି କାର୍ଯ୍ୟକ୍ରମରେ ଯାତ୍ରା ମହାସଂଘ ସଭାପତି ବିଭୂତି ଭୂଷଣ ବେହେରା, ସମ୍ପାଦକ ଅଭିମନ୍ୟୁ ଜେନା, ସହସମ୍ପାଦକ ଶରତ କୁମାର ରାଉତ, କୋଷାଧ୍ୟକ୍ଷ ମିଟୁ ରାଉତ, ଉପସଭାପତି ଚକ୍ରଧର ରାଉତଙ୍କ ସମେତ ସମସ୍ତ ପୂଜା କମିଟିର ସଭାପତି, ସମ୍ପାଦକ ଓ ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଫାବୋ ଷ୍ଟଲ୍‌ରେ ଗୋଟିଏ କିଣିଲେ ଗୋଟେ ମାଗଣା

କଟକ,୭।୧୧(କାର୍ତ୍ତିକ ସାହୁ)

ବାଲିଯାତ୍ରା ପଡ଼ିଆର ଜେ-୯ ଷ୍ଟଲରେ ଆକର୍ଷିତ କରୁଛି ଫାବୋ କମ୍ପାନୀର ଖାଦ୍ୟ ସାମଗ୍ରୀ। ଖାସ୍ କରି ଯାତ୍ରୀମାନଙ୍କ ପାଇଁ ଗୋଟିଏ କିଣିଲେ ଗୋଟିଏ ମାଗଣାରେ ପାଇବାର ଅଫ୍‌ର ପ୍ରଦାନ କରାଯାଉଛି। ଭର୍ମିସେଲି, ସୋୟାବଡ଼ି, କର୍ନଫ୍ଲୋର, ଅଟା, ସୁଜି ଆଦି ଖାଦ୍ୟ ସାମଗ୍ରୀ ବିଭିନ୍ନ ଓଜନର ପ୍ୟାକେଟ ଗୋଟିକ ମୂଲ୍ୟରେ ୨ଟି ପାଇବାକୁ ଗ୍ରାହକମାନେ ବେଶ୍ ଭିଡ଼ ଜମାଉଛନ୍ତି। ଏହାବାଦ କମ୍ବୋ ଅଫରରେ ୨୧୫ ଟଙ୍କା ସାମଗ୍ରୀ କିଣିଲେ ପ୍ଲାଷ୍ଟିକ ବାଲଟି ଓ ୨୩୫ ଟଙ୍କାର ସାମଗ୍ରୀ କ୍ରୟରେ ଗୋଟିଏ ପ୍ଲାଷ୍ଟିକ ଟବ ମାଗଣା ଦିଆଯାଉଛି। କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ଶୁଭ୍ରଜିତ ସାହୁ ଏହି ଷ୍ଟଲକୁ ଉଦ୍‌ଘାଟନ କରିଛନ୍ତି।




ବାଲିଯାତ୍ରା ପଡ଼ିଆରେ ଖୋଲାଯାଇଥିବା ଫାବୋ ଷ୍ଟଲ୍।

# ହାତୀ ଆକ୍ରମଣରେ ବୃଦ୍ଧ ମୃତ

ମଙ୍ଗୁଳି-ଜଗତପୁର/ଚୌଦ୍ୱାର, ୭।୧୧(ମାନସ ସାମଲ/ଆଶୁତୋଷ ଦାସ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ସଫା ପଞ୍ଚାୟତ ଅଧୀନ ଅଭୟପୁର ଗ୍ରାମରେ ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ବୃଦ୍ଧ ଜଣଙ୍କ ହେଲେ ଉକ୍ତ ଗ୍ରାମର ବଟକୃଷ୍ଣ ବେହେରା (୬୫)। ସୂଚନା ମୁତାବକ, ଶୁକ୍ରବାର ଅପରାହ୍ନ ପ୍ରାୟ ୫ଟାରେ ବଟକୃଷ୍ଣ ଗ୍ରାମ ନିକଟସ୍ଥ ଏକ ଆଶ୍ରମ ରାସ୍ତାରେ ଯାଉଥିବା ସମୟରେ ହାତୀର ସମ୍ମୁଖୀନ ହୋଇଥିଲେ। ନିଜକୁ ବଞ୍ଚାଇବାକୁ ଚେଷ୍ଟା କରିଥଲେ ସୁଦ୍ଧା ହାତୀ ଦୌଡ଼ି ଆସି ବଟକୃଷ୍ଣଙ୍କୁ ଠେଲି ଦେଇ ଗୋଡ଼ରେ ଦଳି ଦେଇଥିଲା। ଫଳରେ ତାଙ୍କର ଗୋଟିଏ ଗୋଡ଼ ଛିଣ୍ଡି ଯାଇଥିଲା। ଗ୍ରାମବାସୀ ବନ ବିଭାଗକୁ ଖବର ଦେଲେ ସୁଦ୍ଧା ପ୍ରାୟ ଦେଢ଼ ଘଣ୍ଟା ପରେ ପହଞ୍ଚି ବଟକୃଷ୍ଣଙ୍କୁ ଆମ୍ବୁଲାନ୍ସ ସହାୟତାରେ କଟକ ବଡ଼ ମେଡ଼ିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗତ କିଛି ଦିନ ହେବ ଉକ୍ତ ଗ୍ରାମରେ ହାତୀ ଆତଙ୍କ ଚଳାଉଥିବା ବେଳେ ଗ୍ରାମବାସୀ ସ୍ଥାନୀୟ ଫରେଷ୍ଟର ଓ ରେଞ୍ଜରଙ୍କ ନିକଟକୁ ଫଟୋ ସହ ଅଭିଯୋଗ କରିଥିଲେ। କିନ୍ତୁ ବନ ବିଭାଗ ହାତୀ ଘଉଡ଼ାଇବା ପାଇଁ ତତ୍ପରତା ଦେଖାଇ ନ ଥିଲା । ଏଣୁ ବଟକୃଷ୍ଣଙ୍କ ମୃତ୍ୟୁ ପାଇଁ ବନ ବିଭାଗ ଦାୟୀ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ବଇରି ରେଞ୍ଜରଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

## ୨ ବାଇକ୍ ମୁହାଁମୁହିଁ ଧକ୍କା: ଜଣେ ମୃତ, ୨ ଗୁରୁତର

ବ୍ରାହ୍ମଣଝରିଲୋ, ୭।୧୧

କଟକ ସଦର ଥାନା ଅନ୍ତର୍ଗତ କୋରକରା ପଞ୍ଚାୟତସ୍ଥିତ ତରେଇସାହିଠାରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କାରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨ଜଣ ଗୁରତର ଆହତ ହୋଇଛନ୍ତି। ଆହତଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ଘଟଣାସ୍ଥଳରେ କଟକ ସଦର ପୋଲିସ ପହଞ୍ଚି ୨ଟି ବାଇକ୍ ଜବତ କରିଛି। ମୃତ ବ୍ୟକ୍ତି ବିରିଡ଼ି ଥାନା ଅଞ୍ଚଳର ସୁମନ ଭୋଇ ବୋଲି ଜଣାପଡ଼ିଥିବାବେଳେ ୨ ଆହତଙ୍କ ମଧ୍ୟରୁ ଜଣଙ୍କର ପରିଚୟ ମିଳିଛି। ସେ ହେଲେ କଟକ ସଦର ଥାନା ବିଶିପଦାର ପ୍ରଫୁଲ୍ଲ ନାୟକ (୪୫) ବୋଲି ସୂଚନା ମିଳିଛି।




# ଗଣ୍ଡରପୁର-ବେଣାଗାଡ଼ିଆ ଗୋଷ୍ଠୀ ସଂଘର୍ଷ

ତ୍ରିଶୁଳିଆ,୭।୧୧(ତୁଷାରକାନ୍ତ ବେହେରା)

ଗଣ୍ଡରପୁର ମାଝିସାହି, ଗୋକନପୁର ସାହି ଓ ବେଣାଗାଡ଼ିଆ ମଧ୍ୟରେ ସ୍କୁଲ ଗଡ଼ା ଛକରେ ଶୁକ୍ରବାର ସନ୍ଧ୍ୟାରେ ଗୋଷ୍ଠୀ ସଂଘର୍ଷ ହୋଇଥିଲା। ପରସ୍ପରକୁ କାଚ ବୋତଲ ଓ ଇଟା, ପଥର ଫିଙ୍ଗିବା ଫଳରେ ପରିସ୍ଥିତି ଏତେ ଭୟଙ୍କର ହୋଇଥିଲା ଯେ, ନଦୀ ବନ୍ଧ ରାସ୍ତାରେ ଭୟଭୀତ ହୋଇ କେହି ଯାଇ ନ ଥିଲେ। ପ୍ରାୟ ଅଧଘଣ୍ଟା ନନ୍ଦନକାନନ ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ଗତ ଏକ ସପ୍ତାହ ତଳେ ଗଣ୍ଡରପୁର ଗୋକନପୁର ସାହିର ଜଣେ ଝିଅ ବେଣାଗାଡିଆ ଗ୍ରାମର ପୁଅକୁ ବିବାହ କରିଥିଲେ। ବିବାହରେ ଆସିଥିବା ବେଣାଗାଡିଆ ଗ୍ରାମର ବରଯାତ୍ରୀଙ୍କ ସହିତ ଗଣ୍ଡଗୋଳ ହୋଇଥିଲା। ସେହି ପୁରୁଣା ଗଣ୍ଡଗୋଳକୁ କେନ୍ଦ୍ରକରି ଆଜିର ଗଣ୍ଡୋଗୋଳର ସୂତ୍ରପାତ ଘଟିଥିଲା। ପରିସ୍ଥିତି ଉତ୍ତେଜନା ପ୍ରବଣ ଥିବାରୁ ଉଭୟ ଗ୍ରାମର ମଧ୍ୟବର୍ତ୍ତି ସ୍କୁଲ ଗଡ଼ାରେ ପୋଲିସ ମୁତୟନ ଅଛନ୍ତି।

# ଖଣ୍ଡୁଆ ଦିବସ ପାଳିବାକୁ ଦାବି ଜଣାଇଲେ ବୁଣାକାର

ଡିଗିରିଆ,୭।୧୧(ଜାଫର ଖାଁ)

ଡିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣାସ୍ଥିତ ନମ୍ବର-୧ ବୁଣାକାର ତନ୍ତୁବାୟ ସହଯୋଗ ସମିତି ଲିଃ ପରିସରରେ ଶୁକ୍ରବାର ରାଷ୍ଟ୍ରଗୀତ ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ପାଳନ କରାଯାଇଛି। ଏଥିସହ ବୁଣାକାର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଠଗଡ଼ ସହକାରୀ ବୟନଶିଳ୍ପ ନିର୍ଦ୍ଦେଶକ ଜୟପ୍ରକାଶ ନାରାୟଣ ବିଶ୍ୱାଳ ସଭାପତିତ୍ୱ କରିଥିଲେ। ନୂଆପାଟଣା ନମ୍ବର-୧ ତନ୍ତୁବାୟ ସହଯୋଗ ସମିତି ଲିଃର ସଭାପତି କେଶବ ଚନ୍ଦ୍ର ପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଡିଗିରିଆ ତହସିଲ୍‌ଦାର ଅକ୍ଷୟ କୁମାର ପରିଡ଼ା ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଡିଗିରିଆ ଏବିଡିଓ ଯାଜ୍ଞସେନୀ ଗୋଚ୍ଛାୟତ, ସ୍ଥାନୀୟ ସରପଞ୍ଚ ସୋମନାଥ ଦାସ, ଆଠଗଡ଼ ବୟନଶିଳ୍ପ ଅନ୍ତର୍ଗତ ବୁଣାକାର ସମିତି ସମ୍ପାଦକ ସଂଘର ସଭାପତି ସଞ୍ଜୟ କୁମାର କର, ସମ୍ପାଦକ ପ୍ରେମାନନ୍ଦ କୁଣ୍ଡୁ, ବରିଷ୍ଠ ବୁଣାକାର ଜୟକୃଷ୍ଣ ଗୁଇଁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ରାଷ୍ଟ୍ରଗୀତ ବନ୍ଦେ ମାତରମ୍ ଗାନ କରାଯାଇଥିଲା। ଅତିଥିମାନେ ଭାରତୀୟଙ୍କ ପାଇଁ ଏହି ଗୀତର ମହତ୍ତ୍ୱ ସମ୍ପର୍କରେ ସୂଚନା ଦେଇଥିଲେ। ପରେ ସହକାରୀ ବୟନଶିଳ୍ପ ନିର୍ଦ୍ଦେଶକ ଉପସ୍ଥିତ ରହି ବୁଣାକାରମାନଙ୍କୁ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଇଥିବା ବିଭିନ୍ନ ଯୋଜନା ସମ୍ପର୍କରେ ସୂଚନା ଦିଆଯାଇଥିଲା। ଏସବୁ ଯୋଜନାର ସଫଳ ରୂପାୟନ ପାଇଁ ବୁଣାକାରମାନେ ସହଯୋଗ କରିବାକୁ ଆହ୍ୱାନ ଦିଆଯାଇଥିଲା। ଅନୁଷ୍ଠାନର ସଭାପତି ପାତ୍ର କହିଥିଲେ, ନୂଆପାଟଣା ଖଣ୍ଡୁଆ ଶାଢ଼ି ବିଶ୍ୱ ଦରବାରରେ ପ୍ରସିଦ୍ଧି ଲାଭ କରିଛି। ଏଠାକାର ବୁଣାକାରଙ୍କ ଉନ୍ନତି ତଥା ହସ୍ତତନ୍ତ ସାମଗ୍ରୀର ଚାହିଦା ବୃଦ୍ଧି ପାଇଁ ଗୋଟିଏ ଦିନ ଖଣ୍ଡୁଆ ଦିବସ ଭାବେ ପାଳନ ପାଇଁ ସହକାରୀ ବୟନଶିଳ୍ପ ନିର୍ଦ୍ଦେଶକ ବିଶ୍ୱାଳଙ୍କ ନିକଟରେ ଦାବି ରଖିଥିଲେ। କାର୍ଯ୍ୟକ୍ରମ ଶେଷରେ ଅଞ୍ଚଳର ବରିଷ୍ଠ ବୁଣାକାର ପ୍ରଦୀପ ବର୍ଦ୍ଧନ ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଷ୍ଠାନର ସମ୍ପାଦକ ହେମନ୍ତ କୁମାର କୁଣ୍ଡୁ, ବରିଷ୍ଠ ବୁଣାକାର ଅର୍ଜୁନ ପାଳଙ୍କ ସମେତ ଅନ୍ୟାନ୍ୟ ବୁଣାକାର ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥି ଓ ବୁଣାକାରମାନେ ଶପଥ ପାଠ କରୁଛନ୍ତି।

## ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ଉତ୍ସବ

ବାଙ୍କୀ,୭।୧୧(ଜ୍ଞାନେନ୍ଦ୍ର ମୋହନ ମିଶ୍ର/ଶୁଭେନ୍ଦୁ ମହାପାତ୍ର)

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ବନ୍ଦେ ମାତରମ୍‌ର ୧୫୦ବର୍ଷ ପୂର୍ତ୍ତି ଉତ୍ସବ କଲେଜ ପରିସରରେ ପାଳିତ ହୋଇଯାଇଛି। ପ୍ରଶାସନିକ ଅଧିକାରୀ ଡ. ଶୈଳେନ୍ଦ୍ର ଚନ୍ଦ୍ର ଦେଓ ଏଥିରେ ସଭାପତିତ୍ୱ କରିବା ସହିତ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟଅତିଥି ଭାବେ ଅଧକ୍ଷ ପ୍ରାଧ୍ୟାପକ ପ୍ରମୋଦ କୁମାର ପଣ୍ଡା ଯୋଗଦେଇ ବନ୍ଦେ ମାତରମ୍ ଦେଶପ୍ରେମର ବାର୍ତ୍ତା ପ୍ରଦାନ କରିଥାଏ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ଉପାଧକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇଥିଲେ।

**ରାଜ୍ୟସ୍ତରୀୟ ବାଳିକା କବାଡ଼ି ଟୁର୍ଣ୍ଣାମେଣ୍ଟ**

# କିସ୍ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଚାମ୍ପିୟନ

ବାଙ୍କୀ,୭।୧୧(ଜ୍ଞାନେନ୍ଦ୍ର ମୋହନ ମିଶ୍ର/ଶୁଭେନ୍ଦୁ ମହାପାତ୍ର)

ଓଡ଼ିଶା ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ଆନୁକୂଲ୍ୟରେ ବାଙ୍କୀ ରାଣୀ ଶୁକଦେଈ ମହିଳା ଉଚ୍ଚବିଦ୍ୟାଳୟ ସହାୟତାରେ ରାଣୀ ଶୁକଦେଈ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଖେଳ ପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ ୧୯ବର୍ଷରୁ କମ ବାଳିକା କବାଡି ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ୫ଦିନ ବ୍ୟାପି ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟରେ ୧୨ଟି ଦଳ ଅଂଶଗ୍ରହଣ କରିଥିଲେ।

ଫାଇନାଲ ମ୍ୟାଚ କିସ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଓ ମୁନିସ୍ୱାଲ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ରାଉରକେଲା ମଧ୍ୟରେ ଖେଳାଯାଇଥିଲା। ଏଥିରେ କିସ୍ ସ୍କୁଲ୍ ବିଜୟୀ ହୋଇ ଚାମ୍ପିୟନ ଘୋଷିତ ବେଳେ ରାଉରକେଲା ରନର୍ସ ଅପ୍ ହୋଇଛି। ଏନେଇ ଆୟୋଜିତ ପୁରସ୍କାର ବିତରଣି ଉତ୍ସବରେ ରାଣୀଶୁକଦେଈ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧକ୍ଷା କବିତା ମହାପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧକ୍ଷ ପ୍ରାଧ୍ୟାପକ ପ୍ରମୋଦ କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ରାଣୀ ଶୁକଦେଈ ମହିଳା ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷା ଜ୍ୟୋସ୍ନା ରାଣୀ ପଟ୍ଟନାୟକ, ବାଙ୍କୀ କଲେଜ କ୍ରୀଡା କ୍ଲବର ଉପସଭାପତି ଡ. ଶୈଳେନ୍ଦ୍ରଚନ୍ଦ୍ର ଦେଓ ପ୍ରମୁଖ ଯୋଗଦେଇଥିଲେ। କ୍ରୀଡା ଶିକ୍ଷକ ନିରଞ୍ଜନ ସାହୁ ଖେଳ ସମ୍ପର୍କରେ ସମ୍ୟକ୍ ସୂଚନା ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଟୁର୍ଣ୍ଣାମେଣ୍ଟକୁ ଅଶୋକ କୁମାର ଦାସ, ସୁମନ୍ତ ରାଉତ, ଜଗନ୍ନାଥ ଦଳେଇ, ନାରାୟଣ ଜେନା, କ୍ଷୀରୋଦ କୁମାର ପଟ୍ଟନାୟକ, ସମରେନ୍ଦ୍ର ନାୟକ, ବିଜୟ ମହାପାତ୍ର, ସ୍ନେହଲତା ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ରାଣୀ ଶକୁଦେଈ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ସମସ୍ତ ଅଧାପିକା ଓ କର୍ମଚାରୀ ଯୋଗ ଦେଇଥିଲେ। ଶେଷରେ କ୍ରୀଡା ଶିକ୍ଷକ ନିରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।




ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳି।


केनरा बैंक Canara Bank
ସିଣ୍ଡିକେଟ Syndicate

**କାନାରା ବ୍ୟାଙ୍କ, କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ**
ଶ୍ରୀଜୀ କମ୍ପ୍ଲେକ୍ସ, କଟକ ଟାଉନ୍, ୟୁନିଟ୍ ନଂ.୧୭, ମାଛୁଆ ବଜାର, ପାଣ୍ଟାଲୁନ୍ସ ପଛପାର୍ଶ୍ୱ, କଟକ - ୭୫୩୦୦୧

**ଡିମାଣ୍ଡ ନୋଟିସ୍**
ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନ୍ତର୍ଗତ ଧାରା ୧୩(୨)ଅନୁଯାୟୀ ଡିମାଣ୍ଡ ନୋଟିସ୍

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ସୁରକ୍ଷିତ ଋଣଦାତାଭାବେ **କାନାରା ବ୍ୟାଙ୍କ** ଦ୍ୱାରା ଜାରି କରାଯାଇଥିବା ଡିମାଣ୍ଡ ନୋଟିସ୍ ଯାହା ଏହାର ନିମ୍ନଲିଖିତ ଶାଖାର ଋଣଗ୍ରହୀତା/ବନ୍ଧକଦାତାଙ୍କ ନିମନ୍ତେ ତାହାର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

| ଶାଖା / ଋଣଗ୍ରହୀତା / ବନ୍ଧକଦାତାଙ୍କ ନାମ ଓ ଠିକଣା | (କ) ଋଣ/ମଞ୍ଜୁରି ଋଣ / (ଖ) ଏନ୍‌ପିଏ ତାରିଖ / (ଗ) ଡିମାଣ୍ଡ ନୋଟିସ୍ ତାରିଖ | ନିର୍ଦ୍ଧାରିତ ତାରିଖ ପର୍ଯ୍ୟନ୍ତ ମୋଟ ବକେୟା ପରିମାଣ | ବ୍ୟାଙ୍କରେ ବନ୍ଧକ ଥିବା ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|
| **ଅଡଶପୁର ଶାଖା** (୧)ଶ୍ରୀମତୀ ମିଳି ସ୍ୱାଇଁ (ଋଣଗ୍ରହୀତା ଏବଂ ବନ୍ଧକଦାତା), ସ୍ୱା: ଶ୍ରୀ କୈଳାଶ ସ୍ୱାଇଁ, (୨)ଶ୍ରୀ କୈଳାଶ ସ୍ୱାଇଁ (ଋଣଗ୍ରହୀତା), ପିତା: ଶ୍ରୀ ବୃନ୍ଦାବନ ସ୍ୱାଇଁ, ଉଭୟଙ୍କ ଠିକଣା: ସା/ପୋ.- ଅଡଶପୁର, ଥାନା: ଓଲଟପୁର, ଜିଲ୍ଲା: କଟକ, ଓଡିଶା, ପିନ୍-୭୫୪୦୧୧ । | (କ)ଟ.୫,୦୦,୦୦୦/- / (ଖ) ୦୫.୧୧.୨୦୨୫ / (ଗ) ୦୬.୧୧.୨୦୨୫ | ୦୬.୧୧.୨୦୨୫ ସୁଦ୍ଧା ଟ.୧,୭୭,୬୦୩.୪୭ ସହିତ ପରବର୍ତ୍ତି ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ | **ଶ୍ରୀମତୀ ମିଳି ସ୍ୱାଇଁ** ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ ନଂ.୭୬୯/୬୮୭୩, ମ୍ୟୁଟେସନ ଖାତା ନଂ.୧୧୮୭/୬୬୯, ମୌଜା: ଅଡଶପୁର, ଥାନା: ଓଲଟପୁର, ତହସିଲି: କଣ୍ଟାପଡା, ଏରିଆ: ଏ୦.୦୬୦ ଡିସିମିଲି, କିସମ: ଘରବାରୀ, ଉପଜିଲ୍ଲା: ନିଆଳି ରେ ରେଜିଷ୍ଟ୍ରିଭୁକ୍ତ, ଜିଲ୍ଲା: କଟକ, ଚାରିପାର୍ଶ୍ୱରେ: ଉତ୍ତର- ଉର୍ଜ୍ଜ ଜେନା, ଦକ୍ଷିଣ- ପବନି ନାୟକ, ପୂର୍ବ- ରଘୁନାଥ ବିଶ୍ୱାଳ, ପଶ୍ଚିମ- ରାସ୍ତା । |

ଆପଣ, ଉପରୋକ୍ତ ଋଣଗ୍ରହୀତା/ବନ୍ଧକଦାତା ଆମର ଉପରଦର୍ଶିତ ଶାଖା ସହ ଚୁକ୍ତିନାମା ଅନୁଯାୟୀ ଉପରୋକ୍ତ ସାରଣୀରେ ଦର୍ଶାଯାଇଥିବା ଋଣ ଏବଂ ତତ୍‌ପରବର୍ତ୍ତି ସୁଧ ପଇଠ କରିବାରେ ଅସମର୍ଥ ହୋଇଛନ୍ତି । ଉପର ଦର୍ଶାଯାଇଥିବା ସାରଣୀରେ ଉଲ୍ଲିଖିତ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆଇନ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରି କରାଯାଇଥିଲା । ଋଣ ପରିଶୋଧରେ ଅନିୟମିତତା ଯୋଗୁଁ ଆପଣଙ୍କ ଆକାଉଣ୍ଟ ଅଣକାର୍ଯ୍ୟକାରୀ ସମ୍ପତ୍ତିରେ ପରିଣତ ହୋଇଛି । ଏତଦ୍ ଦ୍ୱାର ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି ଏହି ନୋଟିସ୍ ପ୍ରକାଶନର **୬୦ ଦିନ** ମଧ୍ୟରେ ଆପଣମାନେ ସୁରକ୍ଷିତ ଋଣଦାତାଙ୍କ (ବ୍ୟାଙ୍କ) ନିକଟରେ ସମସ୍ତ ବକେୟା ଦେୟ (ଧାର୍ଯ୍ୟ ତାରିଖ ସୁଦ୍ଧା) ସହିତ ସେବାବଦ ଭବିଷ୍ୟତ ସୁଧ ପରିଶୋଧ କରିବେ ଅନ୍ୟଥା ଆମ୍ଭେ ଉପରୋକ୍ତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୪) ଏବଂ ଅନ୍ୟାନ୍ୟ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ ହେବୁ । ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟର ଧାରା ୧୩(୧୩) ନୟମାବଳୀ ଅନୁସାରେ ଆପଣ ଏହି ନୋଟିନ୍ ପ୍ରାପ୍ତି ପରେ ବ୍ୟାଙ୍କର ଲିଖିତ ସହମତି ବିନା ଉପର ବର୍ଣ୍ଣିତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରି କିମ୍ବା ଲିଜ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ । କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ-୨୦୦୨ ପ୍ରଦତ୍ତ କୌଣସି ବ୍ୟବସ୍ଥାରେ ହସ୍ତକ୍ଷେପ / ବାଧା ପହଞ୍ଚାଇବା ଅପରାଧ ଅଟେ । ଉପରୋକ୍ତ ଜାରି ନୋଟିସ୍ ଟି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ କିମ୍ବା ବଳବତ୍ତର ଥିବା ଅନ୍ୟକୌଣସି ଆଇନ ଅନୁଯାୟୀ ଏହା ଆମ୍ଭ ବ୍ୟାଙ୍କର କୌଣସି ଅଧୀକାରକୁ ପ୍ରତିହତ କରିବ ନାହିଁ । ଏହି ନୋଟିସ୍ ଅନୁସାରେ ଦାବି କରାଯାଇଥିବା ରାଶି ପରିଶୋଧ କରି ସମସ୍ତ ପ୍ରକାର ଅସୁବିଧାକୁ ପରିହାର କରନ୍ତୁ ଅନ୍ୟଥା ପରବର୍ତ୍ତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଆପଣ ସେବାବଦ ସମସ୍ତ ଖର୍ଚ୍ଚ ଓ ଫଳାଫଳ ନିମନ୍ତେ ଦାୟୀ ରହିବେ । ଉପଧାରା (୨)ରେ ଧାର୍ଯ୍ୟ ସମୟସୀମା ମଧ୍ୟରେ ଋଣଗ୍ରହୀତା/ବନ୍ଧକଦାତା ବକେୟା ରାଶି ସମ୍ପୂର୍ଣ୍ଣ ଭାବେ ପୈଠ ନକଲେ ସୁରକ୍ଷିତ ଋଣଦାତା ସୁରକ୍ଷିତ ଋଣ ରାଶି ଆଦାୟ କରିବା ନିମନ୍ତେ ନିମ୍ନଲିଖିତ ପଦକ୍ଷେପ ମଧ୍ୟରୁ ଗୋଟିଏ କିମ୍ବା ଅଧୀକ ଗ୍ରହଣ କରିପାରନ୍ତି । (କ) ସୁରକ୍ଷିତ ଋଣ ରାଶି ଆଦାୟ ନିମନ୍ତେ ଋଣଗ୍ରହୀତାଙ୍କ ସୁରକ୍ଷିତ ପରିଚାଳନାକୁ ଟେକ୍ ଓଭର କରିବା ସହିତ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ କରିବା ଅଧିକାର ରହିଛି । (ଖ) ଉଲ୍ଲେଖଯୋଗ୍ୟକି ଋଣଗ୍ରହୀତାଙ୍କ ବ୍ୟବସାୟର ଅଧିକାଂଶ ଭାଗ ଋଣ ପାଇଁ ବନ୍ଧକ ଥିଲେ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ ଅଧିକାର ପ୍ରୟୋଗ କରାଯାଇପାରିବ ।

ତାରିଖ: ୦୭.୧୧.୨୦୨୫, ସ୍ଥାନ: କଟକ
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ

## ମା'ମଙ୍ଗଳା ମନ୍ଦିରରେ ନାମ ଯଜ୍ଞ

ଡେଲାଙ୍ଗ,(ରଶ୍ମିରଞ୍ଜନ ପ୍ରଧାନ)-ଡେଲାଙ୍ଗ ବ୍ଲକ ରେଞ୍ଚ ପଞ୍ଚାୟତସ୍ଥିତ ପଲ୍ଲୀ ଗ୍ରାମର ଆରାଧା ଦେବୀ ମା'ମଙ୍ଗଳା ମନ୍ଦିର ପ୍ରାଙ୍ଗଣରେ ୫ମ ବାର୍ଷିକ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ନାମଯଜ୍ଞ ପାଇଁ ୨୧ଜଣ ମାନସିକଧାରୀ ରତ୍ନଚିରା ନଦୀରେ କଳସ ବୁଡ଼ାଇ ଯଜ୍ଞମଣ୍ଡପରେ ସ୍ଥାପନ କରିଥିଲେ। ପ୍ରତ୍ୟେହ ସନ୍ଧ୍ୟାରେ ସତ୍ୟନାରାୟଣ ପାଲା, ପ୍ରବଚନ, ଭଜନ ସମାରୋହ କରାଯାଇଥିବା ବେଳେ ଗୁରୁବାର ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଯାଇଛି। କର୍ତ୍ତା ଭାବେ ଅଶୋକ ସାମନ୍ତରାୟ ଓ କର୍ତ୍ତା ଭାବେ ସରୋଜିନୀ ସାମନ୍ତରାୟ କାର୍ଯ୍ୟ ସମ୍ପାଦନ କରିଥିବା ବେଳେ ମୁଖ୍ୟ ପୂଜକ ଉମାଶଙ୍କର ଦାଶ ଓ ସାଥୀମାନଙ୍କ ଦ୍ୱାରା ପୂଜାର୍ଚ୍ଚନା କରିଥିଲେ। ଭାଗିରଥୀ ସାମନ୍ତରାୟ, ଶ୍ରୀଧର ସାମନ୍ତରାୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସୁରଭି: ଭାଗନେଲେ ୧୧ ବ୍ଲକର ୪୦୭ ଛାତ୍ରୀଛାତ୍ର



ପୁରୀ ଜିଲାସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'ରେ ମଞ୍ଚାସୀନ ଅତିଥିବୃନ୍ଦ ।



ପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି । (ଫଟୋ– ଯଜ୍ଞେଶ୍ୱର ମହାନ୍ତି)

ପୁରୀ,୭।୧୧(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲାସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଶୁକ୍ରବାର ସମଗ୍ର ଶିକ୍ଷା ଦ୍ୱାରା ପୋଲିସ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ୧୦ଟି ପ୍ରତିଯୋଗିତାରେ କନିଷ୍ଠ, ବରିଷ୍ଠ ଓ ଉଚ୍ଚ ମାଧ୍ୟମିକ ବର୍ଗରେ ୧୧ଟି ବ୍ଲକର ୪୦୭ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ୬୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ସମେତ ଗାଇଡ୍ ଶିକ୍ଷକ ଏବଂ ଅଭିଭାବକ ଯୋଗଦେଇଥିଲେ। ବିତର୍କ, ପ୍ରବନ୍ଧ, ସଙ୍ଗୀତ, ଚିତ୍ରାଙ୍କନ, ହସ୍ତକଳା ଓ ଚିତ୍ରକଳା, କୁଇଜ ପ୍ରତିଯୋଗିତା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବ୍ଲକସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ର ଜିଲାସ୍ତରୀୟ ସୁରଭିରେ ଅଂଶଗ୍ରହଣ କରିଥିଲେ। ଜିଲା ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରମାନେ ନଭେମ୍ବର ୧୨ରୁ ୧୪ ତାରିଖ ହେବାକୁ ଥିବା ରାଜ୍ୟସ୍ତରୀୟ ସୁରଭିରେ ଯୋଗଦେବେ। ସମଗ୍ର ଶିକ୍ଷା, ପୁରୀର ସଂଯୋଜକ ତଥା ଜିଲା ଶିକ୍ଷାଧିକାରୀ ଦୀପକ କୁମାର ପାଢୀଙ୍କ ଅଧ୍ୟକ୍ଷତାରେ ପ୍ରଥମେ ବିଶ୍ୱମ୍ଭର ବିଦ୍ୟାପୀଠର ଛାତ୍ରୀଛାତ୍ରଙ୍କ ଦ୍ୱାରା ବନ୍ଦେ ମାତରମ୍ ଗାନ କରାଯାଇଥିଲା। ପରେ କୁନି ଛାତ୍ରୀଛାତ୍ରମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ବିଶିଷ୍ଟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ବେହେରା ଯୋଗଦେଇ ଉକ୍ତ ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟ ଅତିଥି ଭାବେ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ସନ୍ତୋଷ କୁମାର ପରିଡ଼ା, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଦ୍ୱିତୀକାନ୍ତ ପ୍ରଧାନ, ବ୍ଲକ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର କର ପ୍ରମୁଖ ଯୋଗଦେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ମହେନ୍ଦ୍ର କୁମାର ଦାସ ଏବଂ କଳ୍ପନା ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଶେଷରେ କାର୍ଯ୍ୟକ୍ରମ ସଂଯୋଜକ ବରଦା ପ୍ରସନ୍ନ ରାଉତ ଧନ୍ୟବାଦ ଦେଇଥିଲେ। ପ୍ରାକ୍ତନ ମଣ୍ଡଳ ଶିକ୍ଷା ଅଧିକାରୀ ବିଜୟ କୁମାର ପଣ୍ଡା ସହଯୋଗ କରିଥିଲେ।

## ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

ପୁରୀ,୭।୧୧(ଅଜିତ୍ କୁମାର ମହାନ୍ତି)

**ହୋଟେଲରୁ ପର୍ଯ୍ୟଟକଙ୍କ ମୃତଦେହ ଜବତ ଘଟଣା**

ପୁରୀର ଏକ ହୋଟେଲରୁ ଜଣେ ପର୍ଯ୍ୟଟକଙ୍କ ମୃତଦେହ ଜବତ ଘଟଣାର ତଦନ୍ତ ଜାରି ରହିଛି ବୋଲି ଏସ୍‌ପି ପ୍ରତୀକ ସିଂ କହିଛନ୍ତି। ମୃତକ ହେଉଛନ୍ତି ରାଉରକେଲା ନେତାଜୀ ନଗରର ଚିନ୍ମୟ ସାମଲ। ଗୁରୁବାର ପୁରୀ ଟାଉନ ଥାନା ଅନ୍ତର୍ଗତ ଖୁଣ୍ଟିଆ ସାହିରେ ଥିବା ରାଧାରାଣୀ ନିବାସ ନାମକ ହୋଟେଲରୁ ତାଙ୍କ ମୃତଦେହ ଜବତ କରାଯାଇଥିଲା। ଶୁକ୍ରବାର ଏହି ଘଟଣାରେ ପରିବାର ଲୋକେ ଚିନ୍ମୟଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ଆଣିଛନ୍ତି। ସେମାନେ ତାଙ୍କ ସାଙ୍ଗ ଶ୍ରୀତମ ସୌରଭ ମିଶ୍ରଙ୍କୁ ଅଭିଯୁକ୍ତ ଭାବେ ଦର୍ଶାଇଥିବା ଏସ୍‌ପି କହିଛନ୍ତି। ପୋଲିସ ଯାଞ୍ଚ କରିବା ସମୟରେ ସମ୍ପୃକ୍ତ କୋଠରୀରୁ ସିରିଞ୍ଜି ଓ ଆଣ୍ଟି ଆଲର୍ଜି ମେଡିସିନ୍ ସହ ଅନ୍ୟାନ୍ୟ ଜିନିଷ ଜବତ କରିଛି। ଚିନ୍ମୟଙ୍କ ସହ ଭୁବନେଶ୍ୱରର ଜଣେ ସାଙ୍ଗ ଆସି ଉକ୍ତ ହୋଟେଲରେ ରହିଥିଲେ। ତେବେ ଉଭୟ ପ୍ରଥମେ ଏକ ନିଶା ନିବାରଣ କେନ୍ଦ୍ରରେ ଥିଲେ। ସେଠାରୁ ଆସିବା ପରେ ପୁରୀ ବୁଲିବାକୁ ଆସିଥିଲେ। ଭୋରୁ ଚିନ୍ମୟଙ୍କ ସାଙ୍ଗ କିଛି କାହାକୁ ନ ଜଣାଇ ହୋଟେଲରୁ ପଳାଇଥିଲେ। ଏନେଇ ପୋଲିସ ଚିନ୍ମୟଙ୍କ ପରିବାର ଲୋକ ଲୋକଙ୍କ ଅଭିଯୋଗ କ୍ରମେ ଟାଉନ ଥାନାରେ ଏକ କେସ୍ (ନଂ. ୬୦୧/୨୫) ରୁଜୁ କରି ତଦନ୍ତ ଚଳାଇଛି।

## ଜିଲା ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘର ବୈଠକ

ପୁରୀ,୭।୧୧(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘର ସାଧାରଣ ବୈଠକ ସଭାପତି ଲକ୍ଷ୍ମୀଧର ମିଶ୍ରଙ୍କ ସଭାପତିତ୍ୱରେ ନବକଳେବର ରୋଡ଼ସ୍ଥିତ ମା' ଭୁବନେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଦରମାରୁ କଟାଯାଉଥିବା ଭବିଷ୍ୟନିଧି ପାଣ୍ଠି ମିସିଂ କ୍ରେଡିଟ୍ ଟଙ୍କା ପାଇଁ ଦରଖାସ୍ତ କରାଯାଉଥିଲେ ମଧ୍ୟ ଲେଖା ନିୟନ୍ତ୍ରକଙ୍କ କାର୍ଯ୍ୟାଳୟକୁ ପଠାଯାଉନାହିଁ। ଜାଲ୍ ସାର୍ଟିଫିକେଟ୍ ଦେଇ ଚାକିରି କରିଥିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କ ତାଲିକା ରାଜ୍ୟ ଶିକ୍ଷା ବିଭାଗକୁ ଦିଆଯାଉ ନ ଥିବା ଆଦି ଅଭିଯୋଗ କରାଯାଇଥିଲା। ଏହା ପ୍ରତିବାଦରେ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ ସହ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସଙ୍ଗଠନର ସାଧାରଣ ସମ୍ପାଦକ ବିଶ୍ୱନାଥ ବେହେରା ସୂଚନା ଦେଇଥିଲେ। ପ୍ୟାରୀମୋହନ ପଟ୍ଟନାୟକ, ସନ୍ତୋଷ କୁମାର ମହାନ୍ତି, ମନୋଜ କୁମାର ସାମନ୍ତରାୟ, ବ୍ରହ୍ମାନନ୍ଦ ଦାସ, ନିରଞ୍ଜନ ପତି, ମିନତି ହୋତା, ଆଶାଲତା ପ୍ରଧାନ, ଅଞ୍ଜଳି ରଥ, ବାଇଧର ଜେନା, ରମେଶ କୁମାର ପଣ୍ଡା, ବିଜୟ ପଣ୍ଡା, ସୁରେନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ରମେଶ ଚନ୍ଦ୍ର ବଳିୟାରସିଂହ ସଭା ପରିଚାଳନା କରିଥିବାବେଳେ ସଦାଶିବ ମିଶ୍ର ଧନ୍ୟବାଦ ଦେଇଥିଲେ।

## ସ୍କୁଟି ଚୋର ଅଭିଯୋଗରେ ଜଣେ ଗିରଫ

ନିମାପଡ଼ା,୭।୧୧(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ପୋଲିସ ଜଣେ ସ୍କୁଟି ଚୋରକୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିବା ସହ ଚୋରି ସ୍କୁଟି ଗାଡ଼ିକୁ ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ ଗୋପ ଥାନା ଅନ୍ତର୍ଗତ ବେଣୀପୁର ଗ୍ରାମର ବାବୁନା ଓରଫ କାର୍ତ୍ତିକ ଦାସ (୨୦)। ପୋଲିସ ଏ ସମ୍ପର୍କରେ କେସ୍ ନଂ. ୩୩୮/୨୫ରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ଏ ସମ୍ପର୍କରେ ସ୍କୁଟିର ମାଲିକ ସ୍ଥାନୀୟ ଥାନା ଅନ୍ତର୍ଗତ ପ୍ରହରାଜ ସାହି ଗ୍ରାମର ବ୍ରହ୍ମାନନ୍ଦ ମିଶ୍ର ଥାନାରେ ଅଭିଯୋଗ କରିଛନ୍ତି। ଘଟଣାରୁ ଜଣାପଡ଼ିଛି ଯେ, ବ୍ରହ୍ମାନନ୍ଦଙ୍କ ଘର ଦାଣ୍ଡଦୁଆରେ ସ୍କୁଟି ରଖି ସେ ଘର ଭିତରକୁ ଯାଇଥିଲେ। ହଠାତ୍ ଗାଡ଼ିଚୋର ଗାଡ଼ି ନିକଟରେ ପହଞ୍ଚି ଗାଡ଼ି ଚଳାଇ ନେଇ ଦ୍ରୁତ ଗତିରେ ଖସି ପଳାଇ ଯାଇଥିଲା। ଗାଡ଼ି ମାଲିକ ଓ ତାଙ୍କର ସମ୍ପର୍କୀୟ ଲୋକ ଚୋରକୁ ପିଛା କରି କିଛିଦୂରରେ ଅରିଷଣ୍ଡ ପଞ୍ଚାୟତର ଚାଉଳିଆପାଟଣା ଗ୍ରାମ କେନାଲ ବନ୍ଧ ଠାରେ ଚୋରକୁ କାବୁ କରି ଧରି ପୋଲିସ ଜିମା ଦେଇଥିଲେ। ଚୋରଠାରୁ ସ୍କୁଟି ଜବତ କରିଥିଲେ। ପରେ ଏସ୍‌ଆଇ ଦିଲୀପ କୁମାର ପଣ୍ଡା ଚୋରି ଗାଡ଼ି ଜବତ କରି ଚୋରକୁ ଗିରଫ କରି କୋର୍ଟଚାଲାଣ କରିଥିଲେ।



ରାୟଚକ୍ରଧରପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ କ୍ରୀଡ଼ା ପ୍ରତିଭା ସଂଘମିତ୍ରା ମନ୍ଦୋଇଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ମାନିତ କରାଯାଉଛି।

## କ୍ରୀଡ଼ା ପ୍ରତିଭା ସଂଘମିତ୍ରାଙ୍କୁ ସମ୍ବର୍ଦ୍ଧନା

ସାକ୍ଷୀଗୋପାଳ, ୭।୧୧(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)

ଚଳିତ ମାସରେ କେନ୍ଦୁଝରରେ ଅନୁଷ୍ଠିତ ରାଜ୍ୟ ବିଦ୍ୟାଳୟସ୍ତରୀୟ ଉଷୁ ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ବିଜେତା ସତ୍ୟବାଦୀ ବ୍ଲକ ରାୟଚକ୍ରଧରପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ରୀ ସଂଘମିତ୍ରା ମନ୍ଦୋଇଙ୍କୁ ଉକ୍ତ ବିଦ୍ୟାଳୟ ପକ୍ଷରୁ ଆୟୋଜିତ ବିଜ୍ଞାନ ମେଳା ଉତ୍ସବରେ ସମ୍ମାନିତ କରାଯିବା ସହ ଶୁଭେଚ୍ଛା ପ୍ରଦାନ କରାଯାଇଛି। ଛାତ୍ରୀ ସଂଘମିତ୍ରା ଉକ୍ତ ବିଦ୍ୟାଳୟର ଜଣେ ମେଧାବୀ ଛାତ୍ରୀ ହୋଇଥିବା ବେଳେ କ୍ରୀଡ଼ା କ୍ଷେତ୍ରରେ ସଫଳତା ହାସଲ କରି ଉକ୍ତ ବିଦ୍ୟାଳୟର ଗୌରବ ବୃଦ୍ଧି କରିଛନ୍ତି। ବ୍ଲକ, ଜିଲା, ରାଜ୍ୟସ୍ତରରେ ଏହି କ୍ରୀଡ଼ା ପ୍ରତିଭା ଜଣଙ୍କ ଉଷୁରେ ବିଜୟ ହାସଲ କରି ନିକଟରେ ଜାତୀୟସ୍ତର ଅର୍ଥାତ ଜମ୍ମୁକଶ୍ମୀରରେ ଅନୁଷ୍ଠିତ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଫେରିଛନ୍ତି। ତେଣୁ ତାଙ୍କର ସଫଳ ଭବିଷ୍ୟତ ଓ ଜାତୀୟସ୍ତର କ୍ରୀଡ଼ାରେ ସଫଳ କାମନା କରି ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମନସ୍ୱିନି ମହାପାତ୍ରଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଏହି ଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଉତ୍ସାହିତ କରିଥିଲେ। କ୍ରୀଡ଼ା ଶିକ୍ଷୟିତ୍ରୀ ମୌସୁମୀ ଦାସଙ୍କ ତତ୍ତ୍ୱାବଧାନରେ ଛାତ୍ରୀ ସଂଘମିତ୍ରା ପ୍ରଶିକ୍ଷଣ ନେଉଥିଲେ।

## ୭୫୭ ଭିନ୍ନକ୍ଷମ ଚିହ୍ନଟ, ମୂଲ୍ୟାଙ୍କନ

ନିମାପଡ଼ା, ୭।୧୧(ବିଚିତ୍ରାନନ୍ଦ ସାହୁ)

**ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର**

ନିମାପଡ଼ା ପଞ୍ଚାୟତ ସମିତି ପକ୍ଷରୁ ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଏବଂ ନିମାପଡ଼ା ପିପିଡବ୍ଲ୍ୟୁଓ ସହାୟତାରେ ନିମାପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଉପାଧ୍ୟକ୍ଷା ଅନସୂୟା ମହାନ୍ତି, ବିଡିଓ ଡ. ଅଭିଜିତ୍ ଷଡ଼ଙ୍ଗୀ, ଏନ୍‌ଏସିର ଏମ୍‌ପିଙ୍କ ପ୍ରତିନିଧି ମୀନଲତା ମହାନ୍ତି, କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଦାସ, ଅତିରିକ୍ତ ତହସିଲଦାର କେ. ଭେଙ୍କଟେଶ୍ୱର ରାଓ, ପିପିଡବ୍ଲ୍ୟୁଓର ସମ୍ପାଦକ ଗଗନ ବିହାରୀ ଦାସ, କୋଷାଧ୍ୟକ୍ଷ ପଦ୍ମଲୋଚନ ମହାନ୍ତି ପ୍ରମୁଖ ଯୋଗଦେଇ ଶିବିରର ଲକ୍ଷ୍ୟ, ଉଦ୍ଦେଶ୍ୟ, ତାତ୍ପର୍ଯ୍ୟ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଏହି ଶିବିରରେ ବିଭାଗୀୟ ଡାକ୍ତରଙ୍କ ଦ୍ୱାରା ୪୬୫ଜଣ ଚଳନବାଧିତ, ୮୫ଜଣ ଦୃଷ୍ଟିବାଧିତ, ୯୭ଜଣ ଶ୍ରବଣବାଧିତ, ୧୧୦ ଜଣ ବୌଦ୍ଧିକ ଦିବ୍ୟାଙ୍ଗତା ମୋଟ୍‌ରେ ୭୫୭ ଜଣ ଭିନ୍ନକ୍ଷମ ବ୍ୟକ୍ତିଙ୍କ ଚିହ୍ନଟ ଓ ମୂଲ୍ୟାଙ୍କନ କରାଯାଇଥିଲା। କାର୍ଯ୍ୟକ୍ରମର ସଫଳ ରୂପାୟନ ଅବସରରେ ଅତିଥିମାନେ ଭିନ୍ନକ୍ଷମ ଅନୁଷ୍ଠାନ ପିପିଡବ୍ଲ୍ୟୁଓକୁ ଅନୁଷ୍ଠାନର ସମ୍ପାଦକ ଗଗନ ବିହାରୀ ଦାସଙ୍କ ଜରିଆରେ ମାନପତ୍ର ପ୍ରଦାନକରି ସମ୍ମାନିତ କରିଥିଲେ। ଭିନ୍ନକ୍ଷମମାନଙ୍କ ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା।

## କାର୍‌ରେ ଆସି ଛେଳି ଚୋରି

ବଲଙ୍ଗା, ୭।୧୧(କେଦାରେଶ୍ୱର ନନ୍ଦ)

ବଲଙ୍ଗା ଥାନା ଅନ୍ତର୍ଗତ ଉଚ୍ଛୁପୁର ଗ୍ରାମରେ ଗତ ୫ ତାରିଖ ବିଳମ୍ବିତ ରାତିରେ ଛେଳି ଚୋରି ହୋଇଥିବା ନେଇ ବଲଙ୍ଗା ଥାନାରେ ଅଭିଯୋଗ ହୋଇଛି। ଗୀତାଞ୍ଜଳି ଗୁରୁ କରିଥିବା ଅଭିଯୋଗ ଅନୁଯାୟୀ, ସବୁଦିନ ପରି ବୁଧବାର ରାତିରେ ଛେଳିମାନଙ୍କୁ ଖାଇବାକୁ ଦେଇ ଘରକୁ ଯାଇଥିଲେ। ବିଳମ୍ବିତ ରାତିରେ ପରିସ୍ରା କରିବା ପାଇଁ ଉଠିଥିବା ବେଳେ ଗୁହାଳପଟୁ କିଛି ଶବ୍ଦ ହେବାରୁ ଯାଇ ସେ ଦେଖିଲାବେଳକୁ ଗାଁ ପାଖ ଶେରଗଡ଼ ବସ୍ତିର ରହିମାନ ଖାନ୍ ଏକ ଧଳାରଙ୍ଗର କାର୍‌ରେ ଛେଳିଗୁଡ଼ିକୁ ନେଇ ଯାଇଥିବା ସେ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଥାନାଧିକାରୀ ଦିବ୍ୟରଞ୍ଜନ ପଣ୍ଡା ଏ ନେଇ ନଂ.୨୪୨/୨୫ରେ ଏକ ମାମଲା ରୁଜୁକରି ରହିମାନଙ୍କୁ ଥାନାକୁ ଆଣି ଅଟକ ରଖି ଅଧିକ ପଚରାଉଚରା ଜାରି ରଖିଛି।

# କ୍ଷତିପୂରଣ ଦାବିରେ ଗ୍ରାମବାସୀଙ୍କ ରାସ୍ତାରୋକୋ

ଅସ୍ତରଙ୍ଗ,୭।୧୧(ପ୍ରଦୀପ୍ତ କୁମାର ଦୀକ୍ଷିତ)

**ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକଙ୍କ ମୃତ୍ୟୁ**



୧୧କେଭି ତାର ସଂସ୍ପର୍ଶରେ ଆସି ଅସ୍ତରଙ୍ଗ ତହସିଲ ଅନ୍ତର୍ଗତ ବାହୁଡ଼ିହ ଗ୍ରାମର ସ୍ୱାଧୀନ ନାୟକଙ୍କ ୨୨ବର୍ଷୀୟ ପୁଅ ସନ୍ଦୀପ ନାୟକ ଓରଫ ସୋନୁଙ୍କ ମୃତ୍ୟୁକୁ ନେଇ ଶୁକ୍ରବାର ପୂର୍ବାହ୍ନରେ ଶତାଧିକ ଲୋକ ରାସ୍ତାରୋକୋ କରିଛନ୍ତି। ବାହୁଡ଼ିହ ଗ୍ରାମର ସନ୍ଦୀପ ନାୟକ ଏକ ଚାକୁଣ୍ଡା ଡାଳ ଭାଙ୍ଗୁଥିବା ବେଳେ ଅଳ୍ପ କିଛି ଉଚ୍ଚତାରେ ଥିବା ୧୧କେ. ଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସିଥିଲେ। ଗୁରୁତର ହେବାରୁ ପରିବାର ଲୋକେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ। ଡାକ୍ତର ମୃତ୍ୟୁ ଘୋଷଣା ପରେ ନୂଆଗଡ଼ ସାମୁଦ୍ରିକ ଥାନାରେ ଅପମୃତ୍ୟୁ ମାମଲା ୨/୨୫ରେ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ହୋଇଥିଲା। କିନ୍ତୁ ସ୍ଥାନୀୟ ଲୋକ ବିଦ୍ୟୁତ ବିଭାଗର ଏଭଳି କାର୍ଯ୍ୟକୁ ନେଇ ଯୁବକଙ୍କ ମୃତ୍ୟୁ ହୋଇଛି। ଗରିବ ପରିବାରକୁ କ୍ଷତି ପୂରଣ ଦାବିରେ ନୂଆଗଡ଼-ଅସ୍ତରଙ୍ଗ ମୁଖ୍ୟ ରାସ୍ତାରେ ଶତାଧିକ ଲୋକ ରାସ୍ତାରୋକୋ କରିଛନ୍ତି। ଘଟଣାସ୍ଥଳରେ ନୂଆଗଡ଼ ସାମୁଦ୍ରିକ ଥାନା ପୋଲିସ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଇଥିବା ଜଣାପଡ଼ିଛି। ଅନ୍ୟପଟେ ଖବରପାଇ ରେଡ୍‌କ୍ରସ ପାଣ୍ଠିରୁ ୧୦ହଜାର ଟଙ୍କା ସହାୟତା ରାଶି ଗୁରୁବାର ପ୍ରଦାନ କରାଯାଇଛି ବୋଲି ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି ସୂଚନା ଦେଇଛନ୍ତି। ମୃତକଙ୍କ ପରିବାରକୁ ସରକାରୀସ୍ତରରେ କ୍ଷତିପୂରଣ ଦେବା ପାଇଁ ଦାବି କରିଛନ୍ତି। ଶୂନ୍ୟ ଦୁର୍ଘଟଣା ପାଇଁ ବିଦ୍ୟୁତ ବିଭାଗ ତରଫରୁ ସଚେତନ କରାଯାଉଥିଲା ବେଳେ କିନ୍ତୁ ୧୧ କେ.ଭି. ବିଦ୍ୟୁତ୍ ତାର ସମ୍ପୂର୍ଣ୍ଣ ନୁଆଁଣିଆ ହୋଇ ରହୁଛି। ଯାହାକି ପୂର୍ବରୁ ମାଣ୍ଡୁକି ପଞ୍ଚାୟତରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ଗୁରୁବାର ବାହୁଡ଼ିହ ଅଞ୍ଚଳର ସନ୍ଦୀପଙ୍କ ମୃତ୍ୟୁ ହୋଇଛି। ଘଟଣାସ୍ଥଳରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ନୂଆଗଡ଼ ସାମୁଦ୍ରିକ ଥାନା ପୋଲିସ ମୁତୟନ ହୋଇଥିଲେ।


केनरा बैंक Canara Bank | ସିଣ୍ଡିକେଟ Syndicate

**କାନାରା ବ୍ୟାଙ୍କ, କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ**
ଶ୍ରୀଜୀ କମ୍ପ୍ଲେକ୍ସ, କଟକ ଟାଉନ୍, ୟୁନିଟ୍ ନଂ.୧୭, ମାଛୁଆ ବଜାର, ପାଣ୍ଡାଲୁନ୍ସ ପଛପାର୍ଶ୍ୱ, କଟକ - ୭୫୩୦୦୧

**ଡିମାଣ୍ଡ ନୋଟିସ୍**
ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନ୍ତର୍ଗତ ଧାରା ୧୩(୨)ଅନୁଯାୟୀ ଡିମାଣ୍ଡ ନୋଟିସ୍

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ସୁରକ୍ଷିତ ଋଣଦାତାଭାବେ **କାନାରା ବ୍ୟାଙ୍କ** ଦ୍ୱାରା ଜାରି କରାଯାଇଥିବା ଡିମାଣ୍ଡ ନୋଟିସ୍ ଯାହା ଏହାର ନିମ୍ନଲିଖିତ ଶାଖାର ଋଣଗ୍ରହୀତା/ବନ୍ଧକଦାତାଙ୍କ ନିମନ୍ତେ ତାହାର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

| ଶାଖା / ଋଣଗ୍ରହୀତା / ବନ୍ଧକଦାତାଙ୍କ ନାମ ଓ ଠିକଣା | (କ) ଋଣ/ମଞ୍ଜୁରି ଋଣ / (ଖ) ଏନ୍‌ପିଏ ତାରିଖ / (ଗ) ଡିମାଣ୍ଡ ନୋଟିସ୍ ତାରିଖ | ନିର୍ଦ୍ଧାରିତ ତାରିଖ ପର୍ଯ୍ୟନ୍ତ ମୋଟ ବକେୟା ପରିମାଣ | ବ୍ୟାଙ୍କରେ ବନ୍ଧକ ଥିବା ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|
| **ଅଡଶପୁର ଶାଖା** (୧)ଶ୍ରୀମତୀ ମିଲି ସ୍ୱାଇଁ (ଋଣଗ୍ରହୀତା ଏବଂ ବନ୍ଧକଦାତା), ସ୍ୱା: ଶ୍ରୀ କୈଳାଶ ସ୍ୱାଇଁ, (୨)ଶ୍ରୀ କୈଳାଶ ସ୍ୱାଇଁ (ଋଣଗ୍ରହୀତା), ପିତା: ଶ୍ରୀ ବୃନ୍ଦାବନ ସ୍ୱାଇଁ, ଉଭୟଙ୍କ ଠିକଣା: ସା/ପୋ.- ଅଡଶପୁର, ଥାନା: ଓଲଟପୁର, ଜିଲ୍ଲା: କଟକ, ଓଡିଶା, ପିନ୍-୭୫୪୦୧୧ । | (କ)ଟ.୫,୦୦,୦୦୦/- / (ଖ) ୦୫.୧୧.୨୦୨୫ / (ଗ) ୦୬.୧୧.୨୦୨୫ | ୦୬.୧୧.୨୦୨୫ ସୁଦ୍ଧା ଟ.୧,୭୭,୬୦୩.୪୭ ସହିତ ପରବର୍ତ୍ତି ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ | **ଶ୍ରୀମତୀ ମିଲି ସ୍ୱାଇଁ** ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ ନଂ.୭୬୯/୬୮୭୩, ମ୍ୟୁଟେସନ ଖାତା ନଂ.୧୧୮୭/୬୬୯, ମୌଜା: ଅଡଶପୁର, ଥାନା: ଓଲଟପୁର, ତହସିଲି: କଣ୍ଟାପଡା, ଏରିଆ: ୧୦.୦୬୦ ଡିସିମିଲି, କିସମ: ଘରବାରୀ, ଉପଜିଲ୍ଲା: ନିଆଳି ରେ ରେଜିଷ୍ଟ୍ରିଭୁକ୍ତ, ଜିଲ୍ଲା: କଟକ, ଚାରିପାର୍ଶ୍ୱରେ: ଉତ୍ତର- ଉର୍ବଳ ଜେନା, ଦକ୍ଷିଣ- ପବନି ନାୟକ, ପୂର୍ବ- ରଘୁନାଥ ବିଶ୍ୱାଳ, ପଶ୍ଚିମ- ରାସ୍ତା । |

ଆପଣ, ଉପରୋକ୍ତ ଋଣଗ୍ରହୀତା/ବନ୍ଧକଦାତା ଆମର ଉପରଦର୍ଶିତ ଶାଖା ସହ ଚୁକ୍ତିନାମା ଅନୁଯାୟୀ ଉପରୋକ୍ତ ସାରଣୀରେ ଦର୍ଶାଯାଇଥିବା ଋଣ ଏବଂ ତତ୍‌ପରବର୍ତ୍ତୀ ସୁଧ ପଇଠ କରିବାରେ ଅସମର୍ଥ ହୋଇଛନ୍ତି । ଉପର ଦର୍ଶାଯାଇଥିବା ସାରଣୀରେ ଉଲ୍ଲିଖିତ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆଇନ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରି କରାଯାଇଥିଲା । ଋଣ ପରିଶୋଧରେ ଅନିୟମିତତା ଯୋଗୁଁ ଆପଣଙ୍କ ଆକାଉଣ୍ଟ ଅଣକାର୍ଯ୍ୟକାରୀ ସମ୍ପତ୍ତିରେ ପରିଣତ ହୋଇଛି । ଏତଦ୍ ଦ୍ୱାର ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି ଏହି ନୋଟିସ୍ ପ୍ରକାଶନର **୬୦ ଦିନ** ମଧ୍ୟରେ ଆପଣମାନେ ସୁରକ୍ଷିତ ଋଣଦାତାଙ୍କ (ବ୍ୟାଙ୍କ) ନିକଟରେ ସମସ୍ତ ବକେୟା ଦେୟ (ଧାର୍ଯ୍ୟ ତାରିଖ ସୁଦ୍ଧା) ସହିତ ସେବାବଦ ଭବିଷ୍ୟତ ସୁଧ ପରିଶୋଧ କରିବେ ଅନ୍ୟଥା ଆମ୍ଭେ ଉପରୋକ୍ତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୪) ଏବଂ ଅନ୍ୟାନ୍ୟ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ ହେବୁ । ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟର ଧାରା ୧୩(୧୩) ନୟମାବଳୀ ଅନୁସାରେ ଆପଣ ଏହି ନୋଟିସ୍ ପ୍ରାପ୍ତି ପରେ ବ୍ୟାଙ୍କର ଲିଖିତ ସହମତି ବିନା ଉପର ବର୍ଣ୍ଣିତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରି କିମ୍ବା ଲିଜ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ । କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ-୨୦୦୨ ପ୍ରଦତ୍ତ କୌଣସି ବ୍ୟବସ୍ଥାରେ ହସ୍ତକ୍ଷେପ / ବାଧା ପହଞ୍ଚାଇବା ଅପରାଧ ଅଟେ । ଉପରୋକ୍ତ ଜାରି ନୋଟିସ୍ ଟି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ କିମ୍ବା ବଳବତ୍ତର ଥିବା ଅନ୍ୟକୌଣସି ଆଇନ ଅନୁଯାୟୀ ଏହା ଆମ୍ଭ ବ୍ୟାଙ୍କର କୌଣସି ଅଧୀକାରକୁ ପ୍ରତିହତ କରିବ ନାହିଁ । ଏହି ନୋଟିସ୍ ଅନୁସାରେ ଦାବି କରାଯାଇଥିବା ରାଶି ପରିଶୋଧ କରି ସମସ୍ତ ପ୍ରକାର ଅସୁବିଧାକୁ ପରିହାର କରନ୍ତୁ ଅନ୍ୟଥା ପରବର୍ତ୍ତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଆପଣ ସେବାବଦ ସମସ୍ତ ଖର୍ଚ୍ଚ ଓ ଫଳାଫଳ ନିମନ୍ତେ ଦାୟୀ ରହିବେ । ଉପଧାରା (୨)ରେ ଧାର୍ଯ୍ୟ ସମୟସୀମା ମଧ୍ୟରେ ଋଣଗ୍ରହୀତା/ବନ୍ଧକଦାତା ବକେୟା ରାଶି ସମ୍ପୂର୍ଣ୍ଣ ଭାବେ ପୈଠ ନକଲେ ସୁରକ୍ଷିତ ଋଣଦାତା ସୁରକ୍ଷିତ ଋଣ ରାଶି ଆଦାୟ କରିବା ନିମନ୍ତେ ନିମ୍ନଲିଖିତ ପଦକ୍ଷେପ ମଧ୍ୟରୁ ଗୋଟିଏ କିମ୍ବା ଅଧୀକ ଗ୍ରହଣ କରିପାରନ୍ତି । (କ) ସୁରକ୍ଷିତ ଋଣ ରାଶି ଆଦାୟ ନିମନ୍ତେ ଋଣଗ୍ରହୀତାଙ୍କ ସୁରକ୍ଷିତ ପରିଚାଳନାକୁ ଟେକ୍ ଓଭର କରିବା ସହିତ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ କରିବା ଅଧିକାର ରହିଛି । (ଖ) ଉଲ୍ଲେଖଯୋଗ୍ୟକି ଋଣଗ୍ରହୀତାଙ୍କ ବ୍ୟବସାୟର ଅଧିକାଂଶ ଭାଗ ଋଣ ପାଇଁ ବନ୍ଧକ ଥିଲେ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ ଅଧିକାର ପ୍ରୟୋଗ କରାଯାଇପାରିବ ।

ତାରିଖ: ୦୭.୧୧.୨୦୨୫, ସ୍ଥାନ: କଟକ | ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ


## ଠାକୁର ଅନୁକୂଳଚନ୍ଦ୍ରଙ୍କ ଶତବାର୍ଷିକୀ ସମାବେଶ ପ୍ରସ୍ତୁତି ବୈଠକ

ପୁରୀ,୭।୧୧(ଅଜିତ୍ କୁମାର ମହାନ୍ତି)

ଆସନ୍ତା ଜାନୁଆରୀ ୧୧ରେ ତାଳବଣିଆସ୍ଥିତ ପାର୍କିଂ ସ୍ଥଳରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଉତ୍କଳ ଆଗମନର ୧୦୪ତମ ବର୍ଷ ପୂର୍ତ୍ତି ମହୋତ୍ସବ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମକୁ ଶୃଙ୍ଖଳିତ ଓ ସୁଚାରୁରୂପେ ସମ୍ପନ୍ନ କରିବାକୁ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ସର୍କିଟ ହାଉସରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ ଅଧ୍ୟକ୍ଷତା କରିବା ସହ ଚଳିତ ବର୍ଷର ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଦାୟିତ୍ୱ ସୁଚାରୁ ରୂପେ ନିର୍ବାହ ପାଇଁ ପରାମର୍ଶ ଦେଇଥିଲେ। ଆଇନ ଶୃଙ୍ଖଳା ରକ୍ଷା, ଟ୍ରାଫିକ ନିୟନ୍ତ୍ରଣ, ପାର୍କିଂ, ପରିଷ୍କାର ପରିଚ୍ଛନ୍ନତା, ପାନୀୟଜଳ, ସ୍ୱାସ୍ଥ୍ୟ ଓ ପରିମଳ, ଅଗ୍ନି ନିର୍ବାପକ, ବିଦ୍ୟୁତ ଓ ବ୍ୟାରିକେଡ୍ ବ୍ୟବସ୍ଥା ଇତ୍ୟାଦି ସମ୍ପର୍କରେ ଆଲୋଚନା କରାଯାଇଥିଲା। ସ୍ମୃତି ମହୋତ୍ସବ କମିଟି ସମ୍ପାଦକ ଡା. ହୃଷିକେଶ ସେନାପତି ସମ୍ମିଳନୀର କାର୍ଯ୍ୟସୂଚୀ ସମ୍ପର୍କରେ ସୂଚନା ଦେଇଥିଲେ। ବୈଠକରେ ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଡେପୁଟି କଲେକ୍ଟର ପ୍ରିୟଦର୍ଶନୀ ମଲ୍ଲିକ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଉତ୍ସବ କମିଟିର ସହସମ୍ପାଦକ ତଥା ସହ ପ୍ରତିଋତ୍ୱିକ ନିରଞ୍ଜନ ବେହେରା, ସହସଭାପତି ଡମ୍ବରୁଧର ଦାସ. ବି.ଆଶିଷ କୁମାର ସୁବୁଦ୍ଧି, ସ୍ୱାଇଁ ଶ୍ରୀନୃସିଂହ ଶ୍ରୀଚନ୍ଦନ, ଅରୁଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।







# ଆରମ୍ଭ ହେଲା 'ଏକାମ୍ର ୱାକ୍ସ'ର ୯ମ ସଂସ୍କରଣ

■ଐତିହ୍ୟ ପାଳନ, ସ୍ୱଚ୍ଛତାକୁ ପ୍ରୋତ୍ସାହନ

■୯ଟି ଟ୍ରେଲ୍‌ର ମଜା ନେବେ ପରିଦର୍ଶକ

ଭୁବନେଶ୍ୱର, ୭।୧୧ (ବନ୍ଦନା ସେଠୀ)


ମେୟର ସୁଲୋଚନା ଦାସ ଓ ବିଡିଏ ଉପାଧ୍ୟକ୍ଷ ଚଞ୍ଚଳ ରାଣା ଜନତାମଇଦାନରେ ପତାକା ଦେଖାଇ ଏକାମ୍ର ୱାକ୍ସର ଶୁଭାରମ୍ଭ କରୁଛନ୍ତି।

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଓ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ମିଳିତ ଆନୁକୂଲ୍ୟରେ ଶୁକ୍ରବାରଠାରୁ 'ଏକାମ୍ର ୱାକ୍ସ'ର ୯ମ ସଂସ୍କରଣ ଆରମ୍ଭ ହୋଇଛି। ଜନତା ମଇଦାନଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମକୁ ମେୟର ସୁଲୋଚନା ଦାସ ଓ ବିଡିଏ ଉପାଧ୍ୟକ୍ଷ ଚଞ୍ଚଳ ରାଣା ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଏସ୍‌.ଓ.ଏସ୍ ଭିଲେଜର ଛାତ୍ରୀଛାତ୍ର ଓ ପର୍ଯ୍ୟଟକଙ୍କୁ ବସ୍‌ରେ ସହର ଭ୍ରମଣ କରାଯାଇଥିଲା। ଏହି ସଂସ୍କରଣରେ ପର୍ଯ୍ୟଟକ ଓ ସ୍ଥାନୀୟ ବାସିନ୍ଦାମାନେ ଭୁବନେଶ୍ୱରର ଐତିହ୍ୟ, ସାଂସ୍କୃତିକ, ପ୍ରାକୃତିକ, ଆଧ୍ୟାତ୍ମିକ, କଳାତ୍ମକ ପରିବେଶର ହୃଦୟସ୍ପର୍ଶୀ ରୂପକୁ ଜାଣିବାକୁ ସୁଯୋଗ ପାଇବେ। 'ଏକାମ୍ର ୱାକ୍ସ'ର ନିୟମିତ ଟ୍ରେଲଗୁଡ଼ିକ ନଭେମ୍ବର୧୫ରୁ ଆରମ୍ଭ ହୋଇ ୨୦୨୬ ଫେବୃୟାରୀ ୨୮ ପର୍ଯ୍ୟନ୍ତ ଚାଲିବ। ପ୍ରତି ଶନିବାର ଓ ରବିବାର ପରିଦର୍ଶକମାନେ 'ଏକାମ୍ର ୱାକ୍ସ'ର ମଜା ନେଇପାରିବେ। ଏଥିରେ ସମୁଦାୟ ୯ଟି ଟ୍ରେଲ୍ ରହିଛି। 'ଏକାମ୍ର ହେରିଟେଜ ୱାକ୍'ରେ ଏକାମ୍ର କ୍ଷେତ୍ରର ପବିତ୍ର ମନ୍ଦିରଗୁଡିକ (ପର୍ଶୁରାମେଶ୍ୱର, ମୁକ୍ତେଶ୍ୱର, ଅନନ୍ତ ବାସୁଦେବ, ଲିଙ୍ଗରାଜ ମନ୍ଦିର) ପରିକ୍ରମା କରାଯିବ। 'ଧଉଳି ଶାନ୍ତି ପଦଯାତ୍ରା'ରେ କଳିଙ୍ଗ ଯୁଦ୍ଧ ପରେ ସମ୍ରାଟ ଅଶୋକଙ୍କ ପରିବର୍ତ୍ତନକୁ ଅଶୋକାନ ପଥର ଶିଳାଲେଖ ଏବଂ ଧଉଳି ଶାନ୍ତିସ୍ତୂପ ମାଧ୍ୟମରେ ଚିହ୍ନଟ କରାଇବ। ଅଂଶଗ୍ରହଣକାରୀମାନେ ସ୍ୱଚ୍ଛତା ସହିତ ଶାନ୍ତିର ଶପଥ ନେବେ। 'ଆଧ୍ୟାତ୍ମିକ ପ୍ରବାସ' ଟ୍ରେଲ୍‌ରେ ଉଦୟଗିରି ଏବଂ ଖଣ୍ଡଗିରି ଗୁମ୍ଫା, ରାଜାରାଣୀ ଏବଂ ଭାସ୍କରେଶ୍ୱର ମନ୍ଦିରର ଅନୁସନ୍ଧାନ, ଜୈନ ଧର୍ମ, ବୌଦ୍ଧ ଏବଂ ହିନ୍ଦୁ ଧର୍ମ ସଙ୍ଗମର ପାଳନ କରାଯିବ। 'ରହସ୍ୟମୟ ଯାତ୍ରା' ଟ୍ରେଲ୍, 'ଓଡ଼ିଆ ସାହିତ୍ୟ ପଥ ଏକ କାଳଜୟୀ ଭାଷାର ଯାତ୍ରାର ଅନୁସନ୍ଧାନ', 'ସଂସ୍କୃତି, ହସ୍ତଶିଳ୍ପ ଏବଂ କଥାବାର୍ତ୍ତା ପଥ' 'ପ୍ରାକୃତିକ ପରିବେଶରେ ଚାଲିବା', 'ଭରତପୁରରେ ଜଙ୍ଗଲ ସଫାରି' ଏବଂ 'ଭରତପୁରରେ ରାତ୍ରୀ ଜଙ୍ଗଲ ସଫାରି' ଟ୍ରେଲ୍‌ର ଅନୁଭୂତି ନେଇପାରିବେ ପରିଦର୍ଶକ। ଚଳିତ ବର୍ଷ ରାଜଧାନୀରେ ଅନୁଷ୍ଠିତ ହେଉଥିବା ଇଣ୍ଡିଆନ ରୋଡ୍ କଂଗ୍ରେସ (ଆଇଆରସି) ସମ୍ମିଳନୀ ଅବସରରେ ଏକାମ୍ର ୱାକ୍ସର ଶୁଭାରମ୍ଭ ହୋଇଛି। ଫଳରେ ଦେଶ ଓ ବିଦେଶର ଅତିଥି, ପର୍ଯ୍ୟଟକ ଏବଂ ସେମାନଙ୍କ ପରିବାର ଭୁବନେଶ୍ୱର ଐତିହ୍ୟ, ସଂସ୍କୃତିକୁ ଖୁବ୍ ନିକଟରୁ ଜାଣିବାର ସୁଯୋଗ ପାଇବେ ବୋଲି ମେୟର କହିଛନ୍ତି। ୯ଟି ବିଷୟଭିତ୍ତିକ (ଟ୍ରେଲ୍) ପଦଯାତ୍ରା ମଧ୍ୟରେ ସ୍ୱଚ୍ଛ ଭାରତ ସର୍ବେକ୍ଷଣ ଅଭିଯାନକୁ ପାଥେୟ କରି ଏକ ସ୍ୱତନ୍ତ୍ର ସଂସ୍କରଣ ରହିବ। ଫଳରେ ପର୍ଯ୍ୟଟକମାନେ ରାଜଧାନୀର ବିଭିନ୍ନ ପର୍ଯ୍ୟଟନସ୍ଥଳରେ କିଭଳି ସ୍ୱଚ୍ଛତା ବଜାୟ ରହିବ ସେ ବିଷୟରେ ବି ଜାଣିବାକୁ ପାଇବେ ବୋଲି ବିଡିଏ ଉପାଧ୍ୟକ୍ଷ କହିଥିଲେ।

# ଦିନକରେ ଖାଇଦେଲେ ୪କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଆମିଷ


ଭୁବନେଶ୍ୱରର ପଳାଶୁଣୀଠାରେ ଏକ ଦୋକାନରୁ ମାଛ କିଣିବା ପାଇଁ ଗ୍ରାହକଙ୍କ ଭିଡ଼।

ଭୁବନେଶ୍ୱର, ୭।୧୧ (ବନ୍ଦନା ସେଠୀ)

**ଜମିଲା ଛାଡ଼ଖାଇ**

ବୁଧବାର ଥିଲା କାର୍ତ୍ତିକ ପୂର୍ଣ୍ଣିମା। ପରଦିନ ମାର୍ଗଶୀର ଗୁରୁବାର ହୋଇଥିବାରୁ ଶୁକ୍ରବାର ରାଜଧାନୀର ଘରେ ଘରେ ଛାଡ଼ଖାଇ ବେଶ୍ ଜମିଥିଲା। ମାସ ତମାମ ହେଉ କିମ୍ବା ପଞ୍ଚକ ପାଞ୍ଚଦିନ ନିରାମିଷ ଖାଇଥିବା ଲୋକେ ପାଟିରେ ଟିକେ ଆମିଷ ସ୍ୱାଦ ବଜାଇବାକୁ ଏହି ଦିନକୁ ଚାହିଁବସିଥିଲେ। ଏଥିପାଇଁ ସକାଳୁ ସକାଳୁ ମାଛ, ମାଂସ ମାର୍କେଟରେ ପ୍ରବଳ ଭିଡ଼ ଆରମ୍ଭ ହୋଇଥିଲା। ଆମିଷ ଖାଦ୍ୟ ଖାଇ ଲୋକେ ଖୁସି ହୋଇଥିବାବେଳେ ସେପଟେ ବେପାର ଭଲ ଜମିଥିବାରୁ ଆମିଷ ବ୍ୟବସାୟୀମାନେ ମଧ୍ୟ ଖୁସି ଜାହିର କହିଛନ୍ତି। ମାଛ, ମାଂସ, ଚିଙ୍ଗୁଡି, କଙ୍କଡା ସାଙ୍ଗକୁ ଶୁଖୁଆ, ଅଣ୍ଡାର ବି ଭଲ ବେପାର ହୋଇଥିଲା। ଭୁବନେଶ୍ୱରରେ ଗୋଟିଏ ଦିନରେ ୪କୋଟି ୧ଲକ୍ଷ ୩୦ହଜାର ଟଙ୍କାର ଆମିଷ ବ୍ୟବସାୟ ହୋଇଥିବା ଅଲ୍ ଓଡ଼ିଶା ନନ୍‌ଭେଜ୍ ଟ୍ରେଡର୍ସ ଫେଡେରେଶନର ରାଜ୍ୟ ସଭାପତି ଶେଖ୍ ମୁନ୍ତାକିମ୍ ବକ୍ସ ସୂଚନା ଦେଇଛନ୍ତି। ଦିନକରେ ଶହେ ଟନ୍ ମାଛ ବିକ୍ରି ହୋଇଥିଲା, ଯାହାର ଦାମ୍ ୧କୋଟି ୩୦ଲକ୍ଷ ଟଙ୍କା ଥିଲା। ସେହିପରି ୧କୋଟି ୧୧ଲକ୍ଷ ୨୫ହଜାର ଟଙ୍କାର ଚିକେନ୍, ୧କୋଟି ୨୭ଲକ୍ଷ ୫୦ହଜାର ଟଙ୍କାର ୪୨.୫ ଟନ୍ ମଟନ୍ ଏବଂ ୩୨ଲକ୍ଷ ୫୫ହଜାର ଟଙ୍କାର ଅଣ୍ଡା ବିକ୍ରି ହୋଇଛି। ତେବେ ଗ୍ରାହକଙ୍କ ଭିଡକୁ ଦେଖି ଆମିଷର ଦର ମଧ୍ୟ ଅଧିକ ରହିଥିଲା। ଇଲିସି ମାଛ ଦର କେଜି ପିଛା ୧୮ଶହରୁ ଆରମ୍ଭ ହୋଇ ୨ହଜାର ଟଙ୍କା ଥିବାବେଳେ ପାମ୍ପଲେଟ୍‌ର ଦାମ୍ ୧ଶହରୁ ୬ଶହ, ରୋହି ମାଛ ୨ଶହରୁ ୨୪୦, ଭାକୁର ୨ଶହରୁ ୩ଶହ, ପୋହଳା ୨ଶହରୁ ୨୬୦, ମୀରକାଳି ୨୨୦ରୁ ୨୪୦, ମହୁରାଳୀ ୨ଶହରୁ ୨୨୦, ଚିଙ୍ଗୁଡି ୨ଶହରୁ ୫ଶହ, ଟାଇଗର୍ ଚିଙ୍ଗୁଡି ୬ଶହ, କଙ୍କଡା ୩ଶହରୁ ୧୨ଶହ, ଜିଅନ୍ତା ରୋହି ୨୨୦ରୁ ୨୬୦, ପାଣିଆଖିଆ ୨ଶହ, ଖଇଙ୍ଗା ୪ଶହରୁ ୫ଶହ, ଜଳଙ୍ଗ ୧୫୦ରୁ ୧୬୦ ରହିଥିବାବେଳେ ବ୍ରଏଲର ଚିକେନ୍‌ର ଦାମ୍ କେ.ଜି ୨୪୦ ଟଙ୍କା, ଦେଶୀ ମୟୂରଭଞ୍ଜ କୁକୁଡ଼ା ମାଂସ ୫୫୦ରୁ ୬ଶହ, ସୋନାଲୀ ୪ଶହ, କଲର ବାର୍ଡ ୨୫୦ଟଙ୍କା, ଖାସି କିଲୋପିଛା ୮ଶହରୁ ୮୫୦ଟଙ୍କା, ମାଇଛେଳି ୬୫୦ରୁ ୭ଶହ ଟଙ୍କା ରହିଥିଲା। ଉଚ୍ଚା ଦରକୁ ଖାତିର ନ କରି ଲୋକେ ମନପସନ୍ଦର ଆମିଷ କିଣି ଘରକୁ ଖୁସିରେ ଘରକୁ ଫେରୁଥିବା ଦେଖିବାକୁ ମିଳିଥିଲା।

# ୪୮ ମଣ୍ଡଳ ନାମ ସଂକୀର୍ତ୍ତନ ମହୋତ୍ସବ ଆରମ୍ଭ

ବାରଙ୍ଗ/ତ୍ରିଶୁଳିଆ,୭।୧୧(ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା)

ପ୍ରତିବର୍ଷ ଭଳି ଚଳିତବର୍ଷ ଗୌରବମୟ ୪୮ମଣ୍ଡଳ ନାମ ସଙ୍କୀର୍ତ୍ତନ ବାଲିଯାତ୍ରା ମହୋତ୍ସବ ଶୁକ୍ରବାରଦିନ ପୁରୁଣା ବାରଙ୍ଗଠାରେ ଆରମ୍ଭ ହୋଇଛି। କଣ୍ଟାପାଟଣାସ୍ଥିତ ମଠମନ୍ଦିରରୁ ପ୍ରଭୁ ମଦନମୋହନଙ୍କୁ ଏକ ବିରାଟ ସଙ୍କୀର୍ତ୍ତନ ଶୋଭାଯାତ୍ରାରେ ସକାଳୁ ମହୋତ୍ସବସ୍ଥଳକୁ ଅଣାଯାଇଥିଲା। ଏହି ଅବସରରେ ମହୋତ୍ସବ ସ୍ଥଳରେ ରାତିରେ ୪୮ମଣ୍ଡଳ ମହନ୍ତ ଡ. ମନ୍ମଥ ପାଣିଙ୍କ ସଭାପତିତ୍ୱରେ ସମ୍ବର୍ଦ୍ଧନା ସଭାରେ ପ୍ରାକ୍ତନ ବିଧାୟକ ପ୍ରଭାତ ତ୍ରିପାଠୀ, କଟକ ବାରବାଟୀ ବିଧାୟକ ଶୋଫିଆ ଫିର୍ଦ୍ଦୌଶ, ଜିଲା ପରିଷଦ ସଭ୍ୟ ଆଶିଷ ସାହୁ, ସାମାଜିକ କର୍ମୀ ନାରାୟଣ ସ୍ୱାଇଁ, ଆର୍ତ୍ତଚନ୍ଦ୍ର ବିଶ୍ୱାଳ, ଜନକ ବେଉରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଅତୀତର ସ୍ମୃତିକୁ ମନେପକାଇ ଆମର ପୁରୁଣା ଓଡ଼ିଶୀ ସଙ୍କୀର୍ତ୍ତନ ବିଷୟରେ ଆଗାମୀ ପିଢ଼ିକୁ ଆକୃଷ୍ଟ କରିବା ପାଇଁ ଯେଉଁ ଉଦ୍ୟମ କରାଯାଉଛି ତାହାକୁ ପ୍ରଶଂସା କରିଥିଲେ। ଏହି ଆଧ୍ୟାତ୍ମିକ ଉତ୍ସବରେ ଆଖପାଖ ଅଞ୍ଚଳର ୩୦ଟି ସଙ୍କୀର୍ତ୍ତନ ମଣ୍ଡଳୀ ଯୋଗଦେଇ ବିଳମ୍ବିତ ରାତି ପର୍ଯ୍ୟନ୍ତ ସଙ୍କୀର୍ତ୍ତନ ପରିବେଷଣ କରିଥିଲେ। ଶେଷରେ ଅଞ୍ଚଳର ପ୍ରତିଭାବାନ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଦିଲୀପ ସାମନ୍ତରାୟ, ସମ୍ପାଦକ ଡାକ୍ତର ପୂର୍ଣ୍ଣଚନ୍ଦ୍ର ବେଉରା, ପୂର୍ବତନ ମହନ୍ତ ଡାକ୍ତର କିଶୋର ଚନ୍ଦ୍ର ପାଣି, ସନାତନ ସ୍ୱାଇଁ, ରାମଚନ୍ଦ୍ର ରାଉତ, କେଦାରନାଥ ମହାପାତ୍ର, ଉପଅଧିକାରୀ ଅଭୟ ଦାସ, ପୀତାମ୍ବର ବିଶ୍ୱାଳ, ଭାଗିରଥି ବିଶୋଇ, ପ୍ରମୋଦ ପାଣି, ସନ୍ତୋଷ ପାଣି, ଚିତ୍ରସେନ ପ୍ରଧାନ, ଅଜୟ ଦାସ ପ୍ରମୁଖ ସଙ୍କୀର୍ତ୍ତନ ପରିଚାଳନା କରିଥିଲେ।

# ଏକାଧିକ କୁସଂସ୍କାର ବିରୋଧରେ ସଂଗ୍ରାମ କରିଥିଲେ ନୀଳକଣ୍ଠ


କାର୍ଯ୍ୟକ୍ରମରେ ବିଧାନସଭା ସଚିବ ସତ୍ୟବ୍ରତ ରାଉତଙ୍କ ସହ ଅନ୍ୟ ଅତିଥିମାନେ।

ଭୁବନେଶ୍ୱର, ୭।୧୧ (ରବିନାରାୟଣ ଜେନା)

**ବିଧାନସଭା ପରିସରରେ ପଣ୍ଡିତ ନୀଳକଣ୍ଠ ଦାସଙ୍କ ଶ୍ରାଦ୍ଧଦିବସ**

ପଣ୍ଡିତ ନୀଳକଣ୍ଠ ଦାସ ଛାତ୍ରଜୀବନରୁ ଜାତୀୟତାବାଦ୍‌ରେ ଉଦ୍‌ବୁଦ୍ଧ ହୋଇ ସ୍ୱାଧୀନତା ଆନ୍ଦୋଳନର ମୁଖ୍ୟସ୍ରୋତରେ ସାମିଲ ହୋଇଥିଲେ। ସେ ତତ୍କାଳୀନ ସମାଜରେ ପ୍ରଚଳିତ ଏକାଧିକ କୁସଂସ୍କାର ବିରୋଧରେ ସଂଗ୍ରାମ ଜାରି ରଖିଥିଲେ ବୋଲି ବାଚସ୍ପତି ସୁରମା ପାଢ଼ୀ କହିଛନ୍ତି। ଗୁରୁବାର ପଣ୍ଡିତ ନୀଳକଣ୍ଠ ଦାସଙ୍କ ଶ୍ରାଦ୍ଧଦିବସ ଅବସରରେ ବିଧାନସଭା ପରିସରରେ ଆୟୋଜିତ ସଂକ୍ଷିପ୍ତ ଉତ୍ସବରେ ବାଚସ୍ପତି କହିଥିଲେ, ସେ ଥିଲେ ବହୁମୁଖୀ ପ୍ରତିଭାର ଅଧିକାରୀ। ଓଡ଼ିଶା ବିଧାନସଭାର ବାଚସ୍ପତି ପଦ ମଣ୍ଡନ କରିବା ସହ ସେ ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ପଦ ମଧ୍ୟ ଅଳଙ୍କୃତ କରିଥିଲେ। ସେ ଥିଲେ ଏକାଧାରରେ ସଂଗ୍ରାମୀ, ସଂସ୍କାରକ, ଅଧ୍ୟାପକ, ଶିକ୍ଷାବିତ୍, ରାଜନେତା, ବାଗ୍ମୀ ଓ ସୁଲେଖକ। ଓଡ଼ିଶା ଇତିହାସରେ ତାଙ୍କର କୃତି ଓ କୀର୍ତ୍ତି ଚିର ଉଜ୍ଜ୍ୱଳ ରହିବ ବୋଲି ବାଚସ୍ପତି ପାଢ଼ୀ କହିଥିଲେ। କାର୍ଯ୍ୟକ୍ରମରେ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ବିଧାନସଭା ସଚିବ ସତ୍ୟବ୍ରତ ରାଉତ ପ୍ରମୁଖ ପଣ୍ଡିତ ନୀଳକଣ୍ଠଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପଗୁଚ୍ଛ ପ୍ରଦାନକରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

# ଏମ୍‌ସରେ ସାମୂହିକ 'ବନ୍ଦେ ମାତରମ୍' ଗାନ



ଏମ୍‌ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସଙ୍କ ସହ ଅନ୍ୟମାନେ ସାମୂହିକ ବନ୍ଦେ ମାତରମ୍ ଗାନ କରୁଛନ୍ତି।

ଭୁବନେଶ୍ୱର, ୭।୧୧ (ବନ୍ଦନା ସେଠୀ)

ଏମ୍‌ସ ଭୁବନେଶ୍ୱର ପକ୍ଷରୁ ଜାତୀୟ ସଙ୍ଗୀତ 'ବନ୍ଦେ ମାତରମ୍'ର ୧୫୦ବର୍ଷ ପୂର୍ତ୍ତି ପାଳନ ଅବସରରେ ଶୁକ୍ରବାର ପ୍ରତିଷ୍ଠାନ ପରିସରରେ ସାମୂହିକ ବନ୍ଦେ ମାତରମ୍ ଗାନ କରାଯାଇଥିଲା। ପ୍ରତିଷ୍ଠାନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଧ୍ୟାପିକାଅଧ୍ୟାପକ, ଛାତ୍ରୀଛାତ୍ର ଏବଂ କର୍ମଚାରୀ ସାମିଲ ହୋଇଥିଲେ। ଭାରତୀୟଙ୍କ ମଧ୍ୟରେ ଦେଶପ୍ରେମ ଏବଂ ଏକତାର ମନ୍ତ୍ରକୁ ଅଭିମନ୍ତ୍ରିତ କରୁଥିବା ବନ୍ଦେ ମାତରମ୍ ଭଳି ଏକ ଚମତ୍କାର କୃତି ସୃଷ୍ଟି କରିଥିବାରୁ ଏହାର ଲେଖକ ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କୁ ଡା. ଆଶୁତୋଷ ବିଶ୍ୱାସ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହା କେବଳ ଏକ ଗୀତ ନୁହେଁ ବରଂ ଆମ ସମସ୍ତଙ୍କୁ ଏକତ୍ର ବାନ୍ଧିରଖିବା ଏକ ଅନନ୍ୟ ରଜ୍ଜୁ ବୋଲି ଡା. ବିଶ୍ୱାସ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମ୍‌ସ ଭୁବନେଶ୍ୱର ମେଡିକାଲ ଅଧୀକ୍ଷକ ଡା. ଦିଲୀପ କୁମାର ପରିଡା, ଡିଡିଏ ଲ୍ୟୁଟନାଣ୍ଟ କଲୋନେଲ ଅଭିଜିତ ସରକାର, କୁଳସଚିବ ଡା. ସୁଦୀପ୍ତ ରଞ୍ଜନ ସିଂହ ପ୍ରମୁଖ ଯୋଗଦେଇଥିଲେ।

# ଡା. ପ୍ରଭାତ ଦାସଙ୍କୁ 'ଅବନୀ ବରାଳ ସେବା ସମ୍ମାନ'

ଭୁବନେଶ୍ୱର,୭।୧୧(ସୁଚିସ୍ମିତା ସାହୁ)

**କ୍ରାନ୍ତିକାରୀ ଶିକ୍ଷକ ନେତାଙ୍କ ଦ୍ୱାଦଶତମ ସ୍ମୃତିଚାରଣ ସମାରୋହ**

କ୍ରାନ୍ତିକାରୀ ସଂଗ୍ରାମୀ ଶିକ୍ଷକ ନେତା ନିଖିଳ ଉତ୍କଳ ଶିକ୍ଷକ ମହାସଂଘର ପ୍ରତିଷ୍ଠାତା ସମ୍ପାଦକ ଓ ବିଶ୍ୱ ଶିକ୍ଷକ ସଂଘର ପୂର୍ବତନ ଉପସଭାପତି ପ୍ରଫେସର ଅବନୀ ବରାଳଙ୍କ ଦ୍ୱାଦଶତମ ସ୍ମୃତିଚାରଣ ସମାରୋହ ଶୁକ୍ରବାର ବୁଦ୍ଧମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ମହାସଂଘ ସଭାପତି ଅକ୍ଷୟ ଦାସ ସଭାପତିତ୍ୱ କରିଥିବାବେଳେ ଶିକ୍ଷକ ମହାସଂଘର ସାଧାରଣ ସମ୍ପାଦକ ଡ. ଦୁଷ୍ମନ୍ତ କୁମାର ନାୟକ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ଓଡ଼ିଶାର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିବା ବ୍ୟକ୍ତିବିଶେଷଙ୍କୁ ଅବନୀ ବରାଳ ସମ୍ମାନ ପ୍ରଦାନ କରାଯାଇଥିଲା। କ୍ୟାପିଟାଲ୍ ହସ୍ପିଟାଲ୍‌ର ହୃଦ୍‌ରୋଗ ଚିକିତ୍ସା ବିଭାଗର ନିର୍ଦ୍ଦେଶକ ଡା. ପ୍ରଭାତ କୁମାର ଦାସଙ୍କୁ 'ଅବନୀ ବରାଳ ସେବା ସମ୍ମାନ, ମହେନ୍ଦ୍ର ଆଚାର୍ଯ୍ୟଙ୍କୁ 'ସାହିତ୍ୟ କଳା ସଂସ୍କୃତି ସମ୍ମାନ', ଅଧ୍ୟାପକ ନୀଳମଣି ସାହୁଙ୍କୁ 'ଶିକ୍ଷା ସମ୍ମାନ', ବିଶିଷ୍ଟ ଅଭିନେତା ଅଶ୍ରୁମୋଚନ ମହାନ୍ତିଙ୍କୁ 'ନାଟ୍ୟକଳା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଡ. ଅମିୟ ମହାନ୍ତିଙ୍କ ସଂଯୋଜନାରେ ଓଡ଼ିଶାର ସାମ୍ପ୍ରତିକ 'ଶିକ୍ଷା ସୁଯୋଗ ଓ ଆହ୍ୱାନ' ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସିପିଆଇର ସମ୍ପାଦକ ପ୍ରଶାନ୍ତ ମିଶ୍ର, ସିପିଆଇଏମ୍ ନେତା ସନ୍ତୋଷ ଦାସ, ସିପିଏମ୍‌ଏଲ୍ ନେତା ଯୁଧିଷ୍ଠିର ମହାପାତ୍ର, ଅଖିଳ ଭାରତ ଛାତ୍ର ସଂଗଠନ ନେତ୍ରୀ ସଂଘମିତ୍ରା ଜେନା, ଓଡ଼ିଶା ରାଜ୍ୟ ଶିକ୍ଷକ-କର୍ମଚାରୀ ବିକାଶ ମଞ୍ଚ ସମ୍ପାଦକ ଲୋକନାଥ ରଥ, ଅଖିଳ ଭାରତ ବିଶ୍ୱବିଦ୍ୟାଳୟ ଓ କଲେଜ ଶିକ୍ଷକ ସଂଘର ଉପସଭାପତି ଡ. ମାନସ ବେହେରା, ଅଖିଳ ଭାରତ ଶିକ୍ଷା ବଞ୍ଚାଅ ସଂଗଠନର ସୁବାଶିଷ ନାୟକ, ଶିକ୍ଷକ ନେତା ତ୍ରିଲୋଚନ ମହାପାତ୍ର ପ୍ରମୁଖ ଅବନି ବରାଳଙ୍କ ସ୍ମୃତିଚାରଣ କରିବା ସହ ଆଲୋଚନାରେ ଭାଗ ନେଇଥିଲେ। ଅଧ୍ୟାପକ ଗୌରାଙ୍ଗ ନନ୍ଦ ଭିତ୍ତିପତ୍ର ଉପସ୍ଥାପନ କରିଥିବା ବେଳେ ଅଧ୍ୟାପକ ବୃନ୍ଦାବନ ମହାପାତ୍ର ଓ ଅଧ୍ୟାପକ ଡ. ଦିଲୀପ ମିଶ୍ର ସଭା ପରିଚାଳନା ଏବଂ ଅଧ୍ୟାପକ ରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# 'ଏଟିଏଲ୍ ସ୍ପାର୍କ ଟ୍ୟାଙ୍କ'ରେ ଡିଏଭି ବେଦାନ୍ତ ଇଣ୍ଟରନ୍ୟାଶନାଲ ସ୍କୁଲର ସଫଳତା




ଭୁବନେଶ୍ୱର,୭।୧୧(ଅନୁରାଧା ମହାରଣା)

ବେଦାନ୍ତ ଆଲୁମିନିୟମ ଲାଞ୍ଜିଗଡ଼ର ଡିଏଭି ବେଦାନ୍ତ ଇଣ୍ଟରନ୍ୟାଶନାଲ ସ୍କୁଲର ୨ଜଣ ଏକାଦଶ ଶ୍ରେଣୀର ଛାତ୍ର ତଥା ଯୁବ ଉଦ୍ଭାବକ ଲୋକେଶ ଲାଲ ମାଝୀ ଏବଂ ଅମୟ ପ୍ରସାଦ ମହାକୁଡ ଭୁବନେଶ୍ୱରସ୍ଥିତ କିଟ୍ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ଏଟିଏଲ୍ ସ୍ପାର୍କ ଟ୍ୟାଙ୍କ – ଫ୍ୟୁଚର୍ ମେକର୍ ଆଇଡିଆଥନ୍‌ରେ ପ୍ରଥମ ପୁରସ୍କାର ଜିତିଛନ୍ତି। ଏଥିରେ ରାଜ୍ୟର ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରଙ୍କ ୧୦୮ଟି ଅଭିନବ ପ୍ରକଳ୍ପ ସହ ପ୍ରତିଯୋଗିତା କରି ସେମାନଙ୍କ ପ୍ରୋଜେକ୍ଟ ବିଚାରକମାନଙ୍କୁ ପ୍ରଭାବିତ କରିଥିଲା। ପ୍ରଥମେ ସେମାନେ ଶ୍ରେଷ୍ଠ ୧୫ ଫାଇନାଲିଷ୍ଟଙ୍କ ମଧ୍ୟରେ ସ୍ଥାନ ପାଇଥିବାବେଳେ ଶେଷରେ ଚାମ୍ପିଅନ ହୋଇଛନ୍ତି। ଉଭୟଙ୍କୁ ଚାମ୍ପିଅନ ଟ୍ରଫି ସହିତ ୧୫ହଜାର ଟଙ୍କାର ନଗଦ ପୁରସ୍କାର ପ୍ରଦାନ କରାଯାଇଛି। ଉଭୟଙ୍କ ଉଦ୍ଭାବନ ପ୍ରକଳ୍ପ ଏଆଇ-ଚାଳିତ ବ୍ୟକ୍ତିଗତ ସହାୟକ ମଡେଲ ଦୃଷ୍ଟିହୀନ ବ୍ୟକ୍ତିମାନଙ୍କୁ ଘର ଭିତର ଏବଂ ବାହାର ସ୍ଥାନଗୁଡ଼ିକୁ ସ୍ୱାଧୀନ ଓ ସୁରକ୍ଷିତ ଭାବରେ ଚଳପ୍ରଚଳ କରିବା ପାଇଁ ସାହାଯ୍ୟ କରିବ। ଏନେଇ ବେଦାନ୍ତ ଆଲୁମିନା (ବ୍ୟବସାୟ) ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, ଲୋକେଶ ଏବଂ ଅମୟଙ୍କ ସଫଳତା ସୃଜନଶୀଳତା, କରୁଣା ଓ ଉଦ୍ଦେଶ୍ୟମୂଳକ ନବସୃଜନର ଭାବନାକୁ ପ୍ରତିପାଦିତ କରୁଛି। ସେମାନଙ୍କ ଉଲ୍ଲେଖନୀୟ ସଫଳତା କେବଳ କଳାହାଣ୍ଡିକୁ ଗର୍ବିତ କରେ ନାହିଁ, ସାମାଜିକ ମଙ୍ଗଳ ପାଇଁ ପ୍ରଯୁକ୍ତିବିଦ୍ୟାକୁ ବ୍ୟବହାର କରିବାକୁ ଅନ୍ୟମାନଙ୍କୁ ପ୍ରେରଣା ଦିଏ।

## ଇଣ୍ଡିଆନ ରୋଡସ୍ କଂଗ୍ରେସ




ଭୁବନେଶ୍ୱର ଜନତା ମଇଦାରଠାରେ ଶୁକ୍ରବାର ଉଦ୍‌ଘାଟିତ '୮୪ତମ ଭାରତୀୟ ସଡ଼କ କଂଗ୍ରେସ'ରେ ଯୋଗଦେଇଥିବା ଅତିଥି ଓ ବ୍ୟକ୍ତିବିଶେଷ।
ସମ୍ମିଳନୀର ପ୍ରଥମ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମରେ ପରିବେଷିତ ଲୋକନୃତ୍ୟ।

# 'ଶିଶୁ ରାଷ୍ଟ୍ର ନିର୍ମାଣର ସୂତ୍ରଧର'

**ଖୋର୍ଦ୍ଧା,୭ା୧୧(ପ୍ରଭାତ ପାଣିଗ୍ରାହୀ)**



କାର୍ଯ୍ୟକ୍ରମରେ ଜିଲାପାଳ ଅମ୍ରିତ ଋତୁରାଜ ଏବଂ ଅନ୍ୟ ଅତିଥି।

## ଜିଲାସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'

ଖୋର୍ଦ୍ଧା ଜିଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ବକ୍ସି ଜଗବନ୍ଧୁ ବିଦ୍ୟାଧର ଉଚ୍ଚ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଶୁକ୍ରବାର ଜିଲାସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷାଧିକାରୀ ସୋନାମିକା ରାୟଙ୍କ ସଭାପତିତ୍ୱରେ ଆୟୋଜିତ ଏହି ମହୋତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜିଲାପାଳ ଅମ୍ରିତ ଋତୁରାଜ କହିଥିଲେ ଯେ, ଆଜିର ଶିଶୁ ଭବିଷ୍ୟତ ରାଷ୍ଟ୍ର ନିର୍ମାଣର ସୂତ୍ରଧର। ପିଲାଙ୍କ ସୃଜନଶୀଳତା, ପ୍ରତିଭାକୁ ପ୍ରସ୍ଫୁଟିତ କରିବା ଦିଗରେ 'ସୁରଭି' ରାଜ୍ୟ ସରକାରଙ୍କ ଏକ ପ୍ରେରଣାଦାୟୀ ଯୋଜନା। ସୁରଭି ପିଲାଙ୍କ ଜ୍ଞାନର ବିକାଶ ସହ ଜିଜ୍ଞାସାଭାବକୁ ଜାଗ୍ରତ କରି ଆଗକୁ ବଢ଼ିବାକୁ ସୁଯୋଗ ଦେଇଥାଏ। ଶୃଙ୍ଖଳିତ ଜୀବନଶୈଳୀ, ନିଷ୍ଠା, ଏକାଗ୍ରତାର ସହ ଜ୍ଞାନ ଆରୋହଣ କରିବାକୁ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟ ବକ୍ତା ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ସାହୁ କହିଥିଲେ ଯେ, ୨୦୩୬ ସ୍ୱପ୍ନର ଓଡ଼ିଶା ଗଠନ ଦିଗରେ ଏଭଳି ଶିଶୁ ମହୋତ୍ସବ ଗୁରୁତ୍ୱ ବହନ କରେ। ପାଠପଢ଼ା ସହ ପିଲାଙ୍କ ଅନ୍ତର୍ନିହିତ ପ୍ରତିଭା ବିକାଶ ଦିଗରେ ସୁରଭି ମାର୍ଗ ପ୍ରଶସ୍ତ କରିଥାଏ। ସମଗ୍ର ରାଜ୍ୟ ତଥା ରାଷ୍ଟ୍ରରେ ଖୋର୍ଦ୍ଧା ଜିଲାକୁ ଏକ ଅଗ୍ରଣୀ ଏବଂ ଏକ ନମ୍ବର ଜିଲାଭାବେ ଗଢ଼ିତୋଳିବା ଦିଗରେ ପିଲାଙ୍କ ପ୍ରମୁଖ ଭୂମିକା ରହିଛି। ବିଶିଷ୍ଟ ଅତିଥିଭାବେ କଣ୍ଠଶିଳ୍ପୀ ରବୀନ୍ଦ୍ର ମହାପାତ୍ର ଯୋଗଦେଇ ପିଲାଙ୍କୁ ସତ୍ୟ ପଥରେ ଚାଲିବା, ମାତାପିତା ଓ ଗୁରୁଜନଙ୍କ ପ୍ରତି ଭକ୍ତି, ଆର୍ଶୀବାଦ ଜୀବନରେ ଗତିପଥରେ ଆଗକୁ ବଢ଼ିବାକୁ ପ୍ରେରଣା ଦେଇଥାଏ ବୋଲି କହିଥିଲେ। ଏହି ଅବସରରେ କଣ୍ଠଶିଳ୍ପୀ ମହାପାତ୍ର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭଜନ ଗାନ କରି ଏକ ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲେ। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ବିଜୟ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

ଅପରାହ୍ନରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଜିଲା ପରିଷଦ ଅଧ୍ୟକ୍ଷା ରୁପଶ୍ରୀରାଣୀ ଗୁମାନସିଂ ମୁଖ୍ୟ ଅତିଥି, ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା ମୁଖ୍ୟ ବକ୍ତା, ଜିଲା ପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ହାସ୍ୟ ଅଭିନେତା ପ୍ରଜ୍ଞା ରଞ୍ଜନ ଖଟୁଆ ଏବଂ ଶଙ୍କର୍ଷଣ ପ୍ରଧାନ ବିଶିଷ୍ଟ ଅତିଥିଭାବେ ଯୋଗଦେଇ ପିଲାଙ୍କୁ ହାସ୍ୟ ଅଭିନୟ ମାଧ୍ୟମରେ ଉତ୍ସାହିତ କରିଥିଲେ। ଲକ୍ଷ୍ୟସ୍ଥଳ ସ୍ଥିର କରି ନିଷ୍ଠାପର ଭାବେ ପରିଶ୍ରମ କଲେ ସଫଳତା ପାଇବ। ପ୍ରତ୍ୟେକ ବିଫଳତା ପଛରେ ସଫଳତା ଲୁଚି ରହିଛି। କୌଣସି ପରିସ୍ଥିତିରେ ମଧ ଭାଙ୍ଗି ନ ପଡ଼ି ଧୈର୍ଯ୍ୟର ସହ ଆଗକୁ ବଢ଼ିଲେ ସଫଳତା ହାସଲ କରିପାରିବ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସେହିପରି ହାସ୍ୟ ଅଭିନେତା ପ୍ରଜ୍ଞା ଏବଂ ଶଙ୍କର୍ଷଣଙ୍କୁ ଅତିରିକ୍ତ ଜିଲାପାଳ ମୋମେଣ୍ଟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ବନ୍ଦେ ମାତରମ୍‌ର ୧୫୦ବର୍ଷ ପୂର୍ତ୍ତି ଅବସରରେ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସମସ୍ତ ଅତିଥି, ଛାତ୍ରୀଛାତ୍ର ଏବଂ ଶିକ୍ଷକ, ଶିକ୍ଷୟିତ୍ରୀ ସମୂହ ଗାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ପ୍ରଜ୍ଞା ପାରମିତା ଜେନା, ରଶ୍ମିବାଳା ପରିଡ଼ା, ବିଜେବି ହାଇସ୍କୁଲ ପ୍ରଧାନଶିକ୍ଷକ ବିଭୂ ପ୍ରସାଦ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ ବ୍ଲକ୍ ଶିକ୍ଷାଧିକାରୀ, ସିଆର୍‌ସିସି ଓ ଶିକ୍ଷକ, ଶିକ୍ଷୟିତ୍ରୀମାନେ ମହୋତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ସାଇବର ସୁରକ୍ଷା ସଚେତନତା ଅଭିଯାନ



ବାଣପୁରରେ ଅନୁଷ୍ଠିତ ସାଇବର ସୁରକ୍ଷା ସଚେତନତା ପଦଯାତ୍ରା।

**ବାଣପୁର,୭ା୧୧(ଦିଲୀପ କୁମାର ସ୍ୱାଇଁ)**

ବାଣପୁରରେ ଶୁକ୍ରବାର ସାଇବର ସୁରକ୍ଷା ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଣପୁର ସରକାରୀ ବିଦ୍ୟାଳୟରେ ଆୟୋଜିତ ବିଦ୍ୟାଳୟସ୍ତରୀୟ କାର୍ଯ୍ୟକ୍ରମରେ ସରକାରୀ ଗାର୍ଲ୍ସ ହାଇସ୍କୁଲ ଓ ସେଣ୍ଟ ଜାଭିୟର ହାଇସ୍କୁଲ ମଧ୍ୟ ଅଂଶଗ୍ରହଣ କରିଥିଲେ। ସାଇବର ସୁରକ୍ଷା ସଚେତନତା ଉପରେ ଆଲୋଚନା ହୋଇଥିଲା। ଏହାପରେ ଅନୁଷ୍ଠିତ ସାଇବର ସୁରକ୍ଷା ସଚେତନତା ପଦଯାତ୍ରାରେ ଛାତ୍ରୀଛାତ୍ରମାନେ ପ୍ଲାକାର୍ଡ ଓ ବିଭିନ୍ନ ସ୍ଲୋଗାନ ଦେବା ସହିତ ଲୋକଙ୍କୁ ସାଇବର ସୁରକ୍ଷା ପତ୍ରିକା ବଣ୍ଟନ କରିଥିଲେ। ଏହି ଅଭିଯାନର ମୁଖ୍ୟ ଆକର୍ଷଣ ଥିଲା ସାଇବର ରଥ।

ସେହିପରି ଗୋଦାବରୀଶ ମହାବିଦ୍ୟାଳୟ ଓ ଗୋଦାବରୀଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀଙ୍କ ମିଳିତ ପ୍ରୟାସ ଏବଂ ସ୍ଥାନୀୟ ଥାନା ଅଧିକାରୀ ରମେଶ କୁମାର ଦେବତାଙ୍କ ତତ୍ତ୍ୱାବଧାନରେ ସାଇବର ଅପରାଧଜନିତ ସଚେତନତା କାର୍ଯ୍ୟକ୍ରମ ମହାବିଦ୍ୟାଳୟ ପରିସରରେ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲାର ସାଇବର ସେଲ ଇନ୍‌ସ୍ପେକ୍ଟର ସୁଚିତ୍ରା ଜେନା ସାଇବର ସୁରକ୍ଷାଜନିତ ଶପଥପାଠ କରାଇବା ସହିତ ଛାତ୍ରୀଛାତ୍ରଙ୍କୁ ସାଇବର ସୁରକ୍ଷା ସମ୍ପର୍କିତ ପ୍ରଶ୍ନ ପଚାରି ଠିକ୍ ଉତ୍ତରଦାତାଙ୍କୁ ପୁରସ୍କୃତ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଶୁରପ୍ରତାପ ନରେନ୍ଦ୍ର ସିଂହ ବର୍ମା, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଅଧିକାରୀ କ୍ୟାପ୍ଟେନ ଗୁରୁକିଶୋର ନାୟକ, ପ୍ରଶାସନିକ ଅଧିକାରୀ ଆଦିତ୍ୟ ସାରଥୀ ବେଦମତ୍ତା, ରୁତୁସ୍ମିତା ମିଶ୍ର, ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକ ଅଧ୍ୟାପକ, ପୋଲିସ ଅଫିସର ରଜତ ମହାକୁଡ, ସଞ୍ଜୟ ସିଂହ ପ୍ରମୁଖ ଉପସ୍ଥିତ ଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜାତୀୟ ସେବା ଯୋଜନା ଅଧିକାରୀ ଜୟନ୍ତ କୁମାର ବିହାରୀ ଧନ୍ୟବାଦ ଦେଇଥିଲେ।

# ବେଆଇନ ମାଙ୍କଡ଼ାପଥର ଖଣିରେ ଚଢ଼ାଉ: ୨୫ ଗିରଫ, ୮ ଗାଡ଼ି ଜବତ

**ଟାଙ୍ଗୀ,୭ା୧୧(ରଘୁନାଥ ସାହୁ)**

ଖୋର୍ଦ୍ଧା ଖଣି ବିଭାଗ ଏବଂ ଟାଙ୍ଗୀ ପୋଲିସ ମିଳିତଭାବେ ଗୁରୁବାର ରାତିରେ ଚଣ୍ଡେଶ୍ୱର ସ୍ଥିତ ବେଆଇନ ମାଙ୍କଡ଼ା ପଥର ଖଣିରେ ଚଢ଼ାଉ କରି କଟର ମେଶିନ, ୮ଟି ଗାଡ଼ି ଜବତ କରିବା ସହ ୨୫ଜଣଙ୍କୁ ଗିରଫ କରିଛି। ଜବତ ଗାଡ଼ି (ଓଡି ୨୮ପି ୭୨୭୫, ଓଡି ୦୭ ୪୯୧୧, ଓଡି ୦୨କେ ୮୪୮୭, ଓଡି ୩୩ଏକେ ୭୮୦୯, ଓଡି ୦୨ଏଜେ ୫୩୮୦, ଓଡି ୦୨ଜି ୩୩୯୭, ଓଡି ୦୨ଭି ୩୬୯୭, ଓଡି ୦୭ଇ ୩୯୪୪)କୁ କୁହୁଡି ଫାଣ୍ଡି ପରିସରରେ ରଖାଯାଇଛି। ଗାଡି ଡ୍ରାଇଭର, ହେଲ୍ପର, କଟର ମେଶିନ ଚାଳକ, ଶ୍ରମିକମାନେ ଧରାପଡ଼ିଛନ୍ତି। ତେବେ ଖଣି ମାଫିଆମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ପୋଲିସ ଏକ ମମାଲା ରୁଜୁକରି ଖଣି ମାଫିଆଙ୍କୁ ଗିରଫ କରିବା ପାଇଁ ତଦନ୍ତ ଜାରି ରଖିଛି। ସୂଚନାଥାଉ କି, ଦୀର୍ଘଦିନ ଧରି ଏହି ଅଞ୍ଚଳର ବେସରକାରୀ ଜମିରୁ ବେଆଇନ ଭାବେ ମାଙ୍କଡ଼ା ପଥର ଖନନ ସହିତ ଚାଲାଣ କରାଯାଉଥିବା ନେଇ ଅଭିଯୋଗ ହୋଇଆସୁଥିଲା।

# ୧୫ ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗାର ଜବତ, ୩ ଗିରଫ

## ୩୪ ହଜାର ଟଙ୍କା, ୨ ବାଇକ୍ ଏବଂ ୩ ମୋବାଇଲ ଜବତ



ଖବରଦାତା ସମ୍ମିଳନୀରେ ସଦର ଡିଏସ୍‌ପି ନୀହାର ରଞ୍ଜନ ପ୍ରଧାନ ସୂଚନା ଦେଉଛନ୍ତି।

**ଖୋର୍ଦ୍ଧା,୭ା୧୧(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧାରେ ବ୍ରାଉନ୍‌ସୁଗାର କାରବାର ଦିନକୁ ଦିନ ବଢ଼ିଚାଲିଛି। ବାହାର ରାଜ୍ୟ ଏବଂ ବାଲେଶ୍ୱର, ଜଳେଶ୍ୱର ଅଞ୍ଚଳରୁ ବ୍ରାଉନ୍‌ସୁଗାର ବିଭିନ୍ନ ଗଳାବାଟ ଦେଇ ଖୋର୍ଦ୍ଧାକୁ ଆସୁଛି। ଏଠାରୁ ଗ୍ରାମାଞ୍ଚଳ ଏବଂ ପଡ଼ୋଶୀ ଜିଲାକୁ ପଠାଯାଉଛି। ସ୍ୱଳ୍ପ ସମୟରେ ଅଧିକ ଟଙ୍କା ରୋଜଗାର ଲାଳସାରେ ଯୁବପିଢ଼ି ସାମିଲ ହୋଇ ବିପଦଗାମୀ ହେଉଛନ୍ତି। ତେବେ ଖୋର୍ଦ୍ଧା ଜିଲା ପୋଲିସ ପକ୍ଷରୁ ଜିଲାକୁ ନିଶାମୁକ୍ତ ପାଇଁ ଅପରେସନ ହ୍ୱାଇଟ ସ୍ୱାଇଡର ଅଭିଯାନ ଚାଲିଛି। ଗୁରୁବାର ଅପରାହ୍ନ ସାଢ଼େ ୧ଟାରେ ବାଟମଙ୍ଗଳା ରୋଡ୍ ହାଟ ପୋଖରୀ ନିକଟରେ ବ୍ରାଉନ୍‌ସୁଗାର ଡିଲ୍ ଚାଲିଥିବା ଖବରପାଇ ଆଦର୍ଶ ଥାନା ପୋଲିସର ଏକ ଟିମ୍ ଅଚାନକ ଚଢ଼ାଉ କରିଥିଲା। ପୋଲିସ ଘଟଣାସ୍ଥଳରୁ ୧୫୦ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ କରିବା ସହ ୩ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଶିଳ୍ପାଞ୍ଚଳ ଥାନା ଅନ୍ତର୍ଗତ ମୁକୁନ୍ଦପ୍ରସାଦ ପୋଡ଼ାସାହିର ସୁରେଶ ବେହେରା ଓରଫ ଛଡିଆ(୨୩), ଆଦର୍ଶ ଥାନା ଭାଲିଆବାଡ଼ି ହାତିଆସୁନି ସାହିର ରିତେଶ ପଟ୍ଟନାୟକ ଓରଫ ଚେପା(୨୩) ଏବଂ ସାମନ୍ତରାପୁରର ଆର୍ତ୍ତତ୍ରାଣ ବେହେରା ଓରଫ ଚିଣ୍ଟୁ(୨୫)। ଏମାନଙ୍କଠାରୁ ୨ଟି ବାଇକ୍, ୩ଟି ମୋବାଇଲ ଫୋନ ଏବଂ ୩୪ହଜାର ଟଙ୍କା ଜବତ କରାଯାଇଛି। ଜବତ ବ୍ରାଉନ୍‌ସୁଗାରର ଆନୁମାନିକ ମୂଲ୍ୟ ୧୫ଲକ୍ଷ ଟଙ୍କା ହେବ ବୋଲି ଶୁକ୍ରବାର ଆଦର୍ଶ ଥାନା ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସଦର ଡିଏସ୍‌ପି ନୀହାର ରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି। ଏନେଇ ଥାନାରେ ଏକ ମାମଲା(ନଂ.୪୭୩/୨୫) ରୁଜୁ ହୋଇଛି। ଅଭିଯୁକ୍ତମାନଙ୍କ ସହ ଅନ୍ୟ କେଉଁମାନଙ୍କ ସମ୍ପୃକ୍ତି ରହିଛି, ବ୍ରାଉନ୍‌ସୁଗାର କେଉଁଠୁ ଆଣୁଥିଲେ ଏବଂ କିଏ ଏମାନଙ୍କୁ ଯୋଗାଉଛି ସେନେଇ ତଦନ୍ତ ଜାରି ରହିଛି ବୋଲି ଡିଏସ୍‌ପି ପ୍ରଧାନ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଥାନା ଅଧିକାରୀ ସଞ୍ଜୟ ନାୟକ, ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ସସ୍ମିତା ବେହେରା, ଏସ୍‌ଆଇ ବସନ୍ତ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ହାତୀ ନଷ୍ଟ କରୁଛି ଧାନ ଫସଲ

**ବେଗୁନିଆ,୭ା୧୧(ସନ୍ଧ୍ୟାରାଣୀ ମିଶ୍ର)**



ବେଗୁନିଆ ବ୍ଲକ ଦେଉଳି ପଞ୍ଚାୟତ ଅନ୍ତର୍ଗତ ଗୋଡ଼ା ଗ୍ରାମ ନିକଟରେ ଶୁକ୍ରବାର ଅପରାହ୍ନରେ ଏକ ହାତୀ ପଶି ଧାନଫସଲ ନଷ୍ଟ କରୁଥିବା ଦେଖିବାକୁ ମିଳିଛି। ହାତୀଟି ଖାଦ୍ୟ ଅନ୍ୱେଷଣରେ ଜନବସତିମୁହାଁ ହୋଇ ଧାନ ଫସଲ ନଷ୍ଟ କରୁଥିବାରୁ ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ହାତୀ ଘଉଡ଼ାଇବାକୁ ବନ ବିଭାଗ ଆବଶ୍ୟକ ପଦକ୍ଷେପ ନେବାକୁ ଚାଷୀମାନେ ଦାବି କରିଛନ୍ତି।

# ୯ରୁ ରାଜ୍ୟସ୍ତରୀୟ ଶବର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ

**ଯାଁଳା,୭ା୧୧(ବୁଲା ବାରିକ)**

ଖୋର୍ଦ୍ଧା ଜିଲା ଶବର କ୍ରୀଡ଼ା ସଂଘ ଆନୁକୂଲ୍ୟରେ ଆସନ୍ତା ୯ତାରିଖରୁ ଯାଁଳା ପଞ୍ଚାୟତ ରାଧାଚରଣପୁର ଖେଳପଡ଼ିଆରେ ୨୭ତମ ଶବର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଆରମ୍ଭ ହେବ। ଏଥିରେ ୮ଟି ଟିମ୍ ଅଂଶଗ୍ରହଣ କରିବେ। ଏହି ୮ଟି ଟିମ୍‌କୁ ଦୁଇ ଭାଗରେ ବିଭକ୍ତ କରାଯାଇ ମୋଟ ୭ଟି ମ୍ୟାଚ୍ ଖେଳାଯିବ। ଏହି ଟୁର୍ନାମେଣ୍ଟର ଚାମ୍ପିୟନ ଟିମ୍‌କୁ ଟ୍ରଫି ସହ ୧୫ ହଜାର ଟଙ୍କା ଏବଂ ରନର୍ସଅପ୍ ଟିମ୍‌କୁ ଟ୍ରଫି ସହିତ ୧୨ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ଖୋର୍ଦ୍ଧା ଜିଲା ଶବର କ୍ରୀଡ଼ା ସଂଘର ସାଧାରଣ ସମ୍ପାଦକ ବିଜୟ କୁମାର ନାଏକ ସୂଚନା ଦେଇଛନ୍ତି। ୯ ତାରିଖରେ ଉତ୍କଳ ସ୍ପୋର୍ଟିଂ ଜଟଣୀ ଏବଂ ଜଗା ସ୍ପୋର୍ଟିଂ ପୁରୀ ମଧ୍ୟରେ ମ୍ୟାଚ୍ ହେବ। ସେହିପରି ୧୦ତାରିଖରେ ଭଦ୍ରକ ୧୧ ଏବଂ ଆୟୋଜକ ଖୋର୍ଦ୍ଧା ଜିଲା ଶବର କ୍ରୀଡ଼ା ସଂଘ, ୧୧ତାରିଖରେ ପପୁଲାର କ୍ଲବ ଢେଙ୍କାନାଳ ଏବଂ ୟୁନାଇଟେଡ୍ କ୍ଲବ ଗଣ୍ଡରପୁର କଟକ, ୧୨ ତାରିଖରେ ପ୍ରଥମ ସେମିଫାଇନାଲ ମ୍ୟାଚ୍ ୯ତାରିଖର ବିଜେତା ଏବଂ୧୦ତାରିଖର ବିଜେତା, ୧୩ତାରିଖରେ ଫ୍ରେଣ୍ଡ୍‌ସ ପାରାଡାଇଜ୍ ଜଟଣୀ ଏବଂ ଗେହ୍ଲା କ୍ଲବ୍ ବୌଦ୍ଧ, ୧୪ ତାରିଖରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ୧୧ତାରିଖର ବିଜେତା ଏବଂ ୧୩ତାରିଖ ବିଜେତା ମଧ୍ୟରେ ହେବ। ୧୬ ତାରିଖରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ସଂଘ ପକ୍ଷରୁ କୁହାଯାଇଛି।

# ବୈଦ୍ୟେଶ୍ୱର ତ୍ରିକୂଟ ତୀର୍ଥ ମହୋତ୍ସବ ଉଦ୍‌ଯାପିତ



ବୈଦ୍ୟେଶ୍ୱର ତ୍ରିକୂଟ ତୀର୍ଥ ମହୋତ୍ସବ ଉଦ୍‌ଯାପନୀ ଦିବସରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

**କଳାପଥର,୭ା୧୧(ଗଙ୍ଗାଧର ସାହୁ)**

ବୈଦ୍ୟେଶ୍ୱର ତ୍ରିକୂଟ ତୀର୍ଥ ମହୋତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମହୋତ୍ସବ କମିଟି ସଭାପତି ତଥା ବୈଦ୍ୟେଶ୍ୱର ସରପଞ୍ଚ ସୁରଞ୍ଜନ ପଣ୍ଡା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ବାଙ୍କୀ ବିକାଶ ମଞ୍ଚ ସଭାପତି ଶୁଭ୍ରାଂଶୁ ମୋହନ ପାଢ଼ୀ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ମୁଖ୍ୟ ବକ୍ତାଭାବେ ନରସିଂହପୁର ମହାବିଦ୍ୟାଳୟ ଅଧ୍ୟକ୍ଷ କୁଳମଣି ବାରିକ, ସମ୍ମାନିତ ଅତିଥିଭାବେ ଅଭିନେତା ମନ୍ମୟ, ସମିତିସଭ୍ୟ ମହେଶ୍ୱର ମହାପାତ୍ର, ଗୋଳାଗଣ୍ଡ ସରପଞ୍ଚ ପ୍ରମୋଦ କୁମାର ସେନାପତି, ସମାଜସେବୀ ପୂର୍ଣ୍ଣାନନ୍ଦ ସୁବୁଦ୍ଧି ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ବୈଦ୍ୟନାଥ ଯୁବ ପରିଷଦର କଳାକାରମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। କବି ରବିନାରାୟଣ ମଙ୍ଗରାଜ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନ ଶିକ୍ଷକ ପ୍ରେମାନନ୍ଦ ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ବୈଦ୍ୟନାଥ ଯୁବ ପରିଷଦ କମିଟିର ସଭାପତି ବ୍ରଜବନ୍ଧୁ ପାତ୍ର ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। କମିଟି ସମ୍ପାଦକ ପ୍ରିୟ ରଞ୍ଜନ ପାତ୍ର, ସଦସ୍ୟ ମାନସ ରଞ୍ଜନ ବିଶ୍ୱାଳ, ପ୍ରେମାନନ୍ଦ ପାତ୍ର, ଦିଲୀପ ପାତ୍ର, ଜୟଦେବ ସାମନ୍ତରାୟ, ଚିତ୍ତରଞ୍ଜନ ପାତ୍ର, ମିଟୁ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବ୍ରହ୍ମାନନ୍ଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# କାର୍ତ୍ତିକ ପ୍ରବଚନ ମହୋତ୍ସବ ଉଦ୍‌ଯାପିତ

**ବୋଲଗଡ଼,୭ା୧୧(ଦେବବ୍ରତ ହୋତା)**

କବିତୀର୍ଥ ସାନପଦର ଗ୍ରାମର କବି ଭକ୍ତଚରଣ ଦାସଙ୍କ ପୁଣ୍ୟତିଥି ଅବସରରେ ଆୟୋଜିତ କାର୍ତ୍ତିକ ପ୍ରବଚନ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଘୋଷକ ଶିକ୍ଷାବିତ୍ ଶ୍ରୀକାନ୍ତ ନାୟକଙ୍କ ପୌରୋହିତ୍ୟରେ ଏହି କାର୍ଯ୍ୟକ୍ରମ ୯ଦିନ ଧରି ସାନପଦର ଗ୍ରାମରେ ଅନୁଷ୍ଠିତ ହୋଇଥିଲା। ଏହି ପ୍ରବଚନ କାର୍ଯ୍ୟକ୍ରମର ପ୍ରଥମ ଦିବସରେ ପଣ୍ଡିତ ଦଣ୍ଡପାଣି ମହାପାତ୍ର, ଦ୍ୱିତୀୟ ଦିବସରେ ସାଧୁବାଣୀର ପ୍ରବକ୍ତା ପଣ୍ଡିତ ଜିତୁ ଦାସ, ତୃତୀୟ ଦିବସରେ ବେଦ ବାଚସ୍ପତି ପଣ୍ଡିତ ବୀରେନ୍ଦ୍ର କିଶୋର ତ୍ରିପାଠୀ, ଚତୁର୍ଥ ଦିବସରେ ତ୍ରୀଦଣ୍ଡି ସ୍ୱାମୀ ସଚ୍ଚିଦାନନ୍ଦ ମହାରାଜ, ପଞ୍ଚମ ଦିବସରେ ପରିବ୍ରାଜକ ପ୍ରମୋଦ କୁମାର, ଷଷ୍ଠ ଦିବସରେ ପଣ୍ଡିତ କୃଷ୍ଣଚନ୍ଦ୍ର ଶତପଥୀ, ସପ୍ତମ ଦିବସରେ ଡ.ପ୍ରତିଭା ମହାରଥୀ, ଅଷ୍ଟମ ଦିବସରେ ପ୍ରମୋଦ କୁମାର, ନବମ ଦିବସରେ ପଣ୍ଡିତ ଶ୍ରୀନିବାସ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ହରି କଥାମୃତ ଶୁଣାଇବା ସହ କବି ଭକ୍ତଚରଣ ଦାସଙ୍କ ସାହିତ୍ୟ କୃତୀକୁ ନେଇ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ କର୍ତ୍ତାଭାବେ ଗଗନ ସ୍ୱାଇଁ, ପୁରୋହିତ ବାସୁଦେବ ପଟ୍ଟଯୋଶୀ, ଉପଦେଷ୍ଟା ସୁରେଶ ଚନ୍ଦ୍ର ମହାପାତ୍ର, ବଳରାମ ନାୟକ, ପ୍ରଭାସ ଚନ୍ଦ୍ର ନାୟକ ଦାୟିତ୍ୱ ତୁଲାଇଥିଲେ। ପ୍ରବଚନ ପରିଚାଳକଭାବେ ମାନସ ସାମନ୍ତରାୟ, ପ୍ରକାଶ ଚନ୍ଦ୍ର ନାୟକ, ବିକ୍ରମ କେଶରୀ ସାମନ୍ତରାୟ ଦେବୀ ପ୍ରସାଦ ସିଂହ, ଶିକ୍ଷକ ସୁସ୍ମିକାନ୍ତ ନାୟକ, ଜଟିଆ ମହାରଣା, ଶରତ ସ୍ୱାଇଁ, ଚନ୍ଦ୍ରମଣି ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଅତିଥିଭାବେ ବେଗୁନିଆ ଥାନାଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା, ସରପଞ୍ଚ ବୈକୁଣ୍ଠ ଚରଣ ସ୍ୱାଇଁ, ସମିତିସଭ୍ୟ ଦିଲୀପ କୁମାର ମହାପାତ୍ର, ସାହିତ୍ୟିକ ରାଜକିଶୋର ବ୍ରହ୍ମା, ବରିଷ୍ଠ ଶିକ୍ଷକ ବିଜୟ କୁମାର ସାହୁ, ସାମାଜିକ କର୍ମୀ ଅର୍ଜୁନ ପଟ୍ଟନାୟକ, ଶିକ୍ଷକ ନେତା ପ୍ରମୋଦ କୁମାର ଭଞ୍ଜ, ଅନୁପମା ବଳିୟାରସିଂହ, ଦୀପକ ପାହାଡ଼ସିଂହ, ସତ୍ୟନାରାୟଣ ବାରିକ, ଡ.ଗୀତାଞ୍ଜଳି ମହାପାତ୍ର, ବିଜୟ ସାମନ୍ତସିଂହାର, ଶୈଳେନ ପଟ୍ଟନାୟକ, ଦୁର୍ଗା ପ୍ରସାଦ ସୁବୁଦ୍ଧି ପ୍ରମୁଖ ବିଭିନ୍ନ ଦିବସରେ ଯୋଗଦେଇ ସାହିତ୍ୟ ଓ ଆଧ୍ୟାତ୍ମିକତା ଉପରେ ଆଲୋକପାତ କରିଥିଲେ। ପ୍ରବଚନ ଶୁଣିବା ପାଇଁ ପ୍ରତ୍ୟେହ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

# ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀଙ୍କ ଧାରଣା

**ବେଗୁନିଆ, ୭ା୧୧ (ସନ୍ଧ୍ୟାରାଣୀ ମିଶ୍ର)**

## ୪ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ

ବେଗୁନିଆ ବ୍ଲକ ଅନ୍ତର୍ଗତ ହଜ୍ ପଞ୍ଚାୟତର ଚାଷୀମାନେ ମା'ଜାଗେଶ୍ୱରୀ ସେବା ସମବାୟ ସମିତିର ସଭାପତି ଓ ସମ୍ପାଦକଙ୍କ ଅନିୟମିତତା କାର୍ଯ୍ୟକଳାପ ବିରୋଧରେ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଏଥିସହ ଚାଷୀମାନେ ୪ଦଫା ସମ୍ବଳିତ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି। ଏଥିରେ ଦର୍ଶାଯାଇଛି ଯେ, ଚଳିତ ବର୍ଷ ସରକାର ଚାଷୀମାନଙ୍କୁ ସାର ବସ୍ତା ପିଛା ୨୬୫ଟଙ୍କା ୫୦ ପଇସାରେ ରିହାତି ଦରରେ ଯୋଗାଇ ଦେଉଥିବା ବେଳେ ଉକ୍ତ ସମବାୟ ସମିତିର ସଭାପତି ଓ ସମ୍ପାଦକ ବସ୍ତା ପିଛା ୩୧୦ ଟଙ୍କା ଲେଖାଏ ଆଦାୟ କରିଛନ୍ତି। ଏପରିକି ସରକାର ୫ଏକର ପର୍ଯ୍ୟନ୍ତ ଚାଷୀଙ୍କୁ ଫସଲ ବୀମା ପାଇଁ ମାଗଣା ଘୋଷଣା କରିଥିବା ବେଳେ ୨ ଶହ ଟଙ୍କା ଲେଖାଏ ଜୁଲମ କରି ଆଦାୟ, ବାତ୍ୟାଜନିତ କ୍ଷୟକ୍ଷତିର ବୀମାରାଶି ପ୍ରଦାନରେ ଅନିୟମିତତା ସହ ପାତରଅନ୍ତର କରାଯାଇଛି। ସାର ବଣ୍ଟନ ସମୟରେ ଚାଷୀ ପ୍ରବେଶ ଜୟସିଂହଙ୍କୁ ସେବା ସମବାୟ ସମିତିର ସଭାପତି ଓ ସମ୍ପାଦକ ଗାଳିଗୁଲଜ କରିବା ସହ ମାଡ଼ ମାରିବା ସମ୍ପର୍କରେ ଅଭିଯୋଗ ହୋଇଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ବିଭାଗୀୟ ଅଧିକାରୀଙ୍କ ନୀରବତା ଯୋଗୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ନିରପେକ୍ଷ ତଦନ୍ତ ଦାବି କରିବା ସହିତ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଚାଷୀମାନେ ନିବେଦନ କରିଛନ୍ତି।



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀମାନେ ଧାରଣାରେ ବସିଛନ୍ତି।

# ଜିଲାସ୍ତରୀୟ ମାଣ୍ଡିଆ ଦିବସ | ହରପ୍ପା ସଭ୍ୟତାରେ ମାଣ୍ଡିଆର ଚାହିଦା ଥିଲା

**ଖୋର୍ଦ୍ଧା, ୭ା୧୧(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଜିଲା କୃଷି ବିଭାଗ ଆନୁକୂଲ୍ୟରେ ଜିଲାସ୍ତରୀୟ ମାଣ୍ଡିଆ ଦିବସ ଶୁକ୍ରବାର ଜିଲା କୃଷି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ କୃଷି ଅଧିକାରୀ(ସିଡିଏଓ) ରବି ନାରାୟଣ ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷା ରୁପଶ୍ରୀରାଣୀ ଗୁମାନ୍‌ସିଂ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, ମିଲେଟ୍ ମିଶନର ଚାହିଦା ବଢ଼ିଛି। ମାଣ୍ଡିଆ ଆମ ସଂସ୍କୃତି, ପରମ୍ପରା ସହ ଜଡ଼ିତ। ଏହାର ବହୁଳ ବ୍ୟବହାର ଏବଂ ଉନ୍ନତ ଚାଷ ତଥା ବିଶ୍ୱସ୍ତରରେ ପହଞ୍ଚାଇବା ପାଇଁ ଆହ୍ୱାନ ଦେଇଥିଲେ। ଚାଷୀଙ୍କୁ ପ୍ରୋତ୍ସାହନ, ମୂଲ୍ୟଯୁକ୍ତ ଉତ୍ପାଦର ଉପଯୁକ୍ତ ବଜାରୀକରଣ ଉପରେ ଗୁରୁତ୍ୱ ଦେଇଥିଲେ। ସଭାପତିତ୍ୱ ଭାଷଣରେ ସିଡିଏଓ ସେନାପତି ଏହି ଦିବସର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଶ୍ରୀ ଅନ୍ନ ପୋଷଣ ଅଭିଯାନରେ ଖୋର୍ଦ୍ଧା ଜିଲାର ଟାଙ୍ଗୀ ଏବଂ ବାଣପୁର ବ୍ଲକରେ ଏହାର ଚାଷ କରାଯାଉଥିବା ବେଳେ ଅନ୍ୟ ଅଞ୍ଚଳରେ ମଧ ଚାଷୀଙ୍କୁ ପ୍ରୋତ୍ସାହିତ କରାଯାଉଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୃତ୍ତିକା ସଂରକ୍ଷଣ ପ୍ରକଳ୍ପ ନିର୍ଦ୍ଦେଶକ ଚକ୍ରଧର ମିଶ୍ର, ଏଡିଓ ସୁବ୍ରତ ରଥ, ପ୍ରଦୀପ୍ତ ନାୟକ, ଏଆରସିଏସ୍ ଭଗବତ ମାରାଣ୍ଡି, କେଭିକେ ବୈଜ୍ଞାନିକ ହରପ୍ରିୟା ନାୟକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ କହିଥିଲେ, ମିଲେଟ୍ ମିଶନ ପ୍ରତି ଲୋକଙ୍କ ଦୃଷ୍ଟିକୋଣ ବଦଳିଛି। ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଦ୍ୱାରା ମାଣ୍ଡିଆରେ ପ୍ରସ୍ତୁତ ଖାଦ୍ୟସାମଗ୍ରୀର ବେଶ୍ ଚାହିଦା ରହିଛି। ବୈଜ୍ଞାନିକ ନାୟକ କହିଥିଲେ, ମାଣ୍ଡିଆ ଭାରତର ଇତିହାସ ଏବଂ ସଂସ୍କୃତି ସହ ଜଡ଼ିତ। ହରପ୍ପା ସଭ୍ୟତାରେ ମଧ ମାଣ୍ଡିଆକୁ ଖାଦ୍ୟଭାବେ ଗ୍ରହଣ କରାଯାଉଥିବା ନେଇ ପ୍ରତ୍ନତତ୍ତ୍ୱବିତ୍‌ମାନେ ମତ ଦିଅନ୍ତି। ମାଣ୍ଡିଆରେ ପ୍ରସ୍ତୁତ ଖାଦ୍ୟେଷ୍ଟଲ୍‌କୁ ଅତିଥିମାନେ ବୁଲି ଦେଖିଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ଏହି ଅବସରରେ ମାଣ୍ଡିଆ ଚାଷର ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଟାଙ୍ଗୀ ବ୍ଲକ୍ ନୂଆଗଡ଼ ପଞ୍ଚାୟତର ସୁରଥ ବିଶ୍ୱାଳ, ବାଣପୁର ବ୍ଲକ୍ ନୀଳାଦ୍ରିପ୍ରସାଦ ପଞ୍ଚାୟତର ଦାମ ଶବରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସେହିପରି ବେସରକାରୀ ସଂସ୍ଥା ଈଶାନେଶ୍ୱର ଯୁବକ ସଂଘ, ବିଶ୍ୱଜୀବନ ସେବାସଂଘ ଏବଂ ଶ୍ରେଷ୍ଠ କୃଷକ ଉତ୍ପାଦକ କମ୍ପାନୀଭାବେ ବାଲି ହରଚଣ୍ଡୀ ପ୍ରଡ୍ୟୁସର ଗ୍ରୁପ୍, ଶ୍ରେଷ୍ଠ ଗୋଷ୍ଠୀ ସମ୍ବଳ ବ୍ୟକ୍ତି ଭାବେ ଅନୁପ କୁମାର ବେହେରା, ଶ୍ରେଷ୍ଠ ଏସ୍‌ଏଚ୍‌ଜି ଟାଙ୍ଗୀ ବ୍ଲକର ଉଜ୍ଜ୍ୱଳା ଗୋପୀନାଥପୁର ଅନ୍ନପୂର୍ଣ୍ଣା, ବାଣପୁର ବ୍ଲକର ଦେଉଗାଁ ପଞ୍ଚାୟତର ମା'ତାରିଣୀ ଗ୍ରୁପ୍‌କୁ ସମ୍ମାନିତ କରାଯାଇଛି। ଶ୍ରୀଅନ୍ନ ଅଭିଯାନର ଜିଲା ସଂଯୋଜିକା ଜେସିକା ସାହୁ, ଟାଙ୍ଗୀ ବ୍ଲକ୍ ସହକାରୀ କୃଷି ଅଧିକାରୀ ଦୁର୍ଗେଶ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଛାତ୍ରବୃତ୍ତି ଅନ୍‌ଲାଇନ୍ ଆବେଦନ ପାଇଁ ଛାତ୍ରୀଛାତ୍ର ହଇରାଣ

କଣାସ,(ବିଭୂତି ଭୂଷଣ ତ୍ରିପାଠୀ): ରାଜ୍ୟ ସରକାର ମେଧାବୀ ଛାତ୍ରୀଛାତ୍ରଙ୍କୁ ବୃତ୍ତି ଅର୍ଥ ପ୍ରଦାନ ପାଇଁ ଅନଲାଇନ୍‌ରେ ଆବେଦନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଦୁଃଖ ଓ ପରିତାପର ବିଷୟ ଯେ, ଛାତ୍ରୀଛାତ୍ରଙ୍କ +୨ ଓ +୩ ପରୀକ୍ଷା ୪ ମାସ ଥିବା ବେଳେ ସେମାନେ ମେଧାବୃତ୍ତି ଆବେଦନ କରିବା ପାଇଁ ଅନ୍‌ଲାଇନ୍‌ରେ ଜନସେବା କେନ୍ଦ୍ରରେ ଦୀର୍ଘସମୟ ଧରି ଧାଡ଼ିରେ ଠିଆ ହେଉଥିବା ଦେଖିବାକୁ ମିଳୁଛି। ତେବେ ୱେବ୍‌ସାଇଟ୍ ଖୋଲୁ ନ ଥିବାରୁ ବାରମ୍ବାର ଜନସେବା କେନ୍ଦ୍ରକୁ ଆସି ଫେରୁଥିବାରୁ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି। ତେଣୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ

୭।୧୧।୨୦୨୫

| | |
|---|---|
| ୫,୩୧,୨୮୪ ଟଙ୍କା | |
| ସୁନା | ୦୪.୦୫୦ ଗ୍ରାମ୍ |
| ରୁପା | ୩୨.୩୦୦ ଗ୍ରାମ୍ |

## ସଂକ୍ଷେପରେ

### ପୁରୀ ପୋଲିସ ପାଳିଲା 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି ଉତ୍ସବ

ପୁରୀ,୭।୧୧(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲାର ସମସ୍ତ ଥାନା ଓ ପୋଲିସ କାର୍ଯ୍ୟାଳୟରେ ଶୁକ୍ରବାର 'ବନ୍ଦେ ମାତରମ୍' ଗୀତର ୧୫୦ ବର୍ଷ ପୂର୍ତ୍ତି ପାଳନ କରାଯାଇଛି। ଏହି ଅବସରରେ ସମସ୍ତ ପୋଲିସ ଅଧିକାରୀ, କର୍ମଚାରୀ ଓ ସାଧାରଣ ନାଗରିକଙ୍କ ସହଭାଗିତାରେ 'ବନ୍ଦେ ମାତରମ୍' ଗାନ, ଜାତୀୟ ପତାକା ଅଭିବାଦନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଦେଶପ୍ରେମ, ଏକତା ଓ ଜାତୀୟ ସମ୍ମାନର ମୂଲ୍ୟବୋଧକୁ ପୁନର୍ଜୀବିତ କରିବା। 'ବନ୍ଦେ ମାତରମ୍' ଆମ ମାତୃଭୂମି ପ୍ରତି ଅସୀମ ଶ୍ରଦ୍ଧା ଓ ଭକ୍ତିର ପ୍ରତୀକ। ପୁରୀ ପୋଲିସ ସଦା ଜନସେବା, ଶାନ୍ତି ଓ ସୁରକ୍ଷାରେ ନିରତ ଥାଇ ଜାତୀୟ ଏକତା ଓ ଦେଶପ୍ରେମର ମୂଲ୍ୟବୋଧକୁ ସାର୍ଥକ କରିଆସୁଛି। ପୋଲିସ ଜନଶକ୍ତିଙ୍କ ମନେ ଦେଶପ୍ରେମ ଓ ଜନସେବା ପ୍ରତି ନୂତନ ଉତ୍ସାହ ଜନ୍ମ ନେଇଛି। ପୋଲିସ ଅଧିକାରୀମାନେ ଏହାକୁ ଏକ ଗୌରବମୟ ଅବସର ବୋଲି ବର୍ଣ୍ଣନା କରିବା ସହ ସମସ୍ତଙ୍କୁ ଦେଶପ୍ରେମ ଓ ଜାତୀୟ ଏକତାର ଆଦର୍ଶରେ ପ୍ରେରିତ ହେବାକୁ ଆହ୍ୱାନ କରିଛନ୍ତି।

### ପାରାୟଣ, ପ୍ରବଚନ ଉଦ୍‌ଯାପିତ

କଣାସ,୭।୧୧(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକର କାନପୁରଠାରେ ଐତିହ୍ୟ ବିଜଡ଼ିତ ଧର୍ମସ୍ଥଳୀ ସିଦ୍ଧବଳରାମଙ୍କ ପୀଠରେ ବାର୍ଷିକ ଯଜ୍ଞ ଓ ପ୍ରବଚନ ଅନୁଷ୍ଠିତ ହୋଇଛି। ଜଳାଧିବାସ, ସାଲାପ୍ରବେଶ, ସୂର୍ଯ୍ୟପୂଜା, ଆହୁତି ସହ ପ୍ରତ୍ୟହ ଭାଗବତ ପ୍ରବଚନରେ କବିକସ୍ତୁରୀ ଦିଲ୍ଲୀପ ଶ୍ରୀଚନ୍ଦନ, ଶରତ ରାଉତ, ଲିଙ୍ଗରାଜ ପାଇକରାୟ ପ୍ରବଚନ ଦେଇଥିଲେ। ପୂଜ୍ୟପୂଜା ସଂସଦ ରାଜ୍ୟ ସଭାପତି କୃଷ୍ଣ ଜଗଦ୍ଦେବ ପ୍ରତ୍ୟହ ସଭା ସଞ୍ଚାଳନ କରିଥିଲେ। ସେହିପରି ବାଲିପାଟଣା ଗ୍ରାମରେ ୪୩ତମ ଶ୍ରୀରାମ ଚରିତ ମାନସ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରବକ୍ତା ଭାବେ ପଣ୍ଡିତ ନାରାୟଣ ଦାସ, କବିକସ୍ତୁରୀ ଦିଲ୍ଲୀପ ଶ୍ରୀଚନ୍ଦନ, ରବି ହୋତା ପ୍ରମୁଖ ପ୍ରବକ୍ତା ଭାବେ ଯୋଗଦେଇ ୯ଦିନ ପ୍ରବଚନ ଦେଇଥିଲେ। ଗ୍ରାମବାସୀଙ୍କ ପକ୍ଷରୁ ପ୍ରତି ବୃନ୍ଦ ପାରାୟଣ ଓ ପ୍ରବଚନ ପରିଚାଳନା କରିଥିଲେ।

# 'ବନ୍ଦେ ମାତରମ୍ ପ୍ରତ୍ୟେକ ଭାରତୀୟଙ୍କ ହୃଦୟର ସ୍ପନ୍ଦନ'

ପୁରୀ,୭।୧୧(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲାସ୍ତରୀୟ ରାଷ୍ଟ୍ର ଗୀତ 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମ ଶୁକ୍ରବାର ପୂର୍ବାହ୍ଣରେ ଓସ୍ୱାନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରି ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା କହିଥିଲେ ଯେ, ବନ୍ଦେ ମାତରମ କେବଳ ଏକ ରାଷ୍ଟ୍ର ଗୀତ ନୁହେଁ, ଏହା ପ୍ରତେକ ଭାରତୀୟଙ୍କ ହୃଦୟର ସ୍ପନ୍ଦନ ଓ ଆତ୍ମା। ଯେଉଁଠି ବି ରାଷ୍ଟ୍ର ପ୍ରତି ଦେଶପ୍ରେମ, ସମର୍ପଣ, ବୀରତ୍ୱ ଓ ସେବାର କଥା ଉଠିଛି, ସେଠାରେ ପ୍ରତ୍ୟେକ ଭାରତୀୟଙ୍କ କଣ୍ଠରୁ ବନ୍ଦେ ମାତରମ୍ ଧ୍ୱନି ଉଚ୍ଚାରିତ ହୋଇ ସମସ୍ତଙ୍କୁ ପ୍ରେରଣା ଏବଂ ସାହସ ଦେଇଛି ବୋଲି ସେ କହିବା ସହ ବନ୍ଦେ ମାତରମ ରଚୟିତା ବଙ୍କିମ ଚନ୍ଦ୍ର ଚାଟାର୍ଜୀଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ବନ୍ଦେ ମାତରମ୍ ରଚନାର ପୃଷ୍ଠଭୂମି ସମ୍ପର୍କରେ ସୂଚନା ଦେଇ କହିଥିଲେ, ଏହା ସାମାଜିକ ଶୃଙ୍ଖଳାର ପ୍ରେରଣା କବିତା ସହ ଦେଶପ୍ରେମକୁ ଉଦ୍‌ବୁଦ୍ଧ କରାଉଥିବା ଏକ ଚମତ୍କାର ରଚନା। ବଙ୍କିମଚନ୍ଦ୍ର ଯାଜପୁରର ତତ୍କାଳୀନ ଉପଜିଲାପାଳ ବା ଏସ୍‌ଡିଏମ୍ ଭାବେ ୧୮୮୨ରୁ ୧୮୮୪ ପର୍ଯ୍ୟନ୍ତ କାର୍ଯ୍ୟନିର୍ବାହ କରିଥିଲେ ବୋଲି ସେଠୀ ସୂଚନା ଦେଇଥିଲେ। ପରେ ସାମୂହିକ ଭାବେ ବନ୍ଦେ ମାତରମ୍ ଗାନ ସହ ଭିଡିଓ ପ୍ରଦର୍ଶନ ସହ କରାଯାଇଥିଲା। ଓସ୍ୱାନ ମାଧ୍ୟମରେ ସମସ୍ତ ବ୍ଲକରେ ଅଧିକାରୀ ଓ କର୍ମଚାରୀମାନେ ଯୋଡି ହୋଇ ବନ୍ଦେ ମାତରମ ଗାନ କରିଥିଲେ। ପରେ ଆଭାସୀ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଭିଭାଷଣ ପ୍ରଦାନ କରିବା ସହ ବନ୍ଦେ ମାତରମ ଏକ ସ୍ୱପ୍ନ, ଏକ ସନ୍ଦେଶ, ଏକ ପ୍ରେରଣା, ଏକ ଜାଗରଣ, ଏକ ଅନୁଭବ, ଏକ ଅଦ୍ଭୁତ ରୋମାଞ୍ଚ ଯାହା ପ୍ରତିଟି ହୃଦୟକୁ ଆଲୋକିତ ଓ ଆଲୋଡ଼ିତ କରେ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଡ. ଶରତ ଚନ୍ଦ୍ର ମହାପାତ୍ର, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପଜିଲାପାଳ ରାଜକିଶୋର ଜେନା, ରାଷ୍ଟ୍ରୀୟ ବିଜ୍ଞାନ କେନ୍ଦ୍ରର ଡିଆଇଓ ବିଶ୍ୱନାଥ ପଣ୍ଡା, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ଅନୁସ୍ରବ ଗନ୍ତାୟତ, ସହଦେବ ସାହୁ, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ବିନୋଦ ରଥ, ଜିଲା ମଙ୍ଗଳ ଅଧିକାରୀ ମମତାରାଣୀ ପରିଡା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ଧନ୍ୟବାଦ ଦେଇଥିଲେ। ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଯୋଗଦେଇଥିଲେ।



ଓସ୍ୱାନ ସମ୍ମିଳନୀ କକ୍ଷରେ ଜିଲା ପ୍ରଶାସନ ପକ୍ଷରୁ 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି ଉତ୍ସବ ପାଳନ କରାଯାଉଛି।




ସ୍କାଉଟ୍ସ ଓ ଗାଇଡ୍ସର ୭୫ତମ ପ୍ରତିଷ୍ଠା ଦିବସ ଅବସରରେ ଶୁକ୍ରବାର ପୁରୀ ସହରରେ ଆୟୋଜିତ ଶୋଭାଯାତ୍ରା।

## ସ୍କାଉଟ୍ସ ଓ ଗାଇଡ୍ସର ୭୫ତମ ପ୍ରତିଷ୍ଠା ଦିବସ

ପୁରୀ,୭।୧୧(ଅଜିତ୍ କୁମାର ମହାନ୍ତି)

ଭାରତ ସ୍କାଉଟ୍ସ ଓ ଗାଇଡ୍ସର ୭୫ତମ 'ପ୍ରତିଷ୍ଠା ଦିବସ' ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଦିବସକୁ ସ୍ମରଣୀୟ କରିବା ପାଇଁ ପୁରୀ ଜିଲାର କବ୍, ବୁଲ୍‌ବୁଲ୍ ସ୍କାଉଟ ଗାଇଡ, ରୋଭର ରେଞ୍ଜର ତଥା ଶିକ୍ଷୟିତ୍ରୀ ଶିକ୍ଷକମାନେ ସଚେତନତା ଶୋଭାଯାତ୍ରା କରିଥିଲେ। ଜିଲା ସ୍କାଉଟ ସଚିବ ମହେନ୍ଦ୍ର କୁମାର ବିଶ୍ୱାଳଙ୍କ ଦ୍ୱାରା ସ୍ମାରକୀ ଚିତ୍ର ଉଦ୍‌ଘାଟିତ ହୋଇଥିଲା। ପୁରୀ ସହରର ସମସ୍ତ ବିଦ୍ୟାଳୟର ଏକ ମିଳିତ ଶୋଭାଯାତ୍ରା ବଳଗଣ୍ଡି ସରକାରୀ ଉଚ୍ଚ ବିଦ୍ୟାଳୟଠାରୁ ବାହାରି ସହର ପରିକ୍ରମା କରିଥିଲା। ଜିଲା ସ୍କାଉଟ ମୁଖ୍ୟ କମିଶନର ଦୀପକ କୁମାର ପାଢ଼ୀଙ୍କ ନିର୍ଦ୍ଦେଶରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲା ସ୍କାଉଟ୍ ସଂଗଠକ ଦେବାଶିଷ ମିଶ୍ର, ଗାଇଡ୍ ସଂଗଠକ ମିନାକ୍ଷୀ ମିଶ୍ର, ସ୍କାଉଟ ମାଷ୍ଟର ନିରଞ୍ଜନ ରିପୁ, ସତ୍ୟ ନାରାୟଣ ପ୍ରଧାନ, ପ୍ରକାଶ ଚନ୍ଦ୍ର ଦାଶ, ନିରଞ୍ଜନ ପରିଡ଼ା, ଗାଇଡ କ୍ୟାପଟେନ ସସ୍ମିତା ରାଉତରାୟ, ଭାଗ୍ୟଶ୍ରୀ ସେଠୀ, ମୌସୁମୀ ମହାପାତ୍ର, ସୁଶାନ୍ତି ମହାପାତ୍ର, ଅଞ୍ଜଳି ପରିଡା ରୋଭର ଲିଡର ପ୍ରଶାନ୍ତ କୁମାର ମୁଦୁଲି, ରେଞ୍ଜର ରେଖା ମାନସିଂହ ଏବଂ ଆରତି ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ତୀର୍ଥଯାତ୍ରାରେ ଯିବେ ୧୨୭ ବରିଷ୍ଠ ନାଗରିକ

ପୁରୀ,୭।୧୧(ଅଜିତ୍ କୁମାର ମହାନ୍ତି)

ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ପୁରୀ ଜିଲାର ୧୨୭ ଜଣ ଯାତ୍ରୀ ଉଜ୍ଜୟିନୀ ଏବଂ ଓମ୍‌କାରେଶ୍ୱର ଗସ୍ତରେ ଯିବେ। ସେମାନଙ୍କୁ ସହଯୋଗ ପାଇଁ ୪ଜଣ ସହାୟକ ଅଧିକାରୀ ମଧ୍ୟ ସେମାନଙ୍କ ସହ ଯିବେ ବୋଲି ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ ସୂଚନା ଦେଇଛନ୍ତି। ଶୁକ୍ରବାର ସର୍କିଟ ହାଉସରେ ଅତିରିକ୍ତ ଜିଲାପାଳ ଭୋଇଙ୍କ ଅଧ୍ୟକ୍ଷତାରେ ବରିଷ୍ଠ ତୀର୍ଥଯାତ୍ରାରେ ଯିବା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇଥିଲା। ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜକାନ୍ତ ପ୍ରଧାନ କହିଥିଲେ, ଅନ୍‌ଲାଇନ ମାଧ୍ୟମରେ କେବଳ ଆବେଦନ ଆହ୍ୱାନ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ୧୨୭ ଜଣ ଅଯୋଧ୍ୟା ଓ ବାରାଣସୀ ପରିଭ୍ରମଣ କରି ଶୃଙ୍ଖଳିତ ଭାବେ ଫେରି ଆସିଛନ୍ତି ବୋଲି ସେ ସୂଚନା ଦେଇଥିଲେ। ନିୟମ ଅନୁସାରେ ଅନଲାଇନ ମାଧ୍ୟମରେ ମିଳିଥିବା ଆବେଦନ ପତ୍ରକୁ ଯାଞ୍ଚ କରାଯାଇଥାଏ। ଏହି ଆବେଦନକାରୀଙ୍କୁ ଇ-ରାଣ୍ଡୋମାଇଜେଶନ ବା କମ୍ପ୍ୟୁଟର ଲଟେରି ପ୍ରକ୍ରିୟା ଅନୁସାରେ ଚିହ୍ନଟ କରାଯାଇ ଦୁଇଟି ପର୍ଯ୍ୟାୟରେ ତୀର୍ଥଯାତ୍ରା ପାଇଁ ପ୍ରେରଣ କରାଯାଇଥାଏ। ପ୍ରଥମ ପର୍ଯ୍ୟାୟ ତୀର୍ଥଯାତ୍ରୀ ଯାତ୍ରା ସାରି ଫେରି ଆସିଛନ୍ତି। ଏବେ ଦ୍ୱିତୀୟ ପର୍ଯ୍ୟାୟ ପାଇଁ ରାଣ୍ଡୋମାଇଜେଶନରେ ଯୋଗ୍ୟ ତୀର୍ଥଯାତ୍ରୀଙ୍କୁ ଚିହ୍ନଟ କରାଯାଇଛି। ପର୍ଯ୍ୟଟନ ବିଭାଗ ପକ୍ଷରୁ ସେମାନଙ୍କୁ ବିସ୍ତୃତ ସୂଚନା ଦିଆଯିବ। ସେମାନେ ନଭେମ୍ବର ୨୫ରୁ ୩୦ ପର୍ଯ୍ୟନ୍ତ ଭ୍ରମଣରେ ଯିବେ। ତେବେ ଲଟେରି ମାଧ୍ୟମରେ ଯୋଗ୍ୟ ବିବେଚିତ ହୋଇଥିବା ତୀର୍ଥଯାତ୍ରୀଙ୍କୁ ୨୪ତାରିଖରେ ପର୍ଯ୍ୟଟନ କାର୍ଯ୍ୟାଳୟରେ ପହଞ୍ଚିବାକୁ ଅନୁରୋଧ କରାଯିବ। ପରେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ସେମାନଙ୍କୁ ସ୍ୱତନ୍ତ୍ର ଗାଡ଼ିରେ ଭୁବନେଶ୍ୱର ପଠାଯିବ। ଭୁବନେଶ୍ୱରରୁ ସେମାନେ ୨୫ ତାରିଖରୁ ଯାତ୍ରା ଆରମ୍ଭ କରିବେ। ଯଦି ଯୋଗ୍ୟ ବିବେଚିତଙ୍କ ମଧ୍ୟରୁ କୌଣସି ସମସ୍ୟା ପାଇଁ ଯାତ୍ରୀ ନ ଯାଇପାରନ୍ତି ତେବେ ରାଣ୍ଡୋମାଇଜେଶନ ମାଧ୍ୟମରେ ଚୟନ ହୋଇଥିବା ଅପେକ୍ଷା ତାଲିକାରୁ ଯାତ୍ରୀଙ୍କୁ ଗ୍ରହଣ କରାଯାଇ ତୀର୍ଥଯାତ୍ରାରେ ପଠାଯିବ। ଏହି ବୈଠକରେ ଅତିରିକ୍ତ ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡା. ବିନୋଦ ରଥ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲା ମଙ୍ଗଳ ଅଧିକାରୀ ମମତାରାଣୀ ପରିଡା, ଅତିରିକ୍ତ ପରିବହନ ଅଧିକାରୀ ଦେବାଶିଷ ପଣ୍ଡା, ପ୍ରୋଗ୍ରାମ ଅଫିସର ସୁହାଗୀ ହେମ୍ବ୍ରମଙ୍କ ସମେତ ଅନ୍ୟାନ୍ୟ ଜିଲାସ୍ତରୀୟ ଅଧିକାରୀ ଓ ପର୍ଯ୍ୟଟନ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଅଭ୍ୟାସଗତ ଅପରାଧୀଙ୍କ ଉପରେ ରହିବ ପୋଲିସ ନଜର

ପୁରୀ,୭।୧୧(ଅଜିତ୍ କୁମାର ମହାନ୍ତି)

ଏସ୍‌ପି ପ୍ରତୀକ ସିଂଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଏକ ବ୍ରିଫିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଏସ୍‌ପି ସୁଶିଳ ମିଶ୍ର, ସଚିନ ପଟେଲ, ସୌମ୍ୟରଞ୍ଜନ ମଲ୍ଲିକ, ସମସ୍ତ ଡିଏସ୍‌ପି ଓ ସମସ୍ତ ଥାନାର ଅଧିକାରୀ ଉପସ୍ଥିତ ଥିଲେ। ସଭାରେ ଅପରାଧ ନିୟନ୍ତ୍ରଣ, ଅଭ୍ୟାସଗତ ଅପରାଧୀମାନଙ୍କ ଉପରେ ନିୟମିତ ନଜର ରଖାଯିବ, ଜିଲାରେ ଘଟୁଥିବା ଅପରାଧ, ତଦନ୍ତର ଗୁଣୋତ୍ତର ଏବଂ ମହିଳା ଓ ଶିଶୁ ସମ୍ବନ୍ଧୀୟ ଅଭିଯୋଗକୁ ସମୟୋପଯୋଗୀ ଭାବେ ସମାଧାନ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏସ୍‌ପି ସିଂ କହିଥିଲେ ଯେ, ଅପରାଧ ନିୟନ୍ତ୍ରଣ ଓ ଜନସାଧାରଣଙ୍କ ନିରାପତ୍ତା ହେଉଛି ଆମ ପ୍ରାଥମିକ କର୍ତ୍ତବ୍ୟ। ପ୍ରତ୍ୟେକ ଅଧିକାରୀଙ୍କୁ ବିଶ୍ୱାସ ଓ ନିରାପତ୍ତା ଭାବ ସୃଷ୍ଟି କରିବାକୁ ପଦକ୍ଷେପ ନେବା ଆବଶ୍ୟକ। ଅଭ୍ୟାସଗତ ଅପରାଧୀ ଓ ବିଭିନ୍ନ ଚୋରା ଚାଲାଣ ଉପରେ ନିୟମିତ ନଜର ଏବଂ ସର୍ଭେଲାନ୍ସ ମାଧ୍ୟମରେ ନିୟମିତ ରିପୋର୍ଟ ଦେବାକୁ ପଡ଼ିବ। ସାଇବର ଅପରାଧ, ଠକେଇ ଓ ଅନଲାଇନ ଫ୍ରଡ୍ ସମ୍ପର୍କରେ ସାଧାରଣ ଜନସଚେତନତା ବୃଦ୍ଧି କରାଯିବ। ନାରୀ ଓ ଶିଶୁ ସୁରକ୍ଷା ନେଇ ପ୍ରତ୍ୟେକ ଥାନାରେ ମହିଳା ସହାୟତା କୋଷ ମାଧ୍ୟମରେ ସକ୍ରିୟ ସହଯୋଗ। ରାତି ଓ ଦିନ ପାଟ୍ରୋଲିଂ ବ୍ୟବସ୍ଥାକୁ ଶକ୍ତିଶାଳୀ କରିବା, ବିଶେଷକରି ସମ୍ବେଦନଶୀଳ ଏରିଆରେ ବିଶେଷ ନଜର ରଖିବା ଓ କେସ୍ ତଦନ୍ତର ଗୁଣୋତ୍ତର ବୃଦ୍ଧି ଏବଂ ଅଭିଯୋଗ ରେଜିଷ୍ଟ୍ରେଶନରେ ସମୟୋପଯୋଗୀ ତଦନ୍ତ କରିବାକୁ ଆଲୋଚନା ହୋଇଛି। ପ୍ରତ୍ୟେକ ଥାନାରେ ଲୋକଙ୍କ ଅଭିଯୋଗ ଶୀଘ୍ର ସମାଧାନ କରାଯିବା, ଗାଁ ଓ ସହର ଅଞ୍ଚଳରେ ସମୁଦାୟ ପୋଲିସିଂ କାର୍ଯ୍ୟକ୍ରମକୁ ଅଧିକ ଗତିଶୀଳ କରି ଜନସହଭାଗ ବୃଦ୍ଧି କରାଯିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସୋସିଆଲ ମିଡିଆ ମନିଟରିଂ ଉପରେ ନିୟମିତ ନଜର ରଖି ସମ୍ବେଦନଶୀଳ ଓ ଭ୍ରାନ୍ତିପୂର୍ଣ୍ଣ ସୂଚନା ରୋକିବାକୁ ଦ୍ରୁତ ପଦକ୍ଷେପ ନିଆଯିବ। ଏସ୍‌ପି ପୁରୀ ଜିଲାରେ ଘଟୁଥିବା ଅପରାଧ ଘଟଣା, ଚାଲୁ ତଦନ୍ତ ଓ ବିଭିନ୍ନ ଆଇନ ଶୃଙ୍ଖଳା ମାମଲା ଉପରେ ସମୀକ୍ଷା କରି ଦ୍ରୁତ ମକଦ୍ଦମା ସମାପ୍ତ କରିବା ପାଇଁ ଆବଶ୍ୟକ ନିର୍ଦ୍ଦେଶ ଦେଇଛନ୍ତି।

## ଅତୀତର ନୌବାଣିଜ୍ୟ ନାହିଁ, ପରମ୍ପରା ବଞ୍ଚିଛି



ଦ୍ୱିତୀୟ ବାର୍ଷିକ ଆଞ୍ଚଳିକ ବୋଇତ ବନ୍ଦାଣ ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ମଞ୍ଚାସୀନ ଅତିଥି।

ଅସ୍ତରଙ୍ଗ,୭।୧୧(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅତୀତରେ ସାଧବ ପୁଅମାନେ ବାଣିଜ୍ୟ କରିବାକୁ ସୁଦୂର ଜଳଯାତ୍ରା କରୁଥିଲେ। ସାତ ଦରିଆ ତେର ନଈ ପାରିହୋଇ ଆମ ଦେଶକୁ ଧନରତ୍ନ ଆଣୁଥିଲେ। ଆଜି ସେହି ନୌବାଣିଜ୍ୟ ନାହିଁ କି ସାଧବ ପୁଅ ନାହାନ୍ତି। କେବଳ ପରମ୍ପରାକୁ ଉଜ୍ଜୀବିତ କରିବାକୁ ବୋଇତ ବନ୍ଦାଣ ଉତ୍ସବ ପାଳନ ହେଉଛି ବୋଲି ଦ୍ୱିତୀୟ ବାର୍ଷିକ ଆଞ୍ଚଳିକ ବୋଇତ ବନ୍ଦାଣ ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ବୃନ୍ଦାବନ ଜେନା ଯୋଗଦେଇ ମତପ୍ରକାଶ କରିଛନ୍ତି। ମହୋତ୍ସବ କମିଟି ସଭାପତି ବିଜୟ ପଢ଼ିୟାରୀଙ୍କ ସଭାପତିତ୍ୱରେ ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ପ୍ରତାପ ଚନ୍ଦ୍ର ମିଶ୍ର, ଅନ୍ୟତମ ଅତିଥି ପ୍ରାକ୍ତନ ବିଧାୟକ ରବୀନ୍ଦ୍ର ମଲ୍ଲିକ, ଅବସରପ୍ରାପ୍ତ ଶିକ୍ଷକ ବୃନ୍ଦାବନ ନାୟକ, ସାମାଜିକ କର୍ମୀ ଅଧିକାରୀ ବେହେରା, ଉପଦେଷ୍ଟା ପ୍ରତାପ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ନୌବାଣିଜ୍ୟ ପରମ୍ପରାର ଜୟଗାନ କରି ଅଞ୍ଚଳର ସ୍ୱତନ୍ତ୍ର ପରିଚୟ ରହିଛି ବୋଲି କହିଥିଲେ। ଦ୍ୱିତୀୟ ସନ୍ଧ୍ୟାରେ ସ୍ଥାନୀୟ ଅଞ୍ଚଳର କୁନି ପ୍ରତିଭାଙ୍କ ମଧ୍ୟରେ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

## ଅସ୍ତରଙ୍ଗ ମା' ଲକ୍ଷ୍ମୀ କ୍ଲବର କର୍ମକର୍ତ୍ତା ନିର୍ବାଚିତ

ଅସ୍ତରଙ୍ଗ,୭।୧୧(ମମତା ଜେନା)

ମା' ଲକ୍ଷ୍ମୀ କ୍ଲବର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସଭାପତି, ସମ୍ପାଦକ, ବରିଷ୍ଠ ଉପଦେଷ୍ଟା ପ୍ରତାପ ପରିଡା, ଜଗବନ୍ଧୁ ବେଉରା, ପ୍ରଫୁଲ ମୁରୁଣୀ, ରାମ କାଣ୍ଡି, ପ୍ରଶାନ୍ତ ଭୋଳ, ନିରଞ୍ଜନ ଦାସ, ଚିତ୍ରସେନ ପ୍ରଧାନ ଏବଂ ବାବୁ ସ୍ୱାଇଁ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଏହି ନିର୍ବାଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନୂତନ ସଭାପତି ଭାବେ ହରିହର ମହାନ୍ତି, ଉପସଭାପତି ମନୋଜ ବିଶ୍ୱାଳ, କାର୍ଯ୍ୟକାରୀ ସଭାପତି ଚିତ୍ରସେନ ପ୍ରଧାନ, ସମ୍ପାଦକ ଦିଲୀପ କୁମାର ଦାସ, ଶହ ସମ୍ପାଦକ ସମୀର କୁମାର କର, ସାଂସ୍କୃତିକ ସମ୍ପାଦକ ଦେବାଶିଷ ବାରିକ, କୋଷାଧ୍ୟକ୍ଷ କରୁଣାକର ମହାନ୍ତି ନିର୍ବାଚିତ ହୋଇଛନ୍ତି। ପ୍ରତାପ ବିଶ୍ୱାଳ, ସଞ୍ଜୟ ପ୍ରଧାନ, ପବିତ୍ର ସ୍ୱାଇଁ, ଦିପକ ଦାସ, ରମାରଞ୍ଜନ ମହାନ୍ତି, ପ୍ରମୋଦ ପଢିଆରି, ସରୋଜ ପ୍ରଧାନଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

# ମୃତ ବ୍ୟକ୍ତିଙ୍କ ପରିଚୟ ମିଳୁନି

**ପୋଲିସ ପକ୍ଷରୁ ଜାରି ହେଲା ଫୋନ୍ ନମ୍ବର**

ସାକ୍ଷୀଗୋପାଳ,୭।୧୧
(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)

ଦୁର୍ଘଟଣାରେ ମୃତ ଯୁବକଙ୍କ ମିଳୁନି ପରିଚୟ। ମୃତକଙ୍କ ବୟସ ଅନ୍ୟୁନ ୪୦ରୁ ୫୦ ମଧ୍ୟରେ ହେବ। ଉକ୍ତ ବ୍ୟକ୍ତିଙ୍କ ଶବକୁ ସତ୍ୟବାଦୀ ପୋଲିସ ଜବତ କରି ୩୮/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ କରାଯାଉଛି ବୋଲି ସତ୍ୟବାଦୀ ଥାନାଧିକାରୀ ବିଜୟ କେତନ ବେହେରା ସୂଚନା ଦେଇଛନ୍ତି। ଅନ୍ୟପଟେ ଏଯାବତ ମୃତ ବ୍ୟକ୍ତିଙ୍କ କୌଣସି ପରିଚୟ ମିଳିପାରି ନ ଥିବାରୁ ଶବକୁ ସଂରକ୍ଷିତ କରି ରଖାଯାଇଛି। ଏଥିପାଇଁ ଯଦି କୌଣସି ବ୍ୟକ୍ତି ଉକ୍ତ ବ୍ୟକ୍ତିଙ୍କ ପରିଚୟ ଜାଣିଥାନ୍ତି, ତେବେ ଥାନା ପକ୍ଷରୁ ଜାରି କରାଯାଇଥିବା ୨ଟି ଫୋନ୍ ନମ୍ବର ୯୯୩୭୯ ୮୧୮୩୭ ଓ ଅନ୍ୟଟି ୯୪୩୮୦୩୬୦୦୩ରେ ଯୋଗାଯୋଗ କରିବା ପାଇଁ ଅନୁରୋଧ କରାଯାଇଛି। ସୂଚନାଯୋଗ୍ୟ, ଗତ ୫ତାରିଖ ଅପରାହ୍ନରେ ସତ୍ୟବାଦୀ ଥାନା ଅନ୍ତର୍ଗତ ବଡ଼କାଞ୍ଜିଆ ଛକ ନିକଟରେ କୌଣସି ଅଜଣା ଗାଡ଼ି ଦୁର୍ଘଟଣାର ଶିକାର ହୋଇଥିଲେ ଉକ୍ତ ବ୍ୟକ୍ତି ଜଣକ। ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳବାସୀ ସାକ୍ଷୀଗୋପାଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ନିମାପଡ଼ା ପ୍ରେସ୍ କ୍ଲବର ସାଧାରଣ ଅଧିବେଶନ

ନିମାପଡ଼ା, ୭।୧୧(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ପ୍ରେସ୍ କ୍ଲବ ପକ୍ଷରୁ ଆସନ୍ତା ୧୬ ଓ ୧୭ ତାରିଖ ଦୁଇଦିନ ବ୍ୟାପୀ ଜାତୀୟ ପ୍ରେସ୍ ଦିବସ ଓ ପ୍ରେସ୍ କ୍ଲବର ବାର୍ଷିକ ଉତ୍ସବ, ଚଇତାଳି ପର୍ବ ପାଳନ କରାଯିବ। ଏହି ଅବସରରେ ପ୍ରେସ୍ କ୍ଲବ ତରଫରୁ ଏକ ସାଧାରଣ ବୈଠକ ଏକ କଲ୍ୟାଣମଣ୍ଡପରେ ଅନୁଷ୍ଠିତ ହୋଇଛି। ଏହି ଉତ୍ସବ ପାଳନ ଓ ଉତ୍ସବକୁ ସର୍ବାଙ୍ଗକରଣରେ ସଫଳ କରିବା ପାଇଁ ପ୍ରେସ୍ କ୍ଲବ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲାବେଳେ ଏଥିପାଇଁ କ୍ଲବ ପକ୍ଷରୁ ଜୋର୍‌ଦାର ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଛି। ଏହି ଅବସରରେ ଉତ୍ସବର ସଫଳତା ଓ ଉତ୍ସବକୁ ଅଧିକ ଆକର୍ଷଣୀୟ କରିବା ପାଇଁ ପ୍ରେସ କ୍ଲବ୍ ପକ୍ଷରୁ ମଞ୍ଚ ପୂଜା କମିଟି, ରେସ୍‌ପନ୍ସ କମିଟି, ମଞ୍ଚ ପରିଚାଳନା କମିଟି, ସମ୍ବର୍ଦ୍ଧନା କମିଟି ସମେତ ବିଭିନ୍ନ କମିଟି ଗଠନ କରାଯାଇଛି। ଆସନ୍ତା ୧୬ ତାରିଖ ଉତ୍ସବର ଉଦ୍‌ଘାଟନୀ ଦିବସରେ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, କ୍ରୀଡା, ଯୁବସେବା, ଉଚ୍ଚଶିକ୍ଷା, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ବିଭୂତି ଭୂଷଣ କର, ପୁରୀ ଜିଲା ପେସାଦାର ସାମ୍ବାଦିକ ସଂଘର ଜିଲା ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ, ପୁରୀ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଅଧିକାରୀ ସନ୍ତୋଷ କୁମାର ସେଠୀ ପ୍ରମୁଖ ଯୋଗଦେବେ ବୋଲି ପ୍ରେସ୍ କ୍ଲବ୍‌ର କର୍ମକର୍ତ୍ତାଙ୍କଠାରୁ ଜଣାପଡ଼ିଛି। ଏହି ଅବସରରେ ପ୍ରେସ୍ କ୍ଲବର ମୁଖପତ୍ର 'ଆମ ସ୍ୱାଭିମାନ ଆମ ନିମାପଡ଼ା' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହେବା ସହ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହେବ। ଉତ୍ସବରେ ଜାତୀୟ ପ୍ରେସ୍ ଦିବସ ଅବସରରେ ବିକଶିତ ଭାରତ ଗଠନରେ ଖବରଦାତାଙ୍କ ଭୂମିକା ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ପ୍ରସ୍ତୁତି ବୈଠକରେ ପ୍ରେସ୍ କ୍ଲବର ସଭାପତି ଅକ୍ଷୟ ବେହେରା, ସମ୍ପାଦକ ରମାକାନ୍ତ ବେହେରା, ବରିଷ୍ଠ ଖବରଦାତା ସଞ୍ଜୟ ପତିଙ୍କ ସମେତ କ୍ଲବର ସମସ୍ତ କର୍ମକର୍ତ୍ତା, ସଦସ୍ୟ, ଉପଦେଷ୍ଟାମାନେ ଉପସ୍ଥିତ ଥିଲେ।



ପ୍ରେସ୍ କ୍ଲବ୍‌ର ସାଧାରଣ ଅଧିବେଶନରେ କର୍ମକର୍ତ୍ତାଗଣ।

# ଖେଳାଳିଙ୍କୁ ସହଯୋଗ ଯୋଗାଇଦେବାକୁ ପ୍ରତିଶ୍ରୁତି

**ଜିଲା ସ୍କୁଲ୍ ହକି ଗ୍ରାସ୍ ରୁଟ୍ ସେଣ୍ଟରରେ ହକି ଶତବାର୍ଷିକୀ ପାଳିତ**

ପୁରୀ, ୭।୧୧(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା ସ୍କୁଲ୍ 'ହକି ଗ୍ରାସ୍ ରୁଟ୍' ସେଣ୍ଟରରେ ଶୁକ୍ରବାର ହକି ଶତବାର୍ଷିକୀ ପାଳନ କରାଯାଇଛି। ଏହି ଅବସରରେ ପୁରୀ ଜିଲା ସ୍କୁଲ୍‌ର ହକି ଖେଳାଳିମାନେ ବାଳିକା ଓ ବାଳକ ଉଭୟ ବିଭାଗରେ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଆୟୋଜନ କରି ଉକ୍ତ ଶତବାର୍ଷିକୀ ଦିବସକୁ ମହାସମାରୋହରେ ପାଳନ କରିଛନ୍ତି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡ଼ାବିତ୍‌ମାନେ ନିଜର ଅଧ୍ୟବସାୟ ଜାରି ରଖିଲେ ନିଶ୍ଚିତ ଭାବେ ସଫଳତା ପାଇପାରିବେ ଏବଂ ଦେଶ ତଥା ରାଜ୍ୟର ସମ୍ମାନ ଅକ୍ଷୁର୍ଣ୍ଣ ରଖିପାରିବେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ ଯୋଗଦେଇ କ୍ରୀଡ଼ା କ୍ଷେତ୍ରରେ ଯଥା ସମ୍ଭବ ସାହାଯ୍ୟ ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଶିକ୍ଷକ ବିଦ୍ୟାଧର ମିଶ୍ର ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଶ୍ୱଜିତ୍ ବାନାର୍ଜୀ ଏଥିରେ ଅଧ୍ୟକ୍ଷତା କରିବା ସହ ବିଦ୍ୟାଳୟ ସବୁକ୍ଷେତ୍ରରେ ଖେଳାଳିମାନଙ୍କୁ ସହଯୋଗ କରିବ ବୋଲି କହିଥିଲେ। ଭାରତରେ ସର୍ବପ୍ରଥମେ ୧୯୨୫ ମସିହାରେ ହକି ଖେଳ ଆରମ୍ଭ ହୋଇଥିଲା। ଏଥିମଧ୍ୟରେ ୧୦୦ ବର୍ଷ ଅତିକ୍ରାନ୍ତ ହୋଇସାରିଛି। ଭାରତ ସମଗ୍ର ବିଶ୍ୱରେ ଅନେକ ଥର ଚାମ୍ପିଅନ ହେବା ସହ ଆଜି ମଧ୍ୟ ଏହି ଖେଳରେ ଦିଗ୍‌ବିଜୟୀ ଯୋଦ୍ଧା ରୂପେ ନିଜର ଆଧିପତ୍ୟ ଜାରି ରଖିଛି ବୋଲି ଅତିଥିମାନେ କହିଥିଲେ। ଅତିଥିମାନେ କ୍ରୀଡ଼ାବିତ୍‌ମାନଙ୍କୁ ଚାମ୍ପିୟନ ଓ ରନର୍ସ ଅପ୍ ଟ୍ରଫି ପ୍ରଦାନ କରିବା ସହ ଉଭୟ ବାଳକ ଓ ବାଳିକା ବିଭାଗର ଖେଳାଳିଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଟ୍ରଫି ପ୍ରଦାନ କରିଥିଲେ। କୋଚ୍ ଗୌତମ ନାୟକ ଓ ରାଜୁ ଗୌଡ ଖେଳ ପରିଚାଳନା କରିଥିଲେ। ଜିଲା ସ୍କୁଲ୍‌ର ପ୍ରାକ୍ତନ କ୍ରୀଡ଼ା ଶିକ୍ଷକ ଗୋପାଳ ଚନ୍ଦ୍ର ପରିଡ଼ାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।



କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଖେଳାଳିମାନେ। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)



ବାଲିଯାତ୍ରା ଅକ୍ଷୟ ମହାନ୍ତି ମଞ୍ଚରେ ହରଦୀପ କୌରଙ୍କ ସଙ୍ଗୀତକୁ ଉପସ୍ଥିତ ଦର୍ଶକ ଉପଭୋଗ କରୁଛନ୍ତି।

# ସୁଫି କି ସୁଲତାନା ହର୍ଷଦୀପଙ୍କ ଗୀତରେ ମତୁଆଲା ଦର୍ଶକ

କଟକ,୭।୧୧(ଶିଳ୍ପା ପ୍ରିୟଦର୍ଶିନୀ)

ଐତିହାସିକ ବାଲିଯାତ୍ରା କଟକର ଶୁକ୍ରବାର ତୃତୀୟ ସନ୍ଧ୍ୟାରେ ବଲିଉଡ୍‌ କଣ୍ଠଶିଳ୍ପୀ ହର୍ଷଦୀପ କୌର ମନଛୁଆଁ ଓ ରୋମାଞ୍ଚକର ସଙ୍ଗୀତ ପରିବେଷଣ କରିଥିଲେ। ହେଲେ କାର୍ଯ୍ୟସୂଚୀ ମୁତାବକ ୭ଟା ୩୦ ମିନିଟରୁ ହର୍ଷଦୀପଙ୍କ କାର୍ଯ୍ୟକ୍ରମ ଆରମ୍ଭ ହେବାକୁ ଥିବାବେଳେ କୌଣସି ସମସ୍ୟା କାରଣରୁ ରାତି ପ୍ରାୟ ୯ଟା ୫୦ ମିନିଟରେ ହର୍ଷଦୀପ ମଞ୍ଚକୁ ଆସିଥିଲେ। ପ୍ରାୟ ଏକଘଣ୍ଟା ଧରି ହର୍ଷଦୀପ ସୁଫି ସଙ୍ଗୀତରେ ଦର୍ଶକଙ୍କ ମନ କିଣିଥିଲେ। ପ୍ରଥମେ ଜୟ ଜଗନ୍ନାଥ, କେସେ ହେଁ ଆପ ସବ କହିକି ଦର୍ଶକଙ୍କୁ ଉତ୍ସାହିତ କରିଥିଲେ। ପ୍ରଥମେ ଅଲ୍ଲୀ ଅଲ୍ଲୀ ଯୁଗନି ଜି ଗୀତରୁ ହର୍ଷଦୀପ ସଙ୍ଗୀତ ଆରମ୍ଭ କରିଥିଲେ। ପରେ ସାଂସୋ କି ମାଲା, ସାନୁ ଏକ ପଲ ଚେନ ନାଁ ଆୟେ, ତୁ ଝୁମ ଝୁମ, ଆଲାହା ହୁ ଆଲାହା ହୁ, ହେ କବିରା ତୁ ନାଁ ଯା, ଆଛା ଚଲତା ହୁଁ ଜାଲିମା ଓ ଜାଲିମା, ତୁ ଆନା କୋଇ ଔର ମଙ୍ଗଦା, ଦମ ମସ୍ତ କଲନ୍ଦର, ରମତା ଯୋଗୀ ଆଦି ଗୀତ ପରିବେଷଣ କରିଥିଲେ। ହର୍ଷଦୀପଙ୍କ ସଙ୍ଗୀତ ଶୁଣିବା ପାଇଁ ଅକ୍ଷୟ ମହାନ୍ତି ମଞ୍ଚ ନିକଟରେ ନାହିଁ ନ ଥିବା ଭିଡ଼ ଜମିଥିବାବେଳେ ହର୍ଷଦୀପ ତୃତୀୟ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ପାଲଟିଥିଲେ। ତୃତୀୟ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମ ଗଣକବି ବୈଷ୍ଣବ ପାଣି ମଞ୍ଚ ଓ ଅକ୍ଷୟ ମହାନ୍ତି ମଞ୍ଚରେ ଅନୁଷ୍ଠିତ ହୋଇଥିଲା। ଅକ୍ଷୟ ମହାନ୍ତି ମଞ୍ଚରେ କଟକର ସପ୍ତକ ମ୍ୟୁଜିକ କଳା କେନ୍ଦ୍ର ପକ୍ଷରୁ ଓଡ଼ିଆ ଭଜନ ପରିବେଷଣ କରାଯାଇଥିଲା । ପରେ କଟକର ବାସୁଦେବ କଳା ପରିଷଦ ପକ୍ଷରୁ ସମ୍ବଲପୁରୀ ନୃତ୍ୟ, କଟକର ୟୁରୋବିଟ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ତ୍ରାହି ଦୁର୍ଗା ନୃତ୍ୟ, କଟକର ଶ୍ରୀ ଗୁରୁ ପ୍ରଦ୍ୟୁମ୍ନ କିଶୋର ଦେବ ମହାସତଶାନ ପକ୍ଷରୁ ଲୋକନୃତ୍ୟ, କଟକ ଦେବ ଡ୍ୟାନ୍ସ ସେଣ୍ଟର ପକ୍ଷରୁ ଅପରେଶନ ସିନ୍ଦୂର ପରିବେଷଣ କରାଯାଇଥିଲା। ଏହାସହ ଜଗତ୍‌ସିଂହପୁର ଦୁଃଖୀରାମ ସ୍ୱାଇଁ କଳା ପ୍ରତିଷ୍ଠାନ ପକ୍ଷରୁ ସମ୍ବଲପୁରୀ ନୃତ୍ୟ, ମଧ୍ୟପ୍ରଦେଶ ଲୋକ ଦର୍ଶପ ସାଂସ୍କୃତିକ ସଂସ୍ଥା ପକ୍ଷରୁ ଲୋକନୃତ୍ୟ ଓ କଟକର ଲାଲ ଆଜାଦ ପକ୍ଷରୁ କଳାକାରମାନେ ସଙ୍ଗୀତ ପରିବେଷଣ କରିଥିଲେ। ଅନ୍ୟପଟେ ଗଣକବି ବୈଷ୍ଣବ ପାଣି ମଞ୍ଚରେ କଣ୍ଠଶିଳ୍ପୀ ରୁକୁ ସୋନା ସମ୍ବଲପୁରୀ ଗୀତ ପରିବେଷଣ କରିଥିଲେ। ପ୍ରଥମେ ରିବନ ଫିତା, ଏକଡା ଏକଡା, କୁଲଫି ରାନି ଆଦି ସଙ୍ଗୀତ ପରିବେଷଣ କରିଥିଲେ। ପରେ କଟକର ସ୍ୱାମୀ ଚିଦାନନ୍ଦ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଲୋକନୃତ୍ୟ, କଟକର ଭକ୍ତି ଅର୍ଘ୍ୟ ଭଜନ ସନ୍ଧ୍ୟା ପକ୍ଷରୁ ଭଜନ ପରିବେଷିତ କରାଯାଇଥିଲା। ଏହାସହ କଟକର ପଞ୍ଚପୁଷ୍ପା କଳା ସଂସଦ ପକ୍ଷରୁ ଓଡିଶୀ ନୃତ୍ୟ, ଯାଜପୁର ବିରାଜ କଲଚରାଲ ଏକାଡେମୀ ପକ୍ଷରୁ ନୃତ୍ୟ, ଭୁବନେଶ୍ୱରର ଟିଜି ସୁରକ୍ଷା ଟ୍ରଷ୍ଟ ପକ୍ଷରୁ ସମ୍ବଲପୁରୀ ନୃତ୍ୟ, ସାଲେପୁରର ସଙ୍ଗୀତ ନୃତ୍ୟ ଏକାଡେମୀ ପକ୍ଷରୁ ପାଇକ ବିଦ୍ରୋହ, କଟକର ଗୌରୀ ମା' ସାଂସ୍କୃତିକ କଳା ପରିଷଦର କଳାକାରଙ୍କ ଦ୍ୱାରା ଓଡିଶୀ ନୃତ୍ୟ ପରିବେଷଣ କରାଯାଇଥିଲା।

**ସମ୍ବଲପୁରୀ ଗୀତରେ ଝୁମାଇଲେ ରୁକୁ ସୋନା**



ହରଦୀପ କୌର ସଙ୍ଗୀତ ଗାନ କରୁଛନ୍ତି।



ଗଣକବି ବୈଷ୍ଣବ ପାଣି ମଞ୍ଚଳରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

## ପଡ଼ିଆରେ ଶାଢ଼ିବୁଣା ଦେଖିବାକୁ ଲୋକଙ୍କ ଭିଡ଼





ବାଙ୍କୀ ଡମପଡ଼ା ଅଞ୍ଚଳର ଶାନ୍ତିଲତା ମହାପାତ୍ର ବାଲିଯାତ୍ରାର ଓରମାସରେ ଲାଇଭ ଶାଢ଼ି ବୁଣୁଛନ୍ତି। ହାତ ତିଆରି ଏହି ଶାଢ଼ିଗୁଡିକର ବୁଣା ଦେଖିବା ପାଇଁ ଲୋକଙ୍କ ଭିଡ଼ ଜମିଛି। ଶାଢିର ଦର ୧୫ ଶହରୁ ୧୫ ହଜାର ଟଙ୍କା ରହିଛି। ତେବେ ଗୋଟିଏ ଶାଢ଼ି ବୁଣିବାକୁ ୪ ଦିନ ସମୟ ଲାଗେ। ଗ୍ରାହକଙ୍କ ପସନ୍ଦ ଅନୁଯାୟୀ ଶାଢ଼ି ତିଆରି କରିଥାଏ। ଆଜକୁ ୮ବର୍ଷ ହେବ ସେ ବାଲିଯାତ୍ରା ଆସୁଥିବା ଖୁବ ଭଲ ବେପାର ହେବା ସହ ଶାଢ଼ି କିପରି ବୁଣା ଯାଏ ସେ ସମ୍ପର୍କରେ ଲୋକ ଅଧିକ ଆଗ୍ରହ ପ୍ରକାଶ କରନ୍ତି ବୋଲି ସେ କହିଛନ୍ତି।

## ସାଲ୍‌ର ଦାମ୍ ୫ ଲକ୍ଷ



ବାଲିଯାତ୍ରା ତଳପଡ଼ିଆ ଓର୍‌ମାସ ପରିସରକୁ କଶ୍ମୀରର ସବୀର ହୁସେନ ମେଣ୍ଢାର ଗଳାରୁ ବାହାରୁଥିବା ପଶିମା ବା ସୂତାରୁ ତିଆରି ସାଲ୍ ପ୍ରତ୍ୟେକ ବର୍ଷଭଳି ଚଳିତବର୍ଷ ନେଇ ଆସିଛନ୍ତି। ହେଲେ ପ୍ରଥମ କରି ଏହାସହ ଆଣିଛନ୍ତି ଝିଅମାନଙ୍କ ପାଇଁ ଡ୍ରେସ ବା ସୁଟ୍ ପିସ। ଚଳିତବର୍ଷ ସବୀର ସବୁଠୁ ଦାମୀ ସାଲ୍ ବାଲିଯାତ୍ରାକୁ ଆଣିଛନ୍ତି, ଯାହାର ଦର ୫ଲକ୍ଷ ଟଙ୍କା ରହିଛି। ଏହି ଦର ଶୁଣି ଲୋକ ଆଶ୍ଚର୍ଯ୍ୟ ହେଉଛନ୍ତି, ସତ ହେଲେ ଏହି ସାଲ୍ ରୁମ ହିଟର ଭାବେ କାମ କରିବ ବା ଗରମ ଅନୁଭବ କରାଇବା ଜାଣି ଏହି ବିଷୟରେ ଲୋକ ପଚାରି ବୁଝୁଛନ୍ତି। ଏହି ସାଲ୍ ଓ ସୁଟ୍ ପିସଗୁଡିକ ସ୍ୱତନ୍ତ୍ର ଆଧାରରେ ତିଆରି କରାଯାଇଛି। ୫ଲକ୍ଷ ଦରର ସାଲ୍‌କୁ ତିଆରି କରିବା ପାଇଁ ବୁଣାକାରଙ୍କୁ ୩ ବର୍ଷ ସମୟ ଲାଗିଛି। ଏହାସହ ସୁଟ୍ ପିସଗୁଡିକ ମୋଗଲଙ୍କ କାହାଣୀ ବଖାଣୁ ଥିବାବେଳେ ଏହାର ଦର ୪୫,୦୦୦ ଟଙ୍କା ରହିଛି। ଏ ନେଇ ସବୀର କହନ୍ତି, ଓଡ଼ିଶା ଲୋକ ବହୁତ ସୌଖୀନ। ଲୋକଙ୍କ ଆଗ୍ରହ ଓ ପସନ୍ଦକୁ ନଜରରେ ରଖି ଏପରି ସାଲ୍ ଓ ସୁଟ ପିସର ଭେରାଇଟି ଆଣିଛୁ ବୋଲି ସେ କହିଛନ୍ତି।

## ବାଲିଯାତ୍ରା ନେଇ ତ୍ରୁଟି କାଢୁଥିବା ବ୍ୟକ୍ତି ଏଠାକୁ ଆସି ବୁଲି ଦେଖନ୍ତୁ: ଜିଲାପାଳ

ବାଲିଯାତ୍ରା ଆୟୋଜନକୁ ନେଇ କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଶୁକ୍ରବାର ପ୍ରତିକ୍ରିୟା ଦେଇ କହିଛନ୍ତି, ବାଲିଯାତ୍ରା ଚଳିତବର୍ଷ ନୂଆ ଢଙ୍ଗରେ କରାଯାଇଛି। ଉପରପଡ଼ିଆ ୧୬୦ ଷ୍ଟଲ୍ ରହିଛି। ଏବେ ମଧ୍ୟ ୧୦୦ଜଣ ଭେଣ୍ଡର ଲିଷ୍ଟରେ ରହିଛନ୍ତି। ବ୍ୟବସାୟୀ ସଂଘ ଲିଖିତ ଭାବେ ଦେବାରୁ ସେ ସବୁକୁ ଗୁରୁତ୍ୱ ଦିଆଯାଇଥିଲା। ୨ କୋଟିରୁ ଅଧିକ ବ୍ୟବସାୟ ବାଲିଯାତ୍ରାରେ ହୁଏ ଏବଂ ସେଥିରୁ ୫ ପ୍ରତିଶତ ବେପାର ଉପରପଡ଼ିଆରେ ହୋଇଥାଏ। ତଳପଡିଆରେ ସାଂସ୍କୃତିକ କାର୍ଯ୍ୟକ୍ରମ ହେଉଥିବାରୁ ଲୋକେ ତଳପଡିଆରେ ଷ୍ଟଲ୍ ନେବାକୁ ଆଗ୍ରହୀ ହୋଇଥାନ୍ତି। ବାଲିଯାତ୍ରା ଆୟୋଜନକୁ ନେଇ ତ୍ରୁଟି କାଢୁଥିବା ବ୍ୟକ୍ତି ଆସି ବାଲିଯାତ୍ରାରେ ଦେଖନ୍ତୁ କ'ଣ ବ୍ୟବସ୍ଥା ଏଥିରେ କରାଯାଇଛି। ପ୍ରଥମେ ବୋଟ ଗେଟ ସମ୍ମୁଖରେ ହେଉଥିଲା ପରେ ବଢ଼ି ଉପରପଡିଆକୁ ଗଲା ଏବଂ ପରେ ବଢ଼ି କି ତଳପଡିଆକୁ ଆସିଲା। ବାଲିଯାତ୍ରା କଟକର ଗର୍ବ, ଏହି ଯାତ୍ରାରେ ନଖୁନା ଥିବା ଶବ୍ଦ ବ୍ୟବହାର କରିବା ଉଚିତ ନୁହେଁ ବୋଲି ଜିଲାପାଳ ଶିନ୍ଦେ କହିଛନ୍ତି।

## ବଲିଉଡ୍ ନାଇଟ୍‌ରେ ଅବ୍ୟବସ୍ଥା

ବଲିଉଡ ନାଇଟ ତୃତୀୟ ସନ୍ଧ୍ୟାରେ ଅକ୍ଷୟ ମହାନ୍ତି ମଞ୍ଚରେ ଅନୁଷ୍ଠିତ ହୋଇଥିଲା। ମଞ୍ଚ ସମ୍ମୁଖରେ ଭିଆଇପି ଓ ଭିଭିଆଇପିଙ୍କ ଆସର ଜମିଥିଲା। ଏପରିକି ଖବରଦାତା ଓ ସମେତ ଅନେକ ବ୍ୟକ୍ତି ନାନା ସମସ୍ୟାର ସମ୍ମୁଖୀନ ହୋଇଥିଲେ। ତେବେ ପ୍ରଶାସନ ପକ୍ଷରୁ ପ୍ରତ୍ୟେକ ବର୍ଷ ଏପରି ବଲିଉଡ ନାଇଟ ଆୟୋଜନ କରାଯାଉଥିବାବେଳେ ଚଳିତବର୍ଷ ଅନେକ ଅବ୍ୟବସ୍ଥା ସାମ୍ନାକୁ ଆସିଛି।

## ତୃତୀୟ ଦିନରେ ଅସମ୍ଭାଳ ଭିଡ଼

ବାଲିଯାତ୍ରାର ତୃତୀୟ ଦିନ ଶୁକ୍ରବାର ଦିନତମାମ ପଡ଼ିଆରେ ଗହଳି ଲାଗି ରହିଥିଲା। ସନ୍ଧ୍ୟା ହେବା ପରେ ଧୀରେ ଧୀରେ ଗହଳି ବଢ଼ିବାରେ ଲାଗିଥିଲା। ପଡିଆ ଏକ ପ୍ରକାରର ଲୋକାରଣ୍ୟ ହୋଇ ଉଠିଥିଲା। ପଡିଆକୁ ସଂଯୋଗ କରୁଥିବା ମହାନଦୀ ରିଂରୋଡ ଜାମ୍ ହୋଇଯାଇଥିଲା। ସେହିପରି ଲୋକେ ଛାଡ଼ଖାଇ ପାଳି ପଡ଼ିଆରେ ଥିବା ଖାଇବା ଷ୍ଟଲ୍‌ଗୁଡ଼ିକରେ ପ୍ରବଳ ଭିଡ଼ ଜମିଯାଇଥିଲା। ଏହାକୁ ଦୃଷ୍ଟିରେ ରଖି ବ୍ୟବସାୟୀମାନେ ପ୍ରସ୍ତୁତି କରିଥିଲେ। ଏଥିସହ ଦହିବରା ଆଳୁଦମ, ଠୁଙ୍କାପୁରୀ, ଚାଟ୍ ଓ ଅନ୍ୟାନ୍ୟ ଖାଦ୍ୟର ମଜା ଉଠାଇଥିଲେ ସାଧାରଣ ଲୋକ। ସେହିପରି କଟକ ଇନ୍ କଟକ, ଥ୍ରୀ-ଡି ଗେମ୍ ଜୋନ, ଜଳପରୀ ଓ ଦୋଳିଗୁଡ଼ିକୁ ଲୋକ ବେଶ୍ ଉପଭୋଗ କରିଛନ୍ତି।

**ବୁଲିଲେ, କିଣିଲେ, ଖାଇବାର ମଜା ନେଲେ**

## ଜମିଲା ଆମିଷ ଖାଦ୍ୟ ବେପାର

ଓର୍‌ମାସ ପରିସରରେ ଥିବା ଖାଦ୍ୟ ଷ୍ଟଲ୍‌ରେ ଆମିଷ ଖାଦ୍ୟ ପାଇଁ ଭିଡ଼ ଜମିଥିଲା। ଚଳିତଥର ଶଙ୍କରପୁରର ମାଛ ଆମ୍ବିଳ ଓ ବରା, ବାରିପଦା ମୁଢି ଓ ମାଂସ, ଚିକେନ ଓ ମଟନ ପତ୍ରପୋଡା, ଅଣ୍ଡା ରୋଲ, ଚିକେନ କବାବ, ଅଣ୍ଡା ଚପ ଭଳି ଅନେକ ଭେରାଇଟିର ଆମିଷ ଖାଦ୍ୟ ବାଲିଯାତ୍ରାକୁ ଆସିଛି। ଏହାସହ ଚାଟ, ଗୁପଚୁପ, ଦହିବରା, ଚାଉମିନ ଖାଇବାର ମଜା ଉଠାଇଛନ୍ତି ଲୋକ।



## ସମ୍ପ୍ରସାରିତ ହେବ ମଳପଙ୍କ ବିଶୋଧନାଗାର

ଚୌଦ୍ୱାର,୭।୧୧(ଆଶୁତୋଷ ଦାସ)

ଚୌଦ୍ୱାର ପୌରପାଳିକା ୧୭ନଂ ୱାର୍ଡ ନୂଆସାହିରେ ପ୍ରତିଷ୍ଠିତ ମଳପଙ୍କ ବିଶୋଧନାଗାର (ଏଫ୍‌ଏସ୍‌ଟିପି)ର ସମ୍ପ୍ରସାରଣ କାର୍ଯ୍ୟ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ପ୍ରାୟ ୮୫ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ଆଡମିନିଷ୍ଟ୍ରେଟିଭ ବିଲଡିଂ ପାଇଁ ସ୍ଥାନୀୟ ପାରିଷଦ ଆଶୁତୋଷ ଦାସ ଶିଳାନ୍ୟାସ କରିଥିଲେ। ପୌରଯନ୍ତ୍ରୀ ପତିତପାବନ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ନିର୍ମାଣ କାର୍ଯ୍ୟ ଅରମ୍ଭ କରାଯାଇଛି। ସୂଚନାଯୋଗ୍ୟ ଯେ, ଉକ୍ତ ସ୍ଥାନରେ ପ୍ରାୟ ୫ ଏକର ଜମି ପୌରପାଳିକା ଅଧିଗ୍ରହଣ କରିଥିଲା। ହେଲେ କେତେଜଣ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଉକ୍ତ ସ୍ଥାନରେ ବେଆଇନ ଭାବେ ଗୃହ ନିର୍ମାଣ କରିଥିଲେ। ଯାହା ପୌରପାଳିକା ପକ୍ଷରୁ ଉଚ୍ଛେଦ କରାଯାଇଛି। ଖୁବ୍‌ଶୀଘ୍ର ବାକିଥିବା ସରକାରୀ ସ୍ଥାନ ଚିହ୍ନଟ କରାଯିବ ବୋଲି ଯନ୍ତ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି।

## ଆଜିଠାରୁ ଚତୁର୍ଦ୍ଦଶ ଖୁଣ୍ଟୁଣୀ ମହୋତ୍ସବ

ଖୁଣ୍ଟୁଣୀ, ୭।୧୧(ସଚ୍ଚିଦାନନ୍ଦ ପଣ୍ଡା)

୧୪ତମ ଖୁଣ୍ଟୁଣୀ ମହୋତ୍ସବ-୨୦୨୫ ଶନିବାରଠାରୁ ଖୁଣ୍ଟୁଣୀ ଦୁର୍ଗା ବଜାରସ୍ଥିତ ଖୁଣ୍ଟୁଣୀ-ରମ୍ପେଇ ଯାତ୍ରା ପଡ଼ିଆଠାରେ ଆରମ୍ଭ ହେବ। ଏହା ୧୨ ତାରିଖ ୫ ଦିନ ଧରି ଚାଲିବ ବୋଲି ଆୟୋଜକ ଖୁଣ୍ଟୁଣୀ-ରମ୍ପେଇ ଯୁବକ ମହାସଂଘ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରତ୍ୟହ ସନ୍ଧ୍ୟାରୁ ଓଡ଼ିଶାର ବିଭିନ୍ନ ଅଞ୍ଚଳର ଲୁକ୍କାୟିତ ଲୋକ କଳାକୁ ଲୋକ ଲୋଚନକୁ ଆଣି ସେମାନଙ୍କୁ ପ୍ରୋତ୍ସାହନ ଦେବା ସହିତ ଆଠଗଡ଼ ଅଞ୍ଚଳର ପ୍ରତିଭାଧାରୀମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବାର ଖୁଣ୍ଟୁଣୀ ମହୋତ୍ସବର ଏକ ପ୍ରୟାସ ବୋଲି ଉଦ୍ୟୋକ୍ତା କହିଛନ୍ତି। ୫ ଦିନ ଧରି ହେଉଥିବା ଏହି ମହୋତ୍ସବରେ ରାମ ଦୋଳି, ଡ୍ରାଗନ, ମିନାବଜାର କାର୍ ରେସ୍, ଜମ୍ପିଂ, ନୌକା ଚାଳନା ଆଦି ସହିତ ବିଭିନ୍ନ ସ୍ୱାଦିଷ୍ଟ ଖାଦ୍ୟର ମଜା ଦର୍ଶକମାନେ ନେବେ ବୋଲି ମହୋତ୍ସବ ସଭାପତି ଦୀପକ କୁମାର ସାହାଣୀ, ସମ୍ପାଦକ ଜିତେନ୍ଦ୍ର ସାହୁ, ମଳୟ ବହିଆ, ସନ୍ତୋଷ ସାହୁ, ସୁବ୍ରତ ବେହେରା, ସତ୍ୟବାନ ସାହୁ ଓ ପ୍ରକାଶ ଚନ୍ଦ୍ର ବାରିକ ପ୍ରମୁଖ ଜଣାଇଛନ୍ତି।

## ଆରତି ଷ୍ଟିଲ ପକ୍ଷରୁ ଡାଳଭାଗ ସ୍କୁଲ ବିଦ୍ୟାର୍ଥୀଙ୍କୁ ବ୍ୟାଗ୍ ବଣ୍ଟନ



ଡାଳଭାଗ ସ୍କୁଲ ପିଲାଙ୍କୁ ବ୍ୟାଗ୍ ବଣ୍ଟନ ଅବସରରେ ଉପସ୍ଥିତ ଅତିଥି।

ଖୁଣ୍ଟୁଣୀ,୭।୧୧(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଘଣ୍ଟିଖାଲସ୍ଥିତ ଆରତି ଷ୍ଟିଲ କମ୍ପାନୀ ଶୁକ୍ରବାର ସ୍ଥାନୀୟ ଡାଳଭାଗ ଗ୍ରାମ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ସମସ୍ତ ବିଦ୍ୟାର୍ଥୀଙ୍କୁ ସ୍କୁଲ ବ୍ୟାଗ ବଣ୍ଟନ କରିଛନ୍ତି। ଏହି ଉପଲକ୍ଷେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆରତି ଷ୍ଟିଲ ସଭାପତି ସୁଦୀପ୍ତ ପଲଙ୍କ ସ୍ତ୍ରୀ ସାନନ୍ଦା ପଲ, ଉପସଭାପତି ଅଶୋକ କୁମାର ପଟ୍ଟନାୟକ ପ୍ରମୁଖ ଯୋଗଦେଇ ବିଦ୍ୟାଳୟର ଉପସ୍ଥିତ ଶତାଧିକ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ଶିକ୍ଷା ଉପକରଣ ସ୍କୁଲ ବ୍ୟାଗ ବଣ୍ଟନ କରିଥିଲେ। ଏହି ବର୍ଣ୍ଣାଢ୍ୟ କାର୍ଯ୍ୟକ୍ରମରେ ଆରତି କାରଖାନାର ଏଜିଏମ୍ ସନ୍ତୋଷ ରାଉତ, ପ୍ରଧାନଶିକ୍ଷୟିତ୍ରୀ ଉର୍ମିଳା ଗଡ଼ନାୟକ, ବିଦ୍ୟାଳୟ ଆଲୁମିନି କମିଟି ସଭାପତି ବସନ୍ତ କୁମାର ବେଉରା, ବିଦ୍ୟାଳୟ ପରିଚାଳନା କମିଟି ପ୍ରକାଶ କୁମାର ପ୍ରଧାନ ଓ ଗୋକୁଳାନନ୍ଦ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଆରତି ଷ୍ଟିଲର ଏହି କାର୍ଯ୍ୟକୁ ସ୍କୁଲ ପରିଚାଳନା କମିଟି ପକ୍ଷରୁ ଉଚ୍ଚ ପ୍ରଶଂସା କରାଯାଇଥିଲା। ଆରତି ଷ୍ଟିଲ କାରଖାନା ସିଏସ୍‌ଆର୍ ବିଭାଗ ଅଧିକାରୀ ନବୀନ ମାଲକାର ଓ କମ୍ପାନୀର କର୍ମଚାରୀ ବୃନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ରାଷ୍ଟ୍ରବାଦୀ ସଂଘ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା

କଟକ ସଦର,୭।୧୧(ସୁଶାନ୍ତ କୁମାର ଜେନା)

୪୨ ମୌଜା ଅନ୍ତର୍ଗତ କଳପଡ଼ାସ୍ଥିତ କଦମ୍ବେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଓଡ଼ିଶା ରାଷ୍ଟ୍ରବାଦୀ ସଂଘ ପକ୍ଷରୁ ବୁଧବାର ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ କଟକ ସଦର ବ୍ଲକ ଅଧ୍ୟକ୍ଷା ଭାଗ୍ୟ ଲକ୍ଷ୍ମୀ ରାଉତ, ସମ୍ମାନିତ ଅତିଥି ଭାବେ ରାଜ୍ୟ ମହିଳା କମିଶନଙ୍କ ସଦସ୍ୟା ପ୍ରତିଭା ଶତପଥୀ, ସାମାଜିକ କାର୍ଯ୍ୟକର୍ତ୍ତା ପ୍ରଭାତ ଦେବତା, ଅବସରପ୍ରାପ୍ତ ସେନା କର୍ମଚାରୀ ଲକ୍ଷ୍ମୀଧର ରାଉଳ, ସତ୍ୟଭାମା ଦେବତା ଯୋଗଦେଇଥିଲେ। ଏଥିରେ ହାସ୍ୟା ଅଭିନୟ, ଶଙ୍ଖ ବାଦନ, ମୁରୁଜ, ଓଡ଼ିଶୀ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶଙ୍ଖ ବାଦନ, ନୃତ୍ୟ ଭଳି ପ୍ରତିଯୋଗିତାରେ ଅଂଶଗ୍ରହଣ କଲେ ମଣିଷର ଶାରୀରିକ ବ୍ୟାୟାମ ହୋଇଥାଏ ବୋଲି ଅତିଥିମାନେ କହିଥିଲେ। ରାଷ୍ଟ୍ରବାଦୀ ସଂଘ ସଭାପତି ଗିରିଜା ଶଙ୍କର ପତି ଏହି ଅବସରରେ ସମାଜର ବିଶିଷ୍ଟ ବ୍ୟକ୍ତି, କଳାକାର ଓ ସାଧବ ପୁଅମାନଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରଦୀପ୍ତ ମହାପାତ୍ର ସଂଯୋଜନା କରିଥିବା ବେଳେ ଦେବୀ ପ୍ରସାଦ ପତି, ପୀୟୂଷ ରଞ୍ଜନ ପରିଡ଼ା, ନିର୍ମଳ ଚନ୍ଦ୍ର ଦାସ, ପୀୟୂଷ ପରିଡ଼ା, ଅଶୋକ ପଟ୍ଟନାୟକ, ଦୀପକ ସାହୁ, ସଞ୍ଜୟ ସାହୁ ଓ ଅତିଥିମାନେ ବୋଇତ ବନ୍ଦାଣରେ ଅଂଶଗ୍ରହଣ କରିଥିଲେ। ଶେଷରେ ହାସ୍ୟାଭିନେତା ନବକିଶୋର ନାୟକ କଳା ପ୍ରଦର୍ଶନ କରିଥିଲେ।

## ତୈଳିକ ବୈଶ୍ୟ ସମାଜର ବୋଇତ ବନ୍ଦାଣ

କଟକ,୭।୧୧(କାର୍ତ୍ତିକ ସାହୁ)

କଟକ ମହାନଗର ତୈଳିକ ବୈଶ୍ୟ ସମାଜ ପକ୍ଷରୁ ବୋଇତ ବନ୍ଦାଣ ଉତ୍ସବ ୨୦୨୫ ମହାନଦୀ ଗଡ଼ଗଡ଼ିଆ ଘାଟଠାରେ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡା. ଉତ୍ତମ ଚରଣ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବକୁ ବିଧାୟିକା ସୋଫିଆ ଫିର୍ଦୌସ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ରୂପେ ବିଧାୟକ ସୌଭିକ ବିଶ୍ୱାଳ ଓ ସ୍ୱତନ୍ତ୍ର ଅତିଥି ରୂପେ ଫାଲକନ ଗ୍ରୁପ ନିର୍ଦ୍ଦେଶିକା ପ୍ରିୟଙ୍କା ମହାନ୍ତି, ସମ୍ମାନିତ ଅତିଥି ରୂପେଜାତୀୟ କମ୍ପାନି ଅଧିନିୟମ ପ୍ରାଧିକରଣ ବିଚାର ବିଭାଗୀୟ ସଭ୍ୟ ଦୀପଚନ୍ଦ୍ର ଯୋଶୀ, ବୈଷୟିକ ସଭ୍ୟ ବନୱାରୀ ଲାଲ ମୀନା, ରାଜ୍ୟ ମାନବାଧିକାର ଆୟୋଗ ସଦସ୍ୟ ଅସୀମ ଅମିତାଭ ଦାସ, ପୂର୍ବତନ ମନ୍ତ୍ରୀ ବିଜୟଲକ୍ଷ୍ମୀ ସାହୁ, କାର୍ସିନୋଭା ହସ୍ପିଟାଲର ନିର୍ଦ୍ଦେଶିକା ଡ. ପ୍ରଜ୍ଞା ପରମିତା ମିଶ୍ର ଯୋଗଦେଇଥିଲେ। ଆଡ୍‌ଭୋକେଟ ପ୍ରଶାନ୍ତ କୁମାର ସାହୁ, ସିଏ ସୁମନ ସାହୁଙ୍କ ସମ୍ପାଦନାରେ ଅନୁଷ୍ଠାନର ମୁଖପତ୍ର କଳିଙ୍ଗ ସୌଦାଗର ଉନ୍ମୋଚିତ ହୋଇଥିଲା। ଅନୁଷ୍ଠାନର ସମ୍ପାଦକ ସରୋଜ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଶାନ୍ତ କୁମାର ସାହୁ ଓ ବିଶ୍ୱଜିତ ସୂର୍ଯ୍ୟବଂଶୀ ସହଯୋଗ କରିଥିଲେ। ଉପସଭାପତି ଅଭିମନ୍ୟୁ ସାହୁ ଧନ୍ୟବାଦ ଦେଇଥିଲେ।

## 'ବନ୍ଦେ ମାତରମ୍' ୧୫୦ତମ ପୂର୍ତ୍ତି ପାଳନ

କଣ୍ଟାପଡା/ ଚୌଦ୍ୱାର, ୭।୧୧
(ସୁର ନାରାୟଣ ସାହୁ/ ଆଶୁତୋଷ ଦାସ)

ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟ ଅଧୀନ କଟକ ଜିଲା ଓଲଟପୁରସ୍ଥିତ ସ୍ୱାମୀ ବିବେକାନନ୍ଦ ଜାତୀୟ ପୁନର୍ବାସ ତାଲିମ ଏବଂ ଅନୁସନ୍ଧାନ ସଂସ୍ଥାନ (ଏସ୍‌ଭି ନିରତାର) ପରିସରରେ ଶୁକ୍ରବାର ରାଷ୍ଟ୍ରଗୀତ 'ବନ୍ଦେ ମାତରମ୍' ସଙ୍ଗୀତର ୧୫୦ ବର୍ଷ ପୂର୍ତ୍ତି ପାଳନ ହୋଇଯାଇଛି। ଏହି ଅବସରରେ ଏକ ସାମୂହିକ 'ବନ୍ଦେ ମାତରମ୍' ଗାନର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନୁଷ୍ଠାନର ଛାତ୍ରୀଛାତ୍ର, କର୍ମଚାରୀ, ଦିବ୍ୟାଙ୍ଗନ ଏବଂ ସେମାନଙ୍କ ପରିବାରବର୍ଗ ଯୋଗଦେଇଥିଲେ। ଅନୁଷ୍ଠାନ ନିର୍ଦ୍ଦେଶକ ଡାକ୍ତର ପତିତପାବନ ମହାନ୍ତି ସ୍ୱାଗତ ଅଭିଭାଷଣ ଏବଂ ବୈଷୟିକ ଉପନିର୍ଦ୍ଦେଶକ ଡାକ୍ତର କିଶୋର ଚନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।





ସ୍ୱାମୀ ବିବେକାନନ୍ଦ ଜାତୀୟ ପୁନର୍ବାସ ତାଲିମ ଏବଂ ଅନୁସନ୍ଧାନ ସଂସ୍ଥାନରେ ବନ୍ଦେ ମାତରମ୍ ଗାନ କରାଯାଉଛି।

ଶେଷରେ ଅନୁଷ୍ଠାନର ଛାତ୍ରୀଛାତ୍ର ଏବଂ ଦିବ୍ୟାଙ୍ଗନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

ଚୌଦ୍ୱାର ପୌରପାଳିକା ପକ୍ଷରୁ ବନ୍ଦେ ମାତରମ୍‌ର ୧୫୦ବର୍ଷ ପୂର୍ତ୍ତି ପାଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୌର ସଭାଗୃହରେ ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ନିର୍ବାହୀ ଅଧିକାରୀ ସୌମ୍ୟରଞ୍ଜନ ମିଶ୍ର ଓ ସମସ୍ତ ପାରିଷଦ, ପୌର କର୍ମଚାରୀ ଉପସ୍ଥିତ ରହି ବନ୍ଦେ ମାତରମ କେବଳ ଗୀତ ନୁହେଁ ଏହା ରାଷ୍ଟ୍ରପ୍ରେମ, ତ୍ୟାଗ ଓ ରାଷ୍ଟ୍ରପ୍ରତି ସମର୍ପଣ ଭାବର ପ୍ରତୀକ ବୋଲି ମତପ୍ରକାଶ କରିଥିଲେ। ବିଚିତ୍ରାନନ୍ଦ ସ୍ୱାଇଁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ପୌରଯନ୍ତ୍ରୀ ପତିତପାବନ ପଟ୍ଟନାୟକ, ସଞ୍ଜୟ କୁମାର ସାମଲ, ଶୁଭଶ୍ରୀ ବେହେରା, ପୂର୍ଣ୍ଣଚନ୍ଦ୍ର ପାଣି, ଦେବାଶିଷ ମହାପାତ୍ର, ପୀୟୂଷ ସାହୁ, ଦେବାଶିଷ ପଣ୍ଡା, ବିମଳ କୁମାର ମହାନ୍ତି, ସନ୍ତୋଷ ହୋତାଙ୍କ ସମେତ ସମସ୍ତ ପୌର କର୍ମଚାରୀ ଓ ସମସ୍ତ ସ୍ୱଚ୍ଛସାଥୀ, ସ୍ୱଚ୍ଛ ସୁପରଭାଇଜର ଉପସ୍ଥିତ ଥିଲେ।

# ଦେଶର ପ୍ରଥମ ବୈପ୍ଳବିକ ସ୍ଲୋଗାନ୍ ‘ବନ୍ଦେ ମାତରମ୍’ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୭।୧୧ (ସୌମ୍ୟରଞ୍ଜନ ରାଉତ)

ବଙ୍କିମ୍‌ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଲିଖିତ ରାଷ୍ଟ୍ରୀୟ ସଙ୍ଗୀତ ‘ବନ୍ଦେ ମାତରମ୍’ର ୧୫୦ ବର୍ଷ ପୂର୍ତ୍ତି ଉତ୍ସବ ଶୁକ୍ରବାର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସମୂହ ବନ୍ଦେ ମାତରମ୍ ଗାନ କରାଯିବା ସହ ଏକ ଫଟୋଚିତ୍ର ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରି କହିଲେ, ‘ବନ୍ଦେ ମାତରମ୍’ ହେଉଛି ଦେଶର ପ୍ରଥମ ବୈପ୍ଳବିକ ସ୍ଲୋଗାନ୍। ଏହା କେବଳ ଏକ ଜାତୀୟତାବାଦ୍‌ଭିତ୍ତିକ ସଙ୍ଗୀତ ନୁହେଁ, ଏହା ଦେଶମାତୃକାର ବନ୍ଦନା। ୭ ନଭେମ୍ବର ୧୮୭୫ରେ ଯେତେବେଳେ ଅମର କୃତି ‘ଆନନ୍ଦ ମଠ’ ମାଧ୍ୟମରେ ‘ବନ୍ଦେ ମାତରମ୍’ ପ୍ରଥମେ ପ୍ରକାଶିତ ହୋଇଥିଲା, ସେତେବେଳେ ଗୋଟେ ନୂଆଯୁଗର ଆରମ୍ଭ ହେଲା। ଯେତେବେଳେ ସ୍ୱାଧୀନତା ସଂଗ୍ରାମୀମାନେ ରାଜରାସ୍ତାରେ ବନ୍ଦେ ମାତରଂ, ଇନ୍‌କିଲାବ ଜିନ୍ଦାବାଦ୍ ଭଳି ନାରାଦେଇ ଜାତୀୟତାବାଦ୍ ଗୀତର ତାଳେ ତାଳେ ବ୍ରିଟିଶ୍ ଶାସନକୁ ବିରୋଧ କରୁଥିଲେ, ସେହି ସମୟରେ ବ୍ରିଟିଶ୍ ସରକାରର ଦୃଢ଼ ପ୍ରାଚୀରମାନ କମ୍ପି ଉଠୁଥିଲା। ଆମ ରାଜ୍ୟ ସରକାର ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ସେହି ପଦକ୍ଷେପକୁ ହୃଦୟପୂର୍ବକ ସ୍ୱାଗତ କରୁଛି ଏବଂ ଓଡ଼ିଶାର ପ୍ରତ୍ୟେକ ଜିଲା, ପ୍ରତ୍ୟେକ ବିଦ୍ୟାଳୟ, ପ୍ରତ୍ୟେକ ବିଶ୍ୱବିଦ୍ୟାଳୟ, ପ୍ରତ୍ୟେକ ସଂସ୍କୃତିକ କେନ୍ଦ୍ରରେ ବନ୍ଦେ ମାତରମ୍ ଉତ୍ସବ କରାଯିବ ବୋଲି ସେ କହିଛନ୍ତି। ଯୁବପିଢ଼ିମାନଙ୍କୁ ଆହ୍ୱାନ ଦେଇ ମୁଖ୍ୟମନ୍ତ୍ରୀ କହିଲେ, ଦେଶପ୍ରେମର ଭାବନା କେବଳ ଇତିହାସ ପଢ଼ିଦେଲେ ହୁଏନି, ତାହାକୁ ଜୀବନରେ ବାସ୍ତବରେ ଅନୁସରଣ କରିବା ଦରକାର। ଦେଶକୁ ଭଲପାଇବା ଅର୍ଥ ଦାୟିତ୍ୱବୋଧ, ଶୃଙ୍ଖଳା ଓ ଶ୍ରମ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଉତ୍ସବରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ କହିଲେ, ବନ୍ଦେ ମାତରମ୍ କେବଳ ଏକ ଗୀତ ନୁହେଁ, ଏହା ଆମ ଦେଶର ସଂଗଠନ, ସ୍ୱାଧୀନତା ଓ ଜାତୀୟ ଗରିମାର ପ୍ରତୀକ। ଏହି ସଙ୍ଗୀତ ମାଧ୍ୟମରେ ବଙ୍କିମ୍‌ଚନ୍ଦ୍ର ଚଟ୍ଟୋପାଧ୍ୟାୟ ଭାରତୀୟ ଜନମାନସରେ ଜାଗରଣ ଆଣିଥିଲେ, ଯାହା ଦେଶକୁ ସ୍ୱାଧୀନତା ଆନ୍ଦୋଳନ ପଥରେ ଅଗ୍ରସର କରିଥିଲା ବୋଲି ସେ ମତ ରଖିଥିଲେ। ବିଭାଗର ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟ ସ୍ୱାଗତ ଭାଷଣ ଦେଇଥିବା ବେଳେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା ଧନ୍ୟବାଦ ଦେଇଥିଲେ।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସହ ବିଭାଗୀୟ ଅଧିକାରୀମାନେ ‘ବନ୍ଦେ ମାତରମ୍’ ଗାନ କରୁଛନ୍ତି।

# ଗୀତ, କବିତାକୁ ନେଇ କାନ୍‌ଭାସରେ ଚିତ୍ର ପ୍ରଦର୍ଶନ





ନିଜ ଚିତ୍ର ସମ୍ପର୍କରେ ଯୁବଶିଳ୍ପି ସୌମ୍ୟ ବିଶ୍ୱଜିତ୍ ଗୀତ ଓ କବିତା ମାଧ୍ୟମରେ ଦର୍ଶକଙ୍କୁ ବୁଝାଉଛନ୍ତି।

## ବୁଦ୍ଧଆର୍ଟ ଗ୍ୟାଲେରୀ ‘ଆକୃତି’ ଉଦ୍‌ଘାଟିତ

ଭୁବନେଶ୍ୱର,୭।୧୧ (ସୌମ୍ୟରଞ୍ଜନ ରାଉତ)

ଆଜିର ଯୁବପିଢି ଡିଜିଟାଲ୍‌କୁ ଆପଣାଇ ଧୀରେ ଧୀରେ ଆମ ସାହିତ୍ୟ ପରମ୍ପରା, ସଂସ୍କୃତିକୁ ପାଶୋରି ଯିବାକୁ ବସୁଛନ୍ତି। କିନ୍ତୁ ଏହା ଭିତରେ ବର୍ତ୍ତମାନ ଏକ ଅଭିନବ ଢଙ୍ଗରେ ଯୁବଶିଳ୍ପି ସୌମ୍ୟ ବିଶ୍ୱଜିତ୍ ଗୀତିଯୁଗର ଗୀତ ଓ କବିତାକୁ ନେଇ କାନ୍‌ଭାସରେ ନିଜ ଅଳଙ୍କାରରେ ସଜାଇ ସୁନ୍ଦର ଚିତ୍ର ନିର୍ମାଣ କରିଛନ୍ତି। ଗୁରୁବାର ନୀଳାଦ୍ରିବିହାର ବୁଦ୍ଧଆର୍ଟ ଗ୍ୟାଲେରି ପରିସରରେ ଏହାକୁ ପ୍ରଦର୍ଶନ କରିଛନ୍ତି, ଯାହାର ନାମ ରହିଛି ‘ଆକୃତି’। ଏଥିସହ ଶିଳ୍ପୀ ସୌମ୍ୟ ଚିତ୍ରଗୁଡିକ ଭିତରେ ଲୁଚି ରହିଥିବା କଥପୋକଥନକୁ ଖୋଲା ଆସରରେ ବସି ଦର୍ଶକଙ୍କ ସହ ଆଳାପ ଓ ସଙ୍ଗୀତ ମାଧ୍ୟମରେ ବୁଝାଇଛନ୍ତି। ଏପରି ଏକ ନିଆରା ତଥା ପ୍ରଥମ ଚିତ୍ର ପ୍ରଦର୍ଶନୀକୁ ଆୟୋଜନ କରିଛନ୍ତି ସଙ୍ଗୀତକାର ତଥା ଚିତ୍ରଶିଳ୍ପୀ ସୌମ୍ୟ ବିଶ୍ୱଜିତ୍, ସିଦ୍ଧି ପଟ୍ଟନାୟକ ଓ ସିଦ୍ଧି ଶତପଥୀ। ଏହି ୩ ଜଣ ଶିଳ୍ପୀ ନିଜ ଚିତ୍ରଭିତରେ ଲୁଚିରହିଥିବା କିଶୋର ଚନ୍ଦନନ୍ଦନ, ଚମ୍ପୁଗୀତ ଓ ଗୀତିକବିତାଗୁଡ଼ିକ ନିଜେ ବାଦ୍ୟ ଯନ୍ତ୍ର ବଜାଇ ଦର୍ଶକଙ୍କୁ ଶୁଣାଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଚିତ୍ରଶିଳ୍ପୀ ଗଜେନ୍ଦ୍ର ପ୍ରସାଦ ସାହୁ ଯୋଗଦେଇ ଶିଳ୍ପୀ ଶିବିର ‘ଆକୃତି’କୁ ଉଦ୍‌ଘାଟନ କରି ଯୁବ ଶିଳ୍ପୀମାନଙ୍କୁ ଉତ୍ସାହିତ କରିଥିଲେ। ସେହିଭଳି ଦର୍ଶକମାନେ ମଧ୍ୟ ଶିଳ୍ପୀଙ୍କ ସହ ଚର୍ଚ୍ଚା କରିଥିଲେ। ଅଧିକାଂଶ ଦର୍ଶକ ଯୁବପିଢ଼ି ହୋଇଥିବାରୁ ଶିଳ୍ପୀମାନେ ନିଜ ପ୍ରୟାସ ସଫଳ ହୋଇଛି ବୋଲି କହିଛନ୍ତି।

# ରାଜ୍ୟରେ ଶ୍ରେଷ୍ଠ, ଏସିଆରେ ୨୯୪ ସ୍ଥାନରେ କିଟ୍

ଭୁବନେଶ୍ୱର,୭।୧୧ (ଅନୁରାଧା ମହାରଣା)

## କ୍ୟୁଏସ୍ ଏସିଆ ୟୁନିଭର୍ସିଟି ର୍‍ୟାଙ୍କିଙ୍ଗ



କ୍ୟୁଏସ୍ ଏସିଆ ବିଶ୍ୱବିଦ୍ୟାଳୟ ର୍‍ୟାଙ୍କିଙ୍ଗ ୨୦୨୬ରେ କିଟ୍ ବିଶ୍ୱବିଦ୍ୟାଳୟ ଓଡ଼ିଶାରେ ଘରୋଇ ଓ ସରକାରୀ ବିଶ୍ୱବିଦ୍ୟାଳୟ ମଧ୍ୟରେ ଶ୍ରେଷ୍ଠ ସ୍ଥାନରେ ରହିଛି। ଏହା ସହିତ ସମଗ୍ର ଭାରତରେ କିଟ୍ ବିଶ୍ୱବିଦ୍ୟାଳୟ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ବେଳେ ଏସିଆରେ ୨୯୪ତମ ସ୍ଥାନ ହାସଲ କରିଛି। ସୂଚନାଥାଉ କି, କ୍ୟୁଏସ୍ ଏସିଆ ବିଶ୍ୱବିଦ୍ୟାଳୟ ର୍‍ୟାଙ୍କିଙ୍ଗ ୨୦୨୬ରେ ବିଶ୍ୱର ୧୫ ଶହରୁ ଅଧିକ ବିଶ୍ୱବିଦ୍ୟାଳୟ ଅଂଶଗ୍ରହଣ କରିଥିଲେ। ଏଥିରେ ୫୫୫ ନୂତନ ବିଶ୍ୱବିଦ୍ୟାଳୟ ରହିଥିଲା। ତେବେ ଏହି ସଫଳତାକୁ ନେଇ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି, କ୍ୟୁଏସ୍ ଏସିଆ ବିଶ୍ୱବିଦ୍ୟାଳୟ ର୍‍ୟାଙ୍କିଙ୍ଗ କିଟ୍‌ର ଶୈକ୍ଷିକ ଉତ୍କର୍ଷ କ୍ଷେତ୍ରରେ ନିରନ୍ତର ପ୍ରୟାସର ପ୍ରତିଫଳନ। ନିରବଚ୍ଛିନ୍ନ ଭାବେ ସମସ୍ତ ୱାର୍ଲ୍ଡ ର୍‍ୟାଙ୍କିଙ୍ଗରେ କିଟ୍ ବିଶ୍ୱବିଦ୍ୟାଳୟ ନିଜର ଉନ୍ନତ ର୍‍ୟାଙ୍କ ବଜାୟ ରଖି ଓଡ଼ିଶାକୁ ଗୌରବାନ୍ୱିତ କରିଆସିଛି। ଏହି ସଫଳତା ପାଇଁ ସେ କିଟ୍‌ର ସମସ୍ତ ଅଧ୍ୟାପିକାଅଧ୍ୟାପକ, କର୍ମଚାରୀ ଏବଂ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ୩ଦିନିଆ ଗୁଜରାଟ ଗସ୍ତରେ ରାଜ୍ୟପାଳ

ଭୁବନେଶ୍ୱର,୭।୧୧ (ସୁଚିସ୍ମିତା ସାହୁ)

## ପ୍ରଥମ ଦିନରେ ଗିଫ୍ଟ ସିଟି, ସାବରମତୀ ଆଶ୍ରମ, ଅଟଳ ବ୍ରିଜ ପରିଦର୍ଶନ

ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଶୁକ୍ରବାରଠାରୁ ତିନି ଦିନିଆ ଗୁଜରାଟ ଗସ୍ତ କରିଛନ୍ତି। ପ୍ରଥମ ଦିନରେ ସେ ଭାରତର ପ୍ରଥମ ବୈଶ୍ୱିକ ଆର୍ଥିକ ଓ ପ୍ରଯୁକ୍ତିବିଦ୍ୟା କେନ୍ଦ୍ର ଗୁଜରାଟ ଇଣ୍ଟରନ୍ୟାଶନାଲ ଫାଇନାନ୍ସ ଟେକ-ସିଟି (ଗିଫ୍ଟ ସିଟି) ପରିଦର୍ଶନ କରିଛନ୍ତି। ଏହି ଅବସରରେ ରାଜ୍ୟପାଳ ଗିଫ୍ଟ ସିଟିର ବିଶ୍ୱସ୍ତରୀୟ ଭିତ୍ତିଭୂମି ଓ ନବସୃଜନଶୀଳ ପରିବେଶକୁ ପ୍ରଶଂସା କରିଛନ୍ତି। ଏହି ପ୍ରକଳ୍ପର ଦୂରଦୃଷ୍ଟିକୁ ମଧ୍ୟ ପ୍ରଶଂସା କରିବା ସହିତ ଭାରତକୁ ବୈଶ୍ୱିକ ଆର୍ଥିକ ମହାଶକ୍ତି ରୂପେ ଗଢ଼ି ତୋଳିବାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ସେ କହିଛନ୍ତି। ଏହାପରେ ରାଜ୍ୟପାଳ ଅହମଦାବାଦର ଐତିହାସିକ ସାବରମତୀ ଆଶ୍ରମରେ ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଆଶ୍ରମ ଗାନ୍ଧୀଜୀଙ୍କ ସତ୍ୟ, ଶାନ୍ତି ଓ ନିସ୍ୱାର୍ଥପର ସେବାର ଆଦର୍ଶକୁ ପ୍ରତିଫଳିତ କରିବା ସହିତ ଦେଶକୁ ଆଜିବି ପ୍ରେରଣା ଦେଉଛି ବୋଲି ରାଜ୍ୟପାଳ କହିଥିଲେ। ପରେ ସେ ସାବରମତୀ ରିଭରଫ୍ରଣ୍ଟ (ଅଟଳ ବ୍ରିଜ) ପରିଦର୍ଶନ କରି ସୂର୍ଯ୍ୟାସ୍ତର ମନୋରମ ଦୃଶ୍ୟ ଉପଭୋଗ କରିବା ସହ ଅର୍ବାନ ୱାଟର ଫ୍ରଣ୍ଟର ସୌନ୍ଦର୍ଯ୍ୟ ଓ ଦୂରଦୃଷ୍ଟି ସମ୍ପନ୍ନ ବିକାଶକୁ ପ୍ରଶଂସା କରିଥିଲେ। ରାଜ୍ୟପାଳଙ୍କ ସହ ରାଜ୍ୟର ପ୍ରଥମ ମହିଳା ଡ. ଜୟଶ୍ରୀ କମ୍ଭମପାଟି ରହିଛନ୍ତି।



ସାବରମତୀ ଆଶ୍ରମରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଅରଟରେ ସୂତା କାଟୁଛନ୍ତି।

# ମାରପିଟ, ଡାଲ୍‌ଡା ଘିଅ ଜବତ ଘଟଣା: ୩ ସେବାୟତ ନିଲମ୍ବିତ

ପୁରୀ,୭।୧୧ (ଅଜିତ୍ କୁମାର ମହାନ୍ତି)



ଶ୍ରୀମନ୍ଦିରରେ ଡାଲ୍‌ଡା ଘିଅ ଜବତ ଓ ନାଟମଣ୍ଡପରେ ଦୁଇ ସେବାୟତଙ୍କ ମଧ୍ୟରେ ମାର୍‌ପିଟ୍ ଘଟଣାରେ ୩ ସେବାୟତଙ୍କୁ ଦୁଇମାସ ପାଇଁ ନିଲମ୍ବନ କରାଯାଇଛି। ଶୁକ୍ରବାର ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏହି ସୂଚନା ଦିଆଯାଇଛି। ସୂଚନା ଅନୁଯାୟୀ, ଗତମାସରେ ଦୁଇଜଣ ସେବାୟତ ବାହାରକାଠ ନିକଟରେ ଯାତ୍ରୀଙ୍କଠାରୁ ବେଆଇନ ଭାବେ ଅର୍ଥ ଆଦାୟ କରିବା ତଥା ଏହାକୁ ନେଇ ମାର୍‌ପିଟ ହେବା ଘଟଣାକୁ ଶ୍ରୀମନ୍ଦିର ପ୍ରଶାସନ ଗୁରୁତ୍ୱର ସହ ନେଇ ତଦନ୍ତ କରିଥିଲା। ଶ୍ରୀମନ୍ଦିରର ଶୃଙ୍ଖଳା, ସୁରକ୍ଷା ଓ ଗରିମାକୁ ଗୁରୁତ୍ୱର ଭାବେ ପ୍ରଭାବିତ କରିଥିବାରୁ ସୁଆର ବଡୁ ସେବକ ନାରାୟଣ ପଣ୍ଡା ଏବଂ ଖୁଣ୍ଟିଆ ସେବକ ରାଜାରାମ ଖୁଣ୍ଟିଆଙ୍କୁ ମୁଖ୍ୟ ପ୍ରଶାସକ ଶ୍ରୀଜଗନ୍ନାଥ ମନ୍ଦିର ଆଇନ-୧୯୫୫ର ୨୧(କ) ଧାରା ଅନୁଯାୟୀ ଦୁଇମାସ ପାଇଁ ନିଲମ୍ବନ କରିଛନ୍ତି। ସେହିଭଳି ଶ୍ରୀମନ୍ଦିର ପରିସରରେ ଡାଲ୍‌ଡା ଘିଅ ବ୍ୟବହାର କରିବାକୁ ପ୍ରରୋଚନା ଦେଇଥିବାରୁ ମହାସୁଆର ସେବକ ବେନା ମହାସୁଆରଙ୍କୁ ଦୁଇମାସ ଲାଗି ସେବାକାର୍ଯ୍ୟରୁ ନିଲମ୍ବନ କରାଯାଇଛି। ସମ୍ପୃକ୍ତ ସେବକମାନଙ୍କୁ ଚେତାଇ ଦିଆଯାଇଛି ଯେ, ଏହି ନିଲମ୍ବନ ସମୟରେ ସେମାନେ ନିଜେ କିମ୍ବା ଅନ୍ୟ କୌଣସି ସେବାୟତ କିମ୍ବା ବ୍ୟକ୍ତିବିଶେଷଙ୍କ ଦ୍ୱାରା କୌଣସି ପ୍ରକାର ବିଶୃଙ୍ଖଳା କରିବାକୁ ଅପଚେଷ୍ଟା କଲେ ନିଲମ୍ବନ ଅବଧିକୁ ବୃଦ୍ଧି କରାଯିବା ସହ ଆହୁରି ଅଧିକ କଠୋର ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଶ୍ରୀମନ୍ଦିର ପରିସରରେ ମହାପ୍ରଭୁଙ୍କ ନୀତିକାନ୍ତି ବା ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନରେ କୌଣସି ପ୍ରକାର ବାଧକ ସାଜିଲେ, ସଂପୃକ୍ତ ସେବାୟତ କିମ୍ବା ଅନ୍ୟ ବ୍ୟକ୍ତିବିଶେଷଙ୍କୁ ଛଡ଼ାଯିବ ନାହିଁ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ସ୍ପଷ୍ଟ କରିଛନ୍ତି। ଶ୍ରୀମନ୍ଦିରର ଶୃଙ୍ଖଳା ଓ ଗରିମା ରକ୍ଷା ପାଇଁ ସେ ସମସ୍ତଙ୍କର ସହଯୋଗ କାମନା କରିଛନ୍ତି।

# ଗଣ୍ଡରପୁର, ବେଣାଗାଡିଆ ମଧ୍ୟରେ ଗୋଷ୍ଠୀ ସଂଘର୍ଷ

ତ୍ରିଶୁଳିଆ,୭।୧୧ (ତୁଷାରକାନ୍ତ ବେହେରା)

ଗଣ୍ଡରପୁର ମାଝିସାହି, ଗୋକନପୁର ସାହି ଓ ବେଣାଗାଡ଼ିଆ ମଧ୍ୟରେ ସ୍କୁଲ ଗଡ଼ା ଛକରେ ଶୁକ୍ରବାର ସନ୍ଧ୍ୟାରେ ଗୋଷ୍ଠୀ ସଂଘର୍ଷ ହୋଇଥିଲା। ପରସ୍ପରକୁ କାଚ ବୋତଲ ଓ ଇଟା, ପଥର ଫିଙ୍ଗିବା ଫଳରେ ପରିସ୍ଥିତି ଏତେ ଭୟଙ୍କର ହୋଇଥିଲା ଯେ, ନଦୀ ବନ୍ଧ ରାସ୍ତାରେ ଭୟଭୀତ ହୋଇ କେହି ଯାଇ ନ ଥିଲେ। ପ୍ରାୟ ଅଧଘଣ୍ଟା ନନ୍ଦନକାନନ ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ଗତ ଏକ ସପ୍ତାହ ତଳେ ଗଣ୍ଡରପୁର ଗୋକନପୁର ସାହିର ଜଣେ ଝିଅ ବେଣାଗାଡିଆ ଗ୍ରାମର ପୁଅକୁ ବିବାହ କରିଥିଲେ। ବିବାହରେ ଆସିଥିବା ବେଣାଗାଡିଆ ଗ୍ରାମର ବରଯାତ୍ରୀଙ୍କ ସହିତ ଗଣ୍ଡଗୋଳ ହୋଇଥିଲା। ସେହି ପୁରୁଣା ଗଣ୍ଡଗୋଳକୁ କେନ୍ଦ୍ରକରି ଆଜିର ଗଣ୍ଡୋଗୋଳର ସୂତ୍ରପାତ ଘଟିଥିଲା। ପରିସ୍ଥିତି ଉତ୍ତେଜନା ପ୍ରବଣ ଥିବାରୁ ଉଭୟ ଗ୍ରାମର ମଧ୍ୟବର୍ତ୍ତି ସ୍କୁଲ ଗଡ଼ାରେ ପୋଲିସ ମୁତୟନ ଅଛନ୍ତି।

# ‘ସ୍ୱାସ୍ଥ୍ୟରକ୍ଷାରେ ଅଷ୍ଟିଓପ୍ୟାଥିର ଅବଦାନ ଅତୁଳନୀୟ’

କଟକ,୭।୧୧ (କାର୍ତ୍ତିକ ସାହୁ)

## ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟରେ ପ୍ରଥମ ଅନ୍ତର୍ଜାତୀୟ ଅଷ୍ଟିଓପ୍ୟାଥି ସମ୍ମିଳନୀ ଉଦ୍‌ଘାଟିତ

ଦିନ ଥିଲା ଅଷ୍ଟିଓପ୍ୟାଥି ବା ଅସ୍ଥି ଚିକିତ୍ସା ବିଜ୍ଞାନ ବିଷୟରେ ଲୋକେ ଜାଣି ନ ଥିଲେ। ଏପରିକି ଡାକ୍ତରମାନେ ମଧ୍ୟ ଅଷ୍ଟିଓପୋରୋସିସ ଓ ଅର୍ଥୋପେଡିକକୁ ନେଇ ଦ୍ୱନ୍ଦ୍ୱରେ ରହୁଥିଲେ। ଏ ସମ୍ବନ୍ଧୀୟ ପାଠ ପଢ଼ିଲେ ଚାକିରି ମିଳିବା ନେଇ ଛାତ୍ରୀଛାତ୍ର ଓ ଅଭିଭାବକମାନ ସେତେ ଜ୍ଞାନ ମଧ୍ୟ ନ ଥିଲା। ମାତ୍ର ସମୟ ବଦଳିଛି। ଏବେ ଅଷ୍ଟିଓପ୍ୟାଥି ସମଗ୍ର ବିଶ୍ୱରେ ନିଜର ଲୋକପ୍ରିୟତା ବୃଦ୍ଧି କରିପାରିଛି। ମାନବ ସମାଜର ସାମଗ୍ରିକ ସ୍ୱାସ୍ଥ୍ୟରକ୍ଷା କ୍ଷେତ୍ରରେ ଏହାର ଅବଦାନ ଅତୁଳନୀୟ। ଚଳିତବର୍ଷ ପ୍ରଥମଥର ପାଇଁ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟରେ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ୩ ଦିନିଆ ଅନ୍ତର୍ଜାତୀୟ ଅଷ୍ଟିଓପ୍ୟାଥି କନଭେନଶନ (ଆଇଓସି)ର ଉଦ୍‌ଘାଟନୀ ଉତ୍ସବରେ ଆଧ୍ୟାତ୍ମିକ ଗୁରୁ ତଥା ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ଆଜୀବନ ସଭାପତି ଶ୍ରୀଶ୍ରୀ ରବିଶଙ୍କର ଏକଥା କହିଛନ୍ତି।

ପ୍ରକାଶ ଯେ, ବିଶ୍ୱର କୋଣ ଅନୁକୋଣରୁ ଅଷ୍ଟିଓପ୍ୟାଥି ଏବଂ ସ୍ୱାସ୍ଥ୍ୟରକ୍ଷାରେ ନିୟୋଜିତ ପ୍ରମୁଖ ବ୍ୟକ୍ତିବିଶେଷଙ୍କୁ ଏକାଠି କରିବା ସହ ଅଷ୍ଟିଓପ୍ୟାଥି ଶିକ୍ଷା ଓ ଅନୁସନ୍ଧାନ କ୍ଷେତ୍ରରେ ଏହି ସମ୍ମିଳନୀ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି। ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟରୁ ଅଷ୍ଟିଓପ୍ୟାଥିରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଥିବା ପୂର୍ବତନ ଛାତ୍ରୀଛାତ୍ରଙ୍କ ସମେତ ଇଂଲଣ୍ଡ, ଫ୍ରାନ୍ସ, ସୁଇଜରଲ୍ୟାଣ୍ଡ, କାନାଡ଼ା, ଇଟାଲୀ, ସ୍ପେନ ଏବଂ ଲିଥୁଆନିଆରୁ ବହୁ ସ୍ୱନାମଧନ୍ୟ ଅତିଥି ବକ୍ତା ଯୋଗଦେଇଛନ୍ତି। ଅଷ୍ଟିଓପ୍ୟାଥିର ବିଭିନ୍ନ ଦିଗକୁ ନେଇ ବ୍ୟାପକ ଚର୍ଚ୍ଚା, ଆଲୋଚନା କରିବା କାର୍ଯ୍ୟକ୍ରମ ରହିଛି। ବିଶ୍ୱବିଦ୍ୟାଳୟ କୁଳାଧକ୍ଷା ପ୍ରଫେସର ରଜିତା କୁଲକର୍ଣ୍ଣୀ, କୁଳପତି ପ୍ରଫେସର ଡ. ତେଜପ୍ରତାପ ଓ ଆୟୋଜକ କମିଟି ଅଧ୍ୟକ୍ଷ ତଥା ସ୍ୱାସ୍ଥ୍ୟ ଓ ସୁସ୍ଥତା ବିଭାଗର ଡିନ୍ ପ୍ରଫେସର ଡ. ତୀର୍ଥଙ୍କର ଘୋଷ ଅତିଥିମାନଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ବିଶ୍ୱବିଦ୍ୟାଳୟ କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ଓ କାର୍ଯ୍ୟନିର୍ବାହୀ କୁଳସଚିବ ପ୍ରଫେସର ଡ. ଅନିଲ କୁମାର ଶର୍ମା ଉପସ୍ଥିତ ଥିଲେ।



ଅନ୍ତର୍ଜାତୀୟ ଅଷ୍ଟିଓପ୍ୟାଥି ସମ୍ମିଳନୀରେ ଆଧ୍ୟାତ୍ମିକ ଗୁରୁ ଶ୍ରୀଶ୍ରୀ ରବିଶଙ୍କରଙ୍କ ସହ ଅନ୍ୟ ଅତିଥିମାନେ।

# ନୀତିପରାୟଣ ଶାସନ ପରିଚାଳନା ବିକଶିତ ଓଡ଼ିଶାର ଆଭିମୁଖ୍ୟ ହେଉ: ଶ୍ରୀଶ୍ରୀ ରବିଶଙ୍କର

ଭୁବନେଶ୍ୱର,୭।୧୧ (ସୁଚିସ୍ମିତା ସାହୁ)

ଦ ଆର୍ଟ ଅଫ୍ ଲିଭିଂର ପ୍ରତିଷ୍ଠାତା ଗୁରୁଦେବ ଶ୍ରୀ ଶ୍ରୀ ରବି ଶଙ୍କର ଶୁକ୍ରବାର ଲୋକସେବା ଭବନସ୍ଥିତ କନ୍‌ଭେନସନ ସେଣ୍ଟରଠାରେ ଆୟୋଜିତ ପ୍ରଶାସନିକ ଅଧିକାରୀ ସମ୍ମିଳନୀରେ ଯୋଗଦେଇଥିଲେ। ଏହି ଅବସରରେ ସେ ‘ବିକଶିତ ଓଡ଼ିଶାରେ ଆଧ୍ୟାତ୍ମିକତା, ଶାସନରେ ନୀତି’ ବିଷୟରେ ଏକ ପ୍ରେରଣାଦାୟକ ଅଭିଭାଷଣ ପ୍ରଦାନ କରିଥିଲେ। ଶ୍ରୀଶ୍ରୀ ରବି ଶଙ୍କର କହିଲେ, ଶାନ୍ତି, ସଦ୍‌ଭାବନା ଓ ଭାଇଚାରା ସମନ୍ୱୟରେ ଏକ ଅଗ୍ରଗତିଶୀଳ ସମାଜ ଗଢ଼ିବାରେ ଆଧ୍ୟାତ୍ମିକତା ଓ ନୀତିମୂଲ୍ୟର ଆବଶ୍ୟକତା ରହିଛି। ଧ୍ୟାନ ଦ୍ୱାରା ମାନସିକ ଚାପ ପରିଚାଳନା, ଭାବନାତ୍ମକ ସନ୍ତୁଳନ ବୃଦ୍ଧି ଏବଂ ବୃତ୍ତିଗତ ଜୀବନରେ କାର୍ଯ୍ୟ ଦକ୍ଷତା ବୃଦ୍ଧି ହୋଇଥାଏ। ଆଧ୍ୟାତ୍ମିକ ସଚେତନତା ଓ ନୀତିପରାୟଣ ଶାସନ ପରିଚାଳନା ବିକଶିତ ଓଡ଼ିଶାର ଦୃଷ୍ଟିକୋଣକୁ ଯୋଗଦାନ କରୁଛି। ଯେଉଁଥିରେ ସତ୍ୟନିଷ୍ଠା, କରୁଣା ଏବଂ ସାମୂହିକ କଲ୍ୟାଣ ଉପରେ ଆଧାରିତ ଏକ ଉନ୍ନତ ତଥା ସମାବେଶୀ ରାଜ୍ୟ ଗଢ଼ିବାର ଆଭିମୁଖ୍ୟ ରହିଛି। କାର୍ଯ୍ୟକ୍ରମରେ ରାଜ୍ୟ ଉନ୍ନୟନ ଆୟୁକ୍ତ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଅତିଥି ଭାବେ ଯୋଗଦେଇ ସ୍ୱାଗତ ଭାଷଣରେ ଶାସନ ପରିଚାଳନାରେ ମନନଶୀଳତା ଓ ମୂଲ୍ୟଭିତ୍ତିକ ଦୃଷ୍ଟିଭଙ୍ଗୀର ସମନ୍ୱୟର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। ବିଭିନ୍ନ ସରକାରୀ ବିଭାଗର ବରିଷ୍ଠ ଅଧିକାରୀ ଓ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ପ୍ରତିନିଧିମାନେ ମଧ୍ୟ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବାପୁ



@ ପୂଜା



@ ଜ୍ୟୋତିଷମାନ୍



@ ଚିତ୍ତରଞ୍ଜନ



@ ସୋନମ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଡ୍ୟୁଟି ସମୟରେ ଟଳିପଡ଼ିଲେ କନଷ୍ଟେବଲ

ସୋନପୁର,୭।୧୧(ମୃତ୍ୟୁଞ୍ଜୟ ଶତପଥୀ) ସୁବର୍ଣ୍ଣପୁର ଜିଲା ପୋଲିସ ମୁଖ୍ୟାଳୟର ଡିଷ୍ଟ୍ରିକ୍ଟ କ୍ରାଇମ୍ ରେକର୍ଡ ବ୍ୟୁରୋ (ଡିସିଆର୍‌ବି)ରେ କାର୍ଯ୍ୟରତ କନଷ୍ଟେବଲ ସରୋଜ କୁମାର ପଧାନ (୫୨)ଙ୍କ ଶୁକ୍ରବାର ମୃତ୍ୟୁ ହୋଇଛି। ଉଲୁଣ୍ଡା ତହସିଲ କାର୍ଯ୍ୟାଳୟ ପରିସରରେ ଡ୍ୟୁଟିରେ ଥିବା ସମୟରେ ହଠାତ୍ ସେ ଟଳିପଡ଼ିଥିଲେ। ସଙ୍ଗେସଙ୍ଗେ ପୋଲିସ ଟିମ୍ ତାଙ୍କୁ ନିକଟରେ ଥିବା ଉଲୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୁବର୍ଣ୍ଣପୁର


କନଷ୍ଟେବଲ ସରୋଜ ପଧାନ

ଜିଲା ଲକ୍ଷେଘର ଗଣ୍ଡା ସମାଜ ପକ୍ଷରୁ ବିଭିନ୍ନ ଦାବି ନେଇ ଉଲୁଣ୍ଡା ତହସିଲ ଅଫିସ ସମ୍ମୁଖରେ ଆନ୍ଦୋଳନ କାର୍ଯ୍ୟକ୍ରମ ଥିଲା। ତେଣୁ ଆଇନଶୃଙ୍ଖଳା ରକ୍ଷା ପାଇଁ ପୋଲିସ ଟିମ୍ ନିୟୋଜିତ ଥିଲେ। ସରୋଜ କାର୍ଯ୍ୟକ୍ରମର ଫଟୋ ଉଠାଉଥିବା ସମୟରେ ମୋଡି ହୋଇ ତଳେ ପଡ଼ି ଯାଇଥିଲେ। ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ତେବେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ତାହା ସ୍ପଷ୍ଟ ହେବ। ଏ ସମ୍ପର୍କରେ ଉଲୁଣ୍ଡା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ବ୍ୟବଚ୍ଛେଦ ପରେ ମୃତଦେହକୁ ପୋଲିସ ପକ୍ଷରୁ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ସରୋଜଙ୍କ ଘର ଉଲୁଣ୍ଡା ବ୍ଲକର ମହୁଲପାଲି ଅଞ୍ଚଳରେ। ତାଙ୍କ ମୃତ୍ୟୁରେ ଜିଲା ପୋଲିସ ବିଭାଗରେ ଶୋକର ଛାୟା ଖେଳିଯାଇଛି। ମୃତ ସରୋଜଙ୍କ ସ୍ତ୍ରୀ, ଗୋଟିଏ ଝିଅ ଓ ପୁଅ ଥିବା ଜଣାପଡିଛି।


## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍- (୦୬୭୪) ୨୩୯୩୫୨୪
ଏପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ:(୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ https://oshb.org

ପତ୍ରସଂଖ୍ୟା ୬୧୫— ତା.୯.୧୦.୨୫

### ବିଜ୍ଞାପନ

**No.CAD-2207**:ଏତଦ୍ବାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନଗ୍ରହୀତାଙ୍କ ମୃତ୍ୟୁପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣ ଯୋଗ୍ୟ ନୁହେଁ ।

| କ୍ର. ନଂ. | ଆବଣ୍ଟନଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧ | ନାମ-୰ବିଜୟାନନ୍ଦ ପଟ୍ଟନାୟକ<br>ପିତା-୰ଲିଙ୍ଗରାଜ ପଟ୍ଟନାୟକ<br>ସା-ଗାନ୍ଧୀନଗର<br>ପୋ-ବ୍ରହ୍ମପୁର<br>ଥାନା-ବ୍ରହ୍ମପୁର ଟାଉନ<br>ଜିଲ୍ଲା-ଗଞ୍ଜାମ | ଗୃହ ନଂ.-ଏଚ.ଆଇ.ଜି(ଡି)ଏ-୧୫ (HIG-D-A-15)<br>ବରମୁଣ୍ଡା ଏଚ.ଆଇ.ଜି. ସେଲ୍ଫ ଫାଇନାନ୍ସିଂ ହାଉସିଂ ସ୍କିମ,<br>ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା | ୧.ମଧୁସ୍ମିତା ପଟ୍ଟନାୟକ (ବି.କନ୍ୟା)<br>୨.ଲୋପାମୁଦ୍ରା ପଟ୍ଟନାୟକ (ବି.କନ୍ୟା)<br>୩.ପ୍ରୀତିନନ୍ଦା ପଟ୍ଟନାୟକ (ବି.କନ୍ୟା) |

ସ୍ୱା./- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-



## ODISHA HYDRO POWER CORPORATION LTD

CIN: U40101OR1995SGC003963
(GOVERNMENT OF ODISHA UNDERTAKING)
OFFICE OF THE GENERAL MANAGER (EL.)
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com ☎ (0663) 2460661,
Email-hpschiplima@yahoo.in, Fax No. (0663) 2460505

No.CAD-2231

**No.-CHEP/TW-156 (Vol.-VIII)/4263 Date: 06.11.2025**

**TENDER CALL NOTICE NO.-CHEP-42/2025-26**

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the Authorized Dealers / Authorized Distributors / Reputed Suppliers meeting eligibility criteria only for supply of the following materials;

| Description | Cost of Tender Paper (Non-Refundable) | EMD in Rs. (Refundable) |
|---|---|---|
| Supply of Filter Elements & other Spares for TRCM of CHEP, Chiplima | Rs.708/- (Rs.600/- + GST @18%) | 1,050/- |

For details of Schedule of Dates, Tender Documents, Terms & Conditions and Corrigendum, please visit our website www.ohpcltd.com from dtd.12.11.2025 up to 12:30 PM of dtd.25.11.2025.

OIPR- Sd/- C & P Head, CHEP, Chiplima



## ODISHA HYDRO POWER CORPORATION LTD

CIN: U40101OR1995SGC003963
(GOVERNMENT OF ODISHA UNDERTAKING)
OFFICE OF THE GENERAL MANAGER (EL.)
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com ☎ (0663) 2460661,
Email-hpschiplima@yahoo.in, Fax No. (0663) 2460505

No.CAD-2232

**No.-CHEP/TW-268 (Vol.-VIII) Part File/4269 Date: 06.11.2025**

**TENDER CALL NOTICE NO.-CHEP-43/2025-26**

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes for below mentioned work from the 'D' & 'C' Class of contractors registered with the State Govt. of Odisha and contractors of equivalent grade / class registered with Central Govt. / MES / Railway for execution of civil works.

| Description | Cost of Tender Paper (Non-Refundable) | Estimated Cost / EMD (Refundable) |
|---|---|---|
| Renovation of Boundary of Qtr. No.F-37 with Barbed Wire Fencing CHEP, Chiplima | Rs.708.00 (Rs.600.00 + GST@18%) | Rs.1,40,116.00 / EMD = Rs.1,410.00 |

For details of Schedule of Dates, Tender Documents, Terms & Conditions and Corrigendum, please visit our website www.ohpcltd.com from dtd.11.11.2025 up to 12:30 PM of dtd.24.11.2025.

OIPR- Sd/- C & P Head, CHEP, Chiplima



## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍- (୦୬୭୪) ୨୩୯୩୫୨୪
ଏପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ:(୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ https://oshb.org

ପତ୍ରସଂଖ୍ୟା-୨୨୯ ତା.୨୫.୧୦.୨୫

### ବିଜ୍ଞାପନ

**No.CAD-2215**:ଏତଦ୍ବାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନଗ୍ରହୀତାଙ୍କ ମୃତ୍ୟୁପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ ।

| କ୍ର. ନଂ. | ଆବଣ୍ଟନଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧ | ନାମ-୰ଲିଙ୍ଗରାଜ ବିଶୋଇ,<br>ପିତା-୰ଲକ୍ଷ୍ମୀନାରାୟଣ ବିଶୋଇ<br>ସା-ଘର ନଂ.ଭି.ଆଇ.ଏମ.୫୨,<br>ପୋ-ଶୈଳଶ୍ରୀ ବିହାର<br>ଥାନା-ଚନ୍ଦ୍ରଶେଖରପୁର,<br>ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା | ଗୃହ ନଂ.-ଭି.ଆଇ.ଏମ.-୫୨ (VIM-52)<br>ଚନ୍ଦ୍ରଶେଖରପୁର, ଷଷ୍ଠ ପର୍ଯ୍ୟାୟ<br>ଭୁବନେଶ୍ୱର<br>ଜିଲ୍ଲା-ଖୋର୍ଦ୍ଧା | ୧.ସିଦ୍ଧାର୍ଥ ବିଶୋଇ (ପୁତ୍ର)<br>୨.ସାର୍ଥକ ବିଶୋଇ (ପୁତ୍ର)<br>୩.ପୁଷ୍ପାଞ୍ଜଳୀ ବିଶୋଇ (ସ୍ତ୍ରୀ) |

ସ୍ୱା./- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-



## GOVT. OF ODISHA
DEPARTMENT OF WATER RESOURCES
**OFFICE OF THE CHIEF ENGINEER, DRAINAGE CUTTACK, GANDARPUR-753003**

No.A-858

**E-PROCUREMENT NOTICE NO.CE-DR-CTC-07/2025-26**
email id: cedrainage@gmail.com

| | | | |
|---|---|---|---|
| 1. | Name of Works | : | Renovation of Hansua Drainage Channel from U/S of Nagari Bridge RD 23.96 Km to RD 27.79 Km under DIP |
| 2. | Nature of Work | : | Dredging |
| 3. | Total Number of Packages | : | 1 no. individual package |
| 4. | Estimated Cost | : | Rs.1633.21 Lakhs |
| 5. | Bid Identification No. | : | CE-DR-CTC/DD-JSPUR-07/2025-26 |
| 6. | Period of Completion | : | 18 (Eighteen) Calendar Months |
| 7. | Availability of Tender On-Line | : | 10.11.2025, 16.00 hours to 01.12.2025, 17.00 hours |
| 8. | Date of Opening of Technical Bid | : | 02.12.2025 at 11.30 hours in the O/o the Chief Engineer, Drainage, Cuttack |
| 9. | Class of Contractor | : | "A" & "Special" Class |
| 10. | Bid Security/EMD | : | Rs.16,34,000/- (To be remitted online) |
| 11. | Cost of Tender Paper | : | Rs.10,000/- |
| 12. | Procurement Officer | : | Chief Engineer, Drainage, Cuttack, Gandarpur-753003 |

Further details can be seen from the Govt. website www.tendersorissa.gov.in. Addendum/ Corrigendum/ Cancellation if any required will be published only in Govt. website www.tendersorissa.gov.in.

OIPR- Sd./- Chief Engineer, Drainage, Cuttack



## GOVERNMENT OF ODISHA
**OFFICE OF THE SUPERINTENDING ENGINEER, P.H. DIVISION, SAMBALPUR**

No.C-1366

Email ID : eephdsbp@gmail.com

**NOTICE INVITING TENDERS**

**NATIONAL COMPETITIVE BIDDING THROUGH e-Procurement**

**Bid Identification No. SEPHSBP-05/2025-26 Dt.29.10.2025**

| | | | |
|---|---|---|---|
| 01. | Name of the Work | : | 1 No. Work |
| 02. | Type of Bid | : | Single Bid System |
| 03. | Estimated Cost | : | Rs.39.73 lakhs (Approx) |
| 04. | Class of Contractor | : | Manufacturer |
| 05. | Period of Completion | : | 60 (Sixty) days |
| 06. | Date & Time of availability of bid document in the portal | : | From 11.00 A.M. of dt.06.11.2025 to 5.00 P.M. of 18.11.2025 |
| 07. | Last date / time of receipt of bids in the portal | : | 5.00 P.M. of 18.11.2025 |
| 08. | Date & Time of opening of tender | : | At 11.30 A.M. of 19.11.2025 |
| 09. | Name and Address of the Officer Inviting Bid | : | Superintending Engineer, P.H. Division, Sambalpur, Near V.S.S Stadium, Brooks Hill, Sambalpur Dist.-Sambalpur-768 004 |

**Further details can be seen from the website http://tenders.ori.nic.in or www.tendersorissa.gov.in**

Sd./- Additional Chief Engineer
P.H. Division, Sambalpur
OIPR-



## OFFICE OF THE SUPERINTENDING ENGINEER RURAL WORKS DIVISION-II, GANJAM, BERHAMPUR

No.O-1316

Phone : 0680-2404096, E-Mail : eerwgmt@yahoo.co.in

Government of Odisha e-Procurement Notice

**Bid Identification No. Online Tender/17/SERWD-II//2025-26**
**Memo No. 8157/RWD-IIGB, Date : 29.10.2025**

| | | | |
|---|---|---|---|
| 1 | Name of the Work | : | Road Works |
| 2 | Estimated Cost | : | Rs.5.04 to Rs.27.73 lakhs |
| 3 | Period of Completion | : | 1 (One) Month as per Annexure |
| 4 | Date & Time of Availability of Bid Documents in the Portal | : | 07.11.2025 at 10.00 A.M. to 14.11.2025 up to 5.00 P.M. |
| 5 | Last Date / Time for Receipt of Bids in the Portal | : | 14.11.2025 up to 5.00 P.M |
| 6 | Name and address of the Officer Inviting Bid | : | Superintending Engineer, Rural Works Division-II, Ganjam, Berhampur |

Further details can be seen from the e-procurement portal **tendersodisha.gov.in/nicgep/app**

Sd./- Executive Engineer
R.W. Division-II, Ganjam, Berhampur
OIPR-



## ODISHA STATE CIVIL SUPPLIES CORPORATION LTD.

(A Govt. of Odisha Undertaking)
REGISTERED OFFICE:C/2, NAYAPALLI, BHUBANESWAR-751012
CIN: U51211OR1980SGC000894
Tel No:0674-2395391, Fax No:0674-2395291, Website:www.oscsc.in

**Request for Proposal (RFP) for Empanelment of manufacturers to supply FORTIFIED RICE KERNEL (FRK) for the KMS 2025-26**

File No.OSCSC-PROC-PROC-0042-2025

**RFP Advt.No. 15524/ OSCSC Ltd., Date: 06.11.2025**

No.CAD-2236: Proposals are invited from interested bidders registered under the Companies Act-1956/2013 or any other legal entity registered in India and having valid registration certificate and eligibility as per the criteria given in the Request for Proposal (RFP) published in the official website www.foododisha.in & www.oscsc.in & www.tenderodisha.gov.in for **"Empanelment of Manufacturers to supply FORTIFIED RICE KERNEL (FRK) for the KMS-2025-26** in the state of Odisha. The details of timetable of the RFP are as under.

| Sl. No. | Event Description | Date |
|---|---|---|
| 1 | Publication of RFP in website | 07/11/2025 at 18:00 hours |
| 2 | Pre-Bid Meeting | 17/11/2025 at 15:00 Hours at Office of OSCSC Ltd., C/2, Nayapalli, Bhubaneswar-751012 |
| 3 | Last Date and time for submission of Proposal | 29/11/2025 at 17:00 Hours through online at **www.tendersodisha.gov.in** |
| 4 | Opening of Technical Proposal | 01/12/2025 by 11:00 Hours at Office of OSCSC Ltd. C/2, Nayapalli, Bhubaneswar-751012 |
| 5 | Opening of Financial Bid | 05/12/2025, 11:00 Hours<br>Any Change to the aforementioned scheduled date, the same will be intimated through online and registered e-mail id for the technical qualified bidders |

Any amendment in the tender document due to decision in pre-bid meeting/extension of bid, if any, shall be notified in the websites mentioned above. The proposals shall be submitted through online mode at **www.tendersodisha.gov.in.** The authority reserves the right to cancel any or the entire selection process without assigning any reason thereof.

**Sd./- Managing Director**
OIPR- **Odisha State Civil Supplies Corporation Limited**



## GOVERNMENT OF ODISHA
**OFFICE OF THE SUPERINTENDING ENGINEER, P.H.DIVISION, BHANJANAGAR AT CHATRAPUR**

E-mail- eephchpr@gmail.com

NATIONAL COMPETITIVE BIDDING THROUGH e-PROCUREMENT
INVITATION FOR BIDS (IFB)

No.C-1396:

| Sl.No. | Name of Work | Bid Identification No. | Estimated Cost (Rs.in Lakh) | Period of Completion | Availability of Bid document for online bidding From | To | Name & Address of Office Inviting Bid |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
